ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୭/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 17/2026 Page 16 ₹ 7.00
୫୨ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 55 ମୂଲ୍ୟ ₹୭/-






କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ୧୫ ବର୍ଷରୁ କମ୍ ବାଳିକା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। **(ଫଟୋ: ବିକାଶ ନାୟକ)**

# ବିଦା ହେବେ ଅପାରଗ ଅଧ୍ୟାପକ

ରାଜ୍ୟ ସରକାର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିବାବେଳେ କେତେଜଣ ଅଧ୍ୟାପିକାଅଧ୍ୟାପକଙ୍କ ପାଠପଢ଼ା ଶୈଳୀ ଦୁର୍ବଳ ଥିବା ଅଭିଯୋଗ ଆସିଥିଲା। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମ୍ପୃକ୍ତ ଅଧ୍ୟାପିକାଅଧ୍ୟାପକଙ୍କ ପ୍ରଦର୍ଶନ ଖରାପ ରହୁଥିବା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଏଭଳି ଅପାରଗ ଅଧ୍ୟାପକମାନଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେବାକୁ ଯାଉଛନ୍ତି। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅପାରଗ ଅଧ୍ୟାପିକାଅଧ୍ୟାପକଙ୍କ ବିଷୟରେ ସମସ୍ତ ତଥ୍ୟ ଯାଞ୍ଚ କରି ୩୧ ଜାନୁଆରୀ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି।

## କାର୍ଯ୍ୟଦକ୍ଷତା ଯାଞ୍ଚ ପାଇଁ ନିର୍ଦ୍ଦେଶନାମା ଜାରିକଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୬।୧ (ସୁଚିସ୍ମିତା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପିକା/ଅଧ୍ୟାପକଙ୍କ ଦକ୍ଷତା ପରଖିବେ ସରକାର। ପାଠପଢ଼ା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଆଚରଣକୁ ଯାଞ୍ଚ କରାଯିବ। ଦକ୍ଷତା ନ ଥିଲେ ବା ଖରାପ ପ୍ରଦର୍ଶନ କରିଥିବା ଅପାରଗ ଅଧ୍ୟାପିକା ଅଧ୍ୟାପକଙ୍କୁ କାର୍ଯ୍ୟରୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପିକାଅଧ୍ୟାପକଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଜାନୁଆରୀ ୩୧ ସୁଦ୍ଧା ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ସରକାରୀ ଡିଗ୍ରୀ କଲେଜ, ସରକାରୀ ଶିକ୍ଷଣ ତାଲିମ ଶିକ୍ଷାନୁଷ୍ଠାନ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରିନ୍ସିପାଲ୍‌ଙ୍କୁ ଚିଠି ଲେଖାଯାଇଛି। ଶିକ୍ଷା ମାନଦଣ୍ଡରେ ଉନ୍ନତି ସହିତ କାର୍ଯ୍ୟଶୈଳୀର ସମୀକ୍ଷା ପାଇଁ ଉକ୍ତ ଚିଠିରେ ପରାମର୍ଶ ଦିଆଯାଇଛି।

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ଅନେକ ସମୟରେ ବହୁ ଅଧ୍ୟାପିକାଅଧ୍ୟାପକଙ୍କ ବିରୋଧରେ ଅଭିଯୋଗମାନ ଆସୁଛି। ଠିକ୍ ଭାବେ ପାଠ ନ ପଢ଼ାଇବା, ଅଧିକାଂଶ ସମୟ ଅନୁପସ୍ଥିତ ରହିବା, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ଭଳି ବହୁ ଅଭିଯୋଗ ବିଭାଗ ନିକଟରେ ପହଞ୍ଚିବା ପରେ ଏପରି ☞ପୃଷ୍ଠା-୨





ତାମିଲନାଡୁର ମଦୁରାଇରେ ମାଟ୍ଟୁ ପୋଙ୍ଗଲ ଅବସରରେ ଶୁକ୍ରବାର ଅନୁଷ୍ଠିତ ପାରମ୍ପରିକ କ୍ରୀଡ଼ା ଜାଲ୍ଲିକାଟ୍ଟୁରେ ଭାଗନେଇଥିବା ପ୍ରତିଯୋଗୀମାନେ ଏକ ଷଣ୍ଢକୁ କାବୁ କରିବା ପାଇଁ ଉଦ୍ୟମ କରୁଛନ୍ତି।

# ଜଷ୍ଟିସ୍ ବର୍ମାଙ୍କ ପିଟିଶନ ସୁପ୍ରିମକୋର୍ଟରେ ଖାରଜ

## ସଂସଦୀୟ କମିଟିର ତଦନ୍ତ ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରୁ ବିପୁଳ ପରିମାଣର ଟଙ୍କା ମିଳିବା ଘଟଣାରେ ତାଙ୍କୁ ପଦବୀରୁ ବହିଷ୍କାର କରିବା ପାଇଁ ଆସିଥିବା ପ୍ରସ୍ତାବକୁ ଲୋକ ସଭା ବାଚସ୍ପତି ଗ୍ରହଣ କରିବାକୁ ନିଷ୍ପତ୍ତି ନେବା ଏବଂ ସଂସଦୀୟ କମିଟି ଦ୍ୱାରା ଦୁର୍ନୀତି ଅଭିଯୋଗର ତଦନ୍ତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଉକ୍ତ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏସ୍.ସି. ଶର୍ମାଙ୍କ ଖଣ୍ଡପୀଠ ଗତ ୮ ତାରିଖରେ ରାୟ ସଂରକ୍ଷିତ ରଖିଥିବାବେଳେ ଶୁକ୍ରବାର ପ୍ରକାଶ କରିଛନ୍ତି। ୮ ତାରିଖରେ ଖଣ୍ଡପୀଠ କହିଥିଲେ, ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଯଦି ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟ କରିପାରୁଛନ୍ତି, ତେବେ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ଉପାଧ୍ୟକ୍ଷ କରିପାରିବେ ନାହିଁ କାହିଁକି। ଜଷ୍ଟିସ୍ ବର୍ମା ତାଙ୍କ ପିଟିଶନରେ ଦର୍ଶାଇଥିଲେ ଜଣେ ବିଚାରପତିଙ୍କ ବିରୋଧରେ ପ୍ରସ୍ତାବକୁ ଖାରଜ କରିବା କ୍ଷମତା ରାଜ୍ୟ ସଭା ଉପାଧ୍ୟକ୍ଷଙ୍କର ନାହିଁ। ବିଚାରପତି (ତଦନ୍ତ) ଆଇନ, ୧୯୬୮ ଅନୁଯାୟୀ, କେବଳ ବାଚସ୍ପତି ଏବଂ ଅଧ୍ୟକ୍ଷ ଏଭଳି ପ୍ରସ୍ତାବକୁ



ଯଶୱନ୍ତ ବର୍ମା

ଗ୍ରହଣ କିମ୍ବା ଖାରଜ କରିପାରିବେ।

ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ୧୪ରେ ଜଷ୍ଟିସ୍ ବର୍ମାଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ବିଡ଼ା ମିଳିଥିଲା। ଏହି ଘଟଣା ପରେ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ପଠାଇ ଦିଆଯାଇଥିଲା। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଲୋକ ସଭା ବାଚସ୍ପତି ତଦନ୍ତ କମିଟି ଗଠନ କରିବାରେ ଆଇନରେ କୌଣସି ପ୍ରତିବନ୍ଧକ ନ ଥିବା ଶୀର୍ଷ ଅଦାଲତ ପୂର୍ବରୁ ଟିପ୍ପଣୀ ଦେଇଥିଲେ।

# ସାମ୍ବିଧାନିକ ଉପଚାର ଅଧିକାରର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଅନୁଚ୍ଛେଦ ୩୨ ନାଗରିକମାନଙ୍କୁ ସାମ୍ବିଧାନିକ ଉପଚାର ଅଧିକାର ଦେଇଥିବାବେଳେ ଏହାର ଦୁରୁପଯୋଗ ହେଉଥିବା ସୁପ୍ରିମକୋର୍ଟ କହିଛନ୍ତି। ପିଟିଶନ ବମ୍ବେ ହାଇକୋର୍ଟଙ୍କ ବିଚାରାଧୀନ ଥିବା ସତ୍ତ୍ୱେ ମୌଳିକ ଅଧିକାରର ଉଲ୍ଲଂଘନ ଦର୍ଶାଇ ଶୀର୍ଷ ଅଦାଲତରୁ ସାମ୍ବିଧାନିକ ଉପଚାର ଅଧିକାର ପାଇବାକୁ ଆବେଦନ କରିଥିବା ଜଣେ ପିଟିଶନରଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ନିନ୍ଦା କରିଛନ୍ତି। ମାମଲା ହାଇକୋର୍ଟଙ୍କ ବିଚାରାଧୀନ ଥିବାବେଳେ ଅନୁଚ୍ଛେଦ ୩୨ର ଦୁରୁପଯୋଗ ହେଉଥିବା ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ଅନୁଚ୍ଛେଦ ଅଧୀନରେ ମାମଲା ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ଗୋଟିଏ ମୁଲତବୀ ପରେ ଆର୍ଟିକିଲ୍ ୩୨ର ବ୍ୟବହାର କରାଯାଉଛି। ବିଶେଷକରି ଯେଉଁମାନେ ଦିଲ୍ଲୀ ଆଖପାଖ ଅଞ୍ଚଳରେ ରହିଛନ୍ତି, ସେମାନେ ଏହାର ଅଧିକ ବ୍ୟବହାର କରୁଥିବା ଖଣ୍ଡପୀଠ କହିଛନ୍ତି।

# ପ୍ରତିରକ୍ଷାରେ ପଶିବେ ବିଦେଶୀ କମ୍ପାନୀ



**ଭାରତର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ପଶିବେ ବିଦେଶୀ କମ୍ପାନୀ। ଏଥିନିମନ୍ତେ ପୁଞ୍ଜିନିବେଶକୁ ସହଜ କରିବା ଲାଗି କେନ୍ଦ୍ର ସରକାର କେତେକ ନିୟମ ସରଳ କରିବାକୁ ଯାଉଛନ୍ତି। ତଦନୁସାରେ ଘରୋଇ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ଜରିଆରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମାକୁ ୭୪% ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଗତବର୍ଷ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନ ସହ ଭାରତ ମୁହାଁମୁହିଁ ହେବା ପରିପ୍ରେକ୍ଷୀରେ ଘରୋଇ ପ୍ରତିରକ୍ଷା ବିନିର୍ମାଣକୁ ବଳ ଦେବା ପାଇଁ ସରକାର ଏହି ପଦକ୍ଷେପ ନେଉଛନ୍ତି। ଭାରତୀୟ ଉଦ୍ୟୋଗରେ ପ୍ରତିରକ୍ଷା ସହଯୋଗୀ ରାଷ୍ଟ୍ରଗୁଡ଼ିକର କମ୍ପାନୀଗୁଡ଼ିକୁ ନିବେଶ ପାଇଁ ପ୍ରୋତ୍ସାହନ ଦେବା ଲାଗି ଏପରି ସରଳୀକରଣ କରାଯାଉଛି। ଆଗାମୀ କିଛି ମାସ ମଧ୍ୟରେ ଏହି ସଂସ୍କାର କାର୍ଯ୍ୟକାରୀ ହେବାକୁ ଯାଉଥିବା ସରକାରୀ ସୂତ୍ରରୁ ପ୍ରକାଶ। ତେବେ ବିଦେଶୀ ସଂସ୍ଥାଗୁଡ଼ିକ ହାତରେ ଭାରତୀୟ ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରର ବୃହତ୍ ଅଂଶଧନ ରହିଲେ ସେମାନେ ଡିଫେନ୍ସ ପଲିସିକୁ ପ୍ରଭାବିତ କରିପାରନ୍ତି, ଯାହାକି ଦେଶର ଜାତୀୟ ନିରାପତ୍ତା ପ୍ରତି ଆହ୍ୱାନ ସୃଷ୍ଟି କରିପାରେ ବୋଲି କୁହାଯାଉଛି।**



ନୂଆଦିଲ୍ଲୀ,୧୬।୧ (ରଏଟର୍ସ/ଏଜେନ୍ସି)

କେନ୍ଦ୍ର ସରକାର ଦେଶର ପ୍ରତିରକ୍ଷା କ୍ଷେତ୍ରରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ନିଷ୍ପତ୍ତି ନେବାକୁ ଯାଉଛନ୍ତି। ପ୍ରତିରକ୍ଷା କମ୍ପାନୀଗୁଡ଼ିକରେ ବର୍ତ୍ତମାନ ୪୯% ଏଫ୍‌ଡିଆଇକୁ ଅନୁମତି ଦିଆଯାଇଛି। ଅଟୋମେଟିକ୍ ରୁଟ୍ (ସ୍ୱୟଂଚାଳିତ ମାର୍ଗ)ରେ ଏହି ବିଦେଶୀ ନିବେଶକୁ ୭୪%କୁ ବୃଦ୍ଧି କରାଯିବ। ଏପରି କି ୭୪%ରୁ ଅଧିକ ନିବେଶ ପାଇଁ ମଧ୍ୟ ସରକାରଙ୍କ ମଞ୍ଜୁରୀ ସହ ଅଧିକ ସୁଯୋଗ ଦିଆଯିବ। ପୂର୍ବରୁ ରହିଥିବା 'ଆଧୁନିକ କାରିଗରି' ସମ୍ପର୍କିତ ସର୍ତ୍ତକୁ ମଧ୍ୟ ଏଥିରେ ହଟାଇ ଦିଆଯିବ ବୋଲି ରଏଟର୍ସ ଓ କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରସ୍ତାବ ଅନୁଯାୟୀ, ୭୪% ଏଫ୍‌ଡିଆଇ ପର୍ଯ୍ୟନ୍ତ ସରକାରଙ୍କ ଅନୁମତି ଆବଶ୍ୟକ ପଡ଼ିବ ନାହିଁ। ବର୍ତ୍ତମାନ କମ୍ପାନୀଗୁଡ଼ିକ ନୂଆ ଲାଇସେନ୍ସ ପାଇଁ ଆବେଦନ କରୁଥିବାବେଳେ ବିଦେଶୀ ନିବେଶକମାନେ ଏକ ଭାରତୀୟ ପ୍ରତିରକ୍ଷା ସଂସ୍ଥାରେ କେବଳ ଅଟୋମେଟିକ୍ ରୁଟ୍ ଅଧୀନରେ ୭୪% ଅଂଶଧନର ମାଲିକାନା ନିଜ ପାଖରେ ରଖିପାରୁଛନ୍ତି। 'ଆଧୁନିକ କାରିଗରି ଉପଲବ୍ଧତାର ପରିଣାମ' ସର୍ତ୍ତକୁ ମଧ୍ୟ ସରକାର ହଟାଇଦେବା ପାଇଁ ବିଚାରବିମର୍ଶ କରୁଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବିଦେଶୀ କମ୍ପାନୀଗୁଡ଼ିକ ଭାରତର ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ କ୍ଷେତ୍ରରେ ୭୪% ପରିବର୍ତ୍ତେ ୧୦୦% ପର୍ଯ୍ୟନ୍ତ ଅଂଶଧନର ମାଲିକ ହୋଇପାରିବେ। ସମ୍ପ୍ରତି ଯୌଥ ଉଦ୍ୟୋଗ କିମ୍ବା ରଣନୈତିକ ସହଭାଗିତା ଜରିଆରେ ଭାରତରେ ଅପରେଶନ୍ ଚଳାଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଫ୍ରାନ୍ସର ଏୟାରବସ୍, ଆମେରିକାର ଲକ୍‌ହିଡ୍ ମାର୍ଟିନ ଓ ଇସ୍ରାଏଲ୍‌ର ରାଫାଲ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ ପ୍ରମୁଖ ଅନ୍ତର୍ଭୁକ୍ତ। ସେହିପରି ରୁଷିଆ ସହ ମଧ୍ୟ ଭାରତର ବିସ୍ତୃତ ପ୍ରତିରକ୍ଷା ସମ୍ପର୍କ ରହିଆସିଛି। ତେବେ ପ୍ରତିରକ୍ଷା କ୍ଷେତ୍ରରେ ଏଫ୍‌ଡିଆଇର ସେତେଟା ଆଗମନ ହେଉନାହିଁ। ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ୨୫ ବର୍ଷ ମଧ୍ୟରେ ଭାରତକୁ ମୋଟ ୭୨୫ ବିଲିୟନ୍ ଡଲାର ଏଫ୍‌ଡିଆଇ ଆସିଥିବାବେଳେ ସେଥିରୁ ମାତ୍ର ୨୬.୫ ନିୟୁତ ପ୍ରତିରକ୍ଷା କ୍ଷେତ୍ରକୁ ଆସିଥିଲା। ଏ ସମ୍ପର୍କିତ ନିୟମକୁ ସରଳ କରାଗଲେ ଭାରତର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆହୁରି ଅଧିକ ଦେଶର ଅନେକ କମ୍ପାନୀ ପୁଞ୍ଜି ଖଟାଇବାକୁ ସୁଯୋଗ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଏପ୍ରିଲରେ ପହଲଗାମ୍ ଆକ୍ରମଣ ପରେ ମେ'ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇଥିଲା। କମ୍ ସମୟ ପାଇଁ ହେଲେ ମଧ୍ୟ ଭାରତ ଓ ପାକିସ୍ତାନ ସାମରିକ ସ୍ତରରେ ସାମ୍ନାସାମ୍ନି ହୋଇଥିଲେ। ପାକିସ୍ତାନ ସୀମାନ୍ତ ଅଞ୍ଚଳକୁ ବହୁସଂଖ୍ୟକ ଡ୍ରୋନ୍ ଛାଡ଼ିଥିବାବେଳେ ଭାରତ ଶତ୍ରୁରାଷ୍ଟ୍ର ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଅନେକ ଯୁଦ୍ଧବିମାନ ପଠାଇ ସେଠାକାର ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଥିବା ଦାବି କରିଥିଲା। ଅପରେଶନ୍ ସିନ୍ଦୂର ବେଳେ କେତୋଟି ଯୁଦ୍ଧବିମାନ ମଧ୍ୟ ଖସିଥିଲା। ଭାରତର ବର୍ତ୍ତମାନ ପ୍ରତିରକ୍ଷା ବଜେଟ୍ ୭୫.୩୬ ବିଲିୟନ୍ ଡଲାର ହୋଇଥିବାବେଳେ ଫେବୃଆରୀ ୧ରେ ପାର୍ଲାମେଣ୍ଟରେ ଆଗତ ହେବାକୁ ଥିବା ୨୦୨୬-୨୭ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟ୍‌ରେ ୨୦% ବୃଦ୍ଧି ଘଟାଇବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି। ୨୦୨୯ ସୁଦ୍ଧା ଦେଶର ଘରୋଇ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକୁ ଦ୍ୱିଗୁଣିତ କରି ୩୩.୨୫ ବିଲିୟନ ଡଲାରରେ ପହଞ୍ଚାଇବା ଏବଂ ପ୍ରତିରକ୍ଷା ରପ୍ତାନିକୁ ୫.୫ ବିଲିୟନ୍ ଡଲାରକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ଗତବର୍ଷ ସରକାର କହିଥିଲେ। ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହେବାକୁ ଉଦ୍ୟମ ଚଳାଇଥିବାବେଳେ ୨୦୨୪-୨୫ରେ ବିଦେଶକୁ ରପ୍ତାନି କରାଯାଇଥିବା ପ୍ରତିରକ୍ଷା ସାମଗ୍ରୀଗୁଡ଼ିକରେ ୧୨% ବୃଦ୍ଧି ସହ ଏହା ୨.୬ ବିଲିୟନ୍ ଡଲାର ରହିଥିଲା।




# ଭାଜପାଶାସିତ ରାଜ୍ୟରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଛି: ମମତା



କୋଲକାତା,୧୬।୧

ଭାଜପାଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳାଭାଷୀ ଦାଦନ ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ୨୦୨୬ ବିଧାନସଭା ନିର୍ବାଚନ ଜିତିପାରିବ ନାହିଁ ବୋଲି ଅନୁଭବ କରିବା ପରେ ଦଙ୍ଗା ସୃଷ୍ଟି ପାଇଁ ଯୋଜନା କରୁଥିବା ତୃଣମୂଳ କଂଗ୍ରେସ ନେତ୍ରୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ବାହାରେ ଦାଦନ ଶ୍ରମିକଙ୍କ ଉପରେ ଆକ୍ରମଣକୁ ନେଇ ମୁର୍ଶିଦାବାଦର ବେଲଡଙ୍ଗାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମମତା କହିଛନ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟର କ୍ରୋଧ ଯଥାର୍ଥ ଥିଲା। ଦାଦନ ଶ୍ରମିକଙ୍କ ଉପରେ ବାରମ୍ବାର ହିଂସା ଘଟଣାରୁ ଏହି ବିକ୍ଷୋଭ ହୋଇଥିଲା। ଶୁକ୍ରବାର ମୁର୍ଶିଦାବାଦରେ ଲୋକେ ୧୨ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ଟାୟାର ଜାଳି ପ୍ରତିବାଦ କରିଛନ୍ତି।

ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ନିର୍ବାଚନ କମିଶନ କରିଥିବା ପରିବର୍ତ୍ତନକୁ ନେଇ ମମତା ସମାଲୋଚନା କରିଛନ୍ତି। ଭୋଟର ତାଲିକା ସଂଶୋଧନକୁ ନେଇ ବିଚଳିତ ପ୍ରାୟ ୧୦୦ ଜଣ ଲୋକ ଜୀବନ ହରାଇଲେଣି ବୋଲି ସେ କହିଛନ୍ତି।

# ୨୦ରେ ଭାଜପାର ନୂଆ ଅଧ୍ୟକ୍ଷ

## ନୀତିନ୍ ନବୀନଙ୍କ ପ୍ରସ୍ତାବକ ହେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଭାଜପା ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ଶୁକ୍ରବାର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହି ପଦବୀ ପାଇଁ ଆସନ୍ତା ୧୯ରେ ନାମାଙ୍କନପତ୍ର ଦାଖଲ ହେବାକୁ ଥିବାବେଳେ ୨୦ରେ ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ। ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ନୀତିନ୍ ନବୀନ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଭାଜପାର ରାଷ୍ଟ୍ରୀୟ ରିଟର୍ନିଂ ଅଫିସର କେ. ଲକ୍ଷ୍ମଣ ସାଂଗଠନିକ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ତଦନୁଯାୟୀ, ଦଳ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ଆସନ୍ତା ୧୯ ତାରିଖ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରାଯିବ। ସେହିଦିନ ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ କୌଣସି ପ୍ରାର୍ଥୀ ଚାହିଁଲେ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇପାରିବେ। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ନାମାଙ୍କନପତ୍ରର ଯାଞ୍ଚ କରାଯିବ। ଆବଶ୍ୟକ ପଡ଼ିଲେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇ



ନୀତିନ୍ ନବୀନ

ଆନୁଷ୍ଠାନିକ ଭାବେ ନୂଆ ଭାଜପା ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ। ଜେ.ପି. ନଡ୍ଡାଙ୍କ ସ୍ଥାନରେ ନବୀନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇପାରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବୀନଙ୍କ ନାମାଙ୍କନପତ୍ର ଦାଖଲବେଳେ ତାଙ୍କ ପ୍ରସ୍ତାବକ ହେବେ ବୋଲି ସୂତ୍ରରୁ ଜଣାପଡ଼ିଛି। ୨୦୧୯ ଜୁନ୍‌ରେ ନଡ୍ଡା ପ୍ରଥମେ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ ହୋଇ ୨୦୨୦ ଜାନୁଆରୀ ୨୦ରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ଦିଲ୍ଲୀ-ଏନ୍‌ସିଆର୍‌ରେ ପୁଣି ଲାଗିଲା ଜିଆର୍‌ଏପି-୩

ନୂଆଦିଲ୍ଲୀ,୧୬।୧

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ପୁଣି ଉତ୍କଟ ସ୍ଥିତିରେ ପହଞ୍ଚିଥିବାରୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ କଟକଣା ଲଗାଇଛନ୍ତି। ଶୁକ୍ରବାର ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୫୦ ଅତିକ୍ରମ କରିଛି। ଜିଆର୍‌ଏପି-୩ରେ ଜରୁରୀ ନ ଥିବା ସମସ୍ତ ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ନିଷିଦ୍ଧ ହେବ। ରେଡି-ମିକ୍ସ କଂକ୍ରିଟ୍ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର, ଇଟାଭାଟି, ଖଣି ଖନନ ଆଦି କାର୍ଯ୍ୟ ବନ୍ଦ ରହିବ। ସେହିପରି ଗାଡ଼ିମୋଟର ଚଳାଚଳ ଉପରେ ମଧ୍ୟ କଟକଣା ରହିବ। ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଚାରି ଚକିଆ ଯାନ, ଅତ୍ୟାବଶ୍ୟକ ହୋଇ ନ ଥିବା ଡିଜେଲ ଚାଳିତ ମଧ୍ୟମ ମାଲବାହୀ ଗାଡ଼ି, ଆନ୍ତଃରାଜ୍ୟ ଡିଜେଲ ବସ୍ ଚଳାଚଳ ବନ୍ଦ ରହିବ।

# ଭାରତରେ ଦ୍ୱିତୀୟ ସର୍ବାଧିକ ମଧୁମେହ ଆକ୍ରାନ୍ତ



## ଚାଇନା ପ୍ରଥମ, ଆମେରିକା ୩ୟ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଭାରତରେ ମଧୁମେହ ଆକ୍ରାନ୍ତଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ। ୨୦୨୪ରେ ଦେଶରେ ୯ କୋଟି ବୟସ୍କ ବ୍ୟକ୍ତି ମଧୁମେହରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ୧୪.୮ କୋଟି ଆକ୍ରାନ୍ତଙ୍କ ସହ ଚାଇନା ମଧୁମେହରେ ପ୍ରଥମ ସ୍ଥାନରେ ଥିବାବେଳେ ୩.୯ କୋଟି ଆକ୍ରାନ୍ତଙ୍କ ସହ ଆମେରିକା ତୃତୀୟ ସ୍ଥାନରେ ରହିଥିବା ଦି ଲାନ୍‌ସେଟ୍ ଡାଇବେଟିସ୍ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି।

ଚାଇନା, ଭାରତ, ଆମେରିକା, ପାକିସ୍ତାନ ଭଳି ଜନବହୁଳ ଦେଶରେ ଅଧିକ ଲୋକଙ୍କଠାରେ ମଧୁମେହ ଦେଖାଯାଉଥିବା ଗବେଷକମାନେ କହିଛନ୍ତି। ବେଲ୍‌ଜିୟମ୍‌ର ଇଣ୍ଟରନ୍ୟାଶନାଲ ଡାଇବେଟିସ୍ ଫେଡେରେଶନ, ଭାରତର ଡାଇବେଟିଶ୍ ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ଚେନ୍ନାଇର ଡ. ଏ. ରାମଚନ୍ଦ୍ରନଙ୍କ ଡାଇବେଟିସ୍ ହସ୍ପିଟାଲ ପକ୍ଷରୁ ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି। ୨୦୫୦ ବେଳକୁ ପାକିସ୍ତାନ ଆମେରିକାକୁ ଅତିକ୍ରମ କରିଯିବ ବୋଲି ସେମାନେ ଆକଳନ କରିଛନ୍ତି। ୨୦୦୫ରୁ ୨୦୨୪ ମଧ୍ୟରେ ୨୧୫ଟି ଦେଶ ଏବଂ ଅଞ୍ଚଳ ଉପରେ ୨୪୬ଟି ଅଧ୍ୟୟନ କରାଯାଇଥିଲା। ୨୦୨୪ରେ ବିଶ୍ୱର ବୟସ୍କ ଜନସଂଖ୍ୟାର ୧୧ ପ୍ରତିଶତରୁ ଉର୍ଦ୍ଧ୍ୱ ଅର୍ଥାତ୍ ୨୦ରୁ ୭୯ ବର୍ଷ ବୟସବର୍ଗର ୫୮.୯ କୋଟି ଲୋକ ଡାଇବେଟିସ୍‌ରେ ପୀଡ଼ିତ ଥିଲେ। ୨୦୫୦ ସୁଦ୍ଧା ଏହି ହାର ୧୩ ପ୍ରତିଶତ (୮୫.୩ କୋଟି)ରେ ପହଞ୍ଚିବ ବୋଲି ଅଧ୍ୟୟନରେ ଆକଳନ କରାଯାଇଛି। ଉକ୍ତ ବର୍ଷ ସାରା ବିଶ୍ୱରେ ପ୍ରତି ୯ ଜଣରେ ଜଣେ ବୟସ୍କ ବ୍ୟକ୍ତି ଡାଇବେଟିସ୍ ଆକ୍ରାନ୍ତ। ମୋଟ ଡାଇବେଟିସ୍ ଆକ୍ରାନ୍ତଙ୍କ ମଧ୍ୟରୁ ୮୦.୬୪ ପ୍ରତିଶତ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶରେ ରହିଛନ୍ତି।

# ୧ ଡଲାର= ୯୦.୭୮ ଟଙ୍କା

ମୁମ୍ବାଇ,୧୬।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ କ୍ରମାଗତ ତୃତୀୟ ଦିନ ପାଇଁ ହ୍ରାସ ପାଇ ଶୁକ୍ରବାର ୯୦.୭୮ରେ ପହଞ୍ଚିଛି। ଡଲାର ଚାହିଦା ବୃଦ୍ଧି ସାଙ୍ଗକୁ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଜାରି ରହିଥିବାରୁ ଟଙ୍କା ମୂଲ୍ୟ କମିବାରେ ଲାଗିଛି। ଏଥିସହିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଏବଂ ଭୂରାଜନୈତିକ ଉତ୍ତେଜନା ନିବେଶକମାନଙ୍କ ମନୋଭାବକୁ ପ୍ରଭାବିତ କରିଛି। ଶୁକ୍ରବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦.୩୭ରୁ ଆରମ୍ଭ ହୋଇ ଦିବସ ମଧ୍ୟରେ ସର୍ବନିମ୍ନ ୯୦.୮୯ରେ ପହଞ୍ଚିଥିବାବେଳେ ଶେଷରେ ୯୦.୭୮ରେ ସ୍ଥିର ରହିଛି, ଯାହାକି ବୁଧବାର କାରବାର ଶେଷ ସୁଦ୍ଧା ଥିବା ମୂଲ୍ୟଠାରୁ ୪୪ ପଇସା କମ୍। କ୍ରମାଗତ ୩ ଦିନରେ ଟଙ୍କା ମୂଲ୍ୟ ମୋଟ ୬୧ ପଇସା ହ୍ରାସ ପାଇଛି। ବୁଧବାର ଏହା ୧୧ ପଇସା ହ୍ରାସ ପାଇ ୯୦.୩୪ ଥିଲା। ମଙ୍ଗଳବାର ଟଙ୍କା ମୂଲ୍ୟ ୬ ପଇସା କମିଥିଲା।



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଆଦିବାସୀ ଅଧ୍ୟୁଷିତ ଗାଁ ବାରନମ୍ବର ଖେଳ ପଡିଆଠାରେ ମା' ଧରିତ୍ରୀ ଆଦିବାସୀ ଯୁବକ ସଂଘ ପକ୍ଷରୁ ୩୫ତମ ବାର୍ଷିକ କ୍ରୀଡ଼ା ଓ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଶୁକ୍ରବାର ଆୟୋଜିତ ଧନୁ ତୀର ପ୍ରତିଯୋଗିତାରେ ସାମିଲ ମହିଳାମାନେ।

# ମାଟି ଖୋଳୁଥିଲେ, ପଥର ଖସିଲା: ୨ ଶ୍ରମିକ ମୃତ

ମାଲକାନଗିରି,୧୬।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନରୁ ଶୁକ୍ରବାର ସକାଳେ ବେଆଇନ ଭାବେ ମାଟି ଖୋଳୁଥିବା ସମୟରେ ଏକ ବଡ଼ ପଥର ଖସିବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଟୁନା ଗାଦବା (୨୧) ଓ ମିଟୁ ମାଡ଼ି।

ଘଟଣାରୁ ପ୍ରକାଶ, ଶୁକ୍ରବାର ସକାଳୁ କେତେଜଣ ଶ୍ରମିକ ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନରୁ ମାଟି ଖୋଳୁଥିଲେ। ଏହି ସମୟରେ ଗୋଟିଏ ବଡ଼ ପଥର ଖସି ପଡ଼ି ୨ଜଣ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଦୁର୍ଘଟଣା ପରେ ସେଠାରେ ଥିବା ଅନ୍ୟ ଶ୍ରମିକମାନେ ସଙ୍ଗେ ସଙ୍ଗେ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ପଥର ତଳେ ୨ଜଣ ଶ୍ରମିକ ଚାପିହୋଇ ରହିଥିବାବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ସତ୍ୟମଗୁଡାର ଟୁନା ଗାଦବାଙ୍କ ମୃତ୍ୟୁ ଘଟିଥିବା ବେଳେ ଚମ୍ପାଖାରି ଗ୍ରାମର ଅନ୍ୟ ଜଣେ ଶ୍ରମିକ ମିଟୁଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ପୋଲିସ ଖବରପାଇ ମୃତଦେହ ଜବତକରିବା ସହ ଏହାର ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛି।

**ଆଜିର ସମ୍ପାଦକୀୟ** ମନ୍ତ୍ରଣାଳୟ ସ୍ଥାନାନ୍ତର

# ମହାଯୁତି ଦଖଲରେ ବିଏମ୍‌ସି

- **ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଠାକ୍‌ରେ ଭ୍ରାତାଙ୍କୁ ଝଟକା**
- **ପୁଣେରେ ହାରିଲେ ୨ ପାୱାର**

ମୁମ୍ବାଇ,୧୬।୧

ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ମହାଯୁତିକୁ ଶୁକ୍ରବାର ବଡ଼ ସଫଳତା ମିଳିଛି। ରାଜ୍ୟରେ ଗୁରୁବାର ଅନୁଷ୍ଠିତ ୨୯ ମହାନଗର ନିଗମ ମଧ୍ୟରୁ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ୨୫ଟିରେ ଶାସକ ମେଣ୍ଟର ପ୍ରାର୍ଥୀ ମେୟର ହେବାକୁ ଯାଉଛନ୍ତି। ଅନ୍ୟପକ୍ଷେ ଶିବସେନା ୟୁବିଟି ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍)ର ବିଏମ୍‌ସି ଦଖଲ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି। ଏପରି କି ସାରା ରାଜ୍ୟରେ ଏହି ଦୁଇ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି।

୭୪,୪୦୦ କୋଟି ଟଙ୍କାର ବଜେଟ ବିଶିଷ୍ଟ ଏସିଆର ସର୍ବବୃହତ୍ ମହାନଗର ନିଗମ ବିଏମ୍‌ସିର ନିର୍ବାଚନ ପ୍ରାୟ ୪ ବର୍ଷ ବିଳମ୍ବରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ହୋଇଥିବା ସମସ୍ତ ୨୨୭ ୱାର୍ଡର ଫଳାଫଳ ଆସିଛି। ବିଏମ୍‌ସି ଦଖଲ ପାଇଁ ମ୍ୟାଜିକ୍ ନମ୍ବର ୧୧୪ ହୋଇଥିବାବେଳେ ଭାଜପା ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ମେଣ୍ଟକୁ ୧୧୬ ୱାର୍ଡରେ ସଫଳତା ମିଳିଛି। ଭାଜପା ୮୮ ଓ ଶିବସେନା ପ୍ରାର୍ଥୀ ୨୮ ୱାର୍ଡରେ ବିଜୟୀ ହୋଇଛନ୍ତି। ବିଏମ୍‌ସି ଅନେକ ଦଶନ୍ଧି ଧରି ଅବିଭାଜିତ ଶିବସେନା ଦଖଲରେ ରହିଆସିଥିବାବେଳେ ୨୦୧୭ ନିର୍ବାଚନରେ ମଧ୍ୟ ଦଳ ସଫଳତା ଦୋହରାଇଥିଲା। କିନ୍ତୁ ଏଥର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ଏବଂ ରାଜ୍ ଠାକ୍‌ରେଙ୍କ ଏମ୍‌ଏନ୍‌ଏସ୍ ୭୩ ୱାର୍ଡରେ ସୀମିତ ରହିଯାଇଛନ୍ତି। ଉଦ୍ଧବଙ୍କ ଶିବସେନା ୬୭ ୱାର୍ଡରେ ବିଜୟୀ ହୋଇଥିବାବେଳେ ଏମ୍‌ଏନ୍‌ଏସ୍ ମାତ୍ର ୬ ୱାର୍ଡ ଦଖଲ କରିଛି।

ସାରା ରାଜ୍ୟର ୨୯ ମହାନଗର ନିଗମ ନିର୍ବାଚନକୁ ଦେଖିଲେ ମୋଟାମୋଟି ଭାବେ ଫଳାଫଳ ଭାଜପା ସପକ୍ଷରେ ଯାଇଛି। ଗୁରୁବାର ୨୯ ମହାନଗର ନିଗମ ଅନ୍ତର୍ଗତ ୮୯୩ ୱାର୍ଡର ୨,୮୬୯ କର୍ପୋରେଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ ସହ ଛତ୍ରପତି ସମ୍ଭାଜୀନଗର, ନବୀ ମୁମ୍ବାଇ, ଭସାଇ-ଭିରାର, କଲ୍ୟାଣ-ଦୋମ୍ବିଭ୍ଲି, କୋହ୍ଲାପୁର, ନାଗପୁର, ସୋଲାପୁର, ଅମରାବତୀ, ଅକୋଲା, ନାଶିକ, ପିମ୍ପରି-ଚିଞ୍ଚୱାଡ୍, ପୁଣେ, ଉହ୍ଲାସନଗର, ଠାଣେ, ଚନ୍ଦ୍ରପୁର, ପରଭାନି, ମୀରା-ଭୟଣ୍ଡର, ନାନ୍ଦେଡ-ୱାଘଲା, ପନ୍‌ଭେଲ, ଭିୱଣ୍ଡି-ନିଜାମପୁର, ଲାତୁର, ମାଲେଗାଉଁ, ସାଙ୍ଗ୍ ଲି-ମିରାଜ-କୁପୱାଡ୍, ଜଲଗାଉଁ, ଅହିଲ୍ୟାନଗର, ଧୁଲେ, ଜଲ୍‌ନା ଓ ଇଚାଲକରଞ୍ଜି ମହାନଗର ନିଗମ ପାଇଁ ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ୫୨.୯୪% ମତଦାନ ସହ ମଇଦାନରେ ଥିବା ୧୫,୯୩୧ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସିଲ୍ ହୋଇଥିଲା। ଏଥିରୁ ଭାଜପାକୁ ୧୪୪୦ ୱାର୍ଡରେ ସଫଳତା ମିଳିଥିବାବେଳେ ସହଯୋଗୀ ଶିବସେନା ୪୦୪ ୱାର୍ଡରେ ବିଜୟୀ ହୋଇଛି। କଂଗ୍ରେସ ୩୧୮ ଆସନ ଦଖଲ ସହ ତୃତୀୟ ସ୍ଥାନରେ ରହିଛି। ଚତୁର୍ଥରେ ଥିବା ଶିବସେନା ୟୁବିଟିକୁ ୧୫୬ ଆସନ ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି-ଏପି) ପ୍ରାର୍ଥୀମାନେ ୧୬୪ ଆସନରେ ଜିତିଛନ୍ତି। ସେହିପରି ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ୯୭, ଶରଦ ପାୱାରଙ୍କ ଏନ୍‌ସିପି-ଏସ୍‌ପି ୩୬, ପ୍ରକାଶ ଆମ୍ବେଡକରଙ୍କ ୟୁବିଏ ୧୫, ଏମ୍‌ଏନ୍‌ଏସ୍ ୧୪ ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀ ୨୨୫ ଆସନ ଦଖଲ କରିଛନ୍ତି।

ପୁଣେ ଏବଂ ପିମ୍ପରି ଚିଞ୍ଚୱାଡ୍ ମହାନଗର ନିଗମ ନିର୍ବାଚନ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଥିଲା। ଏହି ୨ ହାଇପ୍ରୋଫାଇଲ ମହାନଗର ନିଗମକୁ ଦଖଲ କରିବା ପାଇଁ ଏନ୍‌ସିପିର ଦୁଇଗୋଷ୍ଠୀ ଅଜିତ୍ ଓ ତାଙ୍କ ଦାଦା ଶରଦ ପାୱାର ଏକାଠି ହୋଇଥିଲେ। ତେବେ ଉଭୟ ଆସନରେ ଭାଜପା ବିଜୟୀ ହୋଇଛି। ପୁଣେରେ ବିଳମ୍ବିତ ରାତି ସୁଦ୍ଧା ୧୬୫ରୁ ୧୩୫ ଆସନର ଫଳାଫଳ ଘୋଷିତ ହୋଇଛି। ଭାଜପାକୁ ୯୫ ଆସନରେ ସଫଳତା ମିଳିଛି। କଂଗ୍ରେସ ୧୫, ଏନ୍‌ସିପି ୨୦ ଏବଂ ଏନ୍‌ସିପି-ଏସ୍‌ପି ୨ ଆସନ ଦଖଲ କରିପାରଛନ୍ତି। ପିମ୍ପରି ଚିଞ୍ଚୱାଡ୍‌ରେ ୧୨୭ ଆସନ ମଧ୍ୟରୁ ଭାଜପା ୮୪ଟି ଦଖଲ କରିଛି। ଅଜିତ୍ ପାୱାରଙ୍କ ଏନ୍‌ସିପି ୩୬ ଆସନରେ ଜିତିଛି।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏହି ବିଜୟକୁ ନେଇ ଉଲ୍ଲସିତ ଭାଜପା କର୍ମୀମାନଙ୍କୁ ସାଉଥ୍ ମୁମ୍ବାଇସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସମ୍ବୋଧିତ କରିଛନ୍ତି। ଫଡ୍‌ନବିସ କହିଛନ୍ତି, ମୁମ୍ବାଇବାସୀ ମହାଯୁତିର ପ୍ରଦର୍ଶନକୁ ଦେଖି ବିକାଶ ପାଇଁ ଜନାଦେଶ ଦେଇଛନ୍ତି। ବିଏମ୍‌ସି ମେୟର ☞ପୃଷ୍ଠା-୨

# ଭାଜପାରେ ମିଶିଲେ ଯାଜପୁର ଜିଲା ପରିଷଦ ସଭାପତି, ଉପସଭାପତି

## ପୂର୍ବତନ ଏମ୍‌ପି ରୀତା ତରାଇ, ୧୬ ଜିଲା ପରିଷଦ ସଦସ୍ୟ ଯୋଗଦେଲେ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ଏକଦା ଯାଜପୁର ଜିଲାକୁ ବିଜେଡିର ଗଡ଼ କୁହାଯାଉଥିଲା। ଏବେ ତାହା ଭୁଶୁଡ଼ିବାରେ ଲାଗିଛି। ଯାଜପୁର ବିଜେଡିର ବହୁ ନେତା ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ବିଜେଡିର କ୍ଷମତାଶାଳୀ ନେତା ବୋଲାଉଥିବା ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱ ଉପରକୁ ମଧ୍ୟ ପ୍ରଶ୍ନ ଉଠିଛି। ସେ ବର୍ତ୍ତମାନ ନିଜ ଜିଲାରେ ମଧ୍ୟ ଦଳର ସଙ୍ଗଠନକୁ ସୁରକ୍ଷିତ ରଖିବାରେ ବିଫଳ ହେଲେଣି ବୋଲି ଚର୍ଚ୍ଚା ଆରମ୍ଭ ହେଇଛି। ଶୁକ୍ରବାର ଯାଜପୁର ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଏବଂ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ଏମ୍‌ପି ରୀତା ତରାଇ ଭାଜପାରେ ☞ପୃଷ୍ଠା-୨

### ଦଳ ଛାଡ଼ିବା ଆଗରୁ ନିଲମ୍ବନ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକ ଗୁରୁବାର ୨ଜଣ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିବା ପରେ ଶୁକ୍ରବାର ଆଉ ୨ ଜଣ ନେତାଙ୍କୁ ଦଳରୁ କାଢ଼ିଛନ୍ତି। ଯାଜପୁର ଜିଲା ପରିଷଦ ସଭାପତି ନଳୀନିପ୍ରଭା ଜେନା ଓ ଉପାସଭାପତି ଗଣେଶ୍ୱର ବରାଳଙ୍କୁ ନବୀନ ନିଲମ୍ବନ କରିଛନ୍ତି। ଏହି ୨ ନେତା ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଦର୍ଶାଇ ଦଳରୁ ବିଦା କରାଯାଇଛି। ପ୍ରତିଦିନ ରାଜ୍ୟବ୍ୟାପୀ ବହୁ ନେତା ବିଜେଡି ଛାଡ଼ି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଏହି କ୍ରମରେ ଯାଜପୁର ଜିଲା ପରିଷଦ ସଭାପତି ଏବଂ ଉପସଭାପତି ଭାଜପାରେ ଯୋଗଦେବେ ବୋଲି ଆଗୁଆ ଜାଣିପାରି ନବୀନ ଏପରି ନିଷ୍ପତ୍ତି ନେଇଥିବା ତାଙ୍କ ଦଳରେ ଚର୍ଚ୍ଚା ଜୋର ଧରିଛି। ପରବର୍ତ୍ତୀ ସମୟରେ ମଧ୍ୟ ଘଟଣା ସେହିଭଳି କିଛି ଘଟିଛି, ଯାହାକି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। ଶୁକ୍ରବାର ଅପରାହ୍ନରେ ନଳିନୀ ଏବଂ ଗଣେଶ୍ୱର ସେମାନଙ୍କ ସମର୍ଥକଙ୍କ ଗହଣରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗଦେଇଛନ୍ତି।

# ଟ୍ରମ୍ପଙ୍କୁ ମାରିଆଙ୍କ ନୋବେଲ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌ରେ ଭେନେଜୁଏଲାର ମାରିଆ କୋରିନା ମଚାଡୋ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରୁଛନ୍ତି।

ୱାଶିଂଟନ,୧୬।୧

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିଛନ୍ତି। ତେବେ ନୋବେଲ କମିଟିଠାରୁ ନୁହେଁ, ବରଂ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋ ୨୦୨୫ରେ ଯେଉଁ ନୋବେଲ ପୁରସ୍କାର ପାଇଥିଲେ, ତାହାକୁ ସେ ଟ୍ରମ୍ପଙ୍କୁ ପ୍ରଦାନ କରିଛନ୍ତି। ପାରସ୍ପରିକ ସମ୍ମାନର ଏହା ଏକ ବିସ୍ମୟକର ଭାବ ବୋଲି ଟ୍ରମ୍ପ କହିଛନ୍ତି। ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କୁ ଅର୍ପଣ କରିବେ ବୋଲି ମାରିଆ ପୂର୍ବରୁ କହିଥିଲେ। ଏହି ପୁରସ୍କାର ହସ୍ତାନ୍ତରଯୋଗ୍ୟ ନୁହେଁ ବୋଲି ନୋବେଲ କମିଟି କହିଥିବାବେଳେ ଗୁରୁବାର ମାରିଆ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟି ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି।

ଭେନେଜୁଏଲା ଉପରେ ଆମେରିକା ସାମରିକ ଅଭିଯାନ ଆରମ୍ଭ କରି ଏହାର ନେତା ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିନେଇଥଲା। ମାଦୁରୋଙ୍କୁ କ୍ଷମତାଚ୍ୟୁତ କରିବା ପରେ ଉପରାଷ୍ଟ୍ରପତି ଥିବା ଡେଲ୍‌ସି ରୋଡ୍ରିଗୁଏଜ୍ ଏବେ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପଙ୍କ ସମର୍ଥନ ହାସଲ କରିବାକୁ ମାରିଆ ଏଭଳି ଏକ ଚାଲ୍ ଚଳାଇଥିବା କୁହାଯାଉଛି। ଭେନେଜୁଏଲା ସରକାରଙ୍କୁ ଚ୍ୟାଲେଞ୍ଜ କରିବାକୁ ମାରିଆ ଚାହୁଁଥିବାବେଳେ ସମର୍ଥନ କରିବାକୁ ଟ୍ରମ୍ପ ନିକଟରେ ମନା କରିଥିଲେ। ପୁରସ୍କାର ଗ୍ରହଣ କରିବା ପରେ ଟ୍ରମ୍ପ ମାରିଆଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ମୋର କାର୍ଯ୍ୟ ପାଇଁ ସେ ମୋତେ ତାଙ୍କ ନୋବେଲ ପୁରସ୍କାର ପ୍ରଦାନ କରିବା ଏକ ବିସ୍ମୟକର ଭାବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। ଟ୍ରମ୍ପଙ୍କ ଓଭାଲ ଅଫିସ୍‌ରେ ଟ୍ରମ୍ପଙ୍କୁ ମାରିଆ ନୋବେଲ ପୁରସ୍କାର ପ୍ରଦାନ କରୁଥିବାର ☞ପୃଷ୍ଠା-୨

# ବୋମା ଚୋବାଇଥିବା ହାତୀର ମୃତ୍ୟୁ

ବନ୍ତଲା,୧୬।୧(ସୁଶିତ ସାହୁ)

ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ଶିକାରୀ ରଖିଥିବା ବୋମାକୁ ଚୋବାଇ ଗୁରୁତର ହୋଇଥିବା ୬ ବର୍ଷୀୟ ଅଣ୍ଡିରା ହାତୀର ଗୁରୁବାର ରାତିରେ ମୃତ୍ୟୁ ହୋଇଯାଇଛି। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ବାଲୁଅକଟା ଗାଁ ପଥରଗଡ଼ ସାହି ନିକଟରେ ବନ ବିଭାଗ ଦ୍ୱାରା ଚିକିତ୍ସା ପରେ ଉକ୍ତ ହାତୀକୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ହାତୀଟିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳଚେର ବନାଞ୍ଚଳରୁ ଚାଲିଆସିଥିବା ଉକ୍ତ ଅସୁସ୍ଥ ହାତୀକୁ ବନ୍ତଲା ବନାଞ୍ଚଳ ପଥରଗଡ଼ ସାହି ନିକଟରେ ବୁଧବାର ଠାବ କରାଯାଇଥିଲା। ଗୁରୁବାର ସକାଳୁ ଅନୁଗୋଳ ବନଖଣ୍ଡ ପ୍ରାଣୀଧନ ଚିକିତ୍ସକ, ସାତକୋଶିଆ ପ୍ରାଣୀଧନ ଚିକିତ୍ସକ ଓ କପିଳାସ ପ୍ରାଣୀଧନ ଚିକିତ୍ସକ ପହଞ୍ଚି ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ପରେ ସେଠାରୁ ହାତୀଟିକୁ କପିଳାସ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ହାତୀଟିର ମୃତ୍ୟୁ ହୋଇଥିବା ବନ୍ତଲା ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି। ତେବେ ହାତୀ ମୃତ୍ୟୁ ନେଇ ଜିଲାର ବୁଦ୍ଧିଜୀବୀ, ବନ୍ୟପ୍ରାଣୀ ପ୍ରେମୀମାନେ ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ହାତୀଟି ବିସ୍ଫୋରକ ଦ୍ରବ୍ୟ ଖାଇ ଗୁରୁତର ଅବସ୍ଥାରେ କିଛିଦିନ ହେବ ଘୂରି ବୁଲୁଥିବା ବେଳେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୂର୍ଯ୍ୟନଗର କାର୍ନିଭାଲ-୨୦୨୬, ସ୍ଥାନ: ସୂର୍ଯ୍ୟନଗର ପାର୍କ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୯ଟା।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ନେତାଜୀ ସୁବାସ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ୱନକ୍ଷେତ୍ର ଦିବସ, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଓୟୁଟିଆର୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓୟୁଟିଆର୍ କ୍ୟାମ୍ପସ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ସମଦୃଷ୍ଟି ପକ୍ଷରୁ ବାର୍ଷିକ ଉତ୍ସବ ଓ ବକ୍ତୃତାମାଳା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ୯ ଦିନିଆ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ: ରମାକାନ୍ତ ତ୍ରିପାଠୀ ଭବନ, ବଡ଼ମ୍ବା କଲେଜ ନିକଟ, ସମୟ: ପ୍ରତ୍ୟହ ସନ୍ଧ୍ୟା ୬ଟା।
- ଶିକ୍ଷାବିତ୍ ବିଷ୍ଣୁଚରଣ ଜେନାଙ୍କ ୯ମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ରାମକୃଷ୍ଣ କୁଟୀର ସଭାଗୃହ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ କବି ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ କବିତା ଆସର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଭାରତ ସମାଜ କଲ୍ୟାଣ ସେବା ଓ ଗବେଷଣା ସମିତି ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ମଣ୍ଡଳସ୍ତରୀୟ ଜିଲାପାଳଙ୍କ ସମ୍ମିଳନୀରେ ଆଗାମୀ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ନିର୍ବାଚନ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଲୋଚନା, ସ୍ଥାନ: ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ସାଂସ୍କୃତିକ ଓ ସାରସ୍ୱତ ଉତ୍ସବ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ସିଂହନାଥଙ୍କ ପ୍ରସିଦ୍ଧ ମକର ମେଳା ଉଦ୍‌ଯାପନ, ସ୍ଥାନ: ସିଂହନାଥଙ୍କ ମନ୍ଦିର ପରିସର ଓ ପାର୍ଶ୍ୱ ଅଞ୍ଚଳ, ବଡ଼ମ୍ବା, ସମୟ: ଅପରାହ୍ନ ୫ଟା।

## ପୁରୀ
- ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୁରୀ ପୌରପାଳିକା ପକ୍ଷରୁ ବନ୍ଦେ ମାତରମ୍ ଗାନ, ସ୍ଥାନ: ପୌରସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଏକ୍ସପୋ ଟ୍ରେଡ ଫେୟାର, ସ୍ଥାନ: ବଗଲା ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଷଷ୍ଠ ବାର୍ଷିକୀ ଗୀତାଜ୍ଞାନ ଯଜ୍ଞ, ସ୍ଥାନ: ତଣ୍ଡାଳ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ପଲ୍ଲିଶ୍ରୀ, ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବିଡିଏ ପଡିଆ, ସମୟ: ଅପରାହ୍ନ ୫ଟା।
- ମକର ମହୋତ୍ସବ, ସ୍ଥାନ: ଅତ୍ରି ଉଷ୍ଣପ୍ରସ୍ରବଣ ପରିସର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଅର୍ଜୁନପୁର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକ କଂଗ୍ରେସ କମିଟିର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ କଲ୍ୟାଣ ମଣ୍ଡପ, ଇଟାମୁଣ୍ଡି, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ୨ୟ ଦିବସ, ସ୍ଥାନ: ବାଗୁରାଇସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲ, ବନ୍ତ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ସିନ୍ଦୂର ଗୌରୀ ଯୁବକ ସଂଘ ପକ୍ଷରୁ ମକର ମହୋତ୍ସବ ଓ ଟୁସୁ ପ୍ରତିଯୋଗିତା, ସ୍ଥାନ: ଆସନବାହାଳି ସିନ୍ଦୁର ଗୌରୀ ପୀଠ,ପାଟଣା,ସମୟ:ଅପରାହ୍ନ ୨ଟା।

## ମୟୂରଭଞ୍ଜ
- ମଳୟ ମହାନ୍ତଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ:ପାଲବଣୀ ସ୍ଥିତ ବାରିପଦା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- କଂଗ୍ରେସ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବାପୁଜୀ ଆଶ୍ରମ,ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗଟାଙ୍ଗି, ବାଲିଗୁଡ଼ା, ସମୟ : ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଶାସ୍ତ୍ରୀୟ ସଙ୍ଗୀତ ମହୋତ୍ସବ କମଲ ରଙ୍ଗ୍-୬୦ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପକ୍ଷରୁ ଆନ୍ତଃବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ଣ୍ଣାମେଂଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ସନ୍ତୋଷୀ ମା' ମନ୍ଦିରର ତ୍ରୟଦଶ ବାର୍ଷିକ ପୂଜୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବ୍ୟାସନଗର କୋପଣ୍ଡ ବୀଣାପାଣିସାହି, ସମୟ: ସକାଳ ୮ଟା।

## ନୟାଗଡ଼
- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ ବଡବାଣପୁର ରାମଚଣ୍ଡି ସାହି, ସମୟ: ଅପରାହ୍ନ ୧ଟା।
- ଦଶପଲ୍ଲା କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଏକାଦଶ ଦିବସର ମ୍ୟାଚ କାଶ୍ମୀର ଓ କେରଳ, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା ।

## ରାୟଗଡ଼ା
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସକାଳ ୮ଟା ।

## ନବରଙ୍ଗପୁର
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସଙ୍ଗୀତର ୧୫୦ତମ ପୂର୍ତ୍ତି ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ସେମିଳିଗୁଡ଼ା ମହାବିଦ୍ୟାଳୟ ପକ୍ଷରୁ ଯୁବ ମହୋତ୍ସବ ଅରା -୨୦୨୬ ଉଦଘାଟନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ସୁନାବେଡ଼ା ମହିଳା ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏନ୍‌ଏସ୍‌ଏସ୍ କ୍ୟାମ୍ପର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ମାଲିଗୁଡ଼ା, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଏମ୍‌ପିଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନତମାନ ଅଦା ଚାଷ, ବଜାରିକରଣ ନିମନ୍ତେ ପ୍ରଶିକ୍ଷଣ ଶିବିର, ସ୍ଥାନ: ନନ୍ଦପୁର ବ୍ଲକ ଖୁର୍ଜୀ ପଞ୍ଚାୟତର ବୁରୁଡିପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନି ଦିବସ, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ବ୍ଲକ ଯାନୀଗୁଡ଼ାସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି
- କୃଷି ଯନ୍ତ୍ରପାତି ମେଳା ଆରମ୍ଭ, ସ୍ଥାନ: ଆଦିବାସୀ ପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ବୀର ସୁରେନ୍ଦ୍ର ସାଏ ଜୟନ୍ତି ଉପଲକ୍ଷେ ବିବିଧ ପ୍ରତିଯୋଗିତା, ସ୍ଥାନ: ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ଓଡ଼ିଶା ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଟିଟିଲାଗଡ଼ଠାରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ, ସକାଳ ୯ଟା ୩୦।

## ରାଉରକେଲା
- ଓଡ଼ିଶା ଫାଷ୍ଟ ଏଭର ଗ୍ରାଣ୍ଡ କେକ୍ ପ୍ରଦର୍ଶନୀ, ସ୍ଥାନ: ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ସାମ୍ପ୍ରତିକ ପରିସ୍ଥିତିରେ ସ୍ୱଦେଶୀ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୬ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ବନ୍ଦେ ମାତରଂ କାର୍ଯ୍ୟକ୍ରମ,ସ୍ଥାନ : କୁଆଁରମୁଣ୍ଡା ବ୍ଲକ ପରିସର, ସମୟ, ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି
- ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ଧର୍ମଗଡ଼ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନ, ସ୍ଥାନ: ଧର୍ମଗଡ଼ ଉତ୍ସବ ପଡିଆ, ସମୟ: ରାତି ୯ଟା।

## ସୁବର୍ଣ୍ଣପୁର
- ତୃତୀୟ ଦଧିବାମନ କ୍ରିକେଟ କପର ପଞ୍ଚମ ଦିବସ, ସ୍ଥାନ: ବହଳପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ:ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଲ୍ୟାଣ ମଣ୍ଡପ, ବାଗଡ଼ିହି,ସମୟ:ସକାଳ ୯ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଥିଲି ଘରେ ଗେହ୍ଲାର ଘୁଙ୍ଗୁର
ସଉତୁଣୀ କଲା ଆସି ଦାଣ୍ଡର କୁକୁର ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ଭଲ ପାଇବା ଭରି ରହିଥାଏ। ଏଭଳି ସ୍ଥିତିରେ ସ୍ୱାମୀଟି ଦ୍ୱିତୀୟ ବିବାହ କଲେ ବା ସଉତୁଣୀ ଆସିଲେ ସେ ଘରେ କଳହର ବାତାବରଣ ସୃଷ୍ଟି ହୁଏ। ତେଣୁ ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଏବେକୁ ଏଡ଼େ
ପାଣି ପଇଲେ ହେବୁ ତୁ କେଡେ?**

ପିଲାଟି ଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କେତେଜଣ ଯୁବକ ବିବାହ କରିବା ପରେ ଘରର ଆଭିମୁଖ୍ୟଠାରୁ ଦୂରେଇ ଯାଉଥିବାର ଦେଖିବାକୁ ମିଳିଥାଏ। କମ୍ ବୟସରେ ଯିଏ ଉଡୁବାର୍ଯ୍ୟ ହେଉଛି, ବାହାପାଣି ପଡ଼ିଲେ ସେ କ'ଣ ନ ହେବ ଏ ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବୋମା ଚୋବାଇଥିବା ...

ବନବିଭାଗ କିପରି ଏକଥା ପୂର୍ବରୁ ଜାଣି ପାରିଲାନି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନୁଗୋଳ ବନଖଣ୍ଡରେ ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ, ବେଆଇନ ବିଦ୍ୟୁତ୍ ହୁକିଂ ଦ୍ୱାରା ଶିକାର କରୁଥିବା ଶିକାରୀଙ୍କ ପ୍ରାଦୁର୍ଭାବ ବଢି ଚାଲିଥିଲାବେଳେ କାର୍ଯ୍ୟାନୁଷ୍ଠାନ ଦିଗରେ ବନବିଭାଗ ନିଷ୍କ୍ରିୟ ଥିବା ସେମାନେ ଅଭିଯୋଗ କରିଛନ୍ତି। ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିବା ଶିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ନୀତିଶ କୁମାର ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ବିଦା ହେବେ...

ନିର୍ଦ୍ଦେଶନାମା ଜାରି କରାଯାଇଥିବା କୁହାଯାଉଛି। ତେବେ ଗତ ୧୩ ତାରିଖ ମଙ୍ଗଳବାରଠାରୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ କହିଛନ୍ତି, ନନ୍ ପର୍‌ଫର୍ମିଂ ଅଧ୍ୟାପକଙ୍କ ଯାଞ୍ଚ ନେଇ କୌଣସି ଚିଠି ମୁଁ ପାଇନାହିଁ। ୧୪ ତାରିଖ ସରକାରୀ ଛୁଟି ରହିଥିବା ବେଳେ ୧୫ ଓ ୧୬ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏ ସମ୍ପର୍କରେ ଜାଣିପାରିନାହିଁ। ତେବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରିନ୍ସିପାଲ ଝୁମ୍‌କୀ ରଥ କହିଛନ୍ତି, ବିଭାଗ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଅନୁସାରେ ଯାଞ୍ଚ କରାଯିବ। ମହାବିଦ୍ୟାଳୟଗୁଡ଼ିକରେ ପ୍ରତିବର୍ଷ ଗୁପ୍ତ ଚରିତ୍ର ପଞ୍ଜିକା (ସିସିଆର୍) ରିପୋର୍ଟ ଦାଖଲ କରାଯାଏ। ଅଧ୍ୟାପିକାଅଧ୍ୟାପକଙ୍କ ନାମରେ ଅଭିଯୋଗ ଥିଲେ ସୁଧାରିବାକୁ ପରାମର୍ଶ ଦିଆଯାଏ। ସେମାନଙ୍କ ପାଠପଢ଼ାଠାରୁ ଆରମ୍ଭକରି କାର୍ଯ୍ୟକଳାପ ମଧ୍ୟ ଲକ୍ଷ୍ୟ କରାଯାଏ। ହେଲେ ବାରମ୍ବାର ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅଧ୍ୟାପିକାଅଧ୍ୟାପକ ଯଦି ନିଜକୁ ସୁଧାରିବାକୁ ଚେଷ୍ଟ ନ କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ଶିକ୍ଷାବିତ୍ ମାନସ ବେହେରା କହିଛନ୍ତି, ସରକାରଙ୍କ ଏହି ନିର୍ଦ୍ଦେଶନାମା ଜରିଆରେ ଉଚ୍ଚଶିକ୍ଷାରେ କାର୍ଯ୍ୟରତ ଅଧ୍ୟାପକଙ୍କ ମୂଲ୍ୟାଙ୍କନ କରାଯିବ। ଅଧ୍ୟାପକଙ୍କୁ ମାପିବା ପାଇଁ ସ୍ୱତନ୍ତ୍ର ମାନଦଣ୍ଡ ରହିବା ଦରକାର। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅଧିକାରୀ ସମସ୍ତ ଅଧ୍ୟାପକଙ୍କ ଚରିତ୍ର ପଞ୍ଜିକା ଠିକ୍ ଭାବେ ଦେଉନାହାନ୍ତି। ବ୍ୟକ୍ତିଗତ ଏବଂ ବିଭିନ୍ନ ମନୋଭାବକୁ ନେଇ କର୍ତ୍ତୃପକ୍ଷ ସିସିଆର୍ ରିପୋର୍ଟ ଦେଇଥାଆନ୍ତି। ଶୈକ୍ଷିକ ପ୍ରକ୍ରିୟାରେ ବିଜ୍ଞାନଭିତ୍ତିକ ମାନଦଣ୍ଡ ତିଆରି କରାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ସହ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ବେହେରା କହିଛନ୍ତି।

## ଟ୍ରମ୍ପଙ୍କୁ ମାରିଆଙ୍କ...

ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏଥିରେ କ୍ୟାପ୍‌ଶନ ଲେଖାଅଛି '୨୦୨୫ ନୋବେଲ ଶାନ୍ତି ପୁରସ୍କାର ମେଡାଲ ମାରିଆ କୋରିନା ମଚାଡୋଙ୍କୁ ଦିଆଯାଇଥିଲା'। ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପଙ୍କର ଦୀର୍ଘଦିନରୁ ଅଭିଳାଷ ରହିଥିଲା। ୨୦୨୫ରେ ପୁରସ୍କାର ଘୋଷଣା ହେବା ପୂର୍ବରୁ ଏହି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଟ୍ରମ୍ପ ଅନେକ ଥର ଦୋହରାଇଥିଲେ। ତାଙ୍କୁ ଏହି ପୁରସ୍କାର ନ ମିଳିଲେ, ଆମେରିକା ପ୍ରତି ବଡ଼ ଅପମାନ ହେବ ବୋଲି ସେ କହିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଟ୍ରମ୍ପ କହିଥିଲେ, ସେ ନୋବେଲ ଶାନ୍ତି ପୁରସ୍କାର ପାଇବା ଉଚିତ ବୋଲି ପ୍ରତ୍ୟେକ କହୁଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷକୁ ରୋକିବା ସହ ୭ଟି ଯୁଦ୍ଧ ବନ୍ଦ କରିଥିବା ଟ୍ରମ୍ପ ଦାବି କରିଆସୁଛନ୍ତି। ଅନ୍ୟ କୌଣସି ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟ କରିନାହାନ୍ତି ବୋଲି ଟ୍ରମ୍ପ କହିଥିଲେ।



ଭାଜପାରେ ସାମିଲ ହୋଇଥିବା ଯାଜପୁରର ବିଜେଡି ନେତାମାନେ।

## ଭାଜପାରେ ମିଶିଲେ ...

ସାମିଲ ହୋଇଛନ୍ତି। ସେମାନଙ୍କ ସମେତ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯାଜପୁର ଜିଲା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ସମିତିସଭ୍ୟା କ୍ଷୀରାବ୍ଧୀ ତନୟା ମଲିକ, ପୂର୍ବତନ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଧର୍ମଶାଳା ବିଜେଡି ଯୁବ ସଂଗଠକ ସନ୍ତୋଷ ତରାଇ, ଆଦିତ୍ୟ ପ୍ରସାଦ ପୃଷ୍ଟି ଓ ଧର୍ମଶାଳା ସାମାଜିକ ଗଣମାଧ୍ୟମ ସଂଯୋଜିକା ଚିନ୍ମୟୀ ବେହୁରା ପ୍ରମୁଖ ବିଜେଡି ପରିତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ଯାଜପୁର ଜିଲାର ୧୬ ଜଣ ଜିଲା ପରିଷଦ ସଦସ୍ୟ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ସେମାନେ ହେଲେ ବଡ଼ଚଣା ବ୍ଲକ୍ ୧୮ନଂ. ଜୋନ୍‌ର ସସ୍ମିତା ମହାନ୍ତି, ୨୦ନଂ. ଜୋନ୍‌ର ଜୟଶ୍ରୀ ସାମଲ, ଧର୍ମଶାଳା ବ୍ଲକ୍ ୧୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ସୁଧାଂଶୁ ସାହୁ, ୧୩ ନଂ. ଜୋନ୍‌ର ସ୍ମୃତିରେଖା ବେହେରା, ୧୫ ନଂ. ଜୋନ୍‌ର ଚକ୍ରଧର ବେହେରା, ୩୪ ନଂ. ଜୋନ୍‌ର ମମତା ଖୁଣ୍ଟିଆ, କୋରେଇ ବ୍ଲକ୍ ୩୫ ନଂ. ଜୋନ୍‌ର ଶଶୀରେଖା ପୃଷ୍ଟି, ବରୀ ବ୍ଲକ୍ ୩୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ବିନୋଦ କୁମାର ମାଝୀ, ୩୬ ନଂ. ଜୋନ୍‌ର ଭାରତୀ ବିଶ୍ୱାଳ, ସୁକିନ୍ଦା ବ୍ଲକ୍ ୮ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟା ସାମନ୍ତିରାଣୀ ରାଉତ, ୯ନଂ. ଜୋନ୍‌ର ଟିନା ହାଇବ୍ରୁ, ୩୮ନଂ. ଜୋନ୍‌ର ସାଧୁ ଚରଣ ଡ୍ୟୁ, ୩୯ନଂ. ଜୋନ୍‌ର ପ୍ରତାପ ପଟ୍ଟନାୟକ, ପୁରୁଣା ବଡ଼ଚଣା ବ୍ଲକ୍ ୧୬ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଯଚିନ୍ଦ୍ର ନାୟକ, ୧୯ ନଂ. ଜୋନ୍‌ର ଅରବିନ୍ଦ ସାମଲ ଓ ୩୩ ନଂ. ଜୋନ୍‌ର ଶିଶିର ମହାନ୍ତି। ଏହାଛଡ଼ା ଜେନାପୁର ଗ୍ରାମପଞ୍ଚାୟତରୁ ୧୪, ସମ୍ପାରୁ ୪୪, ମୂଳାପାଳରୁ ୩୦, ତରଞ୍ଜିଆ ପଞ୍ଚାୟତରୁ ୨୨ଜଣ ଭାଜପାରେ ଯୋଗଦେଇଛନ୍ତି।

ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବବୁଲୁ ମହାଲିକ, ଏସ୍‌କେ ନିଆମଦ, ଶରତ ଚନ୍ଦ୍ର ରାଉତ, ଏସ୍‌କେ ଆଫର, ଏସ୍‌କେ ଇବ୍ରାହିମ, ଏସ୍‌କେ ଫିରୋଜ, ଏସ୍‌କେ ଜୁନାଦ୍, ଏସ୍‌କେ ସାଦମ, ଫାତମା, ଏସ୍‌କେ ଫାଜରୁଲ, ଏସ୍‌କେ ମଣି, ରମାକାନ୍ତ ଦାସ, କମଳକାନ୍ତ ସାମଲ, ସୁକାନ୍ତ ସାମଲ, ନିଶିକାନ୍ତ ନାୟକ, ଏସ୍‌କେ ଗେଡ୍ଡୁ, ଏସ୍‌କେ କେଟାବଡି, କାଲୁ ଶାହା, ଏସ୍‌କେ ରେକର୍ଡ, ଏସ୍‌କେ କଲିମ, ଏସ୍‌କେ ଅବଦୁଲ, ଏସ୍‌କେ ବାପୁନ, ଏସ୍‌କେ ଜାନୁ, ଏସ୍‌କେ କାଳିଆ, ଏସ୍‌କେ କିଷାନ, ଏସ୍‌କେ ରହିମ, ଏସ୍‌କେ ଜାର୍ବି, ଏସ୍‌କେ ଲାଲୁ, ଏସ୍‌କେ ତବାରେକ ପ୍ରମୁଖ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। ଏହି ଅବସରରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ଅମର କୁମାର ନାୟକ, ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କୁମାର କର, ଯାଜପୁର ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ଯାଜପୁର ପୂର୍ବତନ ଜିଲା ସଭାପତି ଗୌତମ ରାୟ, ବରୀ ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ଭଦ୍ରକ ଜିଲା ଉପସଭାପତି କିଶୋର ନାୟକ, ଭଦ୍ରକ ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ମହାଯୁତି ଦଖଲରେ ...

ଶିବସେନାରୁ ହେବେ ନା ଭାଜପାରୁ ବୋଲି ଖବରଦାତାମାନେ ଫଡ୍‌ନବିସଙ୍କୁ ପ୍ରଶ୍ନ କରିବାରୁ ଶିନ୍ଦେ ହସ୍ତକ୍ଷେପ କରି କହିଥିଲେ, ମହାଯୁତିରୁ ଜଣେ ମେୟର ହେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଓ ସହଯୋଗୀଙ୍କୁ ବିଜୟୀ କରାଇଥିବା ମହାରାଷ୍ଟ୍ର ମତଦାତାଙ୍କୁ ଧନ୍ୟବାଦ ଦେଇଛନ୍ତି। ବିକାଶ କାର୍ଯ୍ୟ କରିବା ନେଇ ଏନ୍‌ଡିଏର ଟ୍ରାକ୍ ରେକର୍ଡ ଏବଂ ଜନହିତକର କାର୍ଯ୍ୟସୂଚୀ ଯୋଗୁ ଏଭଳି ସଫଳତା ମିଳିଥିବା ମୋଦି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗଜକେଶରୀ ଯୋଗ ପ୍ରଭାବରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଲାଗିରହିଥିବାରୁ ନୂତନ ଯୋଜନା ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଅଶାନ୍ତ ପାରିବାରିକ ସ୍ଥିତି ଥମିଯାଇପାରେ। ସାହିତ୍ୟାନୁରାଗ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ କୃତିତ୍ୱଜନିତ ଖୁସି ଅନୁଭବ କରିବେ।

**ବୃଷ** ଭାଗ୍ୟଭାବସ୍ଥ ଗ୍ରହମାନେ ସମସ୍ତ ପ୍ରତିବନ୍ଧକକୁ ଏଡାଇବାରେ ସମର୍ଥ ହେବେ। ସ୍ଥଗିତକାର୍ଯ୍ୟ, ପାଉ ନ ଥିବା ଅର୍ଥ, ବିବାଦର ପରିସମାପ୍ତି ହେବ। ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। କାର୍ଯ୍ୟହାସଲ ପାଇଁ ଅନ୍ୟର ସାହାଯ୍ୟ ନେବେ।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରୁ ଆପଣ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ ନ କରିପାରିଲେ ପରିସ୍ଥିତି ବଦଳି ଯାଇପାରେ। ଭାବପ୍ରବଣତା ପରିହାର କରି ବନ୍ଧୁଙ୍କ ମୁଡ୍ ଦେଖି ଆଗକୁ ବଢ଼ିବା ଭଲ। ପୁରାତନ ରୋଗ ପାଇଁ ଯାତ୍ରା ସ୍ଥଗିତ ରହିପାରେ।

**କର୍କଟ** ରାଶିକୁ ଚାରୋଟି ଅନୁକୂଳ ଗ୍ରହ ଅବଲୋକ କରୁଥିବାରୁ ଆଜି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କଥାର ସଚ୍ଚୋଟତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଅର୍ଥ ସଙ୍କଟର ସମାଧାନ, ବ୍ୟବସାୟିକ ସ୍ଥିତି ଉନ୍ନତ ରହିବ।

**ସିଂହ** ବ୍ୟୟାଧିପ ଚନ୍ଦ୍ରଙ୍କ ଯୋଗୁ ଆଜି ଖର୍ଚ୍ଚପରିମାଣ ବୃଦ୍ଧି ଯୋଗୁ ମନସ୍ତାପ କରିବେ। କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତାଜନିତ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସୁନଜରରେ ଆସିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଶୁଭ ଖବର ପାଇ ଖୁସି ହେବେ।

**କନ୍ୟା** ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ପାଖ ମାଡିବ ନାହିଁ। ସପ୍ତମଭାବରେ ଶନିଙ୍କ ସ୍ଥିତି ହେତୁ ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡ଼ା ଲାଗିପାରେ। ହସ୍ତାନକ୍ଷତ୍ର ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ।

**ତୁଳା** ଲାଗିରହିଥିବା ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରକୁ ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ବିଭିନ୍ନ କାମରେ ଅନୁପ୍ରବେଶ କରିପାରନ୍ତି। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି। ପୁରୁଣା ରୋଗ, ପରୋକ୍ଷ ଶତ୍ରୁତା ଏବଂ ଘର ଲୋକଙ୍କ ଗୁପ୍‌ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା** ରାଶ୍ୟାଧିପଙ୍କ ଉଚ୍ଚାବସ୍ଥାନ ଯୋଗୁ ମନ ଅନୁଯାୟୀ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଅସଜଡା କାମକୁ ସଜାଡିନେବା ଯୋଗୁ ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ଭାରାକ୍ରାନ୍ତ କରିପାରେ।

**ଧନୁ** ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟ ହେବ। ବିବାଦୀୟ ଘଟଣାରେ, ପରିବହନ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସଫଳତା ପାଇବେ। ରାଶିରେ ଅଷ୍ଟମାଧିପତି ସହ ସପ୍ତମାଧିପତିଙ୍କ ସଂଯୋଗ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ।

**ମକର** ଶନିଙ୍କର ଚନ୍ଦ୍ରଙ୍କ ପ୍ରତି ଦୃଷ୍ଟିଜନିତ ଅତୀତକୁ ମନେ ପକାଇ ଭାବବିହ୍ୱଳ ହୋଇପାରନ୍ତି। ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ, ପରିବାର ଭିତରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କଥିବା ପ୍ରିୟବନ୍ଧୁଟି ଦୂରେଇଯିବାର ଉପକ୍ରମ କରିପାରନ୍ତି। ସରକାରୀସ୍ତରରୁ ପ୍ରତୀକ୍ଷିତ ଖବର ପାଇପାରନ୍ତି।

**କୁମ୍ଭ** ନୀଚାରୋହୀ ରାଶ୍ୟାଧିପଙ୍କ ଯୋଗୁ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଛୋଟକଥାକୁ କେନ୍ଦ୍ରକରି କଳହ ଲାଗିପାରେ। ଯାତ୍ରା ସମୟରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥପ୍ରାପ୍ତି ଯୋଗୁ ଖୁସି ହେବେ। ବୈବାହିକ ସମ୍ବନ୍ଧକୁ ନେଇ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ।

**ମୀନ** ଏକାଦଶରେ ଏକାଧିକ ଅବସ୍ଥାନ କରିଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ବନ୍ଧୁଟି ଦ୍ୱାରା କାମ ହାସଲରେ ସଫଳ ହେବେ। କର୍ମକ୍ଷେତ୍ରରେ ପୂର୍ବବିବାଦକୁ କେନ୍ଦ୍ରକରି ମନ ଅସ୍ଥିର ରହିବ। ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମ ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୭ ତାରିଖ, ମାଘ କୃଷ୍ଣ ଚତୁର୍ଦ୍ଦଶୀ ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରଟନ୍ତ୍ୟା ଚତୁର୍ଦ୍ଦଶୀ ସ୍ନାନ, ରଟନ୍ତୀ କାଳିକା ପୂଜା। ରାଶିନକ୍ଷତ୍ର-ଦିବା ଘ.୦୮.୧୧ ଗତେ ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୩୪ ଗତେ ଘ. ୦୧.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୯.୧୨ ଗତେ ଘ.୧୦.୩୪ ମଧ୍ୟେ ରାହୁ କାଳ।

**ସିଜିଏଲ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି**

ଭୁବନେଶ୍ୱର,୧୬।୧(ସୁଚିସ୍ମିତା ସାହୁ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ସିଜିଏଲ୍ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି କରାଯାଇଛି। ଆସନ୍ତା ୨୧ ବଦଳରେ ୩୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଏନେଇ ଓଏସ୍‌ଏସ୍‌ସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୧୫୬୭ଟି ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଡିସେମ୍ବର ୧୯ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ଦିନ ସମୟରେ ଆଦୌ ଖୋଲୁ ନ ଥିବାରୁ ରାତି ଉଜାଗର ରହି ଆବେଦନ କରୁଥିବା ଉଲ୍ଲେଖ କରି ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଶେଷରେ ଆବେଦନ ଅବଧିକୁ ୧୦ଦିନ ବଢ଼ାଯାଇଛି।

# କଳିର ପ୍ରତିଫଳନ


ଭି.କେ. ପାଣ୍ଡିଆନ


ପ୍ରଣବ ପ୍ରକାଶ ଦାଶ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜେଡିର ଦୁଇଜଣ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ରାଜ୍ୟ ରାଜନୀତି ଜୋର ଧରିଛି। ମୁଖ୍ୟତଃ ଅରବିନ୍ଦ ମହାପାତ୍ରଙ୍କୁ କାହିଁକି ନିଲମ୍ବନ କରାଗଲା ତାହାର ସ୍ପଷ୍ଟ ସୂଚନା ମିଳୁ ନ ଥିବାବେଳେ ଏହାର କାରଣ ଜାଣିବା ପାଇଁ ଦଳର ବହୁ ଆଗଧାଡ଼ିର ନେତାଙ୍କ ଘରେ ଦିନତମାମ ଭିଡ଼ ଲାଗିରହିଥିଲା। ବହୁ ବିଧାୟକ ଏହି କଥାକୁ ନେଇ କେତେଜଣଙ୍କ ଘରେ ଏକାଠି ହୋଇଥିଲେ। ଅରବିନ୍ଦଙ୍କୁ ନିଲମ୍ବନ ସମ୍ପର୍କିତ ପ୍ରଶ୍ନ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖରେ କାହିଁକି ଉଠାଯିବ ନାହିଁ ବୋଲି କେତେଜଣ ବିଧାୟକ ଆଲୋଚନ କରିଥିଲେ। ଏପରି ଚର୍ଚ୍ଚା ଓ ଆଲୋଚନା ମଧ୍ୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବରିଷ୍ଠ ନେତା ତଥା ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର ଗତ ୧୨ ତାରିଖରେ ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ସ୍ଥାନୀୟ ଜଣେ ନେତ୍ରୀ ଓ ତାଙ୍କ ଭାଇଙ୍କ ସାଙ୍ଗରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ସେଠାରେ କୁଆଡ଼େ ବିଜୟ କହିଥିଲେ, ବିଜେଡିରେ ରହି ଆଉ ରାଜନୀତି ସମ୍ଭବ ନୁହେଁ। ଯଦି ରାଜନୀତି କରିବାର ଅଛି, ତେବେ ନୂଆ ଏକ ଦଳର ଆବଶ୍ୟକତା ରହିଛି। ଏଥିପାଇଁ ପାଣ୍ଠିର ଆବଶ୍ୟକତା ଅଛି, ସେହି କାର୍ଯ୍ୟରେ ଲାଗ। ଆଲୋଚନା ଶେଷରେ ବିଜୟ ଆହୁରି କହିଥିଲେ, ଏହି ନୂଆ ଦଳ ପାଇଁ ଯାଜପୁର ନେତା ତଥା ଏକଥା ବିଜେଡିର କ୍ଷମତାଶାଳୀ ବୋଲାଉଥିବା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସହଯୋଗ ରହିଛି। ପରବର୍ତ୍ତୀ ସମୟରେ ଝାରସୁଗୁଡ଼ାର ଉଭୟ ନେତ୍ରୀ ଓ ନେତା ପାଣ୍ଡିଆନ୍‌ଙ୍କ ଇଙ୍ଗିତରେ ସବୁ ଆଲୋଚନା ବିଷୟ ନବୀନଙ୍କୁ ଜଣାଇଥିଲେ। ଫଳରେ ଯାଜପୁରର ଟାଣୁଆ ନେତାଙ୍କ ଭବିଷ୍ୟତ ରଣନୀତିକୁ ମାତ୍ ଦେବାକୁ ଯାଇ ଅରବିନ୍ଦଙ୍କୁ କୁଆଡ଼େ ନିଲମ୍ବନ କରିବା ପାଇଁ ପାଣ୍ଡିଆନ୍‌ଙ୍କ ଏହି ଗୋଟିଚାଳନା ସଫଳ ହୋଇଥିବା ନବୀନ ନିବାସରେ ରହି ଦଳୀୟ କାର୍ଯ୍ୟରେ ମାତ୍ରାଧିକ ମୁଣ୍ଡ ପୂରାଉଥିବା ଅଫିସର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଯେଉଁ ଘଟଣାବଳୀ ସମ୍ପର୍କରେ ବର୍ଣ୍ଣନା କରାଗଲା, ତାହାର ପ୍ରତିଫଳନ ଶୁକ୍ରବାର ଯାଜପୁର ବିଜେଡି ରାଜନୀତିରେ ସୃଷ୍ଟି ହୋଇଥିବା ଦଳ ବଦଳ ଘଟଣାରୁ ସ୍ପଷ୍ଟ ହୋଇଛି। ବିଗତ ଦିନରେ ଯାଜପୁରକୁ ବିଜେଡିର ଗଡ଼ କୁହାଯାଉଥିଲା। ସେଠାରେ ଜିଲା ପରିଷଦ ସଭାପତି ହୋଇଥିବା ନଳିନିପ୍ରଭା ଜେନା ଏବଂ ଉପସଭାପତି ଗଣେଶ୍ୱର ବରାଳ ବବିଙ୍କ ବେଶ୍ ଅନୁଗତ ଥିବା ସମସ୍ତେ ଜାଣନ୍ତି। ଏହି ଦୁଇ ନେତା ହଠାତ୍ ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେବା ଏବଂ ତାଙ୍କ ସହ ଆହୁରି ୧୬ଜଣ ଜିଲା ପରିଷଦ ସଦସ୍ୟ ବିଜେଡି ଛାଡ଼ିବା ବିଷୟ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି କରିଛି। ଯୋଜନାବଦ୍ଧ ଭାବେ ଏହି ଜିଲା ପରିଷଦ ସଭାପତି, ଉପସଭାପତିଙ୍କୁ ବିଜେଡି ଛାଡ଼ି ଭାଜପାରେ ସାମିଲ କରାଇବାର ପ୍ରକ୍ରିୟା ବିଜୁ ଜନତା ଦଳ ଭିତରୁ ଯେ ଆରମ୍ଭ ହୋଇ ନ ଥିବ ସେକଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଯାହା ଶୁଣିବା କଥା, ଦଳୀୟ ବ୍ୟାପାରକୁ ନେଇ ବିଗତ ଦିନରେ ବିଜେଡିର ଦୁଇ କ୍ଷମତା କେନ୍ଦ୍ର ବବି ଓ ପାଣ୍ଡିଆନ୍‌ଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପଡିଆରା ଲଢ଼େଇ ଏହି ସ୍ଥିତି ସୃଷ୍ଟି କରିଥିବା ଆଲୋଚନା ହୋଇଛି।

ଅନ୍ୟପଟେ ଦଳରୁ ନିଲମ୍ବିତ ହୋଇଥିବା ଅରବିନ୍ଦ କହିଛନ୍ତି, ଯାହା ବି ଅଭିଯୋଗ ଲଗାଯାଇଛି ତା'ର ପ୍ରମାଣ ଦିଅନ୍ତୁ। ଦେଢ଼ବର୍ଷ ବିଧାୟକ ରହିବା ଭିତରେ ୩ଟି ବ୍ଲକରେ ଦୁର୍ନୀତି ହୋଇନି। ଅଖଣ୍ଡ ପାଇନି ଯେ ଦୁର୍ନୀତି କରିବି। ସେ କ'ଣ ବିଶ୍ୱାସ ଘାତକତା କରିଛନ୍ତି ତାହା ପ୍ରମାଣ କରାଯିବା ଦରକାର ବୋଲି ସେ କହିଛନ୍ତି। ଏଭଳି ସ୍ଥିତିରେ ନବୀନ ଗୁରୁବାର ନେଇଥିବା ନିଷ୍ପତ୍ତି ନିଜର ନୁହେଁ, ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନବୀନଙ୍କ ପ୍ରତି ଭୟ ସୃଷ୍ଟି କରାଇବା ବାହାନାରେ ତାଙ୍କ ଘନିଷ୍ଠ ସହଯୋଗୀ ଏଭଳି କରାଇଥିବା ଚର୍ଚ୍ଚା ହେଉଛି। ବିଗତ ଦିନ ଭଳି ରାଜ୍ୟରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନ ଯେନତେନ ଭାଜପା ହାତକୁ ଟେକିଦେବାକୁ ଏହି ଉଦ୍ୟମ ଆରମ୍ଭ ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ମାରିଆଙ୍କ ନୋବେଲ ପୁରସ୍କାର ଧରି ଖୁସିହେଲେ ଟ୍ରମ୍ପ




# ଭିଡ଼ ହିଂସାରୁ ଭ୍ୟାନ୍ ହେଲ୍‌ପରଙ୍କ ମୃତ୍ୟୁ: ୩ ଅଭିଯୁକ୍ତ ଗିରଫ

ବାଲେଶ୍ୱର,୧୬।୧(ବାଞ୍ଛାନିଧି ଦେ)

**ଆକ୍ରମଣ ସମୟର ଭିଡିଓ ଭାଇରାଲ**

ବାଲେଶ୍ୱର ସହରରେ ବୁଧବାର ଘଟିଛି ଭିଡ଼ ହିଂସା। ଏଥିରେ ଏକ ପିକ୍‌ଅପ୍ ଭ୍ୟାନ୍‌ର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସଦର ଥାନା ଅନ୍ତର୍ଗତ ସାହାଦା ଜିମ୍ ସେଣ୍ଟର ନିକଟରେ ଘଟିଥିବା ଏହି ହିଂସାବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏସ୍‌ପି ପ୍ରତ୍ୟୁଷ ଦିବାକର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ହତ୍ୟା ଘଟଣାରେ ପୋଲିସ ଗୁରୁବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୭/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସଦର ଥାନା ଅହିଆ ଗ୍ରାମର ସେକ୍ ମକାନ୍ଦର ମହମ୍ମଦ(୩୬) ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଆର୍୦୧ଏମ୍- ୯୦୫୦)ରେ ହେଲ୍‌ପର ଭାବେ କାମ କରନ୍ତି। ଗତ ବୁଧବାର ଭୋର୍ ସମୟରେ ତାଙ୍କ ଡ୍ରାଇଭରଙ୍କ ସହ ଭ୍ୟାନ୍‌ରେ ସେ ବାଲେଶ୍ୱର ଆସୁଥିଲେ। ଉକ୍ତ ଭ୍ୟାନ୍‌ରେ ଗୋଚାଲାଣ ସନ୍ଦେହରେ ସାହାଦା ଜିମ୍ ସେଣ୍ଟର ନିକଟରେ କେତେକ ଯୁବକ ଭ୍ୟାନ୍ ଆଗରେ ଲୁହାକଣ୍ଟାଲଗା କାଠପଟା ବିଛାଇ ଦେଇଥିଲେ। ଲୁହାକଣ୍ଟାରେ ଭ୍ୟାନ୍‌ଟକ ପଙ୍କଚର ହୋଇ ଭାରସାମ୍ୟ ହରାଇ ଗାଡ଼ି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। କୌଶଳକ୍ରମେ ଡ୍ରାଇଭର ସେଠାରୁ ଖସି ପଳାଇଥିଲେ। ଅଭିଯୁକ୍ତମାନେ ମକାନ୍ଦରଙ୍କୁ ଧରି ପ୍ଲାଷ୍ଟିକ୍ ପାଇପ୍ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ୍ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ମକାନ୍ଦରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ଭାଇ ସେକ୍ ଜିତେନ୍ଦର ମହମ୍ମଦ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ଆକ୍ରମଣ ବେଳର ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମକାନ୍ଦରଙ୍କୁ ତଳେ ପକାଇ ନିର୍ଘୁଣ ମାଡ଼ ମରାଯାଉଥିବା ଭିଡିଓରୁ ଜଣାପଡୁଛି। ଏସ୍‌ପିପ୍ରତ୍ୟୁଷଦିବାକରଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଅଜୟ କୁମାର ମୁର୍ମୁଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଆଜିଠାରୁ 'ସୂର୍ଯ୍ୟନଗର କାର୍ନିଭାଲ୍'

ଭୁବନେଶ୍ୱର,୧୬।୧
(ସୌମ୍ୟରଞ୍ଜନ ରାଉତ)

ସୂର୍ଯ୍ୟନଗର ସିଟିଜେନ୍ ଫୋରମ୍ ପକ୍ଷରୁ ଶନିବାରଠାରୁ ସୂର୍ଯ୍ୟନଗର ପାର୍କଠାରେ 'ସୂର୍ଯ୍ୟନଗର କାର୍ନିଭାଲ' ଆରମ୍ଭ ହେବ। ଦୁଇଦିନିଆ ଏହି କାର୍ନିଭାଲ ପୂର୍ବାହ୍ନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚାଲିବ। ମନୋରଞ୍ଜନଭିତ୍ତିକ ଏହି କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେଇପାରିବେ। ଏଥିରେ ମାଗଣା ସ୍ୱାସ୍ଥ୍ୟ ଶିବିର, ହସ୍ତଶିଳ୍ପ ପ୍ରଦର୍ଶନୀ, ପିଲାମାନଙ୍କ ପାଇଁ ମଜାଳିଆ ଖେଳ ସହ ଖାଦ୍ୟପ୍ରେମୀଙ୍କ ଲାଗି ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ଏଥିସହ କାର୍ନିଭାଲରେ ପ୍ରମୁଖ ଆକର୍ଷଣ ଭାବେ ରକ୍‌ଷ୍ଟାର୍ ଅଂଶୁମାନ, ଏମ୍‌ଡି ଆବିଦ୍‌ଙ୍କ ଗ୍ରୁପ୍, ମଡର୍ନ ବିଟ୍‌ସ ଦ୍ୱାରା ଲାଇଭ୍ ମ୍ୟୁଜିକ୍, ନୃତ୍ୟ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଷ୍ଟେଜ୍ ଶୋ' ରହିଛି। ଲୋକପ୍ରିୟ ହାସ୍ୟ ଅଭିନେତା ଜୁନିଅର୍ ପପୁ ସ୍ୱତନ୍ତ୍ର କମେଡି ଶୋ' ସହିତ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ଫୋରମ୍ ପକ୍ଷରୁ ସୂଚନା ମିଳିଛି।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପାଇଁ ୧୦ ଲକ୍ଷ ମଞ୍ଜୁର

ଢେଙ୍କାନାଳ,୧୬।୧(ରତନ ନାୟାର)

ଢେଙ୍କାନାଳ ସହର ୩ନଂ. ୱାର୍ଡ ମଧୁବନଠାରେ ପ୍ରସ୍ତାବିତ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର। ଏହି ଅବସରରେ ପୌରାଧ୍ୟକ୍ଷା ପାତ୍ର ପ୍ରସ୍ତାବିତ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ୩ନଂ ୱାର୍ଡର ଅନିମେଷ ରାଉତ, ସନ୍ତୋଷ ବେହେରା, ବିଜୁ ନନ୍ଦ, ଡା. ସତ୍ୟଜିତ ମିଶ୍ର, ଜୁବୁ ନନ୍ଦ, ମୁନା ତ୍ରିପାଠୀ ପ୍ରମୁଖ ଅଞ୍ଚଳବାସୀ ପୌରଧ୍ୟକ୍ଷା ପାତ୍ରଙ୍କୁ ଭେଟି ପାର୍କ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଅନୁରୋଧ କରିଥିଲେ ବୋଲି ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

# ସ୍କୁଲ ଭିତରେ ଶିକ୍ଷକଙ୍କୁ ପାଚିକା ସ୍ୱାମୀଙ୍କ ମରଣାନ୍ତକ ଆକ୍ରମଣ

କୋକସରା,୧୬।୧
(ଦୁଷ୍ମନ୍ତ କୁମାର ପାଇଯୋଷୀ)

ସ୍କୁଲ ଭିତରେ ପଶି ପାଚିକାଙ୍କ ସ୍ୱାମୀ କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। କଳାହାଣ୍ଡି ଜିଲା କୋକସରା ଥାନାର ଏକ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି। ଅଭିଯୋଗ ଅନୁସାରେ, କୋକସରା ଥାନା ବେହେରା ପଞ୍ଚାୟତ ପିପଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିଲା। ଏହି ସମୟରେ ପାଚିକା ମାଧୁରୀ ବାଗଙ୍କ ସ୍ୱାମୀ ଭାସ୍କର ବାଗ(୩୨) କୌଣସି କାରଣରୁ ସ୍କୁଲ ଭିତରକୁ ପଶିଆସି ଶିକ୍ଷକ ରିସିରାଜ ମେହେରଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଶିକ୍ଷକ ଜଣକ କୌଣସିମତେ ଜୀବନ ବଞ୍ଚାଇ ଶ୍ରେଣୀ କୋଠରି ଭିତରକୁ ଦୌଡ଼ି ପଳାଇଥିଲେ। ଏହି ଆକ୍ରମଣରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଖବର ପାଇ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନୀଳାମ୍ବର ନିଆଲ ଓ ହୃଷୀକେଶ ନିଆଲ ସ୍କୁଲରେ ପହଞ୍ଚି କୋକସରା ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଶିକ୍ଷକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଏହାସହ ଆକ୍ରମଣକାରୀ ଯୁବକ ଭାସ୍କର ବାଗଙ୍କୁ କାବୁ କରିବା ସହ କୋକସରା ଥାନାକୁ ଆଣି ପଚରାଉଚୁରା କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୯/୨୬) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

FAKIR MOHAN UNIVERSITY
NAAC 'A'
nirf Ranked 51-100 University Category
NAAC 'A' 25 YEARS OF EXCELLENCE

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ନତ୍ତୁମ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~
*EAST ZONE YOUTH FESTIVAL(UTSAH-2026)
*CONVOCATION-2026
*STATE INTER UNIVERSITY SPORTS & GAMES-2025-26
*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା — ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର

ଖଞ୍ଜା ଯନ୍ତ୍ରଣା ଓ ଆଣ୍ଠୁଗଣ୍ଠି ବାତରୁ ରକ୍ଷା ପାଆନ୍ତୁ
ବୈଦ୍ୟନାଥ ଅସଲି ଆୟୁର୍ବେଦ
Improved Baidyanath RHUMA OIL STRONG PAIN RELIEF OIL
Knee · Joint · Back Shoulder · Muscle
୧ କୋଟି+ ସନ୍ତୁଷ୍ଟ ଗ୍ରାହକଙ୍କ ଭରସା
• ଖଞ୍ଜା ଯନ୍ତ୍ରଣା
• ଆଣ୍ଠୁ ଯନ୍ତ୍ରଣା
• କାନ୍ଧ ଯନ୍ତ୍ରଣା
• ବେକ ଯନ୍ତ୍ରଣା
• ପିଠି ଯନ୍ତ୍ରଣା
କେମିକାଲ୍ ବିହୀନ
100 YEARS LEGACY
9051821345, 9438464270
www.baidyanath.com

FURNITURE INTERIOR LIFESTYLE expo 2026
LATEST DESIGNS | PREMIUM BRANDS | BEST DEALS
16th - 26th January 2026
2PM - 10PM
Club Town Ground (RTO), Damana Square, Bhubaneswar
Organised by GEM · Food Partner · Hospitality Partner RELAXIVE · In Associate With interio · Parichay Foundation · Funiture Partner THE INTERIOR PARK · Health Partner

“ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା’ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ରଟନ୍ତୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ ସବେ-ମେରାଜ (ପୂର୍ବରାତ୍ରି)



# ମନ୍ତ୍ରଣାଳୟ ସ୍ଥାନାନ୍ତର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅନେକ ଦଶନ୍ଧି ଧରି ରାଇସିନା ହିଲ୍ ଶାସନର ଏକ ପ୍ରତୀକ ଥିଲା। ଉତ୍ତର ଏବଂ ଦକ୍ଷିଣ ବ୍ଲକ୍ କ୍ଷମତାର କେନ୍ଦ୍ର ଥିଲା, ଯେଉଁଠାରେ ଫାଇଲଗୁଡ଼ିକର କାମ ଶୀଘ୍ର ହୋଇ ଶାସନ ପ୍ରକ୍ରିୟା ବିସ୍ତାରିତ କରୁଥିଲା। ମୁଖ୍ୟ ମନ୍ତ୍ରଣାଳୟଗୁଡ଼ିକ ନବନିର୍ମିତ କର୍ତ୍ତବ୍ୟ ଭବନ କମ୍ପ୍ଲେକ୍ସକୁ ସ୍ଥାନାନ୍ତରିତ ହେବାରୁ ସେହି ପୁରୁଣା ଭୌଗୋଳିକ ସ୍ଥିତିକୁ ଜାଣିଶୁଣି ଭାଙ୍ଗି ଦିଆଯାଉଛି। ପ୍ରତିରକ୍ଷା, ଆଇନ ଏବଂ ନ୍ୟାୟ, କୃଷି, ଶିକ୍ଷା, ସୂଚନା ଓ ପ୍ରସାରଣ, ରସାୟନ ଓ ସାର ଏବଂ ସିବିଆଇ ସମେତ ୯ ମନ୍ତ୍ରଣାଳୟ ଏବଂ ବିଭାଗର ସ୍ଥାନାନ୍ତର ଶାସନର ଏକ ଉଦ୍ଦେଶ୍ୟମୂଳକ ପୁନଃ କ୍ରମକୁ ପ୍ରତିଫଳିତକରେ। ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଥିବାରୁ ଦେଶର ଦୈନନ୍ଦିନ କାର୍ଯ୍ୟକୁ ନବନିର୍ମିତ ଏକ ସଚିବାଳୟକୁ ନିଆଯାଇଥିବାବେଳେ ଉତ୍ତର ଏବଂ ଦକ୍ଷିଣ ବ୍ଲକଗୁଡ଼ିକୁ ଐତିହ୍ୟ କେନ୍ଦ୍ର ଏବଂ ସଂଗ୍ରହାଳୟ ଭାବରେ ପୁନଃ ସ୍ଥାପନ କରାଯାଉଛି। ଆଧୁନିକ ଭିତ୍ତିଭୂମି, ସହଭାଗୀ ସୁବିଧା, ଶକ୍ତି ସଞ୍ଚୟ ଏବଂ ସମନ୍ୱୟକୁ ଉନ୍ନତକରି ଏହା ଦିଲ୍ଲୀରେ ଦଶନ୍ଧି ଧରି ବିକ୍ଷିପ୍ତ ଭାବେ ରହିଥିବା କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟର ଅବ୍ୟବସ୍ଥାକୁ ହ୍ରାସକରିବ ବୋଲି ଆଶା କରାଯାଉଛି। ଏହା ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ଦୀର୍ଘଦିନ ହେଲା ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥିତ କରାଯାଇପାରିନାହିଁ। ମନ୍ତ୍ରଣାଳୟଗୁଡ଼ିକର ସ୍ଥାନାନ୍ତର ଉପଲବ୍ଧତା ଓ ପ୍ରଭାବର ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିଛି, ଯାହା ନୂତନ ସ୍ଥିତି ସହ ଶୀଘ୍ର ଖାପ ଖୁଆଇବାକୁ ଚାହୁଁଥିବା ଲୋକଙ୍କୁ ସମର୍ଥନ କରିବ। ତେବେ ଏହି ପଦକ୍ଷେପ କାର୍ଯ୍ୟକ୍ଷମତାର ଯଥାସମ୍ଭବ ସଙ୍କେତ ଦେଉଛି। ଏହା ପ୍ରଶାସନକୁ ପୁନଃ ପରିଭାଷିତ କରିବାର ଏକ ବ୍ୟାପକ ପ୍ରୟାସକୁ ପ୍ରତିଫଳିତ କରେ । ଏହା କୌଣସି ସୌନ୍ଦର୍ଯ୍ୟର ବିଷୟ ନୁହେଁ ବରଂ ଭାରତ କିପରି ନିଜକୁ ସଙ୍ଗଠିତ କରେ, ଶକ୍ତିର ସଙ୍କେତ ଦିଏ ଏବଂ ଶାସନ ପରିଚାଳନାକରେ ତାହାର ଏକ ପୁନଃ ବ୍ୟବସ୍ଥୀକରଣ।

### ଦିଲ୍ଲୀରେ ଟ୍ରମ୍ପଙ୍କ ଲୋକ

ଭାରତ–ଆମେରିକା ସମ୍ପର୍କରେ ସୃଷ୍ଟି ହୋଇଥିବା ଏକ ଅପ୍ରୀତିକର ତଥା ବିବାଦୀୟ ସ୍ଥିତିରେ ସେର୍ଗିଓ ଗୋର୍ ନୂଆଦିଲ୍ଲୀକୁ ଆସିଛନ୍ତି।ଏଭଳି ସ୍ଥିତି ନିଶ୍ଚିତ ଭାବରେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ କୂଟନୈତିକ ସୁରକ୍ଷାର ସମ୍ପର୍କକୁ ହଟାଇ ଦେଇଛି। କଠୋର ଶୁଳ୍କ ଲାଗୁ କରାଯିବା ଯୋଗୁ ସମ୍ପର୍କ କ୍ଷୁଣ୍ଣ ହେବା ସହ ବାଣିଜ୍ୟିକ ବିବାଦ ତୀବ୍ର ହୋଇଛି। ଏହାସହ ପୁରୁଣା ରଣନୈତିକ ସହଭାଗିତା ଆହ୍ୱାନପୂର୍ଣ୍ଣ ସ୍ଥିତି ଦେଇ ଗତିକରୁଛି। ଗୋର୍ କୌଣସି ପାରମ୍ପରିକ ଦୂତ ନୁହନ୍ତି ଯାହାଙ୍କୁ କେବଳ ଏବକାର ସ୍ଥିତିକୁ ସହଜ କରିବାକୁ ପଠାଯାଇଛି। ସେ ହେଉଛନ୍ତି ରାଜନୈତିକ, ବାଣିଜ୍ୟିକ ସ୍ତରରେ ଟ୍ରମ୍ପଙ୍କ ନିକଟତର ବ୍ୟକ୍ତି ଏବଂ ଏକ ହ୍ୱାଇଟ୍ ହାଉସ ସହ୍ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ। ସେ କୂଟନୀତି ଉପରେ ଜୋର୍ ଦିଅନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ କାରଣ ଭାରତ ଏବେ ବନ୍ଧୁତ୍ୱପୂର୍ଣ୍ଣ ତଥା ସହଯୋଗୀ ଭାବେ ନୁହେଁ ସନ୍ଦେହାତ୍ମକ ଭାବେ କାର୍ଯ୍ୟ କରୁଛି ଏବଂ ବିଶ୍ୱାସ କରୁଛି ଯେ ଚାପରେ କାମ କରୁଛି। ଫଳରେ ଭାରତର କାର୍ଯ୍ୟକଳାପରେ ପରିବର୍ତ୍ତନ ଘଟିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍ଇଏ)ର କର୍ମଚାରୀ ଏବଂ ବାଣିଜ୍ୟ, ଅର୍ଥ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ବାବୁମାନେ ଆଉ ନୀତି ନିରନ୍ତରତା କିମ୍ବା ସଭାବନାକୁ ଡିଫଲ୍ଟ ସେଟିଂ ଭାବରେ ଗ୍ରହଣ କରିପାରିବେ ନାହିଁ। ୱାଶିଂଟନର ପଦକ୍ଷେପଗୁଡ଼ିକ ବର୍ତ୍ତମାନ ଦୀର୍ଘକାଳୀନ ରଣନୀତି ଦ୍ୱାରା କମ୍ ଏବଂ ଘରୋଇ ରାଜନୀତି ଏବଂ ବୁଝାମଣା ଦୃଷ୍ଟିକୋଣ ଦ୍ୱାରା ଅଧିକ ପରିଚାଳିତ ହେଉଛି। ବାଣିଜ୍ୟରେ ଜଟିଳତା ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଆଲୋଚକମାନେ ଏବେ ଅଧିକ ତୀକ୍ଷ୍ଣ ପରିସ୍ଥିତି, ଦ୍ରୁତ ସମନ୍ୱୟ ଏବଂ ଆମେରିକା ବଜାର ବାହାରେ ବିଶ୍ୱସନୀୟ ବିକଳ୍ପ ପାଇଁ ଯୋଜନା କରିବାକୁ ପଡ଼ିବ। ଯଦି ଭାରତ ଶୀଘ୍ର ଏବଂ ରଣନୈତିକ ଭାବରେ ଅନୁକୂଳ ହୁଏ, ତେବେ ଅସ୍ଥିରତାକୁ ନିୟନ୍ତ୍ରଣ କରାଯାଇପାରିବ।

### ସେଲ୍ ମୁଖ୍ୟଙ୍କୁ ନେଇ ଚର୍ଚ୍ଚା

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍ୟୁ)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ତାଙ୍କ ଇସ୍ତଫାପତ୍ର ଦାଖଲକରି ବିଶ୍ୱସ୍ତରୀୟ ଇସ୍ପାତ ମହାକୁମ୍ଭରେ ଏକ ବରିଷ୍ଠ ପଦବୀ ପାଇଁ ନଜର ରଖିପାରନ୍ତି ବୋଲି ଏବେ ଆଲୋଚନା ହେଉଛି। ତଥାପି, ମନ୍ତ୍ରଣାଳୟର କେହି ଏହାକୁ ସାର୍ବଜନୀନ ଭାବରେ ସ୍ୱୀକାର କରିବେ ନାହିଁ ଏବଂ ଏହା ହିଁ ସମସ୍ୟା। ପ୍ରକାଶ କୌଣସି ବିତ୍ତୀୟ ଅଧିକାରୀ ନୁହନ୍ତି। ସେ ଜଣେ ଅଭିଜ୍ଞ ଟେକ୍ନୋକ୍ରାଟ୍ ଯାହାଙ୍କର ଇସ୍ପାତ ଉତ୍ପାଦନରେ ଗଭୀର ଜ୍ଞାନ ଏବଂ ଏହି କ୍ଷେତ୍ରରେ ଦଶନ୍ଧିର ଅଭିଜ୍ଞତା ଅଛି। ତାଙ୍କ ନେତୃତ୍ୱ ଓ ନୀତିଗତ ଗତିଶୀଳତା ସେଲ୍‌କୁ ବିସ୍ତାରିତ କରିଥଲା ବୋଲି କୁହାଯାଏ। ତେବେ ତାଙ୍କୁ ନେଇ ହେଉଥିବା ଗୁଜବଗୁଡ଼ିକ ଯଦି ସତ୍ୟ ହୁଏ, ତେବେ ଏହା କିଛି ବଡ଼ ସଙ୍କେତ ଦେଇପାରେ ଯେ, ସରକାରୀ କ୍ଷେତ୍ରରୁ ବେସରକାରୀ କମ୍ପାନୀକୁ ପ୍ରତିଭାର ପଳାୟନ ଏକ ଧାରା ହୋଇଯାଉଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଯେତେବେଳେ ଶୀର୍ଷ ଅଧିକାରୀମାନେ ଅନ୍ୟତ୍ର ଭଲ ସୁଯୋଗ ପାଆନ୍ତି, ଯେତେବେଳେ ମନ୍ତ୍ରଣାଳୟଗୁଡ଼ିକ ସ୍ୱଚ୍ଛତା ବଦଳରେ କଠୋର ଅମଲାତନ୍ତ୍ରି ପ୍ରତିକ୍ରିୟା ପ୍ରକାଶ କରନ୍ତି, ସେତେବେଳେ ଏହା ବଜାର, ପିଏସ୍ୟୁ ଏବଂ ଏପରିକି ବିଦେଶୀ ନିବେଶକମାନଙ୍କୁ ସୂଚିତ କରିଥାଏ ଯେ ଭାରତର ନେତୃତ୍ୱ ଧାରା ଅସ୍ଥିର। ତେବେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଏବଂ ତଦାରଖ ସମ୍ପର୍କରେ ନିଷ୍ପତ୍ତି ନେବାକୁ ପଡ଼ିବ, କିନ୍ତୁ ଦେଖାଯାଉଛି ମନ୍ତ୍ରଣାଳୟ ଯେପରି ଅସ୍ୱୀକାର ଏବଂ ଗୁଜବ ନିୟନ୍ତ୍ରଣ ମଧ୍ୟରେ ଫସିରହିଛି।

Email: dilipcherian@gmail.com

# ପିଏଚ୍.ଡି.ର ଆତ୍ମକଥା



ଡ. ସମୀର କୁମାର ନନ୍ଦ

ସାମ୍ପ୍ରତିକ ସମୟରେ, ଖବରକାଗଜ ଏବଂ ସୋସିଆଲ ମିଡିଆ ‘ପିଏଚ.ଡି. ଡିଗ୍ରୀ’ ପାଇଥିବା ବ୍ୟକ୍ତିବିଶେଷଙ୍କ ବିଷୟରେ ଘୋଷଣାରେ ପରିପୂର୍ଣ୍ଣ। ପ୍ରାୟତଃ, ଏହି ରିପୋର୍ଟ ଗୁଡ଼ିକ ଦର୍ଶାଏ ଯେ କାହାକୁ ସମ୍ମାନସୂଚକ ପିଏଚ.ଡି. ପ୍ରଦାନ କରାଯାଇଛି। ତଥାପି, ଅନେକ ପାଠକ ସମ୍ପୂର୍ଣ୍ଣ ଭାବରେ ବୁଝିପାରନ୍ତି ନାହିଁ ଯେ ଏକ ସମ୍ମାନସୂଚକ ପିଏଚ.ଡି ପ୍ରକୃତରେ କ’ଣ ପ୍ରତିନିଧିତ୍ୱ କରେ କିମ୍ବା ଏହା ଏକ ନିୟମିତ ଅର୍ଜିତ ଡକ୍ଟରେଟ ଡିଗ୍ରୀଠାରୁ କିପରି ଭିନ୍ନ। ବି.ଏ. କିମ୍ବା ଏମ.ଏ. ପରି, ପିଏଚ.ଡି. ଏକ ଶୈକ୍ଷିକ ଡିଗ୍ରୀ। ତଥାପି ଏହା ଏପରି ଏକ ଯାହା ପାଇଁ ଉଚ୍ଚତମ ସ୍ତରର ବିଦ୍ୱାନ ପ୍ରତିବଦ୍ଧତା, କଠୋର ପରୀକ୍ଷା ଏବଂ ବର୍ଷ ବର୍ଷର ଗବେଷଣା ଆବଶ୍ୟକ କରେ।

ପିଏଚ.ଡି. ପ୍ରୋଗ୍ରାମରେ ପ୍ରବେଶ ପାଇଁ, ଜଣେ ଛାତ୍ରଙ୍କୁ ପ୍ରଥମେ ଆବଶ୍ୟକୀୟ ମାର୍କ ସହିତ ମାଷ୍ଟର ଡିଗ୍ରୀ (ଏମ.ଏ. କିମ୍ବା ସମକକ୍ଷ) ହାସଲ କରିବାକୁ ପଡ଼ିବ। ପ୍ରବେଶ ପାଇଁ ସାଧାରଣତଃ ବିଶ୍ୱବିଦ୍ୟାଳୟ କିମ୍ବା GATE, UGC-NET, କିମ୍ବା CSIR-NET ପରି ଜାତୀୟ ସଂସ୍ଥା ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଏହି ପର୍ଯ୍ୟାୟଗୁଡ଼ିକ ଯୋଗ୍ୟତା ହାସଲ କରିବା ପରେ ହିଁ ପ୍ରକୃତ ଯାତ୍ରା ଆରମ୍ଭ ହୁଏ। ଜଣେ ଗବେଷଣା ବିଦ୍ୱାନଙ୍କୁ ଅନେକ ବର୍ଷ ଅଧ୍ୟୟନ, ତଥ୍ୟ ସଂଗ୍ରହ, ମୌଳିକ ଗବେଷଣା ଏବଂ ଏକ ଥେସିସ୍ ଲେଖିବାରେ ବିତାଇବାକୁ ପଡ଼ିବ। ଏହି ଥେସିସ୍ ବାହ୍ୟ ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଏ ପ୍ରାୟତଃ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଏବଂ ମୌଖିକ ପରୀକ୍ଷାରେ ସଫଳତାର ସହ କାର୍ଯ୍ୟକୁ ରକ୍ଷା କରିବା ପରେ ହିଁ ଚୂଡ଼ାନ୍ତ ଡିଗ୍ରୀ ପ୍ରଦାନ କରାଯାଏ। ସଂକ୍ଷେପରେ, ପିଏଚ.ଡି ହାସଲ କରିବା ପାଇଁ ବର୍ଷ ବର୍ଷ ଧରି ସମର୍ପଣ, ଶୃଙ୍ଖଳା ଏବଂ ବୌଦ୍ଧିକ ଶ୍ରମ ଆବଶ୍ୟକ।

ସେହିପରି ଡି .ଲିଟ ଓ ଡି ଏସସି ଡିଗ୍ରୀ ମଧ୍ୟ ସେମିତି ପରୀକ୍ଷା ଦେଇ ହାସଲ କରାଯାଏ । ତେଣୁ ଯଦି ଜଣେ ଏମିତି ପରୀକ୍ଷା ଦେଇ ପିଏଚ. ଡିଗ୍ରୀ ପାଇଥିବେ, ସେ କେବଳ ନିଜ ନାମ ଆଗରେ ଡକ୍ଟର ବୋଲି ଲେଖିପାରିବେ। ଯେହେତୁ ଏସବୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ତେଣୁ କୌଣସି ବ୍ୟକ୍ତି ବିଶେଷଙ୍କୁ କୌଣସି କ୍ଷେତ୍ରରେ ଜୀବନବ୍ୟାପି ସାଧନା ଲାଗି ସମ୍ମାନିତ କରିବା ପାଇଁ ସମ୍ମାନସୂଚକ



ପିଏଚ. , ଡିଲିଟ କିମ୍ବା ଡିଏସ୍‌ସି ଡିଗ୍ରୀ ପ୍ରଦାନ କରାଯାଏ। ଯେହେତୁ ଏଇଟା କେବଳ ସମ୍ମାନସୂଚକ ପ୍ରଦାନ ତେଣୁ ସେମାନେ ନିୟମ ଅନୁସାରେ ତାଙ୍କ ନାମ ଆଗରେ ଡକ୍ଟର ଲେଖିବା କଥା ନୁହେଁ। ଏବେ ତ ଭାରତ ସରକାର ପଦ୍ମଶ୍ରୀ, ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ ମଧ୍ୟ ତାଙ୍କ ନାମ ଆଗରେ ଏଇଟା ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡି.ଲିଟ (ସାହିତ୍ୟର ଡକ୍ଟର) ଏବଂ ଡି.ଏସ୍‌ସି (ବିଜ୍ଞାନର ଡକ୍ଟର) ଭଳି ଡିଗ୍ରୀଗୁଡ଼ିକ ଗବେଷଣା ଏବଂ ମୂଲ୍ୟାଙ୍କନର ଆହୁରି ଉନ୍ନତ ସ୍ତର ଅନୁସରଣ କରନ୍ତି। ତେଣୁ, ପରୀକ୍ଷା ଏବଂ ଗବେଷଣା ମାଧମରେ ଏହି ଡିଗ୍ରୀ ଅର୍ଜନ କରୁଥିବା ବ୍ୟକ୍ତିମାନେ ସେମାନଙ୍କ ନାମ ପୂର୍ବରୁ ‘ଡକ୍ଟର’ ନାମ ଲେଖିବାର ଅଧିକାର ପାଇପାରିବେ।

ତଥାପି, ସମ୍ମାନଜନକ ଡକ୍ଟରେଟ ମୌଳିକ ଭାବରେ ଭିନ୍ନ। ସମାଜ, ଛାତ୍ରବୃତ୍ତି, କଳା, ଜନସେବା କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚଡି, ଡି.ଲିଟ୍ କିମ୍ବା ଡି.ଏସସି ଡିଗ୍ରୀ ପ୍ରଦାନ କରନ୍ତି। ଏହି ଡିଗ୍ରୀଗୁଡ଼ିକ ପୁରସ୍କାର, ଶିକ୍ଷାଗତ ଯୋଗ୍ୟତା ନୁହେଁ ଏବଂ ଏଥିପାଇଁ କୌଣସି ପାଠ୍ୟକ୍ରମ, ଗବେଷଣା କିମ୍ବା ପରୀକ୍ଷା ଆବଶ୍ୟକ ନାହିଁ। ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଶିକ୍ଷାଗତ ନିୟମ ଅନୁଯାୟୀ, ସମ୍ମାନଜନକ ଡକ୍ଟରେଟ ପ୍ରାପ୍ତକର୍ତ୍ତାମାନେ ସେମାନଙ୍କ ନାମ ପୂର୍ବରୁ ‘ଡକ୍ଟର’ ବ୍ୟବହାର କରିପାରିବେ ନାହିଁ।

ପୂର୍ବରୁ, ପିଏଚଡି ଅର୍ଜନ କରିବାରେ ଆହୁରି ବଡ଼ ବାଧା ସୃଷ୍ଟି ହେଉଥିଲା। ଦୁଇଜଣ ଭାରତୀୟ ଏବଂ ଜଣେ ବିଦେଶୀ ପରୀକ୍ଷକଙ୍କ ଏକ ପ୍ୟାନେଲ ଦ୍ୱାରା ଥେସିସ୍ ମୂଲ୍ୟାଙ୍କନ କରାଯାଉଥିଲା, ଯାହା ପ୍ରାୟତଃ ଦୀର୍ଘ ବିଳମ୍ବକୁ ବୁଝାଉଥିଲା। ଯଦିଓ ସମୟ ସହିତ ଏହି ନିୟମଗୁଡ଼ିକ ପରିବର୍ତ୍ତନ ହୋଇଛି, ଡିଗ୍ରୀ କଠୋର ମୂଲ୍ୟାଙ୍କନ ଦାବି କରୁଛି। ପ୍ରକ୍ରିୟାଟି ଥରେ କେତେ ଚ୍ୟାଲେଞ୍ଜିଂ ଥିଲା ତାହା ଦର୍ଶାଇବା ପାଇଁ, ଆସନ୍ତୁ ଆମେ ପ୍ରଫେସର ବିଜୟ ତ୍ରିପାଠୀଙ୍କ ଲେଖାରେ ଦଲିଲ ହୋଇଥିବା ଏକ ଘଟଣାକୁ ପୁନର୍ବାର ଦେଖିବା। ୧୯୪୦ ମସିହାରେ, ପ୍ରଫେସର ଡକ୍ଟର ହରଦେବ ବାହାରୀ ସେତେବେଳେ ଲାହୋର କଲେଜର ଜଣେ ଅଧ୍ୟାପକ ଏବଂ ପରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଭାଷାବିଜ୍ଞାନ ବିଭାଗର ମୁଖ୍ୟ ତାଙ୍କର ପିଏଚଡି କରୁଥିଲେ। ହରଦେବ ବାହାରୀ (୧ ଜାନୁଆରୀ ୧୯୦୭ – ୩୧ ମାର୍ଚ୍ଚ ୨୦୦୦) ଜଣେ ପ୍ରଖ୍ୟାତ ଭାଷାବିତ୍, ସାହିତ୍ୟିକ ସମାଲୋଚକ ଏବଂ ଶବ୍ଦକୋଷକାର ଥିଲେ ଯାହା ହିନ୍ଦୀ, ପଞ୍ଜାବୀ ଏବଂ ଅନ୍ୟାନ୍ୟ ଇଣ୍ଡୋ–ଆର୍ଯ୍ୟ ଭାଷାରେ ତାଙ୍କର ଅଗ୍ରଣୀ କାର୍ଯ୍ୟ ପାଇଁ ଜଣାଶୁଣା। ସେ ଅନେକ ଏକଭାଷୀ ଏବଂ ଦ୍ୱିଭାଷୀ ଅଭିଧାନ ସଂକଳନ କରିଥିଲେ, ଯାହା ମଧ୍ୟରୁ ଅନେକ ଆଜି ମାନକ ସନ୍ଦର୍ଭ ହୋଇ ରହିଛି।

ମୂଲ୍ୟାଙ୍କନ ପ୍ରକ୍ରିୟାର ଏକ ଅଂଶ ଭାବରେ, ତାଙ୍କ ଥେସିସ୍‌ର ଏକ କପି ଲଣ୍ଡନ ବିଶ୍ୱବିଦ୍ୟାଳୟର ଜଣେ ଭାଷାବତ୍‌ଙ୍କ ନିକଟକୁ ପଠାଯାଇଥିଲା। ମାସ ବିତିଗଲା କୌଣସି ଉତ୍ତର ନ ମିଳିଲା। ଚିନ୍ତିତ ହୋଇ, ବାହାରୀ ତାଙ୍କ ପିଲାଦିନର ବନ୍ଧୁ, ଜଣାଶୁଣା ଅଭିନେତା ଏବଂ ଲେଖକ ବଲରାଜ ସାହାଣୀଙ୍କୁ ଲେଖିଲେ, ଯିଏ ସେତେବେଳେ ଲଣ୍ଡନରେ ବିବିସିରେ କାମ କରୁଥିଲେ ଏବଂ ତାଙ୍କୁ ପଚାରିବାକୁ ଅନୁରୋଧ କଲେ। ସାହାଣୀ ଜାଣିଲେ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଶତ୍ରୁ ଆକ୍ରମଣରେ ଥେସିସ୍ ବହନ କରୁଥିବା ଜାହାଜ ବୁଡ଼ି ଯାଇଥିଲା। ଫଳସ୍ୱରୂପ, ଥେସିସ୍‌ଟି କେବେ ଲଣ୍ଡନରେ ପହଞ୍ଚି ନ ଥିଲା। ଏହି ଖବର ପାଇବା ପରେ, ବାହାରୀ ଆଉ ଏକ କପି ପ୍ରସ୍ତୁତ କରି ପୁଣି ପଠାଇଲେ, ଶେଷରେ ସଫଳତାର ସହ ତାଙ୍କର ପିଏଚ.ଡି ସମାପ୍ତ କଲେ।

ଆଜି, ସମଗ୍ର ଶିକ୍ଷା ପ୍ରକ୍ରିୟା ବହୁତ ସୁଗମ ହୋଇଯାଇଛି। ଆବେଦନ, ଦାଖଲ, ମୂଲ୍ୟାଙ୍କନ ଏବଂ ଏପରି କି ମୌଖିକ ପରୀକ୍ଷା ପ୍ରାୟତଃ ଅନଲାଇନରେ ମଧ୍ୟ କରାଯାଇ ପାରୁଛି । ତଥାପି, ଏହି ସୁବିଧା ସତ୍ତ୍ୱେ, ଶିକ୍ଷାଗତ ପିଏଚ.ଡି ଏକ କଠୋର ଗବେଷଣା ଡିଗ୍ରୀ ଭାବରେ ରହିଯାଏ, ଏକ ସମ୍ମାନଜନକ ଡକ୍ଟରେଟ ସହିତ ଦ୍ୱନ୍ଦ୍ୱରେ ପଡ଼ିବା ଉଚିତ ନୁହେଁ। ଏହା ମଧ୍ୟ ଉଲ୍ଲେଖନୀୟ ଯେ ସରକାରୀ ପିଏଚଡି ସାର୍ଟିଫିକେଟ କେବଳ ‘ଡକ୍ଟର ଅଫ ଫିଲୋସୋଫି ଡିଗ୍ରୀ’ ଉଲ୍ଲେଖ କରେ ଏବଂ ଡିଗ୍ରୀ ସମ୍ମାନଜନକ କି ନାହିଁ ତାହା ସୂଚାଏ ନାହିଁ।

ଏହି ପାର୍ଥକ୍ୟଗୁଡ଼ିକୁ ବୁଝିବା ଅତ୍ୟନ୍ତ ଜରୁରୀ, ବିଶେଷକରିଯେତେବେଳେସମ୍ମାନଜନକଡିଗ୍ରୀବହୁଳ ଭାବରେ ପ୍ରଚାରିତ ହୁଏ ଏବଂ କେତେକ ସମୟରେ ଭୁଲ ବୁଝାଯାଏ। ଶିକ୍ଷାଗତ ପିଏଚ.ଡି ବର୍ଷ ବର୍ଷ ଧରି ପ୍ରୟାସ କରି ଅର୍ଜନ କରାଯାଏ ; ସମ୍ମାନଜନକ ଡକ୍ଟରେଟ ହେଉଛି ସମ୍ମାନର ଏକ ଇଙ୍ଗିତ। ଦୁଇଟିକୁ କେବେ ବି ମିଶ୍ରଣ କରାଯିବା ଉଚିତ ନୁହେଁ।

ମୋ : ୯୪୩୭୨୧୮୯୧୭

## ଏଇ ଭାରତରେ

ସୁସ୍ଥ ପରିବେଶ ସୁସ୍ଥ ପୃଥିବୀ ଗଢ଼ିବ। ଏଣୁ ଆଗାମୀ ପିଢ଼ି ପାଇଁ ପରିବେଶକୁ ସୁରକ୍ଷିତ ରଖିବା ଏବର ବୟସ୍କଙ୍କ ଦାୟିତ୍ୱ। ଏହାକୁ କୌଣସି ପ୍ରକାରେ ଅଣଦେଖା କରିବା ଉଚିତ ନୁହେଁ ବରଂ ଏଦିଗରେ ପଶ୍ଚିମବଙ୍ଗର ରମେଶ ଚନ୍ଦ୍ରନଙ୍କଠାରୁ ଶିକ୍ଷା ନେବା ଆବଶ୍ୟକ। ରମେଶ ହେଉଛନ୍ତି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଏବେ ତାଙ୍କୁ ବୟସ ୭୦ରୁ ଊର୍ଦ୍ଧ୍ୱ। ଅବସର ପରେ ସେ ଲକ୍ଷ୍ୟ କରିଥିଲେ ଯେ, କୋଲ୍‌କାତାରେ ବଡ଼ ବଡ଼ ଗଛଗୁଡ଼ିକୁ କାଟିଦିଆଯାଉଛି କିମ୍ବା ସେଗୁଡ଼ିକ ମରିଯାଉଛି। ଏହି ଦୃଶ୍ୟ ଦେଖି ନିଜ ବାଟରେ ଚାଲି ଯାଉଥିବାବେଳେ ରମେଶ କିଛି ସମୟ ଗଛ ପାଖରେ ରହି ପରିବେଶ ପାଇଁ ସେମାନଙ୍କ ଆବଶ୍ୟକତାକୁ ଅନୁଭବ କରିଥିଲେ। ପରେ ସେ ଛୋଟ ଚାରା ଗଛ ନେଇ ଲଗାଇବା ଆରମ୍ଭ କରିଦେଲେ। ଚାରା ଲଗାଇବା ପରେ ପ୍ରତିଦିନ ସକାଳ ୫ଟାରେ ଉଠି ୨୦ ଲିଟର ପାଣି ନେଇ ବାହାରିଯାଇ ଗଛଗୁଡ଼ିକରେ ଦେଇଥାନ୍ତି। ପ୍ରାରମ୍ଭିକ ସମୟରେ ଏହାକୁ ଦେଖି ଲୋକେ ଏଡ଼ାଇ ଚାଲିଯାଉଥିଲେ। ହେଲେ ସମୟକ୍ରମେ ରମେଶଙ୍କ ଏହି କାର୍ଯ୍ୟ ଲୋକମାନଙ୍କୁ ଆକର୍ଷିତ କରିଥିଲା। ଧୀରେ ଧୀରେ ପଡ଼ୋଶୀମାନେ ତାଙ୍କ ସହ ସାମିଲ ହୋଇଥିଲେ, ସୁରକ୍ଷା ଗାର୍ଡମାନେ ସାହାଯ୍ୟ ମଧ୍ୟ କଲେ। ସକାଳେ ଚାଲିବାକୁ ଯାଉଥିବା ଲୋକେ ମଧ୍ୟ ନିଜ ପକେଟରେ ପାଣି ନେଇ ଆସିଲେ। ଫଳରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ ପରେ ଲୋକଙ୍କ ଅଭିଯାନ ପାଲଟିଗଲା। ଏବେ ତାଙ୍କ ଉଦ୍ୟମରେ ୨୦,୦୦୦ରୁ ଅଧିକ ଗଛ ଲଗାଯାଇ ସାରିଲାଣି।

# ଆଜିର ଯୁବସମାଜ



ଡ. ମନୋରଞ୍ଜନ ପ୍ରଧାନ

‘‘କିଛି ଦିନ ପୂର୍ବେ ଜଣେ ଛାତ୍ରଙ୍କୁ କହିଲି ଆସନ୍ତା ରବିବାର କିଛି ସାମାଜିକ ସେବା କରିବା। କଥା ଶୁଣି ଯୁବ ଛାତ୍ର ଜଣକ ଉତ୍ତର ଦେଲା– ସରି ସାର୍, ଆଇ ୱିଲ କମ୍ପଲିଟ୍ ମାଇଁ ସ୍ଲିପ ସାଇକେଲ। ମାନେ ସାର୍ ରବିବାର ଦିନ ମୁଁ ମୋର ନିଦ ପୂରା କରିବି। ମୁଁ ପଚାରିଲି ଅନ୍ୟ ଦିନ ଶୋଉ ନାହଁ କି? ସେ କହିଲେ ରାତି ବାରରୁ ସକାଳ ସାଢ଼େ ଆଠ ଯାଏ ଶୋଉଛି କିନ୍ତୁ ରବିବାର ଭଳି ଛୁଟି ଦିନଗୁଡ଼ିକରେ ଅନ୍ତତଃ ବାର ଚଉଦ ଘଣ୍ଟା ଶୋଇଥାଏ। ଏହା ହେଉଛି ଆଜିକାଲିର ଯୁବପିଢ଼ିଙ୍କ ମାନସିକତା। ସେହିପରି ଯେତେବେଳେ ଛାତ୍ରୀଛାତ୍ରଙ୍କୁ ପଚାରେ ଆଜି କ’ଣ ଖାଇଛ? ପ୍ରାୟତଃ ଉତ୍ତର ଆସେ ଫାଷ୍ଟ ଫୁଡ୍ ଖାଇ ଦେଇଛି। ସେହିପରି ଘଣ୍ଟା ଘଣ୍ଟା ଧରି ମୋବାଇଲ ଫୋନ ବ୍ୟବହାର କରିବା ଏମାନଙ୍କ ଏକ ସଉକ। ଅପରପକ୍ଷରେ, ଆଜିର ଯୁବସମାଜ କୌଣସି କାରଣବଶତଃ ନିଶା ପାନ ଭଳି କୁଅଭ୍ୟାସର ବଶବର୍ତ୍ତୀ। ମଦଦୋକାନ ପାଖରେ କିଶୋରମାନଙ୍କୁ ଦେଖିଲେ ମନରେ ଆଘାତ ସୃଷ୍ଟି ହୁଏ। ଗୁଟ୍‌ଖାର ବେପରୁଆ ବ୍ୟବହାର ଯୁବବର୍ଗଙ୍କ ଏକ କୁଅଭ୍ୟାସ ଯାହାର କୁପରିଣତି ନିଜେ, ପରିବାର ଓ ସମଗ୍ର ସମାଜକୁ ଭୋଗିବାକୁ ପଡୁଛି। କିନ୍ତୁ ତାଙ୍କୁ କହିବ କିଏ! ମାନେ ଆଜିକାଲି ଯୁବଗୋଷ୍ଠୀଙ୍କ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବିଶୃଙ୍ଖଳିତ, ଅସନ୍ତୁଳିତ ଏବଂ ସେମାନଙ୍କ ଆଚରଣ ମଧ୍ୟ ସମାଜ ଉପଯୋଗୀ ନୁହେଁ। ଶୋଇବା, ଉଠିବା, ଖାଇବା ଇତ୍ୟାଦିରେ କୌଣସି ସମୟ ସାରଣୀ ନାହିଁ। ପାଟିଟା ସ୍ୱାଦଚଖା ଯନ୍ତ୍ର। ମୋବାଇଲ ପାଇଁ ଏମାନେ ରାତିଚର। ନିଶାଦ୍ରବ୍ୟଲାଗି ଏମାନେ ଏକ ପ୍ରକାର ପାଗଳ। ଏଭଳି ପରିସ୍ଥିତିରେ ଏମାନଙ୍କଠୁ ପିତାମାତା ଓ ଦେଶବାସୀ କ’ଣ ଆଶାକରିବେ।

ଆଜିକାଲିର ଯୁବଗୋଷ୍ଠୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ। କିନ୍ତୁ ସାମାଜିକ ଜୀବନ ଧାରଣର ମୌଳିକ ଗୁଣାବଳୀ ଆଦି ତୁଳନାତ୍ମକ ଭାବରେ ନଗଣ୍ୟ। ଏମାନେ ପରୀକ୍ଷାରେ ସଫଳ କିନ୍ତୁ ଜୀବନରେ ବିଫଳ। ଜୀବିକା କଳା କୌଶଳରେ ପ୍ରବୀଣ କିନ୍ତୁ ଜୀବନ କଳା କୌଶଳ ବିକାଶ କ୍ଷେତ୍ରରେ ପଛୁଆ। ଜ୍ଞାନ, ଦକ୍ଷତା ଓ କୌଶଳ ବିଦ୍ୟାରେ ପାରଙ୍ଗମ, ହେଲେ ନୈତିକତା, ମୂଲ୍ୟବୋଧ, ଅନୁଶାସନ ଆଦିରେ ପଛରେ। ବିଚାର ବିଭ୍ରାଟ ଓ ବିପର୍ଯ୍ୟସ୍ତ ଦିନଚର୍ଯ୍ୟା ଏମାନଙ୍କ ପାଇଁ ବଡ଼ ସଙ୍କଟ।

ଆମ ସାମାଜିକ ବ୍ୟବସ୍ଥାରେ ବ୍ରହ୍ମ ସ୍ନାନ, ଋଷି ସ୍ନାନ, ଦେବ ସ୍ନାନ, ମାନବ ଓ ଦାନବ ସ୍ନାନ ଆଦି ଅନେକପ୍ରକାର ସ୍ନାନ ବ୍ୟବସ୍ଥାର ସଂରଚନା ଅଛି। କିନ୍ତୁ ଯୁବଗୋଷ୍ଠୀ ପାଇଁ ଦାନବ ବା ରକ୍ତ ସ୍ନାନ ହିଁ ଏକମାତ୍ର ବିକଳ୍ପ। କାରଣ ଏମାନଙ୍କ ଉଠିବା ସମୟ ଦିନ ୯ ପରେ। ଖାଇବା ପିଇବାରେ କୌଣସି ଶୃଙ୍ଖଳା ନାହିଁ କହିଲେ ଚଳେ। ଯେତେବେଳେ ଯାହା ମିଳିଲା ଖାଇ ଚାଲିଲେ। ପୋଷଣ ଯୁକ୍ତ ସ୍ୱଦେଶୀ ଖାଦ୍ୟ ଏମାନଙ୍କୁ ରୁଚିକର ନୁହେଁ। ସେଥିପାଇଁ ଖାଦ୍ୟଜନିତ ରୋଗରେ ପୀଡ଼ିତ ହେବା ଏକ ସାଧାରଣ ଘଟଣା। ହଜମଜନିତ, ଅମ୍ଳ ଦୋଷ ଜନିତ, ମଧୁମେହ, ମେଦବହୁଳ, ରକ୍ତଚାପ ଆଦି ଅନେକ ଶାରୀରିକ ସମସ୍ୟାର ସମ୍ମୁଖୀନ ଆଜିର ଯୁବପିଢ଼ି। ହୃଦ୍‌ଘାତଜନିତ ଅକାଳ ମୃତ୍ୟୁବରଣ ସଂଖ୍ୟା ବହୁଗୁଣିତ ହୋଇଛି। ଯଦିଓ ଏହାର ବାସ୍ତବ କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଠିକ୍ କହିପାରିବେ। କିନ୍ତୁ ସାଧାରଣ ଭାବରେ କହିଲେ ଅସନ୍ତୁଳିତ ଦିନଚର୍ଯ୍ୟା ଓ ଅଶୃଙ୍ଖଳିତ ଖାଦ୍ୟାଭ୍ୟାସ ଏଭଳି ସଙ୍କଟର କାରଣ ହୋଇପାରେ।



ନିଜକୁ ନିଜେ ନ୍ୟାୟ ପ୍ରଦାନ କରିବାରେ ଅସମର୍ଥ ଆଜିର ଯୁବବର୍ଗଙ୍କ ସମାଜ ଓ ପରିବେଶ ପ୍ରତି ମଧ୍ୟ ସେମାନଙ୍କ ଉତ୍ତରଦାୟିତ୍ୱ ଥିବା ଭଳି ପରିଲକ୍ଷିତ ହେଉନାହିଁ। ବେଧଡ଼କ ପଲିଥିନ ଓ ପ୍ଲାଷ୍ଟିକର ଅପର୍ଯ୍ୟାପ୍ତ ବ୍ୟବହାର ଏହାର ଏକ ଜ୍ୱଳନ୍ତ ନମୁନା। ଜଳଖିଆ ପାର୍ସଲଠାରୁ ପନିପରିବା ନେବା ଯାଏ ସବୁଠି ପଲିଥିନର ଉପଯୋଗ ପରିବେଶ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ବୃତ୍ତିଗତ ମୂଲ୍ୟବୋଧର ଅଭାବ ମଧ୍ୟ ସ୍ପଷ୍ଟ। ଏମାନେ ସମସ୍ତେ ସହରରେ କାମ କରିବାକୁ ପ୍ରସ୍ତୁତ କିନ୍ତୁ ଗାଁ କଥା କହିଲେ ପଳାୟନପନ୍ଥୀ। କାମ କରିବାର ମାନସିକତା ମଧ୍ୟ ବହୁତ ନକାରାତ୍ମକ। ଲାଭାର୍ଥୀମାନଙ୍କୁ ଉପଯୁକ୍ତ ସେବା ଦେବାରେ କୁଣ୍ଠିତ। ସଂକ୍ଷେପରେ କହିଲେ ଆଜିର ଯୁବ ସମାଜ ମୁଖ୍ୟତଃ ଆତ୍ମକୈନ୍ଦ୍ରିକ। ଆପଣା ସୁଖ ସେମାନଙ୍କ ଜୀବନର ଲକ୍ଷ୍ୟ।

ଅମନଯୋଗୀ, ବୃତ୍ତିଗତ ମୂଲ୍ୟବୋଧର ଅଭାବ, ଅସହନଶୀଳତା, ଅଳସୁଆ ମନୋଭାବ, ଅଧିକ ସ୍ୱାର୍ଥୀ, ସମାଜ ଓ ରାଷ୍ଟ୍ର ମନସ୍କ କମ, ମାତାପିତା ତଥା ଗୁରୁଜନଙ୍କ ପ୍ରତି ସମ୍ମାନ ବୋଧର ଘୋର ଅଭାବ, ବିଶୃଙ୍ଖଳିତ ଆଚରଣ ଇତ୍ୟାଦି ଯୁବପିଢ଼ିକୁ ବିପଥଗାମୀ କରୁଛି।

ପ୍ରକୃତରେ ଯୁବାବସ୍ଥା ହେଉଛି ଜୀବନର ପ୍ରକୃଷ୍ଟ ସମୟ। ଏହି ସମୟରେ ସବୁ ଅସମ୍ଭବକୁ ସମ୍ଭବ କରାଯାଇପାରେ। ଏ ସମୟରେ ଯୁବତୀଯୁବକଙ୍କ ପାଖରେ ଥାଏ ଦୃଢ଼ ମନୋବଳ, ଅବିଶ୍ୱାସ୍ୟ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ, ଅଦମ୍ୟ ସାହସ, ଶୌର୍ଯ୍ୟ, କିଛିକରି ଦେଖେଇବାର ମାନସିକତା ଓ ସଙ୍କଳ୍ପ, ଅସୀମ ସମ୍ଭାବନା ଓ ଯେକୌଣସି କାର୍ଯ୍ୟ ସମ୍ପାଦନର ଅସୀମ ଧୈର୍ଯ୍ୟ ଓ ଶକ୍ତି। କିନ୍ତୁ ମୂଲ୍ୟବୋଧର ଅଭାବ କାରଣରୁ ଯୁବପିଢ଼ି ବିପଥଗାମୀ। ଇତିହାସ ପୃଷ୍ଠାକୁ ଓଲଟାଇଲେ ଜଣାଯାଏ କି ଆଜି ବିଶ୍ୱ ପ୍ରସିଦ୍ଧ ମହାପୁରୁଷମାନେ ନିଜର ଯୁବାବସ୍ଥାରେ ଯାହା କରିଛନ୍ତି, ସେଥିପାଇଁ ସେମାନେ ଅମର ହୋଇରହିଛନ୍ତି। ଯଦି ଯୁବାବସ୍ଥାରେ ଶୋଇ ରହିବା, ଅମନଯୋଗୀ ହେବା, ସମୟର ଅପଚୟ କରିବା, ନିଜ କାମ ଠିକ୍ ଭାବେ କରିବା ନାହିଁ, ଠିକ୍ ଜ୍ଞାନ ଓ କୌଶଳ ଶିଖିବା ନାହିଁ, ମାନବୀୟ ମୂଲ୍ୟବୋଧ ଆହରଣ କରିବା ନାହିଁ ଏବଂ ସମାଜ, ରାଷ୍ଟ୍ର ତଥା ବିଶ୍ୱ ପାଇଁ କିଛି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ନାହିଁ, ତା’ହେଲେ ଯୁବପିଢ଼ି ସମାଜର ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ବା ବୋଝ ହୋଇ ନିଜର ଓ ସମାଜର ଅସୀମ କ୍ଷତି କରିବେ। ତେଣୁ ଯୁବ ସମାଜ ନିଜର ସାମର୍ଥ୍ୟ ଜାଣି ଓ ବୁଝି, ନିଜ ପାଇଁ, ପରିବାର ପାଇଁ, ରାଷ୍ଟ୍ର ଓ ସମାଜ ପାଇଁ କିଛି କରି ଜୀବନର ସାର୍ଥକତା ହାସଲ କରିବା ଉଚିତ। ହଁ ମନେରଖିବା ଉଚିତ୍ କି ମାନବିକତା, ମୂଲ୍ୟବୋଧ ଓ ନୈତିକତା ବିନା ଆମର ସମସ୍ତ କୃତି ଓ କୀର୍ତ୍ତି ନିଷ୍ଫଳ ଏବଂ ଅର୍ଥହୀନ। ଏ କଥା ମଧ୍ୟ ମନେରଖିବା ଉଚିତ୍ କି ଯୁବଶକ୍ତି ହିଁ ରାଷ୍ଟ୍ର ଶକ୍ତି। ସେମାନଙ୍କ ଶକ୍ତି, ସାମର୍ଥ୍ୟ ଓ ସମର୍ପଣ ହିଁ ଗୋଟିଏ ରାଷ୍ଟ୍ରକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ ଓ ସମୃଦ୍ଧିର ଶୀର୍ଷରେ ପହଞ୍ଚିବା ପାଇଁ ମାର୍ଗ ପ୍ରଶସ୍ତ କରିବ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୭୦୦୮୨୮୩୦୫୫**

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଜାନୁଆରୀ ୧୯୭୭**

- ସବୁ ର୍ୟାଙ୍କର ସୈନ୍ୟବାହିନୀ ଅଫିସରମାନଙ୍କ ଚାକିରି ସମୟସୀମା ଦୁଇ ବର୍ଷ ବୃଦ୍ଧି କରାଯାଇଥିବା ନେଇ ଜେନେରାଲ ଟି.ଏନ୍. ରାଇନା ଘୋଷଣା କରିଛନ୍ତି।
- ସମୁଦ୍ର ଭିତରେ ଭାରତର ଅର୍ଥନୈତିକ ଜୋନ ସମୁଦ୍ରକୂଳରୁ ୨ ଶହ ମାଇଲବ୍ୟାପୀ ଭିତରକୁ ରହିବ ବୋଲି ଭାରତ ପକ୍ଷରୁ ଘୋଷଣା କରାଯାଇଛି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 8 | | 5 | 9 |
| | | 1 | 9 | | | | | 8 |
| | 3 | 9 | | 5 | | | | |
| | | | | | | | | 5 |
| 3 | | | | | | 4 | | 2 |
| | 6 | | | | 2 | | | |
| | 7 | 6 | 5 | | | | 8 | |
| | | | | 1 | | | 6 | 4 |
| | 2 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 9 | 5 | 6 | 8 | 1 | 2 |
| 9 | 6 | 1 | 3 | 8 | 2 | 7 | 4 | 5 |
| 2 | 8 | 5 | 7 | 4 | 1 | 9 | 6 | 3 |
| 4 | 5 | 9 | 6 | 1 | 3 | 2 | 7 | 8 |
| 6 | 1 | 3 | 2 | 7 | 8 | 5 | 9 | 4 |
| 8 | 7 | 2 | 5 | 9 | 4 | 1 | 3 | 6 |
| 7 | 2 | 4 | 1 | 3 | 5 | 6 | 8 | 9 |
| 1 | 3 | 6 | 8 | 2 | 9 | 4 | 5 | 7 |
| 5 | 9 | 8 | 4 | 6 | 7 | 3 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୋବାଇଲ ବ୍ୟବହାର ଉପରେ କଟକଣା ରହୁ

ମହାଶୟ,

ପାରିବାରିକ ଅଶାନ୍ତି, ଅଭାବ ଅନଟନ, ପ୍ରେମରେ ବିଫଳତା, ପ୍ରେମରେ ଠକାମି କିମ୍ବା ମୋବାଇଲରେ ଅଶ୍ଳୀଳତା କିଶୋରୀ କିଶୋର ଏବଂ ଯୁବତୀ ଯୁବକଙ୍କୁ ବିପଥଗାମୀ କରିଥାଏ ଏବଂ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇ କରିଥାଏ। କୋମଳମତି ବାଳିକା ବାଳକଙ୍କୁ ପାଦେ ପାଦେ ଜଗିବା ମାତାପିତାଙ୍କର କର୍ତ୍ତବ୍ୟ। ମାତାପିତାମାନେ ସଚ୍ଚୋଟ ହେଲେ, ସେମାନଙ୍କ ଉଚ୍ଚାରଣ ଓ ଆଚରଣ ମାର୍ଜିତ ହେଲେ ପିଲାମାନେ ପ୍ରଭାବିତ ହୋଇଥାନ୍ତି। ସଂସ୍କାରିତ ପିଲାଙ୍କ ସହିତ ସାଙ୍ଗ ହୋଇଗଲେ ସେହିମାନଙ୍କ ଭଳି ମାର୍ଜିତ ହୋଇଥାନ୍ତି। ଭଲ ସ୍କୁଲରେ ଭଲ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ ପିଲାମାନେ ସେମାନଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାନ୍ତି। ପିଲାମାନେ କ’ଣ ଚାହାନ୍ତି ବା କି ଅଭିଯୋଗ କରନ୍ତି, ସେମାନଙ୍କ କଥା ଗୁରୁତ୍ୱର ସହିତ ଶୁଣି ତାହାର ସମାଧାନ କରିଦେଲେ ସେମାନଙ୍କ ମନରେ ବିଦ୍ୱେଷ ଭାବ ଜାଗ୍ରତ ହେବ ନାହିଁ। ପିଲାଙ୍କ ପାଠପଢ଼ା ଲାଗି ମୋବାଇଲ ଅତ୍ୟନ୍ତ ଦରକାରୀ ହୋଇପଡ଼ିଛି। ମୋବାଇଲ ମଧ୍ୟରେ ଯେଉଁ ଅଶ୍ଳୀଳତା ପ୍ରଦର୍ଶନ କରାଯାଉଛି ତାହା ଉପରେ ରୋକ ଲଗାଇବା ପାଇଁ ସରକାର ଯତ୍ନବାନ ହେବା ଉଚିତ। ସରକାରଙ୍କୁ କିମ୍ବା ଅନ୍ୟମାନଙ୍କୁ ଧମକ ଦେବାକୁ ଆତ୍ମହତ୍ୟା ଏକ ମାଧ୍ୟମ ହୋଇଗଲାଣି। ଏଥିପାଇଁ ସଚେତନତା ଦରକାର।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

## ଚିରନ୍ତନୀ

ପଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୁର୍ଘଟଣାରେ ନାବାଳକ ମୃତ: ଗାଡ଼ିରୁ ମାଛ ଲୁଟିନେଲେ ଲୋକେ

**ପାଟନା,୧୬।୧**

ବିହାରର ସୀତାମାଢ଼ି ଜିଲାରେ ଶୁକ୍ରବାର ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଛି। ଦ୍ରୁତବେଗରେ ଆସୁଥିବା ଏକ ପିକ୍‌ଅପ୍ ଗାଡ଼ି ଧକ୍କାରେ କୋଚିଂ ଯାଉଥିବା ୭ମ ଶ୍ରେଣୀ ଛାତ୍ର ରିତେଶ କୁମାରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତଦେହ ରାସ୍ତାରେ ପଡ଼ିରହିଥିବାବେଳେ ପରିବାର ଲୋକେ କାନ୍ଦବୋବାଳି କରିଥିଲେ। ଏଭଳି ଶୋକାକୁଳ ପରିବେଶରେ ସ୍ଥାନୀୟ ଲୋକେ ସମବେଦନା ଜଣାଇବା କିମ୍ବା ସହାୟତା କରିବା ପରିବର୍ତ୍ତେ ଦୁର୍ଘଟଣା ଘଟାଇଥିବା ଗାଡ଼ିରେ ଲୋଡ଼ ହୋଇଥିବା ଓ ରାସ୍ତାରେ ପଡ଼ିଥିବା ମାଛକୁ ଲୁଟିବାରେ ଲାଗିପଡ଼ିଥିଲେ। ପୁପ୍ରି ଥାନା ଅନ୍ତର୍ଗତ ଝାଝିହାଟ ଗ୍ରାମ ନିକଟରେ ଏଭଳି ଘଟଣା ଘଟିଛି।



ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଭାଜପାର ବିଜୟ ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କୁ ମୁମ୍ବାଇସ୍ଥିତ ଦଳୀୟ ମୁଖ୍ୟାଳୟରେ ମିଠା ଖୁଆଉଛନ୍ତି ନେତା ଓ କର୍ମୀ।

# ଆଜିଠୁ ପ୍ରଧାନମନ୍ତ୍ରୀଙ୍କ ୨ ଦିନିଆ ପଶ୍ଚିମବଙ୍ଗ ଗସ୍ତ

**୩,୨୫୦ କୋଟିର ଅନେକ ପ୍ରକଳ୍ପ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ**

**ନୂଆଦିଲ୍ଲୀ,୧୬।୧(ପିଆଇବି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପଶ୍ଚିମବଙ୍ଗ ଗସ୍ତ କରି ୩,୨୫୦ କୋଟି ଟଙ୍କା ମୂଲ୍ୟର ଅନେକ ରେଳ ଓ ସଡ଼କ ପ୍ରକଳ୍ପର ଲୋକାର୍ପଣ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଅପରାହ୍ନ ୧୨ଟା ୪୫ରେ ମୋଦି ମାଲଦା ଟାଉନ୍ ରେଳ ଷ୍ଟେଶନଠାରେ ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଲୋକାର୍ପଣ କରିବେ। ହାଓଡା ଓ ଗୁଆହାଟୀ(କାମାକ୍ଷା)କୁ ସଂଯୋଗ କରୁଥିବା ଏହି ଟ୍ରେନ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ। ଏଥିରେ ଯାତ୍ରୀମାନେ ଆଧୁନିକ, ଆରାମଦାୟକ ଓ ବ୍ୟୟସାପେକ୍ଷ ସେବା ହାସଲ ସହ ଯାତ୍ରା ଅନୁଭୂତି ପାଇବେ। ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟାକୁ ଖସିଆସିବ। ତୀର୍ଥ ଓ ପର୍ଯ୍ୟଟନ ଯାତ୍ରା ପାଇଁ ଏହି ଟ୍ରେନ୍ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ଏହା ପରେ ୧୮ ତାରିଖ ଅପରାହ୍ନ ୩ଟାରେ ମୋଦି ହୁଗୁଳି ଜିଲାର ସିଙ୍ଗୁରଠାରେ ପ୍ରାୟ ୮୩୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ବାଲାଗଡ଼ରେ ମୋଦି ଏକ୍ସଟେଣ୍ଡେଡ୍ ପୋର୍ଟ ଗେଟ୍ ସିଷ୍ଟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଜଳପଥରେ ଆଞ୍ଚଳିକ ଯୋଗାଯୋଗ କ୍ଷେତ୍ରରେ ପରିବହନକୁ ଏହା ତ୍ୱରାନ୍ୱିତ କରିବ। ଏହାବାଦ୍ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ସମେତ ଉତ୍ତର-ପୂର୍ବାଞ୍ଚଳର ଅନ୍ୟ କେତେକ ରାଜ୍ୟର ରେଳ ଯୋଗାଯୋଗକୁ ମଜଭୁତ କରିବା ଉଦ୍ଦେଶ୍ୟରେ ୭ଟି ଅମୃତ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରିବେ।

# ୨୪୨ ବେଟିଂ ୱେବ୍‌ସାଇଟ୍ ବ୍ୟାନ୍

**୮,୦୦୦ ପ୍ଲାଟ୍‌ଫର୍ମ ବନ୍ଦ କଲାଣି କେନ୍ଦ୍ର**

**ନୂଆଦିଲ୍ଲୀ,୧୬।୧**

କେନ୍ଦ୍ର ସରକାର ଶୁକ୍ରବାର ୨୪୨ଟି ବେଆଇନ ବେଟିଂ ଏବଂ ଗାମ୍ବଲିଂ ୱେବ୍‌ସାଇଟ୍‌କୁ ବ୍ୟାନ୍ କରିଛନ୍ତି। ଗତବର୍ଷ ଅକ୍ଟୋବରରେ କାର୍ଯ୍ୟକାରୀ ହୋଇଥିବା ଅନ୍‌ଲାଇନ ଗେମିଂ ଅଧିନିୟମ ଅଧୀନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉକ୍ତ ଅଧିନିୟମ ବଳରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୮,୦୦୦ ପ୍ଲାଟ୍‌ଫର୍ମକୁ ବନ୍ଦ କରାଗଲାଣି। ବେଆଇନ ଅନ୍‌ଲାଇନ ବେଟିଂ ଓ ଗାମ୍ବଲିଂ ପ୍ଲାଟ୍‌ଫର୍ମ ଜରିଆରେ ୟୁଜରମାନଙ୍କ ପ୍ରତି ଆର୍ଥିକ ଓ ସାମାଜିକ କ୍ଷତି ଘଟୁଥିବାରୁ ସେଗୁଡ଼ିକୁ ବନ୍ଦ କରିବା ଏବଂ ଯୁବବର୍ଗଙ୍କୁ ସୁରକ୍ଷା ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଗତବର୍ଷ ଅଗଷ୍ଟରେ ପ୍ରମୋଶନ ଆଣ୍ଡ ରେଗୁଲେଶନ ଅଫ୍ ଅନ୍‌ଲାଇନ ଗେମିଂ ବିଲ୍,୨୦୨୫ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। କ୍ଷତିକାରକ ମୁଦ୍ରାଭିତ୍ତିକ ଗେମିଂକୁ ନିଷିଦ୍ଧ କରିବା ସହ ଇ-ସ୍ପୋର୍ଟସ ଏବଂ ସୋସିଆଲ୍ ଅନ୍‌ଲାଇନ ଗେମିଂର ପ୍ରସାର କରାଇବା ଉକ୍ତ ଆଇନର ଉଦ୍ଦେଶ୍ୟ। ଅନ୍‌ଲାଇନ ବେଟିଂ ଆପ୍‌ରେ ସାମିଲ ହେଉଥିବା ୟୁଜରଙ୍କୁ ଦଣ୍ଡିତ କରା ନ ଯାଇ କେବଳ ସେବା ପ୍ରଦାନକାରୀ, ବିଜ୍ଞାପନଦାତା, ପ୍ରମୋଟର ଏବଂ ପ୍ଲାଟ୍‌ଫର୍ମକୁ ଅର୍ଥ ଯୋଗାଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବ୍ୟବସ୍ଥା ଉକ୍ତ ଆଇନରେ ରହିଛି।

# ଇରାନରେ ୧୦ ଭାରତୀୟ ଗିରଫ

**କନ୍‌ସୁଲାର ଆକ୍ସେସ୍ ପାଇଁ କହିଲା ବହିର୍ବ୍ୟାପାର ମନ୍ତ୍ରଣାଳୟ**

**ନୂଆଦିଲ୍ଲୀ,୧୬।୧**

ଇରାନରେ ୧୦ ଜଣ ଭାରତୀୟଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ପାଇଁ କନ୍‌ସୁଲାର ଆକ୍ସେସ୍ (ଦୂତାବାସ ଜରିଆରେ ଆଇନଗତ ସହାୟତା) ନିମନ୍ତେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତେହରାନକୁ ଜଣାଇଥିବା ଶୁକ୍ରବାର କହିଛି। ଏମ୍‌ଟି ଭାଲିଆଣ୍ଟ ରୋର୍ ଜାହାଜର ୧୬ ଜଣ ଭାରତୀୟ କ୍ରିଉ ସଦସ୍ୟଙ୍କୁ ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ ଗିରଫ କରି ହାଜତକୁ ନେଇଥିବା ରିପୋର୍ଟ ପ୍ରକାଶ ପାଇବା ପରେ ତୃତୀୟ ଇଞ୍ଜିନିୟର କେତନ ମେହଟ୍ଟାଙ୍କୁ ଫେରାଇ ଆଣିବାରେ ସହାୟତା ପାଇଁ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଜାହାଜରେ ୬,୦୦୦ ଟନ୍ ଇନ୍ଧନ ଚୋରା ଚାଲାଣ ହେଉଥିବା ଅଭିଯୋଗରେ ଗତ ୮ ତାରିଖରେ ଇରାନ ସୈନ୍ୟ ଏହାକୁ ଅଟକାଇଥିଲେ।

# ‘ମୋ ଘର ଭାଙ୍ଗିଥିବା ଲୋକେ ହାରିଲେ’

**ନୂଆଦିଲ୍ଲୀ,୧୬।୧**

ମୁମ୍ବାଇରେ ଯେଉଁମାନେ ମୋ ଘର ଭାଙ୍ଗିଥିଲେ, ସେମାନେ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିର୍ବାଚନରେ ହାରିଗଲେ ବୋଲି ଶୁକ୍ରବାର ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଓ୍ୱତ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କୁ କଟାକ୍ଷ କରିଛନ୍ତି। ବିଏମ୍‌ସି ନିର୍ବାଚନରେ ଭାଜପାର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କୁ କଙ୍ଗନା ଅଭିନନ୍ଦନ ଜଣାଇଛନ୍ତି।



କଙ୍ଗନା ରାଓ୍ୱତ୍

୨୦୨୦ରେ ଅବିଭାଜିତ ଶିବସେନା ଦଖଲରେ ବିଏମ୍‌ସି ଥିବାବେଳେ ମୁମ୍ବାଇରେ କଙ୍ଗନାଙ୍କ ଅଫିସ ସଂଲଗ୍ନ ବଙ୍ଗଳାକୁ ବେଆଇନ ଦର୍ଶାଇ ଭାଙ୍ଗି ଦିଆଯାଇଥିଲା। କଙ୍ଗନା ଏବେ ସେହି କଥାକୁ ମନେପକାଇ କହିଛନ୍ତି, ଆଜି ଶିବସେନା ବିଏମ୍‌ସିରୁ ଗାଦିଚ୍ୟୁତ ହୋଇଛି। ଯେଉଁମାନେ ତାଙ୍କୁ ଦୁର୍ବ୍ୟବହାର କରି ଧମକ ଦେଇଥିଲେ ଏବଂ ତାଙ୍କ ଘର ଭାଙ୍ଗିଥିଲେ ଏପରି କି ମହାରାଷ୍ଟ୍ର ଛାଡ଼ି ଚାଲିଯିବାକୁ କହିଥିଲେ ; ମହାରାଷ୍ଟ୍ର ସେମାନଙ୍କୁ ଛାଡ଼ିଦେଇଛି। ମହିଳାଙ୍କୁ ଘୃଣା କରୁଥିବା ଏପରି ପ୍ରିୟାପ୍ରୀତି ତୋଷଣ ମାଫିଆଙ୍କୁ ଜନତା ଜନାର୍ଦ୍ଦନ ସେମାନଙ୍କ ଉପଯୁକ୍ତ ସ୍ଥାନ ଦେଖାଇଦେଇଛନ୍ତି ବୋଲି ଏକ ଘରୋଇ ଟିଭି ଚ୍ୟାନେଲରେ କଙ୍ଗନା ନିଜ ପ୍ରତିକ୍ରିୟା ରଖିଛନ୍ତି।

# ଅଲ୍-ଫଲାହ ୟୁନିଭର୍ସିଟି ସମ୍ପତ୍ତି ବାଜ୍ୟାପ୍ତ





**ଚାର୍ଜଶିଟ୍ ଦାଖଲ କଲା ଇଡି**

**ନୂଆଦିଲ୍ଲୀ,୧୬।୧**

ନଭେମ୍ବର ୧୦ ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଘଟଣା ସହ ସମ୍ପୃକ୍ତ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟିର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ଆତଙ୍କବାଦୀ ବିସ୍ଫୋରଣ ସହ ଜଡ଼ିତ ମନିଲଣ୍ଡରିଂ ତଦନ୍ତ ସ୍ୱରୂପ ୟୁନିଭର୍ସିଟିର ଅଧ୍ୟକ୍ଷ ଜୱାଦ ଅହମଦ ସିଦ୍ଦିକି ଓ ପରିବାର ଚଳାଉଥିବା ଅଲ-ଫଲାହ ଚାରିଟେବଲ୍ ଟ୍ରଷ୍ଟ ବିରୋଧରେ ଇଡି ଚାର୍ଜଶିଟ୍ ଦାଖଲ କରିଛି। ବାଜ୍ୟାପ୍ତ ହୋଇଥିବା ଅଲ୍-ଫଲାହ ୟୁନିର୍ଭର୍ସିଟି ସମ୍ପତ୍ତି ପରିମାଣ ୧୪୦ କୋଟି ଟଙ୍କା ହେବ। ଇଡି ସୂଚନା ଅନୁଯାୟୀ, ଫରିଦାବାଦର ଧଉଜ ଅଞ୍ଚଳରେ ଥିବା ୟୁନିଭର୍ସିଟିର ୫୪ ଏକର ଜମି, ବିଶ୍ୱବିଦ୍ୟାଳୟ ଅଟ୍ଟାଳିକାକୁ ଅସ୍ଥାୟୀ ନିର୍ଦ୍ଦେଶନାମା ବଳରେ ବାଜ୍ୟାପ୍ତ କରାଯାଇଛି।

**Government of Odisha “e” Procurement Notice**
e-mail ID: rw_sambalpur@yahoo.co.in, Phone No.: 0663-2401850
**Bid Identification No. TENDER ONLINE SBPR-18 of 2025-26**
No. 0-2041
No. 435 Dated: 09.01.2026

1. Name of the Work : Road works as per DTCN available in the website: www.tendersodisha.gov.in
2. Total No. of Work : 07 (Seven) Nos.
3. Estimated Cost : Varies from Rs.6.72 lakhs to 36.47 lakhs
4. Period of Completion : 01 (One) Calendar Months
5. Period and time of availability of bid document in the portal for bidding : 19.01.2026 at 11.00 A.M. to 26.01.2026 upto 5.00 P.M.
6. Date and time of opening of Tender : 27.01.2026 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sambalpur
   (1) Other details can be seen from detailed notice inviting tenders, available in website www.tendersodisha.gov.in.
   (2) Corrigendum if any shall only be published in the website: www.tenderodisha.gov.in.

Sd./- Superintending Engineer
Rural Works Division, Sambalpur
OIPR-

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୧/୧, ତାରିଖ: ୧୪।୦୧।୨୦୨୬ରିଖ। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ.-୧। ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୧-୨୦୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କୋଚିଂ ଷ୍ଟକ୍‌ର ରକ୍ଷଣାବେକ୍ଷଣ ପାଇଁ କ୍ୟାରିଏଜ୍ ଶପ୍‌ଗୁଡ଼ିକର ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ। ଟେଣ୍ଡର ମୂଲ୍ୟ: ₹୭,୩୧,୯୮,୨୯୨.୨୯। ଅମାନତ ରାଶି: ₹୫,୧୬,୦୦୦। କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ। କ୍ର.ସଂ.-୨। ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୨-୨୦୨୬। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପ୍‌ଠାରେ ୱାଗନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସିଟିଆର୍‌ବି ସେକ୍ସନର କ୍ଷମତା ପରିବର୍ଦ୍ଧନ କରିବା ଓ ସମ୍ବନ୍ଧିତ ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ କରିବା। ଟେଣ୍ଡର ମୂଲ୍ୟ: ₹୪,୯୪,୧୭,୨୧୬.୩୨। ଅମାନତ ରାଶି: ₹୩,୯୭,୧୦୦। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ)। ଖୋଲାଯିବା ତାରିଖ: ତା୧୨।୦୨।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ)। ବିଡିଂ ଆରମ୍ଭ ତାରିଖ: ତା୨୯।୦୧।୨୦୨୬ରିଖଠାରୁ ତା୧୨।୦୨।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-1068)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENTLY REQUIRED**
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 6372110065

**ଆବଶ୍ୟକ**
ସିଲିଂ/ଟେବୁଲ୍ ଫ୍ୟାନ୍ ୱାଇଣ୍ଡର ୨ଜଣ
ଫ୍ୟାନ୍/ଗ୍ରାଇଣ୍ଡର ମେକାନିକ ୨ ଜଣ
ସେଲ୍‌ସମ୍ୟାନ୍ ୨ଜଣ
ଯୋଗାଯୋଗ: 8328881723

**REQUIRED**
Female Nurses (DMLT)
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

**THE KOSALA SCHOOL**
Estd.- 1979
☎ 7682032632
An English Medium Residential Public School
(CBSE Affiliation No. 1530008)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- Principal

# କରିସ୍ମା କପୁରଙ୍କୁ ସୁପ୍ରିମକୋର୍ଟ ନୋଟିସ



**ସମ୍ପତ୍ତି ପାଇଁ ସଉତୁଣୀଙ୍କ ଲଢ଼େଇ**

**ନୂଆଦିଲ୍ଲୀ,୧୬।୧**

ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର ଏବଂ ତାଙ୍କର ଦିବଂଗତ ସ୍ୱାମୀ ସୁଞ୍ଜୟ କପୁରଙ୍କ ମଧ୍ୟରେ ୨୦୧୬ରେ ହୋଇଥିବା ଛାଡ଼ପତ୍ର ବୁଝାମଣାର ସାର୍ଟିଫାଏଡ୍ ନକଲ ପାଇଁ ପ୍ରିୟା ସଚଦେବ କପୁର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର କରିସ୍ମାଙ୍କୁ ଏନେଇ ଜବାବ ମାଗିଛନ୍ତି। ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କରିସ୍ମାଙ୍କୁ ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଶିଳ୍ପପତି ସୁଞ୍ଜୟଙ୍କ ସମ୍ପତ୍ତିକୁ ନେଇ ପୂର୍ବତନ ସ୍ତ୍ରୀ ପ୍ରିୟା କପୁର ଏବଂ କରିସ୍ମାଙ୍କ ୨ ପୁଅଙ୍କ ମଧ୍ୟରେ ଦିଲ୍ଲୀ ହାଇକୋର୍ଟରେ ଆଇନଗତ ଲଢ଼େଇ ଚାଲିଛି। ମୃତ୍ୟୁ ପୂର୍ବରୁ ସୁଞ୍ଜୟ ୨୦୨୫ ମାର୍ଚ୍ଚ ୨୧ରେ କରିଯାଇଥିବା ଇଚ୍ଛାପତ୍ରରେ ତାଙ୍କର ସମସ୍ତ ସମ୍ପତ୍ତିକୁ ପ୍ରିୟା ସଚଦେବ କପୁରଙ୍କ ପାଇଁ ଛାଡ଼ିଯାଇଥିବା କୁହାଯାଏ। ଗତ ସେପ୍ଟେମ୍ବରରେ କରିସ୍ମାଙ୍କ ୨ ସନ୍ତାନ ସେମାନଙ୍କ ବାପାଙ୍କ ସମ୍ପତ୍ତିରୁ ଭାଗ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଇଚ୍ଛାପତ୍ରକୁ ଚ୍ୟାଲେଞ୍ଜ କରିଥିଲେ।

**National Dairy Development Board**
PB No. 40, Anand, Gujarat - 388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop
INVITATION FOR BIDS (IFB)/LOCAL COMPETITIVE BIDDING (LCB)
Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | Renovation of 8 (Nos.) D-Type Quarters and Miscellaneous Civil Repair Works at NDDB Residential Complex, Noida NDDB/HO/Purchase/95/25-26/ET/95[CIVIL-NOIDA] | 106 Lakh/ 06 Months | 22.01.26 12.02.26 | 12.02.26 15:00 hrs. 12.02.26 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 11KV/433 V sub-station at Giridih Dairy, Jharkhand NDDB/HO/Purchase/96/25-26/ET/96[SUBSTATION-GIRIDIH] | 169 Lakh/ 10 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |
| II | Water Treatment Plant at Giridih Dairy, Jharkhand NDDB/HO/Purchase/97/25-26/ET/97[WTP-GIRIDIH] | 152 Lakh/ 08 Months | 22.01.26 12.02.26 | 12.02.26 15:00 hrs. 12.02.26 15:30 hrs. |
| III | Electrical light fixtures & Fans at AmulFed Dairy II, Rajkot, Gujarat. NDDB/HO/Purchase/98/25-26/ET/98[Fixture-RAJKOT] | 93 Lakh/ 03 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| IV | Effluent Treatment Plant of 8 LLPD at Davanagere, Karnataka. NDDB/HO/Purchase/99/25-26/ET/99[ETP-DAVANAGERE] | 715 Lakh/ 12 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| V | Furniture and Interior Works at CEAH, Hesaraghatta Karnataka NDDB/HO/Purchase/100/25-26/ET/100[FURNITURE-HESSARAGHATTA] | 300 Lakh/ 03 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |
| VI | HVAC, Modular Partitions and Allied MEP Works for Vaccine Production Facility at OBPI, Berhampur, Odisha NDDB/HO/Purchase/101/25-26/ET/101[HVAC-BERHAMPUR] | 918 Lakh/ 07 Months | 23.01.26 13.02.26 | 13.02.26 15:00 hrs. 13.02.26 15:30 hrs. |
| VII | 7 KLPD ETP for Vaccine Production Facility at OBPI, Berhampur, Odisha NDDB/HO/Purchase/102/25-26/ET/102[ETP-BERHAMPUR] | 80 Lakh/ 06 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| VIII | Utility works (Clean & General) for Vaccine Production Facility at OBPI, Berhampur, Odisha NDDB/HO/Purchase/103/25-26/ET/103[UTL-BERHAMPUR] | 510 Lakh/ 07 Months | 21.01.26 11.02.26 | 11.02.26 15:00 hrs. 11.02.26 15:30 hrs. |
| C | Providing House-keeping and Gardening services at NDDB Kolkata NDDB/HO/Purchase/104/25-26/ET/104[HK-KOLKATA] | 63.72 Lakh/ 12 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact **Group Head (Purchase), NDDB, Anand-388001.**
**NB: Any corrigendum/modification etc. will be posted only on these websites.**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OPTCL Lifeline of Odisha
No. CAD-3034
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING E-TENDER**

| E-Tender No. | Tender Description: | Estimated Cost |
|---|---|---|
| CPC-44/2025-26 | Engineering, Supply, Installation, Testing & Commissioning works for “Construction of existing 03 nos Conventional Grid Sub-station at Cuttack, Bhanjanagar & Theruvali into SAS-enabled Sub-station through installation of Kiosk-Based Automation system and provision of switchyard equipment for one no. incomplete tie bay at Thiruvali GSS” in Odisha State of India on Turnkey Contract Basis. | Rs. 97,04,16,467.00 |
| CPC-56/2025-26 | Bids are invited from reputed manufacturers in two part bidding system for Procurement of BPI & PI for Isolators in e-tendering mode only. **Last Date & Time of Submission of Bid: 06.02.2026 upto 12:30 Hr.** | Rs. 9,44,80,528.00 |
| CPC-54/2025-26 | Bids are invited from reputed manufacturers for Procurement of Tower Structure Materials & HDG Nut & Bolts for conversion of 2ph to 3ph line of different RTSS Sub-stations and 220kV DC Lilo line from Narendrapur GSS to 400kV Gopalpur GSS. | Rs. 3,76,46,507/- |

Complete set of bidding documents are available at **www.tenderwizard.com/OPTCL** and **www.optcl.co.in**.
OIPR-
/optcl.odisha /optcl_odisha HIPR-65/2025-26

**ଷଣ୍ଢ ଉପଦ୍ରବ, ଫସଲ ସୁରକ୍ଷା ପାଇଁ ଦାବିପତ୍ର**

ବାଲିପାଟଣା,(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକରେ ଷଣ୍ଢଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଧାନ, ବିରି, ମୁଗ, କୋଳଥ ଓ ପରିବା ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଗୋଶାଳା କରାଯାଇ ଷଣ୍ଢଙ୍କୁ ସେଠାରେ ରଖିବା ଦାବିରେ ଏକ ଚାଷୀ ପ୍ରତିନିଧି ଦଳ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶୁକ୍ରବାର ଏକ ଚାଷୀ ପ୍ରତିନିଧି ବିଡିଓଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଚାଷୀ ଅଭିମନ୍ୟୁ ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ବଟକୃଷ୍ଣ ରାଉତରାୟ, ପ୍ରଦୋଷ ସେନାପତି, ହରିହର ଜେନା, ସତ୍ୟବାଦୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦକାରେ ଡିଲ୍ ବେଳେ ବେପାରୀ ଗିରଫ





ଗିରଫ ବନ୍ଧୁକ ବେପାରୀ ଓ ଜବତ ୬ ବନ୍ଧୁକ, ଗୁଳି ଓ ଅନ୍ୟାନ୍ୟ ସାମଗ୍ରୀ।

## ରାଜଧାନୀରେ ଛାଇଗଲାଣି ବିହାରୀ ବନ୍ଧୁକ

■ ୬ ବନ୍ଧୁକ, ୧୦ ଗୁଳି ଜବତକଲା ପୋଲିସ

■ ୭ ବର୍ଷରେ ଜବତ ହେଲାଣି ୧୧୦ ବନ୍ଧୁକ

ଭୁବନେଶ୍ୱର,୧୬।୧(ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱର ବେଆଇନ ବିହାରୀ ବନ୍ଧୁକ କାରବାରର ପେଣ୍ଠସ୍ଥଳ ପାଲଟିଛି। ସହର ଓ ଉପକଣ୍ଠରେ ବନ୍ଧୁକ ବେପାରୀମାନେ ଆଡ୍ଡା ଜମାଇ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରୁଛନ୍ତି। ଗୁରୁବାର ରାତିରେ ଚନ୍ଦକା କୁଜିମହଲ ଖେଳପଡ଼ିଆରେ ବନ୍ଧୁକ ଡିଲ୍ ବେଳେ ଜଣେ ବେପାରୀଙ୍କୁ କାବୁ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ତାଙ୍କ ନିକଟରୁ ପୋଲିସ ୬ଟି ବନ୍ଧୁକ ଓ ୧୦ ଗୁଳି ଜବତ କରିଛି। ଗିରଫ ବେପାରୀ ହେଲେ ଯାଜପୁରର ମନୋଜ କୁମାର ମଲ୍ଲିକ। ଆର୍ମସ ଆକ୍ଟରେ ମାମଲା ରୁଜୁକରି ମନୋଜଙ୍କୁ କୋର୍ଟଚାଲାଣ କରାଯାଇଛି।

ଗତବର୍ଷ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏକାଧିକ ବନ୍ଧୁକ ମାଫିଆଙ୍କୁ ଗିରଫ କରିବା ସହ ୩୪ରୁ ଅଧିକ ବନ୍ଧୁକ ଜବତ କରିଥିଲା। ପୋଲିସ ତଦନ୍ତ ସମୟରେ ମନୋଜଙ୍କ ବନ୍ଧୁକ କାରବାର ସାମ୍ରାଜ୍ୟ ସମ୍ପର୍କରେ ସୂଚନା ମିଳିଥିଲା। ସେବେଠାରୁ ତାଙ୍କ ଉପରେ ପୋଲିସ ନଜର ରଖିଥିଲା। ତେବେ ଏକାଧିକ ବିହାରୀ ବନ୍ଧୁକ ର୍ୟାକେଟ ଧରାପଡ଼ିବା ପରେ ବିହାରୀ ବେପାରୀମାନେ ଭୁବନେଶ୍ୱର ନ ଆସି ଓଡ଼ିଶା ବେପାରୀଙ୍କ ଜରିଆରେ ବନ୍ଧୁକ କାରବାର ଆରମ୍ଭ କରିଥିଲେ। ଫଳରେ ମନୋଜଙ୍କ ବନ୍ଧୁକ କାରବାର ବଢ଼ିଯାଇଥିଲା। ସେ ବନ୍ଧୁକ ମୂଲ୍ୟର ୪୦ ପ୍ରତିଶତ ପାଉଥିଲେ ଓ ୬୦ ପ୍ରତିଶତ ଟଙ୍କା ବନ୍ଧୁକ ଯୋଗାଉଥିବା ବିହାରୀ ବେପାରୀଙ୍କୁ ଦେଉଥିଲେ। ତେବେ ପୋଲିସ ମନୋଜଙ୍କୁ ଧରିବାକୁ ଜାଲ ବିଛାଇଥିଲା। ସ୍ପେଶାଲ କ୍ରାଇମ୍ ୟୁନିଟ୍ ଅଧିକାରୀମାନେ ନିଜେ ଗ୍ରାହକ ହୋଇ ତାଙ୍କ ସହ ଯୋଗାଯୋଗ କରିଥିଲେ। ମନୋଜ ବନ୍ଧୁକ ବିକ୍ରି କରିବା ପାଇଁ ୪୫ ହଜାର ଟଙ୍କାରେ ଡିଲ୍ କରିଥିଲେ। ସେହି ଅନୁସାରେ ଗୁରୁବାର ରାତିରେ ବନ୍ଧୁକ ବିକ୍ରି ପାଇଁ ମନୋଜ ଚନ୍ଦକାସ୍ଥିତ କୁଜିମହଲ ଗାଁ ନିକଟ ଏକ ପଡ଼ିଆରେ ଅପେକ୍ଷା କରିଥିବା ବେଳେ ପୂର୍ବରୁ ଛକି ରହିଥିବା ପୋଲିସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ୬ଟି ବନ୍ଧୁକ ଏବଂ ୧୦ଟି ଗୁଳି ଜବତ ହୋଇଥିବା ନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ୭ ବର୍ଷରେ ୧୧୦ରୁ ଅଧିକ ବନ୍ଧୁକ ଜବତ ହୋଇଥିବା ବେଳେ ୮୦ରୁ ଅଧିକ ବେପାରୀ ଗିରଫ ହୋଇଛନ୍ତି। ଗତ ୩ ମାସରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୬ଟି ବନ୍ଧୁକ ଜବତ କରିଥିବା ବେଳେ ୨୩ ବେପାରୀଙ୍କୁ ଗିରଫ କଲାଣି। ଚୋରା ବନ୍ଧୁକ କାରବାର ଉପରେ ରୋକ୍ ଲଗାଇବା ପାଇଁ ପୋଲିସ କମିଶନର ସିଂ ନିର୍ଦ୍ଦେଶ ଦେବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏବଂ ସ୍ପେଶାଲ ସ୍କ୍ୱାଡ୍ ଆକ୍ସନମୁଡ୍‌କୁ ଆସିଥିବା କୁହାଯାଉଛି।

## ୬ ଡକାୟତ ଗିରଫ: ବନ୍ଧୁକ, ଗୁଳି, ଭୁଜାଲି ଜବତ




ଗିରଫ ହୋଇଥିବା ଅଭିଯୁକ୍ତମାନେ।

### ଚଳନ୍ତା ଟ୍ରେନ୍‌ରୁ ଡକାୟତି ଯୋଜନା

ଭୁବନେଶ୍ୱର,୧୬।୧(ତ୍ରିନାଥ ମହାନ୍ତି)

**ଚଳନ୍ତା ଟ୍ରେନରୁ ଡକାୟତି ପାଇଁ ଯୋଜନା** କରୁଥିଲେ। ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ରଖି ପୂରା ପ୍ରସ୍ତୁତ ହୋଇ ରହିଥିଲେ। ଟ୍ରେନର ଗତି ମନ୍ଥର ହୋଇଥିଲେ, ସେମାନେ ଟ୍ରେନ୍‌ରେ ଚଢି ଡକାୟତି କରିଥାନ୍ତେ। ହେଲେ ଏହା ପୂର୍ବରୁ ଜିଆର୍‌ପି ଥାନା ପୋଲିସ ଚଢ଼ାଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଭୁଜାଲି, ଲଙ୍କାଗୁଣ୍ଡ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ୟୁନିଟ୍-୩ରେ ରହୁଥିବା ଏସ୍.କେ ମଞ୍ଜୁର ଆଲାମ, ତୋଫାନ ସେଠୀ, ସତ୍ୟନଗରର ଶିବ ପ୍ରସାଦ ସାହୁ, କପିଳପ୍ରସାଦର ରାଜା ନାୟକ, ୟୁନିଟ୍-୧ର ବାସୁଦେବ ନାୟକ ଏବଂ କଳ୍ପନାର ରବି ଗୌଡ଼। ଗିରଫ ଅଭିଯୁକ୍ତମାନେ ପେସାଦାର ଅପରାଧୀ ଓ ସେମାନଙ୍କ ନାମରେ ୧୦ରୁ ଅଧିକ ମାମଲା ରହିଥିବା ଜିଆର୍‌ପି ପକ୍ଷରୁ କୁହାଯାଇଛି। ଗୁରୁବାର ରାତି ପ୍ରାୟ ୧୦ଟାରେ ଜିଆରପି ଥାନାର କନ୍‌ଷ୍ଟେବଲ ଏନ୍ ବାରିକ ଏବଂ ୟୁ.କେ. ମଲ୍ଲିକ ରେଳ ଷ୍ଟେଶନରେ ପାଟ୍ରୋଲିଂ କରୁଥିଲେ। ଷ୍ଟେଶନ ନିକଟରେ ଥିବା ଏକ ଅନ୍ଧାରୁଆ ସ୍ଥାନରେ ୬ଜଣ ଅଭିଯୁକ୍ତ ବସି ଚଳନ୍ତା ଟ୍ରେନରୁ ଡକାୟତି ପାଇଁ ଯୋଜନା କରୁଥିଲେ। ସେମାନଙ୍କ କଥାବାର୍ତ୍ତା ସନ୍ଦେହଜନକ ଥିବାରୁ କନ୍‌ଷ୍ଟେବଲ ତୁରନ୍ତ ଜିଆରପି ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏକ ଟିମ୍ ତୁରନ୍ତ ସେଠାରେ ଚଢାଉ କରି ସମସ୍ତ ଅଭିଯୁକ୍ତଙ୍କୁ କାବୁକରି ଥାନାକୁ ଆଣିବା ପରେ ଡକାୟତି ଯୋଜନା ସମ୍ପର୍କରେ ସେମାନେ ମାନିଥିଲେ।

## ବାଲେଶ୍ୱରରେ ଯୁବକଙ୍କୁ ସଂଘବଦ୍ଧ ହତ୍ୟା ଏକ ବର୍ବର କାଣ୍ଡ: ଭକ୍ତ

ଭୁବନେଶ୍ୱର, ୧୬।୧ (ରବିନାରାୟଣ ଜେନା): ବାଲେଶ୍ୱରରେ ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ସଂଘବଦ୍ଧ ଭାବେ ପିଟି ପିଟି ହତ୍ୟା କରାଯିବା ଘଟଣା ବର୍ବର ଓ ନିନ୍ଦନୀୟ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ, କେନ୍ଦ୍ର ଓ ରାଜ୍ୟ ଉଭୟ ସ୍ଥାନରେ ଥିବା ଭାଜପା ସରକାର ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ବାଲେଶ୍ୱରରେ ଏକ ଗାଡ଼ିର ହେଲପର ଶେଖ ମକରନ୍ଦ ମହମ୍ମଦଙ୍କୁ ସଂଘବଦ୍ଧ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଏବେ ତାଙ୍କ ସ୍ତ୍ରୀ ଓ ତିନୋଟି ଛୋଟ ପିଲା ରହିଗଲେ। ବର୍ତ୍ତମାନ ସେମାନେ କିପରି ଜୀବନ ଯାପନ କରିବେ? ସରକାର ସେହି ପରିବାରର ପ୍ରତିପୋଷଣ ପାଇଁ କଣ ପଦକ୍ଷେପ ନେଇଛନ୍ତି? ଏହି ଘଟଣାରେ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ କରାଯିବାକୁ ଭକ୍ତ ଦାବୀ କରିଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାଶ ଓ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ।




ଶ୍ରମିକ ବିରୋଧୀ ଶ୍ରମକୋଡ୍ ରଦ୍ଦ, ଭିବି ଜି ରାମ୍‌ଜି ଆଇନକୁ ପ୍ରତ୍ୟାହାର ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଞ୍ଚାଅ ସମେତ ବିଭିନ୍ନ ଦାବି ନେଇ ସଂଯୁକ୍ତ କିଷନ ମୋର୍ଚ୍ଚା ଓ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୨ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ

ବାଲିଅନ୍ତା,୧୬।୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ୍‌ର ମହୁଖଣ୍ଡା ସେବା ସମବାୟ ସମିତି ଓ ବାଲିଅନ୍ତା ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ମହୁଖଣ୍ଡା ସମବାୟ ସମିତିରେ ସଭାପତି ତାପସ କୁମାର ଜେନା ଧାନ ମଣ୍ଡିକୁ ଶୁଭାରମ୍ଭ କରିଥିଲେ। କାକରୁଦ୍ରପୁର ସେବା ସମବାୟ ସମିତି ସଭାପତି ନୀଳକଣ୍ଠ ପଣ୍ଡା ଓ ବୟୋଜ୍ୟେଷ୍ଠ ବ୍ୟକ୍ତି କପିଳେନ୍ଦ୍ର ଜେନା ସମେତ ସ୍ଥାନୀୟ ଲୋକପ୍ରତିନିଧି ଓ ସମିତି ଡାଇରେକ୍ଟରମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଖୁବ୍‌ଶୀଘ୍ର ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ସମ୍ପାଦକ ହେମନ୍ତ କୁମାର ନାୟକ କହିଛନ୍ତି। ସେହିପରି ବାଲିଅନ୍ତା ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ଧାନମଣ୍ଡିକୁ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି ଧିରେନ କୁମାର କର, ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ, ଉପସହକାରୀ ନିବନ୍ଧକ ଅମିୟ କୁମାର ଖୁଣ୍ଟିଆ ଓ ବ୍ଲକ ଯୋଗାଣ ଅଧିକାରୀ ଅଳକାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାରଠାରୁ ବିଧିବଦ୍ଧ ଭାବେ ଧାନ କ୍ରୟ କରାଯିବା ପାଇଁ ସ୍ଥିର କରାଯାଇଛି ବୋଲି ସମ୍ପାଦକ ମହେନ୍ଦ୍ର କୁମାର ସାହୁ କହିଛନ୍ତି।



ବାଲିଅନ୍ତାରେ ଧାନମଣ୍ଡି ଉଦ୍‌ଘାଟନ କରାଯାଉଛି।

## ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ'

ପୁରୁଣା ଭୁବନେଶ୍ୱର,୧୬।୧
(ସୁବାସ ଚନ୍ଦ୍ର ପ୍ରଧାନ)



ଅତିଥିମାନେ ପ୍ରଣବ ଦାସଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ' ପ୍ରଦାନ କରୁଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରେ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ଅଭିନବ ଭାରତୀୟ ଚଳଚ୍ଚିତ୍ରର ପ୍ରସିଦ୍ଧ ବ୍ୟକ୍ତିତ୍ୱ ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ବୁଦ୍ଧ ମନ୍ଦିରଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ପ୍ରମୋଦଙ୍କ ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଚଳଚ୍ଚିତ୍ର ନର୍ଦ୍ଦେଶକ ହିମାଂଶୁ ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରମୋଦଙ୍କ ଅଭିନବ ଚଳଚ୍ଚିତ୍ର ଆଲୋକପାତ କରିବା ସହ ତାଙ୍କ ଜୀବନ ଓ ଦର୍ଶନ ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ଇଣ୍ଟାକ ଓଡ଼ିଶାର ସଂଯୋଜକ ଅନିଲ କୁମାର ଧୀର, ଚଳଚ୍ଚିତ୍ର ନିର୍ମାତା-ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ର ସେନସର ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ର ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସଙ୍କୁ ଚଳିତ ବର୍ଷର ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ଅଧକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିବା ସହ ଉପାଧ୍ୟକ୍ଷ ସୁବାସ ରଥ ଅତିଥିଙ୍କ ପରିଚୟ ପ୍ରଦାନ, ବରିଷ୍ଠ ସଦସ୍ୟ ଡ.ପଞ୍ଚାନନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଭିଷେକ ମହାପାତ୍ର, ଯୁଗ୍ମ ସମ୍ପାଦକ ଲଳିତ କୁମାର ସାହ, ସୁନିଲ କୁମାର ଡାକୁଆ, ବଦ୍ରି ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଧାତ୍ମିକ ଜୀବନରୁ ନକାରାତ୍ମକ ଭାବନା ଦୂରେଇଯାଏ

ଭୁବନେଶ୍ୱର,୧୬।୧
(ସୌମ୍ୟରଞ୍ଜନ ରାଉତ)

ଆଧାତ୍ମିକ ଜୀବନଯାପନ କଲେ ମନରୁ ନକାରାତ୍ମକ ଭାବ ଦୂର ହୋଇ ସକାରାତ୍ମକ ଭାବ ଉଦ୍ରେକ ହୋଇଥାଏ। ଫଳରେ ମନରେ ଶାନ୍ତି ଓ ଆନନ୍ଦ ଉପଲବ୍ଧ ହୁଏ ବୋଲି ଶୁକ୍ରବାର ୟୁନିଟ୍-୨ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର କହିଛନ୍ତି। ଏଥିସହ ସେ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଗୀତା, ଭାଗବତ ପଢ଼ିବା ଉପରେ ଗୁରୁତ୍ୱ ଦେବା ସହ ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସୁଷମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀର ମୋହନଙ୍କ ଜୟନ୍ତୀ,ମକର ମିଳନ

ପୁରୁଣା ଭୁବନେଶ୍ୱର,୧୬।୧
(ସୁବାସ ଚନ୍ଦ୍ର ପ୍ରଧାନ)

ମକର ସଂକ୍ରାନ୍ତି ଅବସରରେ ବୁଧବାର କେଦାର ନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଫକୀର ମୋହନଙ୍କ ଜୟନ୍ତୀ ଓ ମକର ମିଳନ ଅନୁଷ୍ଠିତ ହେଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ.ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଗୋପାଳ କୃଷ୍ଣ ମହାପାତ୍ର ଏବଂ ପ୍ରଫେସର ଶରତ ଚନ୍ଦ୍ର ରଥ ଫକୀର ମୋହନ ଓ ମକର ପର୍ବ ଉପରେ ବକ୍ତବ୍ୟ ରଖିଥିଲେ। ନାଟ୍ୟକାର ମୁକୁନ୍ଦ ଶତପଥୀ, ସଂଯୋଜକ ଦେବାଶିଷ ମହାପାତ୍ର, କବି ତନୟା ଦାସ ଗୋସ୍ୱାମୀ, ନବୀନ ମହାପାତ୍ର, ଶର୍ମିଷ୍ଠା ମହାପାତ୍ର, ଜଗତ ଚନ୍ଦ୍ର ଦାସ, ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଲେଖ ନନ୍ଦୀ, ଗଗନ ରାଉତ, ସୁଭାଗିନୀ ମହାପାତ୍ର, ଭୋଳାନାଥ ମହାପାତ୍ର, ସଞ୍ଜୁଲତା ମହାପାତ୍ର, ସଞ୍ଜୀବ କୁମାର ସୁବୁ, ବିରଞ୍ଚି ନାରାୟଣ ମିଶ୍ର, ସତ୍ୟଜିତ ପୁହାଣ, ଲକ୍ଷ୍ମୀଧର ସାହୁ ପ୍ରମୁଖ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଭାଗନେଇ ଫକୀରମୋହନ ଓ ମକରପର୍ବ ଉପରେ ତାଙ୍କର ଜିଜ୍ଞାସା ରଖିଥିଲେ ଏବଂ ଆଲୋଚକମାନେ ତାଙ୍କର ଉତ୍ତର ରଖିଥିଲେ। ଦେବାଶିଷ ମହାପାତ୍ର ପରିଚାଳନା କରିଥିବା ବେଳେ ଗ୍ରନ୍ଥାଗାରିକ ବିନୋଦିନୀ ସାହୁ ଏବଂ ବାପି ମହାନ୍ତି ସହଯୋଗ କରିଥିଲେ।

## ସେଣ୍ଟ ଯୋସେଫ ଉଚ୍ଚ ବିଦ୍ୟାଳୟରେ 'ଫେଟ୍' ଉତ୍ସବ



ଭୁବନେଶ୍ୱର,୧୬।୧(ସୁଚିସ୍ମିତା ସାହୁ)

ସେଣ୍ଟ ଯୋସେଫ ଉଚ୍ଚ ବିଦ୍ୟାଳୟ ପରିସରରେ ସାମାଜିକ ଜନସେବା କାର୍ଯ୍ୟକ୍ରମ 'ଫେଟ୍' ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସିଷ୍ଟର ଅର୍ଚ୍ଚନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉତ୍ସବରେ ଯୋଗଦେଇ ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଦ୍ୟାଳୟ କମିଟି କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଏହି ଉତ୍ସବରୁ ସଂଗୃହୀତ ଅର୍ଥରାଶି ଗରିବ ଲୋକଙ୍କ ସେବା ନିମନ୍ତେ ଉପଯୋଗ କରାଯିବ। କାର୍ଯ୍ୟକ୍ରମରେ ସିଷ୍ଟର ମ୍ୟାରି ପେରୀ ନଦିୟା ଏସ୍‌ଏସ୍‌ଜେଏ ଓ ଟେସି ଏସ୍‌ଏସ୍‌ଜେଏ ଯୋଗଦେଇଥିବାବେଳେ ଶିକ୍ଷକ ପ୍ରମୋଦ କୁମାର ଚୌଧୁରୀ ସହଯୋଗ କରିଥିଲେ।

## ବଜାରରେ ପୋଲିସ, ମାଞ୍ଜା ସୂତା ଉଡୁଛି

### ଆଉଜଣେ ବାଇକ୍ ଆରୋହୀ ଆହତ

ଭୁବନେଶ୍ୱର,୧୬।୧(ତ୍ରିନାଥ ମହାନ୍ତି)



ଗୁଡି ଉଡାଇବା ପାଇଁ ମାଞ୍ଜା ସୂତା ବ୍ୟବହାରକୁ ନିଷେଧ କରାଯାଇଛି। ଏଥିପାଇଁ କମିଶନରେଟ ପୋଲିସ ସ୍ପେଶାଲ ଡ୍ରାଇଭ୍ କରି ଚଢ଼ାଉ କରୁଛି। ହେଲେ ଘର ଛାତରୁ ଆକାଶକୁ ଲମ୍ବିଥିବା ଏହି ବିପଜ୍ଜନକ ସୂତା ରାସ୍ତାରେ ଉଡି ଜୀବନ ନେବା ପରିସ୍ଥିତି ସୃଷ୍ଟି କରୁଛି। ପୋଲିସ ମାର୍କେଟରେ ଆଡମ୍ବରରେ ଦଳ ଦଳ ହୋଇ ବୁଲି ଦୋକାନ ଯାଞ୍ଚ କରିବା ପୂର୍ବରୁ ବ୍ୟବସାୟୀମାନେ ମାଞ୍ଜା ସୂତାକୁ ଗାଏବ୍ କରିଦେଉଛନ୍ତି। ଫଳରେ ମାଞ୍ଜା ସୂତା ଲାଗି ରାଜଧାନୀ ରାସ୍ତାରେ ଜଣକ ପରେ ଆଉଜଣେ ଆହତ ହେଉଛନ୍ତି। ଶୁକ୍ରବାର ୟୁନିଟ୍-୯ ଅଞ୍ଚଳରେ ମାଞ୍ଜା ସୂତା ଜଣେ ବାଇକ୍ ଆରୋହୀଙ୍କ ଦେହରେ ଲାଗି ଯିବାରୁ ସେ ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସୁରେଶ ନାୟକ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି। ସୁରେଶ ଅପରାହ୍ନ ୪ଟାରେ ବାଇକରେ ଘରୁ ବାହାରି ମାର୍କେଟ ଯାଇଥିଲେ। ମାର୍କେଟରୁ ବିଭିନ୍ନ ସାମଗ୍ରୀ କିଣି ଫେରିବା ବାଟରେ ଏକ ମାଞ୍ଜାସୂତା ତାଙ୍କ ହାତ ଓ ଛାତିରେ ଲାଗି ଯାଇଥିଲା। ଫଳରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ମାଞ୍ଜା ସୂତା ତାଙ୍କ ବେକରେ ଲାଗିଥିଲେ ବଡ଼ ଅଘଟଣ ଘଟିଥାନ୍ତା ବୋଲି କୁହାଯାଉଛି। ତେଣୁ ପୋଲିସ ମାଞ୍ଜାସୂତା ବିକ୍ରି ବନ୍ଦ ପାଇଁ ଚଢାଉକୁ ଜୋରଦାର କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ ଭୁବନେଶ୍ୱରରେ ମାଞ୍ଜା ସୂତା ଲାଗି ଅନେକ ଆହତ ହୋଇଛନ୍ତି। ପୋଲିସ ୟୁନିଟ୍ ୧ ସମେତ ବିଭିନ୍ନ ବଜାରରେ ଚଢ଼ାଉ କରିଥିଲେ ମଧ କେଉଁଠି ବି ମାଞ୍ଜା ସୂତା ନ ମିଳିବା ସମସ୍ତ ଆଶ୍ଚର୍ଯ୍ୟ କରିଛି। କେବଳ ରାଜଧାନୀ ନୁହେଁ, କଟକ ଓ ପୁରୀରେ ମଧ ଏଭଳି ଘଟଣା ଘଟୁଛି। ଗୁରୁବାର ରାତିରେ ପୁରୀରେ ଗୁଡ଼ି ସୂତାରେ ଜଣେ ପର୍ଯ୍ୟଟକ ଆହତ ହୋଇଥିଲେ। ଶ୍ରୀନଅର ସମ୍ମୁଖରେ ଗୁଡ଼ି ସୂତା ଲାଗି ଜଣେ ପର୍ଯ୍ୟଟକ ଆହତ ହେବା ସହ ଦୁଇଜଣ ବାଇକ ଆରୋହୀ ବି ଆହତ ହୋଇଥିଲେ। କଟକରେ ମାଞ୍ଜା ସୂତା ଲାଗି ୬ରୁ ଅଧିକ ଆହତ ହୋଇଥିବା ବେଳେ ପୁରୀରେ ମଧ କିଛିଦିନ ଭିତରେ ମାଞ୍ଜା ଲାଗି ୫ଜଣ ଆହତ ହୋଇଥିବା ସୂଚନା ରହିଛି। ଏଠାରେ ପ୍ରଶ୍ନ ଉଠୁଛି ପୋଲିସର ତାଗିଦା ସତ୍ତ୍ୱେ କେମିତି ମିଳୁଛି ବେଆଇନ ମାଞ୍ଜା ସୂତା?

# ଅତ୍ରି ହେବ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର: ପ୍ରଭାତୀ

## ହଟକେଶ୍ୱର ମକର ମହୋତ୍ସବର ୩ୟ ସନ୍ଧ୍ୟା

ବାଘମାରୀ,୧୬।୧(ମିହିର ରଞ୍ଜନ ମହାପାତ୍ର)



ହଟକେଶ୍ୱର ମକର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସରରେ ଚାଲିଥିବା ୧୧୩ ବାର୍ଷିକ ହଟକେଶ୍ୱର ମକର ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମକର ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ, ଅତ୍ରି ହେବ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟୟ କରାଯିବ। ମୁଖ୍ୟବକ୍ତା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଭାଜପା ନେତା ପ୍ରକାଶ ବିଶ୍ବାଳ, ପିପୁଲ୍ସ ଫୋରମ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୟ ପଟ୍ଟନାୟକ, ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନା, ସାମାଜିକ କର୍ମୀ ରାକେଶ ଦାଶ ଯୋଗଦେଇ ଐତିହାସିକ ସ୍ଥଳ ଅତ୍ରି ଏବଂ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ଅଲୌକିକତା ସମ୍ପର୍କରେ କହିଥିଲେ। ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳର ବହୁ ଲୁକ୍କାୟିତ ପ୍ରତିଭା ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିପାରୁଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବାସୁଦେବ ଜୟସିଂହ, ସୁଚିତ୍ରା ଜେନା, ପବିତ୍ର କୁମାର ପରିଡ଼ା, ବୈକୁଣ୍ଠ ନାଥ ସାହୁ ପ୍ରମୁଖଙ୍କୁ ମକର ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଳମ୍ବିତ ରାତିପର୍ଯ୍ୟନ୍ତ ଲୋଇସିଂହାର ସଙ୍ଗୀତ ସାଧନା, କଣ୍ଠଶିଳ୍ପୀ ଦୀପ୍ତିମୟୀ, ରଙ୍ଗିଲା ମଡର୍ନ ଡ୍ୟାନ୍ସ ଗ୍ରୁପ୍, ଉତ୍କଳ କନ୍ୟା ପାଇକ ଆଖଡ଼ା ଏବଂ ସ୍ଥାନୀୟ ଅଞ୍ଚଳର କୁନି କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ନବକିଶୋର ଖୁଣ୍ଟିଆ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସ୍ୱାଧୀନ ପଣ୍ଡା, ସାଗର ବରାଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁଧାକର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସରରେ ଅନୁଷ୍ଠିତ ହଟକେଶ୍ୱର ମକର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବେଗୁନିଆ ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

## ଶିକ୍ଷିତ ସମାଜ ଗଠନ ଦିଗରେ ସାହିତ୍ୟିକଙ୍କ ଅବଦାନ ଅତୁଳନୀୟ




ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ,୧୬।୧ (ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ ଶୁକ୍ରବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ସମାଜ ପକ୍ଷରୁ ୨୦୨୪-୨୫ ଓ ୨୬ ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସାହିତ୍ୟିକ ସମାଜର ଭାରପ୍ରାପ୍ତ ଅଧିକାରୀ ଡ. ସତ୍ୟଜିତ୍ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଡ. ସୋମନାଥ ବିଶୋୟୀ ଏବଂ ଅଧ୍ୟାପିକା ବିଜୟଲକ୍ଷ୍ମୀ ପୁରୁକୁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସୌମ୍ୟରଞ୍ଜନ ତ୍ରିପାଠୀ, ମୋନାଲି ବେହେରା, ଅନୁଭା ପାଲ୍ଟାସିଂହ ପ୍ରମୁଖ ସଭା ପରିଚାଳନା କରିଥିଲେ। ଭାରତ ଭଳି ପ୍ରଗତିଶୀଳ ରାଷ୍ଟ୍ର ଯେତେ ଅଗ୍ରଗତି କଲେ ମଧ୍ୟ ସାହିତ୍ୟିକଙ୍କ ଅବଦାନ ଅବର୍ଣ୍ଣନୀୟ। ଜ୍ଞାନ, ସଂସ୍କାର, ବିବେକ ଓ ଶାଳୀନତା ଉଚ୍ଚଶିକ୍ଷିତ ପାଇଁ ବାଟ ଖୋଲିଦିଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ୭୮ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମନୋନୀତ କରାଯାଇଥିବା ଭୋଳାନାଥ ପୃଷ୍ଟି, ଜଗନ୍ନାଥ ମହାପାତ୍ର, ବିଷ୍ଣୁ ପ୍ରସାଦ ଗୁରୁ, ବିଶ୍ୱ ରଞ୍ଜନ ସାହୁ ଓ ସୁଚିସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପାଣି ନମୁନା ରିପୋର୍ଟ ନେଗେଟିଭ, ସ୍ୱାଭାବିକ ହେବ ପାଠପଢ଼ା

## ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପିବା ପ୍ରସଙ୍ଗ

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ରୋଷେଇଘରେ ପାଇପ୍ ଫାଟି ପାଣି ଦୂଷିତ ହୋଇଥିଲା। ସେହି ପାଣିରୁ ଜଣ୍ଡିସ୍ ବ୍ୟାପିଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ତେବେ ଗତ ୧୨ ତାରିଖରେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଦ୍ୟାଳୟରେ ପହଞ୍ଚି ରୋଷେଇଘର ସମେତ ୧୩ ସ୍ଥାନରୁ ପାଣି ନମୁନା ସଂଗ୍ରହ କରିଥିଲା। ଏହି ପାଣି ରିପୋର୍ଟ ନେଗେଟିଭ୍ ଆସିଥିବା ସିଡିଏମ୍‌ଓ ଡା. ସଞ୍ଜୟ ରାୟ ସୂଚନା ଦେଇଛନ୍ତି। ଗୁରୁବାର ଯୁକ୍ତ୨ ଦ୍ୱିତୀୟ ବର୍ଷର ୪୦ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଫେରିଥିବା ବେଳେ ପିଲାଙ୍କ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଆକ୍ରାନ୍ତ ଛାତ୍ରୀଛାତ୍ର ମଧ୍ୟ ସୁସ୍ଥ ହେଉଛନ୍ତି। ନବୋଦୟ ବିଦ୍ୟାଳୟ ସମିତି ଏବଂ ଜିଲାପାଳଙ୍କ ସହ ଆଲୋଚନା ପରେ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଫେରିବା ପାଇଁ ପଦକ୍ଷେପ ନିଆଯିବ। ଖୁବ୍‌ଶୀଘ୍ର ପାଠପଢ଼ା ଏବଂ କ୍ୟାମ୍ପସ୍ ସ୍ୱାଭାବିକ୍ ହେବ ବୋଲି ଅଧ୍ୟକ୍ଷା ଡ. କବିତା କର କହିଛନ୍ତି। ପିଲାମାନେ ଆସିବା ବେଳେ ସାଥିରେ ଜଣ୍ଡିସ୍ ନେଗେଟିଭ୍ ରିପୋର୍ଟ ନେଇ ଆସିବେ। ଏଥିଲାଗି ସମସ୍ତ ଅଭିଭାବକଙ୍କୁ ଅବଗତ କରାଯାଇଛି। ନବୋଦୟ ବିଦ୍ୟାଳୟ ସମିତି କମିଶନରଙ୍କ ନିର୍ଦ୍ଦେଶକ୍ରମେ କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରାଯାଇଛି। ଛାତ୍ରାବାସ ୩ ସ୍ତରରେ ପରିଷ୍କାର ସହ ଶଯ୍ୟାଗୁଡ଼ିକୁ ବାହାରେ ଶୁଖାଯାଇଛି। ରୋଷେଇଘର, ଶୌଚାଳୟ, କ୍ଲାସ୍‌ରୁମ୍ ପରିଷ୍କାର କରାଯାଇଛି। ସଂକ୍ରମିତ ହୋଇଥିବା ସ୍ଥାନ ରୋଷେଇଘର ଏବଂ ଛାତ୍ରାବାସ କୋଠାରେ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଓଭରହେଡ୍ ଟ୍ୟାଙ୍କ ଏବଂ ସେଠାରୁ ସଂଯୋଗ ହୋଇଥିବା ଟ୍ୟାପ୍ ୱାଟର, ଜଳଉତ୍ସ ସଫା କରାଯିବ। ନିୟମିତ ବ୍ୟବଧାନରେ ପାଣି ନମୁନା ପରୀକ୍ଷଣ କରାଯିବ। ଏଥିସହିତ ପିଲାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯିବ। ଅଭିଭାବକମାନେ ପିଲାଙ୍କୁ ବାହାର ଖାଦ୍ୟ ଦେବାକୁ ବାରଣ କରାଯାଇଛି ବୋଲି ଅଧ୍ୟକ୍ଷା କର ସୂଚନା ଦେଇଛନ୍ତି।

# ୬ ମଣ୍ଡଳ ସଭାପତି ନିଯୁକ୍ତି ପାଇଁ ସୁପାରିସ

ବୋଲଗଡ଼,୧୬।୧(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ବୋଲଗଡ଼ ଏବଂ ବେଗୁନିଆ ବ୍ଲକ ଅନ୍ତର୍ଗତ ଭାଜପାର ୬ଟି ମଣ୍ଡଳ ପାଇଁ ସଭାପତି ନିଯୁକ୍ତ କରିବାକୁ ରାଜ୍ୟ ଭାଜପା ସାଙ୍ଗଠନିକ ସମ୍ପାଦକ ମାନସ ରଞ୍ଜନ ମହାନ୍ତିଙ୍କୁ ସୁପାରିସ କରିଛନ୍ତି। ବେଗୁନିଆ ବ୍ଲକ୍ ୨୨ନଂ. ଜୋନ୍ ଉତ୍ତର ବେଗୁନିଆ ମଣ୍ଡଳ ପାଇଁ ମନୋଜ ମହାପାତ୍ର, ୨୩ନଂ. ଜୋନ୍ ମଧ୍ୟ ବେଗୁନିଆ ମଣ୍ଡଳ ପାଇଁ ଜିତେନ୍ଦ୍ର କୁମାର ସାହୁ ଏବଂ ୨୪ନଂ. ଜୋନ୍ ଦକ୍ଷିଣ ବେଗୁନିଆ ମଣ୍ଡଳ ପାଇଁ ଲକ୍ଷ୍ମୀଧର ପାଟଶାଣୀଙ୍କ ନାମ ସୁପାରିସ୍ ହୋଇଛି। ସେହିପରି ବୋଲଗଡ଼ ବ୍ଲକ ଅନ୍ତର୍ଗତ ୨୫ନଂ. ଜୋନ୍ ବୋଲଗଡ଼ ମଣ୍ଡଳ ପାଇଁ ନିକଟସ୍ଥ ଅରଖପଲ୍ଲୀ ଗ୍ରାମର ଯୁବ ଭାଜପା ସଙ୍ଗଠକ ଦିପନ ବିଶ୍ୱାଳ, ୨୬ନଂ. ଜୋନ୍ ପାଞ୍ଚଗଡ଼ ମଣ୍ଡଳ ପାଇଁ ଆରିକମାର ମିଥୁନ ପାଇକରାୟ ଏବଂ ୨୭ନଂ. ଜୋନ୍ ପିରୁକୁଳି ମଣ୍ଡଳ ପାଇଁ ଚମ୍ପାଇଲୋ ଗ୍ରାମର ଅରୁଣ ସାହୁଙ୍କ ନାମକୁ ସଭାପତି ବଡ଼ଜେନା ଅନୁମୋଦନ କରିବାକୁ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ସୁପାରିସ୍ ପତ୍ର ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ଏହି ପ୍ରସ୍ତାବିତ ସଦସ୍ୟମାନେ ଦଳୀୟ କାର୍ଯ୍ୟ, ସଙ୍ଗଠନ ଓ ସାଧାରଣ ଲୋକଙ୍କ ସେବାରେ ସକ୍ରିୟ ଥିବାରୁ ସେମାନଙ୍କ ନାମ ଅନୁମୋଦିତ ହେଲେ ମଣ୍ଡଳ କମିଟି ଅଧିକ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଛି।

# କୁରକୁରେ ପାଇଁ ଗଲା ଶିଶୁପୁତ୍ର ଜୀବନ

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)

## ପ୍ୟାକେଟ୍‌ରେ ଥିବା ବେଲୁନ୍ ଫୁଙ୍କିଲା ବେଳେ ତଣ୍ଟିରେ ଅଟକିଗଲା



ତାପସ ପାଇକରାୟ। (ଫାଇଲ ଫଟୋ)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ନିଧିପୁର ଗ୍ରାମରେ ଗତ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। କୁର୍‌କୁରେ ପ୍ୟାକେଟ୍‌ରେ ଥିବା ଫ୍ରି କୁପନ ବେଲୁନ୍‌କୁ ଜଣେ ୬ ବର୍ଷର ଶିଶୁପୁତ୍ର ଫୁଙ୍କିବା ବେଳେ ତାହା ତାଙ୍କ ତଣ୍ଟିରେ ଅଟିକି ଯାଇଥିଲା। ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ହଠାତ୍ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକମାତ୍ର ପୁଅକୁ ହରାଇ ପରିବାର ମାନସିକସ୍ତରରେ ଭାଙ୍ଗି ପଡ଼ିଥିବା ବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଲଘଟଣାରୁ ପ୍ରକାଶ, ଏହି ଗ୍ରାମର ଅଭୟ ପାଇକରାୟଙ୍କ ଗୋଟିଏ ଝିଅ ଏବଂ ପୁଅ ତାପସ। ପୁଅ ତାପସ ଗାଁ ସ୍କୁଲ ଶିଶୁବାଟିକାରେ ପଢ଼ନ୍ତି। ସବୁଦିନ ପରି ଗତ ସୋମବାର ମଧ୍ୟ ସେ ସ୍କୁଲ ଯାଇଥିଲେ। ପରେ ଟ୍ୟୁଶନରୁ ଘରକୁ ଫେରିଥିଲେ। ଘରେ ଥିବା କୁର୍‌କୁରେ ଖାଇବାକୁ ମା'ଙ୍କୁ ଦେବାକୁ କହିଥିଲେ। ତାପସ କୁର୍‌କୁରେ ଖାଇବା ପରେ ସେଥିରୁ ବାହାରିଥିବା ବେଲୁନକୁ ଫୁଙ୍କୁଥିଲେ। ହଠାତ୍ ବେଲୁନ ତଣ୍ଟି ଭିତରକୁ ଚାଲି ଯାଇଥିଲା। ବାହାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଚିତ୍କାର ଶୁଣି ପରିବାର, ପଡ଼ିଶା ଲୋକେ ପହଞ୍ଚିଲେ। ପରିବାର ଲୋକେ ତାପସଙ୍କୁ ତୁରନ୍ତ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ମା' ଗୋଲାପ କହିଛନ୍ତି, ଦିଅଁଙ୍କୁ ପୂଜି ପୁଅଟିଏ ପାଇଥିଲି। ପୁଅକୁ ଭଲ ମଣିଷ କରିବା ପାଇଁ ବହୁ ସ୍ୱପ୍ନ ଦେଖିଥିଲୁ, ଏମିତି ଜୀବନ ଚାଲିଯିବ ବୋଲି ଆଶା କରି ନ ଥିଲି। ବାପା ଅଭୟ କହିଥିଲେ, ପୁଅକୁ ଭଲ ପାଠ ପଢ଼ାଇବା, ଉତ୍ତମ ପରିବେଶ ଦେବା ପାଇଁ ଦିନରାତି ପରିଶ୍ରମ ବୃଥା ହୋଇଗଲା। ଘରକୁ ଫେରିବା ବେଳେ ବାପା ଡାକଟା ସବୁଦିନ ପାଇଁ ଚାଲିଗଲା ବୋଲି କହିଛନ୍ତି। ଗ୍ରାମର ପ୍ରକାଶ ପ୍ରଧାନ କୁହନ୍ତି, ବହୁ ବେନାମୀ କମ୍ପାନୀ ଦ୍ୱାରା ପ୍ରସ୍ତୁତ କୁର୍‌କୁରେ ବଜାରରେ ବିକ୍ରି ହେଉଛି। ସେଥିରେ ଛୋଟପିଲାଙ୍କୁ ଆକର୍ଷିତ କରିବା ପାଇଁ ଖେଳଣା ସାମଗ୍ରୀ ରଖୁଛନ୍ତି। ଫଳରେ ପିଲାମାନେ ଅଜାଣତରେ ମୃତ୍ୟୁମୁଖରେ ପଡୁଛନ୍ତି। ଏଭଳି କମ୍ପାନୀ ଉପରେ ସରକାର ତୁରନ୍ତ କଟକଣା ଜାରି କରିବା ସହ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

# ୧୮ରେ ଦ୍ୱିତୀୟ ଜଟଣୀ ପଥ ଉତ୍ସବ

ଜଟଣୀ,୧୬।୧(ରବୀନ୍ଦ୍ରନାଥ ମହାକୁଡ଼)

ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ଜଟଣୀ ପଥ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ଓଗାଳପଡ଼ାସ୍ଥିତ ମା' ବାଟଭୁଆସୁଣୀ ମନ୍ଦିର ସମ୍ମୁଖ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ସୂଚନା ଦେଇଛନ୍ତି। ଡ. ଋଷି ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିକାଶ ପରିଷଦ ଏହି ପଥ ଉତ୍ସବର ଦାୟିତ୍ୱ ନିର୍ବାହ ପାଇଁ ନିଷ୍ପତ୍ତି ହୋଇଥିଲା। ବିକାଶ ପରିଷଦ ସଭାପତି ସୁଦର୍ଶନ ସୁନ୍ଦରାୟ, ଡ. ଉମାକାନ୍ତ ପଟ୍ଟନାୟକ, କୈଳାସ ଚନ୍ଦ୍ର ମହାପାତ୍ର, ଲିଟୁ ରଞ୍ଜନ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ସତୀଶ୍ ଶର୍ମା, ସବ୍ୟସାଚୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଥ ଉତ୍ସବ ଖୋର୍ଦ୍ଧା ପିପିଲି ମୁଖ୍ୟରାସ୍ତାର ହରିଭାଇନା ଛକଠାରୁ ମହୁଲଗୁଡ଼ିଆ ଛକ ମଧ୍ୟରେ ଥିବା ଦୁଇପାର୍ଶ୍ୱ ରାସ୍ତାରେ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଇଚ୍ଛୁକ କଳାକାର, ସାଂସ୍କୃତିକ ଅନୁଷ୍ଠାନ, ସ୍କୁଲ, କଲେଜ ତଥା ଆଗ୍ରହୀ ବ୍ୟକ୍ତିମାନେ ଫୋନ୍‌ନମ୍ବର(୯୩୩୭୦୫୨୭୦୬)ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ଏଥର ୧୪୫ଟି କାର୍ଯ୍ୟକ୍ରମ ପଥ ଉତ୍ସବରେ ପ୍ରଦର୍ଶନ ସହ ସ୍ଥାନୀୟ ସ୍ୱେଚ୍ଛାସେବୀ, ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। କୈଳାସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଫଳତା ପାଇଁ ଶୃଙ୍ଖଳା, ଏକାଗ୍ରତା ଜରୁରୀ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)

## ମହିଳା ମହାବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡ଼ା

■ ଯୁକ୍ତ ୨ରେ ଦୀପାଳି, ଯୁକ୍ତ ୩ରେ ବର୍ଷାରାଣୀ ଚାମ୍ପିୟନ

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତ୍ୟେକ ଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ରହିଛି। ଅନ୍ତର୍ନିହିତ ପ୍ରତିଭା ଜାଗ୍ରତ ସହ ଦୃଢ଼ ଆତ୍ମବିଶ୍ୱାସର ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ପାଠପଢ଼ା ସହ ଖେଳକୁଦ ଜରୁରୀ। କ୍ରୀଡା ଆଗକୁ ବଢିବାର ମାର୍ଗ ପ୍ରଶସ୍ତ କରିଥାଏ। ବହୁ କ୍ରୀଡାବିତ ଦେଶର ଗୌରବ ରଖିଛନ୍ତି। ସଫଳ କ୍ରୀଡାବିତ ହେବା ପାଇଁ ନିରନ୍ତର ପ୍ରୟାସ, ଶୃଙ୍ଖଳା ଏବଂ ଏକାଗ୍ରତା ଆବଶ୍ୟକ ବୋଲ କହିଥିଲେ। ଯୁକ୍ତ ୨ରେ ଦୀପାଳି କାଣ୍ଡି, ଯୁକ୍ତ ୩ରେ ବର୍ଷାରାଣୀ ମହାଭୋଇ ଚାମ୍ପିୟନ ହୋଇଛନ୍ତି। କ୍ରୀଡା ଶିକ୍ଷକ ଦୀପକ କୁମାର ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ଡ.ମୌସୁମୀ ପଟେଲ, ବିଭୂତି ଭୂଷଣ ଦାସ, ନୀତା ଦାସଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକମାନେ ସହଯୋଗ କରିଥିଲେ।

# ମେଣ୍ଟାଶାଳ ଫାଇନାଲରେ




ଅତିଥିଙ୍କଠାରୁ ଜଣେ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼/କଳାପଥର, ୧୬।୧ (ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)

## ମା' ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କାଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଚତୁର୍ଦ୍ଦଶତମ ମା' ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସୁରପ୍ରତାପ ଢେଙ୍କାନାଳ ଏବଂ ମେଣ୍ଟାଶାଳ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଢେଙ୍କାନାଳ ସୁରପ୍ରତାପ ଟିମ୍ ପ୍ରଥମେ ବ୍ୟାଟିଂକରି ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୨୦ ରନ୍ ସଂଗ୍ରହ କରିଥିଲା। ଜବାବରେ ମେଣ୍ଟାଶାଳ କ୍ରିକେଟ କ୍ଲବ୍ ୧୯.୧ ଓଭରରେ ୬ ଉଇକେଟ ହରାଇ ୨୨୧ ରନ୍ ସଂଗ୍ରହକରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ମେଣ୍ଟାଶାଳ ଟିମ୍‌ର ଆଇ.ଏସ୍. ଗିରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ବିନୟ ପାଇକରାୟ ଏବଂ ମନୋଜ ମହାପାତ୍ର ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ସୁଦର୍ଶନ ପ୍ରଧାନ, ଭାଷ୍ୟକର ଭାବେ ପୂର୍ଣ୍ଣଚନ୍ଦ୍ର ମୁଦୁଲି ଏବଂ ମ୍ୟାଚ୍ ରେଫରି ଭାବେ ସୁଧିରଞ୍ଜନ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲାସ୍ତରୀୟ ଏକତା ପଦଯାତ୍ରା, ଯୁବୋତ୍ସବ

ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)



ଜିଲାସ୍ତରୀୟ ଏକତା ପଦଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଏବଂ ଏନ୍‌ସିସି କ୍ୟାଡେଟମାନେ।

ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଜିଲା କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଏକତା ପଦଯାତ୍ରା ଏବଂ ଯୁବୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକତା ପଦଯାତ୍ରା ଆରମ୍ଭ ହୋଇ ପୌର ପରିଷଦର ଜୟୀ ରାଜଗୁରୁ ଟାଉନ୍‌ହଲ୍‌ରେ ପହଞ୍ଚିଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍ସଗାଇଡ୍ସ, ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ, କ୍ରୀଡ଼ାପ୍ରେମୀ ପ୍ରମୁଖ ସାମିଲ ହୋଇଥିଲେ। ଜୟୀ ରାଜଗୁରୁ ଭବନରେ ଆୟୋଜିତ ଯୁବୋତ୍ସବ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଉଦ୍‌ଘାଟନ କରି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି, ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ସର୍ଦ୍ଦାର ପଟେଲଙ୍କ ଜୀବନୀ ପଢ଼ି ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ବଜାୟ ପାଇଁ ସଂକଳ୍ପ କରନ୍ତୁ। ଏଥିସହିତ ନିଜର ସମ୍ବଳ ଶକ୍ତିକୁ ଜାଗ୍ରତକରି ବ୍ୟକ୍ତିତ୍ୱ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱରେ ଏକ ଭାରତ, ଆତ୍ମନିର୍ଭର ଭାରତ ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣର ଭିଜନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ମନୋବିଜ୍ଞାନୀ ଶ୍ୱେତା ଅଗ୍ରୱାଲ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଯୋଗଦେଇ ଯୁବ ସଶକ୍ତୀକରଣ, ରାଷ୍ଟ୍ର କାର୍ଯ୍ୟରେ ବ୍ରତୀ ହେବାକୁ କହିଥିଲେ। ଜିଲା କ୍ରୀଡ଼ାଧିକାରୀ ପଣ୍ଡା ସଭାପତିତ୍ୱ ଭାଷଣରେ ଏହି ଏକତା ପଦଯାତ୍ରାର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପାଠପଢ଼ା ସହ ଖେଳକୁଦରେ ମନୋନିବେଶ କରିବାକୁ କହିଥିଲେ। ଏହି ଅବସରରେ

## କଳା, ନୈପୁଣ୍ୟତା ଦେଖାଇଲେ ଛାତ୍ରୀଛାତ୍ର

ଛାତ୍ରୀଛାତ୍ରମାନେ ସମରକଳା, ଜୁଡୋ, କରାଟେ, ଯୋଗ, ପିରାମିଡ୍, ପାଇକ ଆଖଡ଼ା, ନୃତ୍ୟ ସଙ୍ଗୀତ, ଲୋକକଳା ପ୍ରଦର୍ଶନକରି ପ୍ରତିଭା ଦେଖାଇଥିଲେ। ଅମ୍ରିତମ୍ ବିଦ୍ୟାଳୟମ୍‌ର ଛାତ୍ରୀଛାତ୍ରମାନେ ବ୍ୟାଣ୍ଡ ବାଜା ପରିବେଷଣ କରିଥିଲେ। ପରେ ଖେଲୋ ଇଣ୍ଡିଆ, ତାପଙ୍ଗ କେନ୍ଦ୍ର ଦ୍ୱାରା ଯୋଗାଭ୍ୟାସ, କରାଟେ ପ୍ରଦର୍ଶନୀ, ସୁସ୍ମିନ ପାଲଟାସିଂଙ୍କ ଦ୍ୱାରା କାଟା ପ୍ରଦର୍ଶନୀ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଏବଂ ଜୁଡୋ ଖେଳାଳି ରୋହିତ ଦାସଙ୍କ ଦ୍ୱାରା ଜୁଡୋ ପ୍ରଦର୍ଶନୀ, ଶ୍ୱେତା ଅଗ୍ରୱାଲଙ୍କ ଆଇସ୍ ବ୍ରେକିଂ, ରାଜେଶ ସାହୁଙ୍କ ନୃତ୍ୟ ପରିବେଷଣ, ପର୍ବତାରୋହୀ ତାରାକାନ୍ତ ପରିଡ଼ାଙ୍କ ଦ୍ୱାରା ଦଉଡ଼ିରେ ପର୍ବତାରୋହଣ, ଅଜୟ ପଣ୍ଡାଙ୍କ ସୁସ୍ଥ ଶରୀର ଗଠନ ପ୍ରଦର୍ଶନୀ ଆକର୍ଷଣୀୟ ହୋଇଥିଲା ।

**୧୨ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୭ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି): ବ୍ରହ୍ମଗିରି ଥାନା ଅନ୍ତର୍ଗତ ମା' ପାଦୁକେଇ ମନ୍ଦିର ମେଳଣ ପଡ଼ିଆରୁ ୭ଜଣ ବ୍ରାଉନସୁଗାର ବେପାରୀଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ୧୧୯ ଗ୍ରାମ୍ ବ୍ରାଉନ ସୁଗାର, ୧୨ ହଜାର ୫ ଶହ ଟଙ୍କା, ଗୋଟିଏ ଚାରିଚକିଆ ଏବଂ ୩ଟି ଦୁଇଚକିଆ ଗାଡ଼ି, ୧୦ ଟି ମୋବାଇଲ ଫୋନ୍ ଜବତ କରିଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ ବୋଲି ଶୁକ୍ରବାର ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ତାଳବଣିଆ ଅଞ୍ଚଳର ସୁଜିତ ନାୟକ, ନାରାୟଣ ପ୍ରଧାନ, ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର ଦୀପକ ପଣ୍ଡା, ଖୋର୍ଦ୍ଧାର ବିଭୂତି ଭୂଷଣ ପଟ୍ଟନାୟକ, ବ୍ରହ୍ମଗିରିର ଶିବପ୍ରସାଦ ସେଠୀ, ପପୁନ୍ ସୁନ୍ଦରା ଏବଂ ବିଶେଶ୍ୱର ନାୟକ। ଖୋର୍ଦ୍ଧାରୁ ଅଭିଯୁକ୍ତମାନେ ବ୍ରାଉନ ସୁଗାର ଆଣି ପୁରୀରେ ବିକ୍ରୀ କରିବା ପାଇଁ ଯୋଜନା କରିଥିଲେ।






୧୬।୧।୨୦୨୬

| ୬,୩୩,୬୯୫ ଟଙ୍କା | |
|---|---|
| ସୁନା | ୧.୭୦୦ ଗ୍ରାମ୍ |
| ରୁପା | ୧୬୬.୭୦୦ ଗ୍ରାମ୍ |

# ସମ୍ଭାବ୍ୟ ସମସ୍ୟା ଚିହ୍ନଟ ସହ ମୁକାବିଲାକୁ ଗୁରୁତ୍ୱ

## ରଥଯାତ୍ରା ପାଇଁ ସହର ବୁଲି ସମୀକ୍ଷାକଲେ ଏସ୍‌ପି

ପୁରୀ,୧୬।୧(ଅଜିତ୍ କୁମାର ମହାନ୍ତି)

ଆସନ୍ତା ରଥଯାତ୍ରା ଉପଲକ୍ଷେ ପୁରୀକୁ ଦେଶ ଓ ବିଦେଶରୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବ। ଏହି ପରିପ୍ରେକ୍ଷୀରେ ସାର୍ବଜନୀନ ସୁରକ୍ଷା, ଶାନ୍ତିଶୃଙ୍ଖଳା ଓ ସୁସଂଗଠିତ ଯାତାୟାତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ପୂର୍ବପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶୁକ୍ରବାର ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ପୁରୀର ବିଭିନ୍ନ ସାହି, ଗଳି, ଲେନ୍ ଓ ବାଇ-ଲେନ୍‌ର ମାଇକ୍ରୋ ଲେଭଲ୍ ସମୀକ୍ଷା ଓ ଭୂମିସ୍ତରୀୟ ଇନ୍ସପେକ୍ସନ୍ କରାଯାଇଛି। ଏହି ସମୟରେ ଦକ୍ଷିଣଦ୍ୱାର, ଧାନକୁଟି ସାହି, ବରାହୀ ଲେନ୍, କାମାକ୍ଷା ଛକ, ଜମ୍ଭେଶ୍ୱର ମନ୍ଦିର, ହରଚଣ୍ଡୀ ସାହି, ମଣିକର୍ଣ୍ଣିକା ସାହି, ଗଣ୍ଡୁଆ ଚଉରା ଛକ ସହିତ ପୁରୀ ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ କରାଯାଇଥିଲା। ଏହି ସମସ୍ତ ଅଞ୍ଚଳ ଦେଇ ରଥଯାତ୍ରା ସମୟରେ ଓ ସାଧାରଣ ଦିନରେ ସହସ୍ରାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଯାତାୟାତ ହୋଇଥାଏ। ଇନ୍ସପେକ୍ସନ୍ ସମୟରେ ଏସ୍‌ପି ସିଂ ନିଜେ ଲେନ୍ ଓ ବାଇ-ଲେନ୍‌ଗୁଡ଼ିକର ଚଉଡ଼ା, ରାସ୍ତାର ଭୌତିକ ଅବସ୍ଥା, ସମ୍ଭାବ୍ୟ ଟ୍ରାଫିକ୍ ଅବରୋଧ, ଅନାବଶ୍ୟକ ଓ ବେଆଇନ ପାର୍କିଂ, ଭିଡ଼ପ୍ରବଣ ଅଞ୍ଚଳ, ଅନ୍ଧାର ସ୍ଥାନ, ଆଲୋକ ବ୍ୟବସ୍ଥା, ସିସିଟିଭି କଭରେଜ୍ ଓ ଆପାତକାଳୀନ ସ୍ଥିତିରେ ରେସ୍କ୍ୟୁ ଏବଂ ଏକ୍‌ଜିଟ୍ ରୁଟ୍ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ନିକଟସ୍ଥ ଥାନା ଅଧିକାରୀ, ସହର ଡିଭିଜନର ଅଧିକାରୀ ଓ ଫିଲ୍ଡ ଅଫିସରମାନଙ୍କୁ ସମ୍ଭାବ୍ୟ ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକୁ ପୂର୍ବରୁ ଚିହ୍ନଟକରି ସମୟ ପୂର୍ବରୁ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି କହିଛନ୍ତି, ରଥଯାତ୍ରା ଓ ପର୍ଯ୍ୟଟନ ଋତୁରେ ପୁରୀକୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସନ୍ତି। ସେମାନଙ୍କ ସୁରକ୍ଷା, ସୁବିଧା ଓ ସକାରାତ୍ମକ ଅନୁଭବ ନିଶ୍ଚିତ କରିବା ପୁରୀ ପୋଲିସର ପ୍ରଥମ ପ୍ରାଥମିକତା। ସେଥିପାଇଁ ସାହି, ଗଳି ଓ ବାଇ-ଲେନ୍‌ରେ ଯାଇ ମାଇକ୍ରୋ ଲେଭେଲ୍‌ରେ ସମୀକ୍ଷା କରାଯାଉଛି। ପୋଲିସ ପକ୍ଷରୁ ସହରବାସୀ, ବ୍ୟବସାୟୀ, ହୋଟେଲ ମାଲିକ ଓ ପର୍ଯ୍ୟଟକଙ୍କୁ ସହଯୋଗ ପାଇଁ ଆହ୍ୱାନ କରାଯାଇଛି। କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ, ଅସାମାଜିକ ତତ୍ତ୍ୱ କିମ୍ବା ଆପାତକାଳୀନ ସ୍ଥିତି ଦେଖିଲେ ତୁରନ୍ତ ୧୧୨ କିମ୍ବା ନିକଟସ୍ଥ ଥାନାକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବାବେଳେ ମହିଳାମାନେ ଯେକୌଣସି ସମସ୍ୟାରେ ନିର୍ଭୟ ଭାବେ ପୋଲିସ ସହ ଯୋଗାଯୋଗ କରିପାରିବେ। ପର୍ଯ୍ୟଟକ ସୁରକ୍ଷା ଓ ଶାନ୍ତି-ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ପର୍ଯ୍ୟାୟକ୍ରମେ ମାଇକ୍ରୋ ଲେଭଲ୍ ସମୀକ୍ଷା, ରୁଟ୍ ମ୍ୟାନେଜମେଣ୍ଟ, ପଦଚାରୀ ପାଟ୍ରୋଲିଂ, ନାକାବନ୍ଦୀ ଓ ଆଧୁନିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଉଛି। ସମୀକ୍ଷା ସମୟରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଏବଂ ଏସ୍‌ଏସ୍‌ଏମ୍‌ଏସ୍‌ଭିର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଜୟ ନନ୍ଦ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନକଲେ ହକି ଖେଳାଳି



ମହାପ୍ରଭୁଙ୍କ ଦର୍ଶନ ସାରି ହକି ଖେଳାଳିମାନେ ଶ୍ରୀମନ୍ଦିରରୁ ଫେରୁଛନ୍ତି।

ପୁରୀ,୧୬।୧(ଅଜିତ୍ କୁମାର ମହାନ୍ତି)

ଭାରତୀୟ ହକି ଟିମ୍‌ର ଖେଳାଳି ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ହକି ଟିମ୍‌ର ପୂର୍ବତନ ଗୋଲ୍‌କିପର ତଥା ଜୁନିୟର ଟିମ୍‌ର କୋଚ୍ ପି.ଆର୍ ଶ୍ରୀଜେଶ ଏବଂ ଅନ୍ୟ ଷ୍ଟାଫ୍ ଖେଳାଳିମାନେ ଶ୍ରୀମନ୍ଦିର ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଖେଳାଳିମାନେ କଡ଼ା ସୁରକ୍ଷା ମଧ୍ୟରେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀଜେସ୍ ଓ ଅନ୍ୟମାନେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ପୂଜାର୍ଚ୍ଚନା ଓ ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖେଳାଳିମାନଙ୍କୁ ଠାକୁରଙ୍କ ଶୁଖିଲା ମହାପ୍ରସାଦ ଓ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଜେସ୍ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦିତ ହେଲି। ଯେବେ ଭୁବନେଶ୍ୱର ଆସେ, ସେତେବେଳେ ମହାପ୍ରଭୁଙ୍କ ଦର୍ଶନ କରିବାର ସୌଭାଗ୍ୟ ମିଳିଥାଏ। ମହାପ୍ରଭୁଙ୍କ ଦର୍ଶନ କରିବାରେ ପ୍ରଶାସନ ସହଯୋଗ ଯୋଗାଇ ଦେଇଛନ୍ତି। ମହାପ୍ରଭୁ ଭାରତୀୟ ହକି ଟିମ୍‌ର ମଙ୍ଗଳ ସହ ଉନ୍ନତି କରନ୍ତୁ ସେନେଇ କାମନା କରିଛୁ। ହକି ଲିଗ୍ ଖେଳିବାକୁ ଓଡ଼ିଶା ଆସିଛୁ। ଖେଳରେ ଯେପରି ତାଙ୍କ ଟିମ୍ ଭଲ ପ୍ରଦର୍ଶନ କରିବା ସହ ଫାଇନାଲ ଜିତିବ, ସେଥିଲାଗି ମଧ୍ୟ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି ବୋଲି ଶ୍ରୀଜେଶ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଠାକୁର ଅଭିରାମ ପରମହଂସଙ୍କ ୧୨୩ ତମ ଜନ୍ମ ଉତ୍ସବ

କଣାସ,୧୬।୧(ବିଭୁତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କରମଳାସ୍ଥିତ ଶାନ୍ତି ଆନନ୍ଦ ଆଶ୍ରମରେ ଶୁକ୍ରବାର ଠାକୁର ଅଭିରାମ ପରମହଂସଙ୍କ ୧୨୩ ତମ ଜନ୍ମ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆଶ୍ରମର ଆଚାର୍ଯ୍ୟ ବଳରାମ ଦାସ ମହାରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ତିନିଦିନ ଧରି ଏହି ଜନ୍ମ ଉତ୍ସବ ପାଳନ କରାଯାଉଥିବାବେଳେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଯୋଗଦେବାକୁ ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଭାଗବତ ପରାୟଣ, ବିଶ୍ୱଶାନ୍ତି ଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ। ପ୍ରକାଶ ଥାଉକି, ଠାକୁର ଅଭିରାମ ପରମହଂସ ୧୯୦୪ ଜାନୁଆରୀ ୧୮ରେ କରମଳା (ଭୋଇପଡ଼ା) ଗ୍ରାମରେ ପିତା ସତ୍ୟବାଦୀ ଓ ମାତା ରାଧା ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ବ୍ରହ୍ମଗିରିର ଖାଣ୍ଡବ ବନରେ ତପସ୍ୟା କରି ବନଦୁର୍ଗାଙ୍କ ଠାରୁ ବର ପ୍ରାପ୍ତ ହୋଇଥିଲେ।

### 'ସ୍ପର୍ଶ କୁଷ୍ଠ ସଚେତନତା' ଅଭିଯାନ ପାଇଁ ଶପଥ ପାଠ

ପୁରୀ,୧୬।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ 'ସ୍ପର୍ଶ କୁଷ୍ଠ ସଚେତନତା' ଅଭିଯାନ ନିମିତ୍ତ ଏକ ଶପଥ ପାଠ କାର୍ଯ୍ୟକ୍ରମ ଶୁକ୍ରବାର ଜିଲା ସମନ୍ୱୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ଏଥିନିମିତ୍ତ ଏକ ବୈଠକ ଆଭାସି ମାଧ୍ୟମରେ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ସ୍ପର୍ଶ କୁଷ୍ଠ ସଚେତନତା' ଅଭିଯାନ ଉପରେ 'ଜିଲାପାଳଙ୍କ ବାର୍ତ୍ତା' ପଠନ କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥି, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ମାନସ ରଞ୍ଜନ ଦାଶ, ଜିଲା କୁଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ କୁମାର ରାଉତ, ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନିମିତ୍ତ ୧୫ ଦିନିଆ ଅଭିଯାନ ଜାନୁଆରୀ ୩୦ରୁ ଆରମ୍ଭ ହୋଇ ଫେବୃଆରୀ ୧୩ ପର୍ଯ୍ୟନ୍ତ ଜିଲାର ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୨୪୧ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଧ୍ୟ ପାଳନ କରାଯିବ। ଏଥିସହ ସମସ୍ତ ପଞ୍ଚାୟତ ଓ ଗ୍ରାମ ସଭା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବ।

### ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ଶୋକ

ଅସ୍ତରଙ୍ଗ,୧୬।୧(ମମତା ଜେନା)

କାକଟପୁର ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ୟବାଦୀ ନେତା ସୋମନାଥ ପାତ୍ରଙ୍କ ବିୟୋଗରେ ଶୁକ୍ରବାର ଅସ୍ତରଙ୍ଗ ପ୍ରେସ୍ କ୍ଲବରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବ ସଭାପତି ଶରତ ଚନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ମମତା ଜେନା, କଲ୍ୟାଣ ପାଣ୍ଡି ଅଧକ୍ଷ ପ୍ରମୋଦ ଦାସ, ପ୍ରିୟବ୍ରତ ମୁଦୁଲି, ଅନିଲ କୁମାର ବାରିକ, ତ୍ରିଲୋଚନ ବେହେରା, ଅଲେଖ ବିଶ୍ୱାଳ, ଜ୍ୟୋତି ଶଙ୍କର ଦାସ ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ। ତାଙ୍କ ସଂଗ୍ରାମୀ ଜୀବନ ଓ କୃଷକଙ୍କ ପାଇଁ ସଂଘର୍ଷ ସମ୍ପର୍କରେ ସଦସ୍ୟମାନେ ସ୍ମୃତିଚାରଣ କରିଥିଲେ।

# 'ଦିବ୍ୟାଙ୍ଗମାନେ ସମାଜ ପାଇଁ ବୋଝ ନୁହନ୍ତି'



ପର୍ପଲ ଫେୟାରରେ ଅତିଥିମାନେ ଏକ ଷ୍ଟଲ ବୁଲି ଦେଖୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପର୍ପଲ ଫେୟାର ଆୟୋଜିତ

ପୁରୀ,୧୬।୧ (ଅଜିତ୍ କୁମାର ମହାନ୍ତି)

ଦିବ୍ୟାଙ୍ଗମାନେ ସମାଜର ଏକ ଅଙ୍ଗ। ସେମାନେ ସମାଜ ପାଇଁ ବୋଝ ନୁହନ୍ତି। ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କଲେ ସେମାନେ ସମାଜର ସମ୍ବଳ ପାଲଟିବେ। ସେମାନଙ୍କ ଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ଆମେ ସାମୁହିକ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି। ଶୁକ୍ରବାର ପୁରୀ ଟାଉନ ହଲରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଏସ୍‌ଭିନିରତାର ସହାୟତାରେ ପର୍ପଲ ଫେୟାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ବେହେରା ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ, ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଆ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ନିରତାର ଉପନିର୍ଦ୍ଦେଶକ ସତ୍ୟଜିତ ପଟ୍ଟନାୟକ କହିଥିଲେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ନିରତାର ମାଧ୍ୟମରେ ସମସ୍ତ ଜିଲାରେ ଏହି ପର୍ପଲ ମେଳା ଆୟୋଜନ କରାଯାଉଛି। ବଲାଙ୍ଗୀର ଓ ଢେଙ୍କାନାଳରେ ଏହା ସରିଥିବାବେଳେ ପୁରୀରେ ହେଉଛି। ଆଗାମୀ ଦିନରେ ଅନ୍ୟ ଜିଲାରେ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ପରେ ଅତିଥିମାନେ ପ୍ରଦର୍ଶନୀ ମେଳାକୁ ଉଦଘାଟନ ଓ ପରିଦର୍ଶନ କରିବା ସହ ଝୋଟି ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ। ପରେ ଦିବ୍ୟାଙ୍ଗ ପ୍ରତିଭାଧାରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ,୧୬।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଶନିବାର ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ଏହି ବୈଠକରେ ପରିଚାଳନା କମିଟିର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ବୈଠକରେ ବିଶେଷକରି ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସମ୍ପର୍କରେ ଆଲୋଚନା କରାଯିବ। ଗତ ରତ୍ନଭଣ୍ଡାର ହାଇଲେଭଲ ମିଟିଂରେ ଅଳଙ୍କାର ଗଣତିମଣତି ଚିଠା ପ୍ରସ୍ତାବ ଆଗତ ହୋଇଥିବା ବେଳେ ଶୁଭ ମୁହୂର୍ତ୍ତ ମଧ୍ୟ ବୈଠକରେ ବାହାରିପାରେ। ବୈଠକରେ ଏହି ଚିଠା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ସେହିପରି ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ିଦର୍ଶନ, ସୁରକ୍ଷା ପ୍ରସଙ୍ଗକୁ ନେଇ ବିଶେଷ ଆଲୋଚନା କରାଯିବ। ଶ୍ରୀମନ୍ଦିର ଆଇନରେ ପ୍ରଚଳିତ ନିୟମ ଅନୁଯାୟୀ କଠୋର ଦଣ୍ଡବିଧାନ ନାହିଁ। ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହି ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯିବ। ଏତଦବ୍ୟତୀତ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି, ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ସହ ଶ୍ରୀମନ୍ଦିର ସଂକ୍ରାନ୍ତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ, ସୁରକ୍ଷା ପ୍ରଶାସକ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହିବେ।

# ସତ୍ୟବାଦୀ ବ୍ଲକ୍‌ରେ ଧାନମଣ୍ଡି ଉଦ୍‌ଘାଟିତ

ସାକ୍ଷୀଗୋପାଳ,୧୬।୧(ଭରତ ରାଉତ)

## ୫, ୪୦୦ ଚାଷୀଙ୍କଠାରୁ ୧, ୨୦, ୫୧୫ କୁଇଣ୍ଟାଲ ଧାନ କିଣା ହେବ

ଚଳିତ ଖରିଫ ଋତୁ ପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାର ସତ୍ୟବାଦୀ ବ୍ଲକର ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକଙ୍କ ପ୍ରତିନିଧି ତ୍ରିଲୋଚନ ରଥ ସଭାପତିତ୍ୱ କରିଥିଲେ। ବିଡିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପୁରୁଷୋତ୍ତମ ନାୟକ, ସମିତି ସଭ୍ୟ ଦୀପକ ଶତପଥୀ, ଜୟପୁର ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ସାମନ୍ତରାୟ ଓ ବ୍ଲକ ଯୋଗାଣ ଅଧିକାରୀ ଦେବ ଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ୧୬ ଟି ସମବାୟ ସମିତି ଓ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ବର୍ଷ ସତ୍ୟବାଦୀ ବ୍ଲକରେ ଧାନ କିଣିବେ। ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ପାନୀୟଜଳ, ବିଦ୍ୟୁତ ଆଦି ମୌଳିକ ସୁବିଧା ରହିବ ବୋଲି ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ନାୟକ କହିଥିଲେ। ୫୪୦୦ ଚାଷୀଙ୍କ ନିକଟରୁ ୧ ଲକ୍ଷ ୨୦ ହଜାର ୫୧୫ କୁଣ୍ଟାଲ ଧାନ କିଣାଯିବ। ଚାଷୀମାନେ ସୁତୁଲି ଅଖାରେ ଧାନ ଆଣି ମଣ୍ଡିରେ ବିକ୍ରୟ କରିବେ। ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର କହିଥିଲେ, ଚାଷୀମାନେ ଗତବର୍ଷ କୁଇଣ୍ଟାଲ ଧାନ ପ୍ରତି ୬ରୁ ୧୦ କିଲୋ କଟନି ଛଟନୀ ଦେଇ ଧାନ ବିକ୍ରୀ କରିଥିଲେ। ତେଣୁ ଚଳିତ ବର୍ଷ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ମିଲରମାନେ କଟନିଛଟନୀ ସହିତ ଓଜନରେ ମଧ୍ୟ ଧାନ କାଟି ରଖୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ ପାଇଁ ସୁତୁଲି ଅଖା ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଗୋଟିଏ ୫୦ କିଲୋର ସୁତୁଲି ଅଖା ଦାମ୍ ୩୫ ଟଙ୍କା ହୋଇଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ଅଖା ମିଳୁନାହିଁ।

# କଂଗ୍ରେସ ନେତା ହଟ୍ଟକିଶୋର ନାୟକଙ୍କ ପରଲୋକ

କୋଣାର୍କ,୧୬।୧ (ଜ୍ୟୋତିରାଜ ମହାନ୍ତି)



କୋଣାର୍କ ଏନ୍‌ଏସି ଅଧିନସ୍ଥ ରାଉଳପାଟଣା ଗ୍ରାମର ବରିଷ୍ଠ କଂଗ୍ରେସ ନେତା ଓ ସାମାଜିକ କର୍ମୀ ହଟକିଶୋର ନାୟକଙ୍କ ଗୁରୁବାର ବିଳମ୍ବିତ ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକ ଦୀର୍ଘଦିନ ଧରି କୋଣାର୍କ ଏନ୍‌ଏସିରେ କଂଗ୍ରେସ ଦଳକୁ ସଶକ୍ତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣ, ମିଷ୍ଟଭାଷୀ ଓ ମେଳାପୀ ରାଜନେତା ଭାବେ କୋଣାର୍କ ତଥା ପୁରୀ ଜିଲାରେ ପରିଚିତ ଥିଲେ। ସ୍ୱର୍ଗତ ନାୟକଙ୍କର କୋଣାର୍କସ୍ଥିତ ଆର୍ଟ ଫଟୋ ଷ୍ଟୁଡିଓର ପ୍ରତିଷ୍ଠାତା ଭାବେ ଫଟୋଗ୍ରାଫରମାନଙ୍କୁ ଜୀବନ ଜୀବିକା ପ୍ରଦାନ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଥିଲା। ନିଜ ପୈତୃକ ବାସଭବନ ରାଉଳପାଟଣାଠାରେ ଦୀର୍ଘ ୬ମାସ ହେଲା ଅସୁସ୍ଥତା କାରଣରୁ ଅବସ୍ଥାନ କରୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ହୃଦଘାତରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ନାୟକଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ କୋଣାର୍କ ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ସ୍ୱାଧୀନ ନାୟକ ମୁଖାଗ୍ନି ଦେଇଥିଲେ।

# ଉନ୍ନୟନ କାର୍ଯ୍ୟ ଦେଖିଲେ ଜଳ ସମ୍ପଦ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ମୁଖ୍ୟଯନ୍ତ୍ରୀ

ନିମାପଡ଼ା, ୧୬।୧(ବିଚିତ୍ରାନନ୍ଦ ସାହୁ)

ଜଳସମ୍ପଦ କ୍ୱାଲିଟି କଣ୍ଟ୍ରୋଲ ବିଭାଗର ମୁଖ୍ୟଯନ୍ତ୍ରୀ ସୁକାନ୍ତ ଚନ୍ଦ୍ର ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ସାହୁଙ୍କ ସମେତ ଏକ ଟିମ୍ ଶୁକ୍ରବାର ନିମାପଡ଼ା ଗସ୍ତରେ ଆସିଥିଲେ। ବିଭାଗୀୟ ଅଧିକାରୀମାନେ ନିମାପଡ଼ା ବ୍ରାଞ୍ଚ କେନାଲ (ଏନ୍‌ବିସି)ର ଦକ୍ଷିଣ ପାର୍ଶ୍ୱ ବନ୍ଧର ଜୟଗୁରୁ ଆଶ୍ରମ ଠାରୁ ମୁସଲିମ ବସ୍ତି ପର୍ଯ୍ୟନ୍ତ ଉନ୍ନତନ୍‌ୀକରଣ କାର୍ଯ୍ୟ, ନୁଆରାକିରି କେନାଲବନ୍ଧ ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ କାର୍ଯ୍ୟ ଓ ଗୋପ ବ୍ରାଞ୍ଚକେନାଲର କେତେକ ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟର ପରିଦର୍ଶନ କରିଛନ୍ତି। ସେ ବିଭିନ୍ନ କାର୍ଯ୍ୟର ମାନ ପରୀକ୍ଷଣ ଓ ନିର୍ଦ୍ଧାରଣ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରୀ ନୀତିନିୟମ ଅନୁସାରେ ସମସ୍ତ ଉନ୍ନୟନ କାର୍ଯ୍ୟ ଉନ୍ନତମାନର କରିବାକୁ ଉଚ୍ଚପଦସ୍ଥ ଅଧିକାରୀମାନେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କ୍ୱାଲିଟି କଣ୍ଟ୍ରୋଲ ବିଭାଗର ଏହି ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟକ୍ରମରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରିତମଚେତନ ପୋଥାଳ, ନିର୍ବାହୀ ଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରା, ହେମାମାଳିନ ପତି ପ୍ରମୁଖ କାର୍ଯ୍ୟରେ ସହାୟତା କରିଥିଲେ।

# ବ୍ଲକ କାର୍ଯ୍ୟାଳୟ ଆଗରେ ସିପିଆଇ(ଏମ୍)ର ବିକ୍ଷୋଭ

କଣାସ,୧୬।୧(ବିଭୁତି ଭୂଷଣ ତ୍ରିପାଠୀ)

ସିପିଆଇ(ଏମ୍) କଣାସ ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଡିଓ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରତ୍ୟାହାର ଓ ବାତିଲ କରାଯିବା ଆବଶ୍ୟକ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ୬ଟି ଦାବି ଉପସ୍ଥାପନ କରାଯାଇଛି। ଅନାମ ବେହେରା, ଦୀନବନ୍ଧୁ ଦାସ, ଭାଗିରଥୀ ବେହେରା, ଭୋବନା ବେହେରା, ହଟକିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ମୃତିରଞ୍ଜନ ଦାସ ପ୍ରମୁଖ ୨୦ ଜଣ କର୍ମୀ ଉପସ୍ଥିତ ଥିଲେ।



ସିପିଆଇ(ଏମ୍) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# 'ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ସରକାର ଚେଷ୍ଟିତ'

## ନିମାପଡ଼ା ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ

ନିମାପଡ଼ା,୧୬।୧(ବିଚିତ୍ରାନନ୍ଦ ସାହୁ)

ଓଡ଼ିଶାରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ସରକାର ସଦା ଚେଷ୍ଟିତ ଓ ସଂକଳ୍ପବଦ୍ଧ। ବିକଶିତ ଭାରତ, ବିକଶିତ ଓଡ଼ିଶା ଗଠନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାର ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। ଶିକ୍ଷା କ୍ଷେତ୍ରରେ ରାଜ୍ୟର ବହୁ ପୁରାତନ ନିମାପଡ଼ା କଲେଜର ସୁନାମ ରହିଛି ବୋଲି ଶୁକ୍ରବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଏହି ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଗବେଷକ ଡ. ବସନ୍ତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ଡ. ପ୍ରଦୀପ ଦାଶ, ସହ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରବୀର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଅମିତା ମହାନାୟକ ଉତ୍ସବରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ପ୍ରଦୀପ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ମୁଖପତ୍ର 'ଋତମ୍ଭରା' ଓ କ୍ୟାଲେଣ୍ଡରକୁ ଉନ୍ମୋଚନ କରିଥିଲେ। କଲେଜର ୨୫ଜଣ ଅବସରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକଙ୍କ ସମେତ କେତେଜଣ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ୮୮ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଡ. ବିଷ୍ଣୁପ୍ରସାଦ ସାହୁ, ଅଶୋକ ସ୍ୱାଇଁ, ସହଦେବ ପରିଡ଼ା, ରଶ୍ମିରଞ୍ଜନ ପାଣି, ପ୍ରଣିତା ଆଚାର୍ଯ୍ୟ, ସ୍ୱପ୍ନାରାଣୀ ମିଶ୍ର, ଜ୍ଞାନରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।



ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଗଡିରାଉତପାଟଣା ଧାନମଣ୍ଡି ଉଦ୍‌ଘାଟିତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଗଡିରାଉତପାଟଣା ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଓ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସଭାପତି ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉପସଭାପତି କବିତା ରାଉତରାୟ, ସମବାୟ ବ୍ୟାଙ୍କ ଶାଖା ପରିଚାଳକ ରଣଜିତ ମହାପାତ୍ର, କ୍ଷେତ୍ର ଅଧିକାରୀ ସୁରଜ କୁମାର ସ୍ୱାଇଁ, ସୁଚିତ୍ର ମହାନ୍ତି, ଆମ୍ବ ସଭାପତି ରମାପ୍ରସାଦ ବିଶ୍ୱାଳ, ହୃଷୀକେଶ ଜେନା, ନିରଞ୍ଜନ ରାଉଳ, ସୁରେଶ ଚନ୍ଦ୍ର ଜେନା, ସରପଞ୍ଚ ତ୍ରିଲୋଚନ ପାତ୍ର, ସମ୍ପାଦିକା ମଣିଭଦ୍ରା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଆମ୍ବା ସଭାପତି ରଜନୀ କାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଚାଷୀମାନେ ସମାଜର ମେରୁଦଣ୍ଡ'

କଟକ,୧୬।୧(କାର୍ତ୍ତିକ ସାହୁ)

ଚାଷୀ ଭାଇଭଉଣୀମାନଙ୍କ ପାଇଁ ହିଁ ଆମେ ସମସ୍ତେ ସୁସ୍ଥ ଭାବେ ଛିଡ଼ା ହୋଇଛନ୍ତି। ଚାଷୀମାନେ ସମାଜର ମେରୁଦଣ୍ଡ। କଟକ ବାଲିଯାତ୍ରା ପଡ଼ିଆରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏହା କହିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ଯେଭଳି ଲୋକମାନେ ଠିକ ରୂପେ ପାଇପାରିବେ ତା ଉପରେ ବିଭାଗୀୟ କର୍ମଚାରୀମାନେ ଯତ୍ନବାନ ହେବାକୁ ବିଧାୟକ କହିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ମେଳାରୁ ପଶୁପାଳନ ଓ ମତ୍ସ୍ୟ ଚାଷ ପାଇଁ ଇଚ୍ଛୁକ ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଦୁଇ ଦିନ ପାଇଁ ଚାଲିବାକୁ ଥିବା ଏହି



ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

**ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ**

ମେଳାରେ ବିଭିନ୍ନ ପ୍ରକାରର ଉନ୍ନତ ଚାଷ ପ୍ରଣାଳୀ, ମତ୍ସ୍ୟ ଓ ପଶୁଖାଦ୍ୟ ଆଦି ଉପରେ ଷ୍ଟଲ ଖୋଲିଛି। ଏହି ଅବସରରେ ବିଭିନ୍ନ ଯୋଜନାରେ ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ବୈଜ୍ଞାନିକମାନେ ଚାଷୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଆଶିଷ କୁମାର ସାହୁ, ମତ୍ସ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ମୁରଲୀଧର ଜେନା, ଜିଲା ମୁଖ୍ୟ କୃଷି ଅଧିକାରୀ କମଳକାନ୍ତ ପାଣିଗ୍ରାହୀ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡ. ସତ୍ୟ ରଞ୍ଜନ ରାଉତ, ଜଗତ୍‌ସିଂହପୁର ଏମ୍‌ପିଙ୍କ କଟକ ଜିଲା ପ୍ରତିନିଧି ବନ୍ଧୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବବିତା ମହନ୍ତ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ନୂତନ ଅତିରିକ୍ତ ଜିଲାପାଳ କମଳଜିତ୍ ଦାସଙ୍କ ଦାୟିତ୍ୱ ଗ୍ରହଣ

କଟକ,୧୬।୧(କାର୍ତ୍ତିକ ସାହୁ)

ଓଡ଼ିଶା ପ୍ରଶାସନିକ ସେବା- ୨୦୦୬ ବ୍ୟାଚ୍‌ର ଅଧିକାରୀ କମଳଜିତ ଦାସ କଟକର ଅତିରିକ୍ତ ଜିଲାପାଳ ଭାବେ



ଶୁକ୍ରବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦାସଙ୍କ କଟକ ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଥିଲା। ପୂର୍ବରୁ ସେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ରହି ଷ୍ଟାର୍ଟ ଅପ ପ୍ରକଳ୍ପଗୁଡ଼ିକର ତଦାରଖ କରିଆସୁଥିଲେ। ଏହାପୂର୍ବରୁ ସେ କଟକ ସଦର ଉପଜିଲାପାଳ ଭାବେ ମଧ୍ୟ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ଅତିରିକ୍ତ ଜିଲାପାଳ ଶିବ ଟୋପୋଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଟୋପୋଙ୍କ ବଦଳି ହୋଇ ରାଜ୍ୟ ପରିବହନ ପ୍ରାଧିକରଣ ସଚିବ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ସର୍କିଟ୍ ହାଉସଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସମେତ ଉଭୟ ଅତିରିକ୍ତ ଜିଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଜେନ୍ଦ୍ର ମୋହନ ସଡ଼କ ସୁରକ୍ଷା ସମ୍ମାନ ପାଇବେ ଅମିତାଭ ଠାକୁର

କଟକ,୧୬।୧(କାର୍ତ୍ତିକ ସାହୁ)

ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଚଳିତବର୍ଷ ସ୍ୱେଚ୍ଛାସେବୀ ସଙ୍ଗଠନ ତ୍ରିଧାରା ପକ୍ଷରୁ ସଡ଼କ ସୁରକ୍ଷା



କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପରିବହନ ଆୟୁକ୍ତ ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅମିତାଭ ଠାକୁରଙ୍କୁ ମର୍ଯ୍ୟାଦାଜନକ ରାଜେନ୍ଦ୍ର ମୋହନ ପଟ୍ଟନାୟକ (ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ) ସ୍ମୃତି ସମ୍ମାନ ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଅନୁଷ୍ଠାନ ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ଓ ସହସମ୍ପାଦକ ଉତ୍କଳ ଭୂଷଣ ରାଉତରାୟ ଏକ ପ୍ରେସ ଇସ୍ତାହାରରେ ଏ ସଂକ୍ରାନ୍ତରେ ଶୁକ୍ରବାର ଜଣାଇଛନ୍ତି। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଠାକୁରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ୧୫ବର୍ଷ ଧରି ସଡ଼କ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତ୍ରିଧାରା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି।

## ୨୫ ଚାଷୀଙ୍କଠାରୁ ୮୦୦ କୁଇଣ୍ଟାଲ ଧାନକ୍ରୟ

କଣ୍ଟାପଡା,୧୬।୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶୁକ୍ରବାର ଚାଷୀଙ୍କଠାରୁ ଧାନକ୍ରୟ ଆରମ୍ଭ କରାଯାଇଛି। କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨୫ଜଣ ଚାଷୀଙ୍କଠାରୁ ୮୦୦ କୁଇଣ୍ଟାଲ ଧାନକ୍ରୟ ହୋଇଛି। ଧାନକ୍ରୟ କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବ୍ଲକ ଯୋଗାଣ ଅଧିକାରୀ ମୋତିରାମ ଦାସ, ସମବାୟ ବିଭାଗ ଅଧିକାରୀ ଅନୁସୂୟା ମଲ୍ଲ, ନାହାଳପୁର ରାଜସ୍ୱ ନିରୀକ୍ଷକ ଦେବସ୍ମିତା ଲେଙ୍କା, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ବ୍ଲକ ଅଧିକାରୀ ବସନ୍ତ କୁମାର ପରିଜା, ନୋଡାଲ ଅଫିସର ପ୍ରଭାତଚନ୍ଦ୍ର ପରିଡା, ନାହାଳପୁର ସରପଞ୍ଚ ନିରୁପମା ଜେନା, ସମିତି ସଭ୍ୟ ପ୍ରିୟବ୍ରତ ବେଉରା, ନୂଆଗାଁ ସରପଞ୍ଚ ସୁପ୍ରିୟା ଭୋଇ, ସମିତି ସଭ୍ୟ ରଜନୀକାନ୍ତ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଧାନକ୍ରୟ କମିଟି ସଭ୍ୟ ବିଭୂତି ଭୂଷଣ ପ୍ରଧାନ, ବୀରକିଶୋର ଜେନା, ଜୟନ୍ତ କୁମାର ନାୟକ, ନବଘନ ମନ୍ତ୍ରୀ, ପ୍ରତାପ କେଶରୀ ପାତ୍ର ଓ କୃଷି ଅଧିକାରୀ ଗୋପବନ୍ଧୁ ମାଝୀ ପ୍ରମୁଖ ଚାଷୀମାନଙ୍କୁ ସହଯୋଗ କରିଥିଲେ। ଧାନମଣ୍ଡିକୁ ସମବାୟ ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ବିଭୂତି ଭୂଷଣ ନାୟକ, ସହକାରୀ ସମ୍ପାଦକ ଶ୍ରୀଧର ଚୌଧୁରୀ, ଡିଲର ମଦନ ମୋହନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବିଭୋର କଲା ନୀଳ ସରସ୍ୱତୀ ନୃତ୍ୟାଭିନୟ

କଟକ,୧୬।୧(କାର୍ତ୍ତିକ ସାହୁ)

ନାଟସୂତ୍ର ରିସର୍ଚ୍ଚ ପବ୍ଲିକ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଆୟୋଜିତ ଜାତୀୟ ନୃତ୍ୟ ମହୋତ୍ସବ 'ନାଟସୂତ୍ର ଶାସ୍ତ୍ରୀୟ ନୃତ୍ୟସନ୍ଧ୍ୟା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁ ସୁଜ୍ଞାନୀଙ୍କ ପରିଚାଳନାରେ 'ନାଟସୂତ୍ର'ର ଶିଳ୍ପୀମାନେ 'ଦୀପମ ଜ୍ୟୋତି ପରଂବ୍ରହ୍ମ' ଓ 'ନୀଳ ସରସ୍ୱତୀ' ନୃତ୍ୟାଭିନୟ ଦର୍ଶକଙ୍କୁ ବିଭୋର କରିଥିଲା। ପୁରୀ ଡ୍ୟାନ୍ସ ଏକାଡ଼େମୀ'ର ଶିଳ୍ପୀମାନେ ଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ 'ନବଦୁର୍ଗା' ଓ 'ନାଚନ୍ତି ରଙ୍ଗେ ଶ୍ରୀହରି', ଗୁରୁ ମମତା ଓଝାଙ୍କ ପରିଚାଳନାରେ 'ନୃତ୍ୟ ମୟୂରୀ'ର କଳାକାରମାନେ 'ଅର୍ଦ୍ଧନାରୀଶ୍ୱର', ଗୁରୁ ଆଶିଷ ଦାସଙ୍କ ନିର୍ଦ୍ଦେଶନା ଓ ଗୁରୁ ସସ୍ମିତା ପଣ୍ଡାଙ୍କ ସଂଯୋଜନାରେ 'ଓଡ଼ିଶୀ ନୃତ୍ୟମଣ୍ଡଳ'ର ଶିଳ୍ପୀମାନେ 'ମା' ବିରଜା' ଓ 'ଜଗନ୍ନାଥ ସ୍ୱାମୀ' ପରିବେଷଣ କରିଥିଲେ। ପ୍ରଫେସର ଦୀପ୍ତିରାଣୀ ମିଶ୍ର, ବନଜା ମହାନ୍ତି ଓ କଲ୍ୟାଣୀ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା ଏବଂ ସ୍ନିଗ୍ଧା ତ୍ରିପାଠୀ, ରାଣୀ ଦଳେଇ, ଇଶାଇତି ମିଶ୍ର ଓ ରୋସନୀ ବର୍ମା ନୃତ୍ୟସଂଧ୍ୟା ପରିଚାଳନା କରିଥିଲେ। ଉଦ୍‌ଯାପନୀ ପର୍ବରେ ଆଇଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ, ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ଜୟପ୍ରକାଶ ବର୍ମା, ଏନ୍‌ଟିପିସିର ପ୍ରାକ୍ତନ ଅର୍ଥ ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ ଓ ସାହିତ୍ୟିକା କନକଲତା ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ସୁଜ୍ଞାନୀ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅନୁଷ୍ଠାନର ସଂଯୋଜକ ସୁଚିତ୍ରା ମିଶ୍ର ସ୍ୱାଗତ ଭାଷଣ ଓ ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ନାଟସୂତ୍ର ଶାସ୍ତ୍ରୀୟ ନୃତ୍ୟସନ୍ଧ୍ୟା ଉଦ୍‌ଯାପିତ**


ନାଟସୂତ୍ର ଶାସ୍ତ୍ରୀୟ ନୃତ୍ୟସନ୍ଧ୍ୟା ଉଦ୍‌ଯାପନୀରେ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଚୌଦ୍ୱାର,୧୬।୧(ଆଶୁତୋଷ ଦାସ)

ଯାତ୍ରାରେ ହେଉଥିବା ଅଶ୍ଳୀଳ ନୃତ୍ୟ ଓ ଅଙ୍ଗ ପ୍ରଦର୍ଶନକୁ ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ରାଜ୍ୟ ମାନବାଧିକାର କାଉନ୍‌ସିଲ ପକ୍ଷରୁ ଶୁକ୍ରବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କାଉନ୍‌ସିଲର ସଭାପତି ସସ୍ମିତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କୁ ଭେଟି ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯାତ୍ରା ସଂସ୍କୃତି ଓଡ଼ିଶାର ଏକ ପାରମ୍ପରିକ କଳା ସଂସ୍କୃତି ହୋଇଥିବା ଏବଂ ଏହି ଯାତ୍ରାକୁ ଦେଖିବା ପାଇଁ ଓଡ଼ିଶାର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଆଗ୍ରହ ପ୍ରକାଶ କରୁଥିବାବେଳେ ଏବେ ଯାତ୍ରାରେ ପରିବେଷଣ କରାଯାଉଥିବା ଅଶ୍ଳୀଳ ନୃତ୍ୟ ଓ ଅଙ୍ଗ ପ୍ରଦର୍ଶନ ଯାତ୍ରା ପରିବେଶକୁ କଳୁଷିତ କରିବା ସହିତ ଯୁବପିଢ଼ିଙ୍କୁ କୁପଥଗାମୀ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଛି। ଏହାକୁ ତୁରନ୍ତ ବନ୍ଦ କରିବା ସହିତ ଏଭଳି କାର୍ଯ୍ୟରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ଗିରଫ କରିବା ପାଇଁ କାଉନସିଲ ପକ୍ଷରୁ ଦାବି କରାଯାଇଛି। ପ୍ରତିନିଧି ମଣ୍ଡଳୀରେ ସଞ୍ଜିତ୍ କୁମାର ମହାନ୍ତି, ସବିତା ଦାସ, ନାରାୟଣ ବିଶ୍ୱାଳ, ସତ୍ୟବ୍ରତ ଦାସ, ସଚିଦାନନ୍ଦ ରାଉତ, ସିବାୟ ସାହୁ, ପରିକ୍ଷିତ ଲେଙ୍କା ପ୍ରମୁଖ ସାମିଲ ଥିଲେ।


ରାଜ୍ୟ ମାନବାଧିକାର କାଉନ୍‌ସିଲ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଯାତ୍ରାରେ ଅଶ୍ଳୀଳ ନୃତ୍ୟ, ଅଙ୍ଗ ପ୍ରଦର୍ଶନକୁ ବିରୋଧ**

## ରାମକୃଷ୍ଣ ରଥ ଜିଲା ଜଜ୍ କୋର୍ଟର ଜି.ପି. ନିଯୁକ୍ତ

କଟକ,୧୬।୧(କାର୍ତ୍ତିକ ସାହୁ)

ଓଡ଼ିଶା ସରକାରଙ୍କ ଆଇନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ରଥ କଟକ ଜିଲା ଜଜ୍ କୋର୍ଟରେ ସର୍ବୋଚ୍ଚ ସରକାରୀ ଓକିଲ ପାହ୍ୟା ଗଭର୍ନମେଣ୍ଟ ପ୍ଲିଡର (ଜି.ପି.) ଭାବେ ନିଯୁକ୍ତି ପାଇଛନ୍ତି। ସେ ବିଧିବଦ୍ଧ ଭାବେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୧୯୮୫ରୁ ଓକିଲାତି ଆରମ୍ଭ କରି ଦୀର୍ଘ ୪୧ ବର୍ଷର ଓକିଲାତି ଅଭିଜ୍ଞତା ହାସଲ କରିଛନ୍ତି। ବିଶେଷତଃ ସିଭିଲ (ଦେଓ୍ୱାନୀ) ମାମଲା ପରିଚାଳନାରେ ସେ ଜଣେ ସ୍ୱନାମଧନ୍ୟ ଓକିଲ ଭାବେ ପରିଚିତ। ସେ କଟକ ବାର୍ ଆସୋସିଏଶନର ଲାଇଫ ମେମ୍ବର। ସେ ମଧ୍ୟ କଟକ ବାର୍ ଆସୋସିଏଶନର ପୂର୍ବତନ କୋଷାଧକ୍ଷ ଏବଂ ଉପସଭାପତି। ସେ ଏଣିକି ସରକାରଙ୍କ ପକ୍ଷରୁ ଜିଲା ଜଜ୍ କୋର୍ଟରେ ମାମଲା ପରିଚାଳନା କରିବେ। ତାଙ୍କର ଏହି ନିଯୁକ୍ତି ପରେ ଆଇନଜୀବୀମାନେ ସ୍ୱାଗତ, ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

# ନେତାଜୀ ସଂଗ୍ରହାଳୟ ପରିଦର୍ଶନ କଲେ ହରିୟାଣା ପବ୍ଲିକ ଅଣ୍ଡରଟେକିଂ କମିଟି

କଟକ,୧୬।୧(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି ହରିୟାଣାର ପବ୍ଲିକ ଅଣ୍ଡରଟେକିଂ କମିଟି। ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଏହି କମିଟିରେ ୪ଜଣ ବିଧାୟକ ଓ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ହେଲେ ଶୁକ୍ରବାର ହରିୟାଣାର ୩ଜଣ ବିଧାୟକ ଓ ତାଙ୍କ ପରିବାର ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସଂଗ୍ରହାଳୟ କ୍ୟୁରେଟର ଅରୁନ୍ଧତି ମିଶ୍ର ଓ ତତ୍ତ୍ୱାବଧାରକ ଜଳନ୍ଧର ରାୟ କମିଟି ସଦସ୍ୟଙ୍କୁ ସଂଗ୍ରହାଳୟ, ଏଠାରେ ଥିବା ସମସ୍ତ ଗ୍ୟାଲେରି ଓ ନେତାଜୀଙ୍କ ସମ୍ପର୍କରେ ଅବଗତ କରାଇଥିଲେ। ସଂଗ୍ରହାଳୟ ପରିଦର୍ଶନ ପରେ ବିଧାୟକ ରାମ କୁମାର ଗୌତମ କହିଛନ୍ତି, ଦେଶର ମହାନ୍ ନେତାଙ୍କ ଜନ୍ମସ୍ଥାନ ଦର୍ଶନ କରି ଧନ୍ୟମନେ କରୁଛୁ। ଦେଶକୁ ଆଜାଦି କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ଏହି ବିଷୟରେ ଆମ ଅଞ୍ଚଳର ବାସିନ୍ଦାଙ୍କୁ ଜଣାଇବି। ସେହିପରି ବିଧାୟକ ସୁନୀଲ ସାଙ୍ଗୱାନ କହିଛନ୍ତି, ନେତାଜୀଙ୍କ ବିଷୟରେ ସମସ୍ତଙ୍କୁ ଜଣା, ହେଲେ ଏହି ସ୍ଥାନରେ ପହଞ୍ଚିଲେ ପ୍ରକୃତରେ ତାଙ୍କ ଅବଦାନ ବିଷୟରେ ଆହୁରି ଅଧିକ ଲୋକ ଜାଣି ପାରିବେ । ନେତାଜୀଙ୍କ ମାର୍ଗଦର୍ଶନରେ ଯୁବପିଢ଼ି ଅନୁପ୍ରେରିତ ହେବା ଆବଶ୍ୟକ। ସେହିପରି ବିଧାୟିକା ଶକ୍ତିରାଣୀ ଶର୍ମା କହିଛନ୍ତି, ପିଲାବେଳେ ନେତାଜୀଙ୍କ ବିଷୟରେ ବହିରେ କେବଳ ପଢ଼ିଛୁ। କଟକସ୍ଥ ତାଙ୍କ ଜନ୍ମସ୍ଥାନରେ ପହଞ୍ଚି ତାଙ୍କର କକ୍ଷଠାରୁ ଆରମ୍ଭ କରି ସମସ୍ତ ଗ୍ୟାଲେରି ଓ ସାମଗ୍ରୀ ଦେଖି ଖୁବ ଖୁସି ଅନୁଭବ କରୁଛୁ ବୋଲି ସେ କହିଛନ୍ତି।


ହରିୟାଣାର ପବ୍ଲିକ ଅଣ୍ଡରଟେକିଂ କମିଟି ଏବଂ ତାଙ୍କ ପରିବାର ସଦସ୍ୟମାନେ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରୁଛନ୍ତି।

## ବ୍ରାଉନସୁଗାର, ଦେଶୀମଦ ଜବତ: ୪ ଗିରଫ

ମଙ୍ଗୁଳି-ଜଗତପୁର,୧୬।୧(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବ୍ରାଉନ ସୁଗାର ଓ ଦେଶୀମଦ ବ୍ୟବସାୟ କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦେଶୀମଦ ବିକ୍ରି ଅଭିଯୋଗରେ ଟାଙ୍ଗୀ ଥାନା ଅଧୀନ ମଣିଆ ଗ୍ରାମର ଗୌରାଙ୍ଗ ସାହୁ, ଭଗତପୁର ରବୀନ୍ଦ୍ର ନାଥ, କାନପୁର ଗ୍ରାମର ସୁମିତ୍ରା ଦେହୁରୀ ଏବଂ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଜଗତପୁର ଥାନା ଅଧୀନ ଲକ୍ଷ୍ମଣପୁରର ଶାହିଲ ମନ୍ଦ୍ରିଜ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୧୪୦ ଗ୍ରାମ ବ୍ରାଉନସୁଗାର, ୧୫୬ ଲିଟର ମହୁଲି ଦେଶୀମଦ ଏବଂ ୨ଟି ସ୍କୁଟି ଜବତ ହୋଇଛି। ସୂଚନାମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପେରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଚୌଦ୍ୱାର ଅଞ୍ଚଳର ଶାଳଗାଁ, ଶଙ୍କରପୁର ଓ ତଳବଜାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ସାମଗ୍ରୀ ଜବତ କରିଥିଲା। ଏ ନେଇ ଅବକାରୀ ବିଭାଗ ମାମଲା (ନଂ. ୨୦୫,୨୦୬,୨୦୭/୨୬) ରୁଜୁ କରିଛି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଲା 'ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମ' ପାଠ୍ୟକ୍ରମ

କଟକ,୧୬।୧(କାର୍ତ୍ତିକ ସାହୁ)

ପ୍ରାଚ୍ୟ ଏବଂ ମହାଭାରତୀୟ ସଭ୍ୟତା ଅନ୍ତର୍ଗତ ପୁରାତନ ଶିକ୍ଷା, ସଂସ୍କୃତି ଓ ସଭ୍ୟତାର ଯେ ସୁଦୂରପ୍ରସାରୀ ପ୍ରଭାବ ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି। ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଖୋଲିଛି ପ୍ରାଚ୍ୟ ଶିକ୍ଷା ପ୍ରଣାଳୀର ଏକ ନୂତନ ପାଠ୍ୟକ୍ରମ ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ଏସିଆ ମହାଦେଶରେ ପ୍ରଥମ ଥର ପାଇଁ ଏଭଳି ପାଠ୍ୟକ୍ରମ ଖୋଲିଛି। ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମ ଜାତୀୟ ଶିକ୍ଷା ନୀତି-୨୦୨୦ ସହ ସମନ୍ୱୟ ରକ୍ଷାକରି ପ୍ରାଚ୍ୟର ଶିକ୍ଷାପଦ୍ଧତି ସହ ଅବଶିଷ୍ଟ ବିଶ୍ୱକୁ ପରିଚିତ କରାଇବାକୁ ଲକ୍ଷ୍ୟ ରଖିଛି। ଏହି ପାଠ୍ୟକ୍ରମ ଅଧୀନରେ ନୀତିଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଖଗୋଳ ବା ଜ୍ୟୋତିଷ ଶାସ୍ତ୍ର, ଭାରତୀୟ-ମାନବ-ବିଜ୍ଞାନ, ବ୍ୟାକରଣ ଶାସ୍ତ୍ର, ଶିଳ୍ପ ଏବଂ ବାସ୍ତୁ ଶାସ୍ତ୍ର, ସାମଗ୍ରିକ ସ୍ୱାସ୍ଥ୍ୟ ତଥା ନାଟ୍ୟଶାସ୍ତ୍ର ଭଳି ଆଠଟି ପ୍ରମୁଖ ପ୍ରାଚୀନ ଭାରତୀୟ ବିଷୟ ରହିଛି। ଏହା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଗତ ଡିଗ୍ରୀ ସହ ଗବେଷଣା ଆଦି ପାଇଁ ଡକ୍ଟରାଲ ଓ ପୋଷ୍ଟ ଡକ୍ଟରାଲ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ କରାଉଛି। ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ ସିଷ୍ଟମ ପାଠ୍ୟକ୍ରମର ଲୋକାର୍ପଣ ଉତ୍ସବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଫାକଲ୍ଟି ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ ଡିନ ପ୍ରଫେସର ଡ. ବିପ୍ଳବ ବିଶ୍ୱାଳ ଏବଂ ନୂତନ ପାଠ୍ୟକ୍ରମ ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମର ଡିନ ଡ. ଭରତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।



ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପ୍ଲାଷ୍ଟିକମୁକ୍ତ ହେବ ଧବଳେଶ୍ୱର ପୀଠ

ଖୁଣ୍ଟୁଣୀ,୧୬।୧(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ଧବଳେଶ୍ୱରଙ୍କ ପୀଠକୁ ପ୍ଲାଷ୍ଟିକ ଓ ଆବର୍ଜନାମୁକ୍ତ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଏହିକ୍ରମରେ ଶୁକ୍ରବାର ଖୁଣ୍ଟୁଣୀ ବନ ବିଭାଗ, ମନ୍ଦିର ପ୍ରଶାସନ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଟାଟା ଷ୍ଟିଲ କାରଖାନା ଏବଂ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ ମନ୍ଦିର ଚତୁଃପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ଆବର୍ଜନାକୁ ସଫା କରିଥିଲେ। ଏଥିସହ ଏହି ପବିତ୍ର ପୀଠକୁ ପ୍ଲାଷ୍ଟିକମୁକ୍ତ କରିବାକୁ ପାଲା ମାଧ୍ୟମରେ ଓ ଧବଳେଶ୍ୱର ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଖୁଣ୍ଟୁଣୀ ଏସିଏଫ୍ ନୀଳମାଧବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧବଳେଶ୍ୱରଙ୍କ ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ, ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା ଓ ସମସ୍ତ ପୂଜକ ସମାଜ, ଶ୍ୱେତକାନ୍ତ ବେହେରା, ଖୁଣ୍ଟୁଣୀ ବନାଞ୍ଚଳର ସମସ୍ତ କର୍ମଚାରୀ ଓ ବୁଦ୍ଧିଜୀବୀ ନାଗରିକ ସହଯୋଗ କରିଥିଲେ।

**ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ**


ଧବଳେଶ୍ୱର ପୀଠ ନିକଟରେ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଉଛି।

# 'ସମ୍ମାନର ସହ ଆଗକୁ ବଢ଼ିବାରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ,୧୬।୧(କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉତ୍ସବକୁ ଉଦ୍‌ଘାଟନ କରି ପ୍ରତିଟି ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଦିଗରେ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି। ଶିକ୍ଷା କେବଳ ପାଠପଢ଼ାରେ ସୀମିତ ନ ରହି ଖେଳକୁଦ, କଳା, ସଂସ୍କୃତି, ଚିତ୍ରାଙ୍କନ ତଥା ନିଜ ପସନ୍ଦର ସଉକକୁ ନେଇ ଆଗକୁ ବଢ଼ିବା ଦିଗରେ ବିସ୍ତାର ଲାଭ କରିବା ଆବଶ୍ୟକ। ସମାଜରେ ସମ୍ମାନର ସହ ଆଗକୁ ବଢ଼ିବାରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲାପାଳ ଶିନ୍ଦେ କହିଥିଲେ। ପିଏମ୍‌ଶ୍ରୀ ଉତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ପ୍ରତିଭାର ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ ବିଜ୍ଞାନ ମେଳା, ସାହିତ୍ୟ ଆସର, ବଜାର ମାଧ୍ୟମରେ ବିକ୍ରିବଟା ଓ ପିଲାଙ୍କ ହାତତିଆରି ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ କରାଯାଇଥିଲା। ବିଜ୍ଞାନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସେମାନେ ପ୍ରସ୍ତୁତ କରିଥିବା ପ୍ରକଳ୍ପ ସମ୍ବନ୍ଧରେ ଜିଲାପାଳ ପଚାରି ବୁଝିବା ସହ ପିଲାଙ୍କ ହାତତିଆରି ସାମଗ୍ରୀ କ୍ରୟ କରିଥିଲେ। ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଅଭିଜିତା ଭାସ୍କର, ସନ୍ତୋଷ କୁମାର ସେଠୀ, ଓଡ଼ିଶା ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଜାତା ବେହେରା, ପଞ୍ଚସଖା ଶିକ୍ଷା ସେତୁ ଲୋକ ସମ୍ପର୍କ ଅଧିକାରୀ ଆଦିତ୍ୟ ଚୌଧୁରୀ, ଜିଲା ନୋଡାଲ ଅଧିକାରୀ ବିଭୂଦତ୍ତ ବେହେରା, ଜିଲା ବିଜ୍ଞାନ ପରିଦର୍ଶକ ସାଗରିକା ରାଉତ, ପଞ୍ଚସଖା ଶିକ୍ଷା ସେତୁ ପ୍ରକଳ୍ପ ଅଧିକାରୀ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶା ପୋଲିସ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ**

## ସଂକ୍ଷେପରେ

### ଅତ୍ରି ମକରମେଳାରୁ ବାଇକ୍ ଚୋରି କରି ଧରାପଡ଼ିଲେ ଲୁଟେରା

**ବାଘମାରୀ,୧୬।୧(ମିହିର ରଞ୍ଜନ ମହାପାତ୍ର):** ବାଘମାରୀ ଥାନା ଅଧୀନ ଅତ୍ରି ମକରମେଳାରୁ ବାଇକ୍ ଚୋରି କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ ଲୁଟେରାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅଧୀନ ବେଣାପଞ୍ଜରି ଗ୍ରାମର ବିଜୟ ପ୍ରଧାନ ଓରଫ୍ ସିପୁ(୨୭)। ଏନେଇ ଥାନାରେ ଏକ ମାମଲା(ନଂ.୧୬/୨୬)ରୁଜୁ ହୋଇଛି। ସୂଚନା ମୁତାବକ, ସାହାପାଡ଼ା ଗ୍ରାମର ନିରଞ୍ଜନ ନାୟକ ତାଙ୍କ ବାଇକ୍(ଓଡି ୦୫ ଜେଡ୍ ୯୮୩୭)ରଖି ମେଳା ବୁଲୁଥିଲେ। ଏହି ସମୟରେ ଅଭିଯୁକ୍ତ ସିପୁ ଉକ୍ତ ବାଇକ୍‌କୁ ଚୋରିକରି ନେଉଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିବା ସହ ବାଇକ୍ ଜବତ କରିଥିଲା।

### ଟାଙ୍ଗୀ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**ଟାଙ୍ଗୀ,୧୬।୧(ରଘୁନାଥ ସାହୁ):** ଟାଙ୍ଗୀ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଯୋଗାଣ ନିରୀକ୍ଷକ ଶିବରାମ ବିଶ୍ୱାଳ, ରାଜସ୍ୱ ନିରୀକ୍ଷକ ଅକ୍ଷୟ ବେହେରା, ସମବାୟ ସମିତି ସଭାପତି ମହେନ୍ଦ୍ର କୁମାର ସାହୁ, ସମିତି ସମ୍ପାଦକ ନିରିମାଖୀ ସାହୁଙ୍କ ସହ ବାଲୁଗାଁ ଆରଏମ୍‌ସି ଅଧିକାରୀ ଉପସ୍ଥିତ ଥିଲେ। ଚାଷୀଙ୍କ ସହ ବିଭାଗୀୟ ଅଧିକାରୀମାନେ ନଡ଼ିଆ ବାଡ଼େଇ ଧାନମଣ୍ଡି ଶୁଭାରମ୍ଭ କରିଥିଲେ। ଏହି ସମବାୟ ସମିତିରେ ୪୨୦ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକୃତ ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସମିତି ସଭାପତି ସାହୁ ସୂଚନା ଦେଇଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ):** ବାଲୁଗାଁ ଶ୍ରୀରାମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ଏସ୍ ଓଡ଼ିଶାର ସହପ୍ରଚାରକ ଅସିତ୍ କୁମାର ସାହୁ ମୁଖ୍ୟବକ୍ତା, ନାରୁଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରଧାନ ଆଚାର୍ଯ୍ୟ ପ୍ରହଲ୍ଲାଦ ଦାଶ, ପରିଚାଳନା କମିଟି ସମ୍ପାଦକ ଅନନ୍ତ ପ୍ରସାଦ ସେଠୀ, ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ, ଉପସଭାପତି କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରହଲ୍ଲାଦ ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ସମ୍ପାଦକ ଅନନ୍ତ ପ୍ରସାଦ ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହିତ ବିଦ୍ୟାଳୟର ଗୁରୁଜୀ ଗୁରୁମା'ଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁଜୀ ସନ୍ତୋଷ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜିତ କୁମାର ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଲାଇସେନ୍ସରେ ଚାଲିଥିଲା ଔଷଧ ଦୋକାନ

## ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ାଉ




**ବାଣପୁର,୧୬।୧(ଦିଲୀପ କୁମାର ସ୍ୱାଇଁ):** ଖୋର୍ଦ୍ଧା ଜିଲା ବାଣପୁର ବଜାରରେ ବିନା ଲାଇସେନ୍ସରେ ବେଧଡ଼କ ଭାବେ ଦୀର୍ଘବର୍ଷ ଧରି ଚାଲିଥିଲା ଔଷଧ ଦୋକାନ। ବାହାର ନାମଫଳକରେ ଆୟୁର୍ବେଦିକ୍ ଦୋକାନ ଲେଖାଯାଇଥିବା ବେଳେ ଭିତରେ ବେଆଇନଭାବେ ଏଲୋପାଥିକ୍ ଏବଂ ହୋମିଓପାଥିକ୍ ଔଷଧ ବିକ୍ରି କରାଯାଉଥିଲା। ଖବରପାଇ ଗୁରୁବାର ରାଜ୍ୟ ଭେଷଜ(ଡ୍ରଗ୍ସ) ବିଭାଗ ପକ୍ଷରୁ ଆରୋଗ୍ୟ ସଦନ ନାମରେ ଚାଲୁଥିବା ଉକ୍ତ ଦୋକାନରେ ଚଢ଼ାଉ କରାଯାଇ ୬୫ରୁ ଊର୍ଦ୍ଧ୍ୱ ପ୍ରକାରର ଏଲୋପାଥିକ ସହ ବହୁ ହୋମିଓପାଥିକ ଔଷଧ ଜବତ କରାଯାଇଛି। ସୂଚନା ମୁତାବକ, ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଔଷଧ ଦୋକାନ ଚଳାଇଥିଲେ ମଧ୍ୟ ପଞ୍ଜୀକୃତ କରି ନ ଥିଲେ ସମ୍ପୃକ୍ତ ବ୍ୟବସାୟୀ। ଖବରପାଇ ଗୁରୁବାର ରାତିରେ ସହକାରୀ ଭେଷଜ ନିୟନ୍ତ୍ରକ ସୁଦର୍ଶନ ବିଶ୍ୱାଳଙ୍କ ନେତୃତ୍ୱରେ ବାଣପୁର ଅତିରିକ୍ତ ତହସିଲଦାର ପୋଲିସ ଫୋର୍ସ ସହାୟତାରେ ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ଏକ ୪ ଜଣିଆ ଡ୍ରଗ୍ସ ସ୍କ୍ୱାଡ୍ ଇନ୍ସପେକ୍ଟର ଅର୍ଦ୍ଧେନ୍ଦୁ ମାନସିଂ, ସଙ୍ଗୀତା ପଟ୍ଟନାୟକ, ଚିନ୍ମୟ ପାତ୍ର ପ୍ରମୁଖ ଉକ୍ତ ବ୍ୟବସାୟ ପ୍ରତିଷ୍ଠାନ ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରିଥିଲେ। ଦୀର୍ଘ ୮ ଘଣ୍ଟାର ଛାନ୍‌ଭିନ୍ ପରେ ୬୫ରୁ ଊର୍ଦ୍ଧ୍ୱ ପ୍ରକାର ଏଲୋପାଥିକ ସହ ବହୁ ହୋମିଓପାଥିକ୍ ଔଷଧ ଜବତ କରାଯାଇଥିଲା। ବିଳମ୍ବିତ ରାତିପର୍ଯ୍ୟନ୍ତ ଔଷଧ ଓ କାଗଜପତ୍ର ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଏନେଇ ସହକାରୀ ଭେଷଜ ନିୟନ୍ତ୍ରକ ବିଶ୍ୱାଳ କହିଛନ୍ତି, ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ପରୀକ୍ଷଣ ପାଇଁ ଔଷଧ ପଠାଯିବ। ବିନା ଲାଇସେନ୍ସରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଔଷଧ ଯୋଗାଉଥିବା ହୋଲ୍‌ସେଲର ଓ ଡିଲରଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଘର ଭାଙ୍ଗି ଧାନ ଖାଇଲା ହାତୀ



**ଟାଙ୍ଗୀ,୧୬।୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଏହିକ୍ରମରେ ଏହି ବ୍ଲକ୍ ଅଧୀନ କୁଞ୍ଜୁରୀ ପଞ୍ଚାୟତର ନରମାନବୀ ଗ୍ରାମର ଆନନ୍ଦ ରାଉତଙ୍କ ଘରେ ହାତୀ ପଶି ଧାନ ଖାଇବା ସହ ଘର ଭାଙ୍ଗିଦେଇଛି। ହାତୀ ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଦୀର୍ଘ ସମୟ ପରେ ହାତୀଟି ଗ୍ରାମ ବାହାରକୁ ପଳାଇଥିଲା। ତେବେ ଗ୍ରାମ ନିକଟସ୍ଥ ଜଙ୍ଗଲରେ ହାତୀପଲ ରହୁଥିବାରୁ ବନ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଚିଲିକା: ୧୮ରେ ପକ୍ଷୀ, ୨୦ରେ ଡଲ୍‌ଫିନ୍ ଗଣନା

**ବାଲୁଗାଁ,୧୬।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୮ତାରିଖରେ ଚିଲିକାରେ ପକ୍ଷୀ ଏବଂ ୨୦ରେ ଡଲ୍‌ଫିନ୍ ଗଣନା ହେବ। ଏନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ଗଣନାରେ ମୋଟ୍ ୨୨ଟି ଟିମ୍ ସାମିଲ ହେବେ। ୱାଇଲ୍ଡ ଲାଇଫ୍ ଓଡ଼ିଶା, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର, ପକ୍ଷୀ ବିଶାରଦଙ୍କ ସମେତ ମୋଟ୍ ୧୩୦ଜଣ ଏହି ଗଣନାରେ ଅଂଶଗ୍ରହଣ କରିବେ। ଏନେଇ ଶୁକ୍ରବାର ବାଲୁଗାଁ ଚିଲିକାକୂଳ ସ୍ଥିତ ବନ୍ୟପ୍ରାଣୀ

**ସାମିଲ ହେବେ ୨୨ ଟିମ୍**

ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସିଏଫ୍ ସୌମ୍ୟରଞ୍ଜନ ସାହୁ, ରେଞ୍ଜର ରଶ୍ମିତା ଜେନା ଉପସ୍ଥିତ ଥିଲେ।ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଚିଲିକା, ରମ୍ଭା, ଟାଙ୍ଗୀ, ବାଲୁଗାଁ, ସାତପଡ଼ା ଆଦି ୫ଟି ରେଞ୍ଜ ଅଞ୍ଚଳରେ ଏହି ପକ୍ଷୀ ଗଣନା ହେବ। ବାଲୁଗାଁ ରେଞ୍ଜ ଅଧୀନ ତଥା ନଳବଣରେ ୪ଟି ଟିମ୍ ଏବଂ ସ୍ଥଳଭାଗରେ ୩, ସାତପଡ଼ାରେ ୪, ରମ୍ଭା ୨, ଚିଲିକା ୧ ଏବଂ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ଟି ଟିମ୍ ପକ୍ଷୀ ଗଣନା କରିବେ। ପ୍ରତି ଟିମ୍‌ରେ ଜଣେ ଅଭିଜ୍ଞ ପକ୍ଷୀ ବିଶାରଦ, ଜଣେ ବନ କର୍ମଚାରୀଙ୍କ ସମେତ ୫ରୁ ୬ଜଣ ସଦସ୍ୟ ରହିବେ। ସେହିପରି ଚିଲିକାରେ 'ଇରାୱାଡି' ପ୍ରଜାତିର ଡଲ୍‌ଫିନ୍ ଗଣନା ଆସନ୍ତା ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ୧୮ଟି ଟିମ୍ ସାମିଲ ହେବେ। ୧୯ତାରିଖରେ ତାଲିମ ପ୍ରଦାନ ପରେ ସାତପଡ଼ାଠାରେ ୮ଟି ଟିମ୍ ଏବଂ ବାଲୁଗାଁ ନିକଟସ୍ଥ ଚିଲିକାରେ ୧୦ଟି ଟିମ୍ ରହି ଗଣନା କରିବେ। ଏହାର ଚୂଡ଼ାନ୍ତ ରିପୋର୍ଟ ପିସିସିଏଫ୍ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇବ। ଗତ ବର୍ଷ ଚିଲିକାରେ ମୋଟ୍ ୧୭୪ଟି ଡଲ୍‌ଫିନ୍ ଥିବା ଗଣନାରୁ ଜଣାପଡିଥିଲା । ସେଥି ମଧ୍ୟରୁ 'ଇରାୱାଡି' ପ୍ରଜାତିର ୧୫୯ଟି ଏବଂ 'ହମ୍ପବ୍ୟାକ୍' ପ୍ରଜାତିର ୧୫ଟି ରହିଥିଲେ।

### ସିପିଆଇ(ଏମ୍) ପକ୍ଷରୁ ପ୍ରତିବାଦ ଦିବସ

**ଟାଙ୍ଗୀ,୧୬।୧(ରଘୁନାଥ ସାହୁ):** ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସଂଯୁକ୍ତ ମୋର୍ଚ୍ଚା ଆହ୍ୱାନ୍‌କ୍ରମେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ଅବସରରେ ଶୁକ୍ରବାର ଟାଙ୍ଗୀ ବ୍ଲକ ସମ୍ମୁଖରେ ସିପିଆଇ(ଏମ୍) ଟାଙ୍ଗୀ ଆଞ୍ଚଳିକ କମିଟି ପକ୍ଷରୁ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବଞ୍ଚାଅ-ଭି.ବି.ଜି.ରାମ୍.ଜି. ଆଇନକୁ ପ୍ରତ୍ୟାଖ୍ୟାନ, ଶ୍ରମିକବିରୋଧୀ ଶ୍ରମକୋଡ୍ ବାତିଲ, ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର, କୃଷକବିରୋଧୀ ବିହନ ବିଲ୍-୨୦୨୫ ବାତିଲ, ମଣ୍ଡିରୁ ସରକାରୀ ମୂଲ୍ୟରେ ସମସ୍ତ ଧାନ କ୍ରୟ କରିବା ଦାବିରେ ସିପିଆଇ(ଏମ୍) ଟାଙ୍ଗୀ ଆଞ୍ଚଳିକ କମିଟି ପକ୍ଷରୁ ପ୍ରତିବାଦ ସଭା ସିପିଆଇ(ଏମ୍) ଖୋର୍ଦ୍ଧା ଜିଲା କମିଟିର ବରିଷ୍ଠ ନେତା ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ହୋଇଥିଲା। ଏହି ସଭାରେ ସିପିଆଇ(ଏମ୍) ରାଜ୍ୟ କମିଟି ସଦସ୍ୟ ତଥା ଜିଲା ସମ୍ପାଦକ ଗିରିଶ୍ ମହାରଣା, ଟାଙ୍ଗୀ ଆଞ୍ଚଳିକ କମିଟି ସମ୍ପାଦକ ବିଧୁଭୂଷଣ ମହାରଣା, ପ୍ରଭାତ ପାଣିଗ୍ରାହୀ, ଅଶୋକ ମାନ୍ଧାତା, ହୃଷୀକେଶ ପଲେଇ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ-କୃଷକ ଓ ଜନବିରୋଧୀ ନୀତି ବିରୋଧରେ ବକ୍ତବ୍ୟ ଦେଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଦାବି ସମ୍ବଳିତ ଦାବିପତ୍ର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ବେଗୁନିଆ, ସିକୋ, ପଙ୍ଗାରସିଂହରେ ଖୋଲିଲା ଧାନମଣ୍ଡି

**ବେଗୁନିଆ,୧୬।୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ବେଗୁନିଆ, ସିକୋ ଏବଂ ପଙ୍ଗାରସିଂହ ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲାଯାଇଛି। ଶ୍ରୀଗଣେଶ ରାଇସ୍ ମିଲ୍ ସିକୋରୁ ଧାନ ନେବା ପାଇଁ ଥିବା ବେଳେ ୧୦ହଜାର କୁଇଣ୍ଟାଲ ଧାନ କିଣିବ ବୋଲି ଜଣାପଡିଛି। ପ୍ରଥମ ଦିନରେ ଚାଷୀଙ୍କଠାରୁ ୩୦୦ କୁଇଣ୍ଟାଲ ଧାନ କିଣାଯାଇଛି। ବେଗୁନିଆ ସେବା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରକାଶିନୀ ସାମନ୍ତରାୟ, ବ୍ୟାଙ୍କ ଫିଲ୍ଡ ଅଫିସର ବସନ୍ତ ନାୟକ ଉଦ୍‌ଘାଟନ କରିଥିବା ବେଳେ ସିକୋ ସେବା ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଭୁଜବଳ, ସମ୍ପାଦକ ମାନସରଞ୍ଜନ ରଣସିଂହ, ସହ ସମ୍ପାଦକ ତାପସ ରଞ୍ଜନ ଆଚାର୍ଯ୍ୟ, ସଭ୍ୟ ଭାଗୀରଥି ରଣସିଂହ, ଦୁର୍ଯ୍ୟୋଧନ ଛୁଆଳସିଂହ, ଭାଗୀରଥି ପ୍ରଧାନ, କୃତ୍ତିବାସ ପରମଗୁରୁ, ବଳରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଗୁନିଆ ସେବା ସମବାୟ ସମିତିରେ ସଭାପତି ପ୍ରଭାତ ସାହୁ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସହ ସମ୍ପାଦକ ଲଡୁକିଶୋର ପଟ୍ଟନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ ବରାଳ, ଆରଏମ୍‌ସି ସୁପରଭାଇଜର ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୫୪୫ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣାଯାଇଥିବା ଜଣାପଡିଛି। ସାରୁଅସ୍ଥିତ ଏମ୍‌କେ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ୍ ଏଠାରୁ ଧାନ ନେଉଛି । ସେହିପରି ପଙ୍ଗାରସିଂହ ସେବା ସମବାୟ ସମିତିରେ ସଭାପତି ସୁକାନ୍ତ ଜୟସିଂ, ଏସ୍‌ଇଏସ୍‌ଓ ଜୟନ୍ତ କୁମାର ଦାସ ଏବଂ ଚାଷୀମାନେ ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୩୫୦ କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡିଛି। ସାରୁଅସ୍ଥିତ ଏମ୍.କେ. ମିନେରାଲ୍ସ ପ୍ରାଇଭେଟ ଲିମିଟେଡ୍ ଏଠାରୁ ଧାନ ନେଉଥିବା ଜଣାପଡିଛି।

# ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ




**ଖୋର୍ଦ୍ଧା,୧୬।୧(ପ୍ରଭାତ ପାଣିଗ୍ରାହୀ)**

ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସହବନ୍ଧିତ ଓଡ଼ିଶା ଆଶାକର୍ମୀ ୟୁନିୟନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ନୂଆ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲାର ବହୁ ଆଶାକର୍ମୀ ଯୋଗଦେଇଥିଲେ। ୨୦୦୫ ମସିହାରେ କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହି ଯୋଜନାରେ ଶତାଧିକ ଆଶାକର୍ମୀ ନିଯୁକ୍ତ ହୋଇଛନ୍ତି। ନବଜାତ ଶିଶୁ, ଗର୍ଭବତୀଙ୍କ ସୁରକ୍ଷା, ଯତ୍ନ ଆଦିରେ ଆଶାକର୍ମୀ ସହାୟତା କରୁଥିଲେ। ପର୍ଯ୍ୟାୟକ୍ରମେ ଆଶାକର୍ମୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସହିତ ସମସ୍ତ ପ୍ରକାର ଚିକିତ୍ସା ଓ ସ୍ୱାସ୍ଥ୍ୟସେବାରେ ସହଯୋଗ କରୁଛନ୍ତି। ତେବେ ଆଶାକର୍ମୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଅଣଦେଖା କରାଯାଉଛି। ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ମାସିକ ଦରମା ୨୬ ହଜାର ଟଙ୍କା ପ୍ରଦାନ କରାଯାଉ। ଦୈନିକ କାମ କରିବାର ନିର୍ଦ୍ଦିଷ୍ଟ ସମୟ ସ୍ଥିର କରାଯାଉ। ଜାତୀୟ କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନାରେ ତାଲିମ ବେଳେ ଦୈନିକ ସର୍ବନିମ୍ନ ମଜୁରି ଦିଆଯାଉ। ଆଶାକର୍ମୀଙ୍କ ପ୍ରତି ଡାକ୍ତରମାନଙ୍କ ଅଶାଳୀନ ବ୍ୟବହାର ବନ୍ଦ କରାଯାଉ। ମେଡିକାଲରେ ଆଶାକର୍ମୀଙ୍କ ପାଇଁ ରେଷ୍ଟରୁମ୍‌ର ବ୍ୟବସ୍ଥା ସହ ଶ୍ରମିକବିରୋଧୀ ଶ୍ରମକୋଡ୍ ବାତିଲ ଦାବି କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ସଙ୍ଗଠନର ଖୋର୍ଦ୍ଧା ଜିଲା ସଭାପତି ଅଶୋକ ସାହୁଙ୍କ ନେତୃତ୍ୱରେ ଏଆଇୟୁଟିୟୁସି ଶ୍ରମିକନେତା ପୂର୍ଣ୍ଣଚନ୍ଦ୍ର ବେହେରା ଆଶାକର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କଳ୍ପନା ଚମ୍ପତି, ସରୋଜିନୀ ବେହେରା, କବିତା ଚମ୍ପତି, ସୁଲୋଚନା ପଟ୍ଟନାୟକ, କାର୍ତ୍ତିକ ଘଡ଼େଇ, ଜିତେନ୍ଦ୍ର ବଳବନ୍ତରାୟ, ଜୟନ୍ତ ମହାନ୍ତି, ଅବିନାଶ ପ୍ରଧାନ, ସଂଘମିତ୍ରା ମହାପାତ୍ର ପ୍ରମୁଖ ସରକାରଙ୍କ ବିରୋଧରେ ବର୍ଷିଥିଲେ।

# ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ହସ୍ତକଳା, ଚିତ୍ରକଳା ପ୍ରଦର୍ଶନୀ

**ଟାଙ୍ଗୀ,୧୬।୧(ରଘୁନାଥ ସାହୁ):** ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହସ୍ତକଳା ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ ଏହି ପ୍ରଦର୍ଶନୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିଥିଲେ। ଏହି ପ୍ରଦର୍ଶନୀରେ ୧୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଧ୍ୟକ୍ଷା ମୋନାଲି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଙ୍କ ସହ ଅଭିଭାବକମାନେ ମଧ୍ୟ ଛାତ୍ରୀଛାତ୍ରଙ୍କ ହସ୍ତକଳା ଓ ଚିତ୍ରକଳା ଦେଖି ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାଇଜେରିଆନ୍-୧୧ ଫାଇନାଲରେ

**■ ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ଜଟଣୀ,୧୬।୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀର ଫ୍ରେଣ୍ଡସ ପାରାଡାଇସ୍ କ୍ରୀଡ଼ା ସଂଘ ପକ୍ଷରୁ କୁଶୁମାଟି ଛଣଘର ଖେଳପଡ଼ିଆରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ସେଞ୍ଚୁରିୟାନ ୟୁନିଭର୍ସିଟି(ନାଇଜେରିଆନ୍-୧୧) ଏବଂ ଜଗନ୍ନାଥ ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ୩-୦ ଗୋଲରେ ନାଇଜେରିଆନ୍-୧୧ ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ମହମଦ ସିଦ୍ଦିକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଫ୍‌ରି ଭାବେ ସଂଗ୍ରାମ କିସ୍କୁ, ରମେଶ ପାଇକରାୟ, ପ୍ରିୟବ୍ରତ ବାହିନୀପତି ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ନିପେନ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଫ୍ୟୁଚର ଫୁଟ୍‌ବଲ ଏକାଡେମୀ ମଣିପୁର ଏବଂ ନାଇଜେରିଆନ୍-୧୧ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

**कार्यपालक अभिंयता का कार्यालय,**
**लघु वितरणी प्रमण्डल सं०–8, जमशेदपुर**
**(Email – eemdd8.chandil@gmail.com)**

निविदा रद्द करने की सूचना

इस कार्यालय के Expression of Interest (EOI), Very Short e-Tender inviting Notice no.- WRD/MDD8/JSR-04/2024-25, Date:- 11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर

PR 370789 Water Resource(25-26).D

**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**
झारखण्ड सरकार
अल्पकालीन ई–निविदा आमंत्रण सूचना
अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26

1.कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी०एल०एफ० के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाइट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।

PR 370730 Rural Work Department(25-26)D

**कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।**
**शुद्धि–पत्र**

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाहन्। | 13.01.2026 के 11:00 बजे पूर्वाहन्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाहन्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।

PR 370808 West Singhbhum(25-26)D

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा।**

शुद्धि–पत्र

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् **ई–अल्पकालीन निविदा संख्या– 05/2025-26/RWD/CHATRA**, दिनांक– 31.12.2025 (**Construction of PCC Road from Panchwati Pul to Bachra Basti End via Bachra Basti Mandir**), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका **P.R. No. 369869 Rural Work Department(25–26):D** है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– **19.01.2026**
2. ई–निविदा प्राप्ति की अंतिम तिथि एवं समय :– **01.02.2026 अपराह्न 5.00 बजे तक।**
3. ई–निविदा खोलने की तिथि एवं समय :– **03.02.2026 अपराह्न 03.30 बजे।**
4. अन्य शर्त्ते यथावत् रहेंगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR 370800 (Rural Work Department) 25-26 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878,**
**CIN: U45200JH2013SGC001752, e-mail Id-juidcolimited@gmail.com**

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

Corrigendum – 6

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.

PR 370845 Urban Development(25-26)#D

**୧୮ରେ ପୁରୀରେ ପହଞ୍ଚିବ ସ୍ୱର୍ଣ୍ଣ ଧନୁ, ତୀର**

ପୁରୀ,(ଅଜିତ୍ କୁମାର ମହାନ୍ତି): ଅଯୋଧ୍ୟାକୁ ଯିବ ଓଡ଼ିଶାରେ ନିର୍ମିତ ସ୍ୱର୍ଣ୍ଣର ଧନୁ ଓ ତୀର। ରାଜ୍ୟର ବିଭିନ୍ନ ଜିଲା ପରିକ୍ରମା ପରେ ଆସନ୍ତା ୧୮ ତାରିଖ ସନ୍ଧ୍ୟାରେ ପୁରୀରେ ପହଞ୍ଚିବ ଧନୁ ତୀର। ଭବ୍ୟ ସ୍ୱାଗତ ସହ ୧୯ ତାରିଖରେ ବିଶାଳ ଶୋଭାଯାତ୍ରାରେ ଧନୁତୀର ଓ କାଷ୍ଠ ନିର୍ମିତ ଚତୁର୍ଦ୍ଧାବିଗ୍ରହ ଆଯୋଧା ଅଭିମୁଖେ ଯାତ୍ରା କରିବ। ଧନୁର ଓଜନ ୨୮୦ କିଲୋ ହୋଇଥିବାବେଳେ ୫ଟି ଧାତୁରେ ଏହାକୁ ନିର୍ମାଣ କରାଯାଇଛି ବୋଲି ଶ୍ରୀମନ୍ଦିର ସେବାୟତ ସଂଘ ଓ ଶ୍ରୀକ୍ଷେତ୍ର ମଠାଧୀଶ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଭୁବନେଶ୍ୱର ହେବ ରାବିଜ୍ ଫ୍ରି ସହର

- ୪୭ ହଜାର ବୁଲା କୁକୁର ନେବେ ଟିକା
- ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କଲା ବିଏମ୍‌ସି




ଭୁବନେଶ୍ୱର, ୧୬।୧ (ବନ୍ଦନା ସେଠୀ)

ଭୁବନେଶ୍ୱର ହେବ ଜଳାତଙ୍କ ମୁକ୍ତ ବା ରାବିଜ୍ ଫ୍ରି ସହର। ବର୍ଷକ ମଧ୍ୟରେ ସହରରେ ଥିବା ପ୍ରାୟ ୪୭ ହଜାର ବୁଲା କୁକୁରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାବିଜ୍ ଟିକା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏନେଇ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି), ମିଶନ ରାବିଜ୍-ୱାର୍ଲ୍ଡ ୱାଇଡ୍ ଭେଟେରିନାରି ସର୍ଭିସ ଏବଂ କଲେଜ ଅଫ୍ ଭେଟେନାରି ସାଇନ୍ସ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଦୁଇଟି ସଂସ୍ଥା ରାବିଜ୍ ଟିକା ପ୍ରଦାନ କରିବା ସହ ଏଥିପାଇଁ ଯୋଜନା ପ୍ରଣୟନ, କାର୍ଯ୍ୟକାରୀ, ବୈଷୟିକ ପରାମର୍ଶ ସହାୟତା, ବୈଜ୍ଞାନିକ ସହାୟତା, ଦକ୍ଷତା ବିକାଶ ଆଦି କାର୍ଯ୍ୟ କରିବେ। ଦାୟିତ୍ୱ ସମ୍ପନ୍ନ ଭାବେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଏବଂ ବିଜ୍ଞାନ ସମ୍ମତ ଭାବେ ବୁଲା କୁକୁରଙ୍କୁ ଜଳାତଙ୍କ ପ୍ରତିଷେଧକ ଟିକା ଦାନ ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରିବେ।

ଚୁକ୍ତି ଅନୁସାରେ, ଭୁବନେଶ୍ୱରକୁ ଜଳାତଙ୍କ ରୋଗମୁକ୍ତ କରିବା ପାଇଁ ତଥ୍ୟଭିତ୍ତିକ ଏବଂ ଯୋଜନାବଦ୍ଧ ଭାବେ ବୁଲା କୁକୁରଙ୍କ ଗଣ ଟିକାଦାନ ସହ ତଦାରଖ କରାଯିବ। ତାଲିମ, ପରିଚାଳନା ମାନକ ଏବଂ କ୍ଷେତ୍ର ପର୍ଯ୍ୟବେକ୍ଷଣ ଜରିଆରେ ବିଏମ୍‌ସିର ଦକ୍ଷତା ବୃଦ୍ଧି ହେବାସହ ଜଳାତଙ୍କ ପ୍ରତିଷେଧକ ସମ୍ପର୍କରେ ଶିକ୍ଷା, ଯୋଗାଯୋଗ ଓ ଜନ ସଚେତନତା ସୃଷ୍ଟି କରାଯିବ। ଉଭୟ ପ୍ରାଣୀ ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଯିବ ବୋଲି ଏହି ଚୁକ୍ତିରେ ଉଲ୍ଲେଖ ରହିଛି। ମିଶନ ରାବିଜ୍ ସଂସ୍ଥା ସର୍ଭେଲାନ୍ସ, ତାଲିମ, ମୋବାଇଲ ଆପ୍ ଡେଭଲପମେଣ୍ଟ, ଲଜିଷ୍ଟିକ ଆଦି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇଦେବ। ସେହିପରି ଓୟୁଏଟି ଭେଟେନାରି କଲେଜର ଛାତ୍ରୀଛାତ୍ର ଇଣ୍ଟର୍ଣ୍ଣ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଚୁକ୍ତିନାମାରେ କୌଣସି କୌଣସି ଅର୍ଥ ଦେଣନେଣ ହେବ ନାହିଁ। ବିଏମ୍‌ସି ଅଞ୍ଚଳକୁ ଜଳାତଙ୍କ ରୋଗ ମୁକ୍ତ କରିବା ଏହାର ମୂଳ ଲକ୍ଷ୍ୟ। ବିଏମ୍‌ସି ପକ୍ଷରୁ କମିଶନର ଚଞ୍ଚଳ ରାଣା, ମିଶନ ରାବିଜ୍ ପକ୍ଷରୁ ଡ. ମିହିର ମଜଗାଁକର ଏବଂ କଲେଜ ଅଫ୍ ଭେଟେରିନାରି ସାଇନ୍ସ ଆଣ୍ଡ୍ ଆନିମାଲ ହଜବ୍ୟାଣ୍ଡରୀ ଓୟୁଏଟି ପକ୍ଷରୁ ଡିନ୍ ଡା. ସୁଶେନ ପଣ୍ଡା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଭାରତରେ ଏପର୍ଯ୍ୟନ୍ତ କୌଣସି ରାଜ୍ୟ ପୂର୍ଣ୍ଣ ମାତ୍ରାରେ ରାବିଜ୍ ଫ୍ରି ହୋଇପାରିନାହିଁ। ତେବେ ଗୋଆ ରାଜ୍ୟକୁ ରାବିଜ୍ ନିୟନ୍ତ୍ରିତ କ୍ଷେତ୍ର ଭାବେ ଘୋଷଣା କରାଯାଇଛି। ଏଠାରେ ୨୦୧୭ ପରଠାରୁ କୁକୁର କାମୁଡାରେ କୌଣସି ଲୋକଙ୍କ ମୃତ୍ୟୁ ହୋଇନାହିଁ। ସମସ୍ତ କୁକୁରଙ୍କ ଟୀକାକରଣ ହେବା ସହିତ ସଚେତନତା ଅଭିଯାନ ମାଧ୍ୟମରେ ଏହି ମାନ୍ୟତା ହାସଲ କରିବାରେ ସଫଳ ହୋଇଛି। ତେଣୁ ଗୋଆ ଢ଼ାଞ୍ଚାରେ ଭୁବନେଶ୍ୱରକୁ ରାବିଜ ଫ୍ରି ସହରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଚିକିତ୍ସା ନ ମିଳିବାରୁ ଡାକ୍ତରଙ୍କୁ ମାଡ଼ମାରି ହାତ ଭାଙ୍ଗିଲେ

**ଜଣେ ଗିରଫ, ଅନ୍ୟଜଣେ ଫେରାର**

- କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ଭୁବନେଶ୍ୱର, ୧୬।୧ (ତ୍ରିନାଥ ମହାନ୍ତି)

ଚିକିତ୍ସା ନ ମିଳିବାରୁ ଡାକ୍ତରଙ୍କୁ ମାଡ଼ମାରି ମୁହଁ ଫଟାଇବା ସହ ହାତ ଭାଙ୍ଗିଲେ ରୋଗୀ ସମ୍ପର୍କୀୟ। ଏଥିସହ ଆଟେଣ୍ଡାଣ୍ଟଙ୍କୁ ମଧ୍ୟ ଆକ୍ରମଣ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ଏଭଳି ଘଟଣା ଘଟିଥିବାବେଳେ ଏହାକୁ ନେଇ ଦୀର୍ଘ ଘଣ୍ଟାଏ ଧରି ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଡାକ୍ତରଙ୍କୁ ଆକ୍ରମଣ କରିଥିବା ଜଣେ ଯୁବକଙ୍କୁ ପୋଲିସ କାବୁ କରି ଗିରଫ କରିଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ନିମାପଡ଼ାର ବିନ୍ଦୁ ସାଗର। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁସାରେ, ନିମାପଡ଼ାରୁ ଜଣେ ରୋଗୀ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲର ଅର୍ଥୋପେଡ଼ିକ ୱାର୍ଡକୁ ଆସିଥିଲେ। ଟିକେଟଠାରୁ ଆରମ୍ଭ କରି ଓପିଡି ପର୍ଯ୍ୟନ୍ତ ସବୁଠି ଅପେକ୍ଷା କରିବାକୁ ପଡିଥିଲା। ହେଲେ ତାଙ୍କ ପାଳି ପଡିବା ବେଳକୁ ଡାକ୍ତରଙ୍କ ରୋଗୀଦେଖା ସମୟ ସରିଯାଇଥିଲା। ତେଣୁ ଡାକ୍ତର ତାଙ୍କୁ କାଜୁଆଲିଟି ଯିବାକୁ କହିଥିଲେ। ହେଲେ ଓପିଡି ଟିକେଟ୍ କରିବା ପରେ କ'ଣ ପାଇଁ କାଜୁଆଲିଟିକୁ ଯିବୁ ବୋଲି କହି ରୋଗୀଙ୍କ ସମ୍ପର୍କୀୟମାନେ ଝଗଡ଼ା କରିଥିଲେ। ଏହାପରେ ଗଣ୍ଡଗୋଳ ଅଧିକ ବଢିଯାଇଥିଲା। ରୋଗୀ ସମ୍ପର୍କୀୟମାନେ ଉତ୍ତେଜିତ ହୋଇ ଡାକ୍ତରଙ୍କୁ ମାଡ଼ ମାରି ହାତ ଭାଙ୍ଗି ଦେବା ସହ ମୁହଁ ଫଟାଇ ଦେଇଥିଲେ। ଡାକ୍ତରଙ୍କୁ ବଞ୍ଚାଇବାକୁ ଆସି ଆଟେଣ୍ଡାଣ୍ଟ ଆହତ ହୋଇଥିଲେ। ଖବରପାଇ ତୁରନ୍ତ ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ମହାନଦୀରେ ବୁଲୁଛି ୧୦ରୁ ୧୨ ଫୁଟ ଲମ୍ବର କୁମ୍ଭୀର



ବାରଙ୍ଗ, ୧୬।୧ (ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ବ୍ୟାରେଜ୍ ନିକଟ ମହାନଦୀରେ କୁମ୍ଭୀର ବୁଲୁଥିବା ଶୁକ୍ରବାର ଦେଖିବାକୁ ମିଳିଛି। ସକାଳୁ ମହାନଦୀ ମଝିରେ ଥିବା ପଠାବାଲିରେ ଏକ କୁମ୍ଭୀର ଶୋଇଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ବ୍ୟାରେଜ ଉପରେ ଲୋକଙ୍କ ଭିଡ଼ ଜମିଯାଇଥିଲା। ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀରଟିର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ୧୦ରୁ ୧୨ ଫୁଟ ଲମ୍ବର ଏହା ଏକ ଅଣ୍ଟିଆ କୁମ୍ଭୀର ବୋଲି ବନ ବିଭାଗ ଅନୁମାନ କରୁଛି। କିଛି ସମୟ ପରେ କୁମ୍ଭୀରଟି ପାଣି ଭିତରକୁ ଚାଲିଯାଇଥିଲା। ମହାନଦୀ ତଟବର୍ତ୍ତୀ ଗ୍ରାମବାସୀ ଏଥିପାଇଁ ସଜାଗ ଓ ସତର୍କ ରହିବାକୁ ବନ ବିଭାଗ କର୍ମଚାରୀ ପରାମର୍ଶ ଦେଇଛନ୍ତି।

# ପାୱାର କ୍ରିକେଟ କପ୍ : ଓପିଟିସିଏଲ୍ ଚାମ୍ପିୟନ, କୃଷି ବିଭାଗ ରନର୍ସ ଅପ୍

ଭୁବନେଶ୍ୱର, ୧୬।୧ (ଅନୁରାଧା ମହାରଣା)

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଆନୁକୂଲ୍ୟରେ ଚାଲିଥିବା ୧୮ତମ ପାୱାର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚରେ ଶୁକ୍ରବାର ରାଜ୍ୟ ସରକାରଙ୍କ କୃଷି ବିଭାଗ ଟିମ୍‌କୁ ପରାସ୍ତ କରି ଓପିଟିସିଏଲ୍ ଚାମ୍ପିୟନ ହୋଇଛି। କୃଷି ବିଭାଗ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ମାତ୍ର ୮୨ ରନ୍ ସଂଗ୍ରହ କରିଥିଲା। ଓପିଟିସିଏଲ୍ ଦଳ ମାତ୍ର ୯.୧ ଓଭରରେ ୩ ୱିକେଟ୍ ବିନିମୟରେ ୮୩ ରନ୍ ସଂଗ୍ରହ କରି ବିଜୟ ଲକ୍ଷ୍ୟକୁ ହାସଲ କରିଥିଲା। ଓପିଟିସିଏଲ୍‌ର ବ୍ୟାଟ୍ସମ୍ୟାନ କ୍ଷମାସାଗର ବଳ ଦମ୍‌ଦାର ବୋଲିଂ ଓ ବ୍ୟାଟିଂ ପ୍ରଦର୍ଶନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ମଧ୍ୟ ହାସଲ କରିଥିଲେ। ଏହି ଟୁର୍ନାମେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭୟ ମଲ୍ଲିକ(ଓପିଟିସିଏଲ୍), ଶଶିକାନ୍ତ ପାତ୍ର(କୃଷି ବିଭାଗ), ସମ୍ବିତ ହରିଚନ୍ଦନ(ଓପିଟିସିଏଲ୍) ଓ ସୁର୍‌ଜିତ ଦାସ(ଗ୍ରୀଡ୍‌କୋ) ଯଥାକ୍ରମେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ୱିକେଟ୍ କିପର ଓ ଶ୍ରେଷ୍ଠ ଫିଲ୍ଡର ଭାବେ ବିବେଚିତ ହୋଇଥିଲେ। ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିଅନ ଓ ରନରଅପ୍ ଦଳକୁ ଟ୍ରଫି ଏବଂ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଓପିଟିସିଏଲ୍ ଦଳ।

# ଚିଲିକା: ୧୮ରେ ପକ୍ଷୀ, ୨୦ରେ ଡଲ୍‌ଫିନ୍ ଗଣନା

ବାଲୁଗାଁ, ୧୬।୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୮ତାରିଖରେ ଚିଲିକାରେ ପକ୍ଷୀ ଏବଂ ୨୦ରେ ଡଲ୍‌ଫିନ୍ ଗଣନା ହେବ। ଏନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ସରିଛି। ଗଣନାରେ ମୋଟ୍ ୨୨ଟି ଟିମ୍ ସାମିଲ ହେବେ। ୱାଇଲ୍ଡ ଲାଇଫ୍ ଓଡ଼ିଶା, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର, ପକ୍ଷୀ ବିଶାରଦଙ୍କ ସମେତ ମୋଟ୍ ୧୩୦ଜଣ ଏହି ଗଣନାରେ ଅଂଶଗ୍ରହଣ କରିବେ। ଏନେଇ ଶୁକ୍ରବାର ବାଲୁଗାଁ ଡିଏଫ୍‌ଓ ଅମ୍ଳାନ ନାୟକ ସୂଚନା ଦେଇଛନ୍ତି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଖୋଲିଲା ନୂଆ ପାଠ୍ୟକ୍ରମ




କଟକ, ୧୬।୧ (କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ପ୍ରାଚ୍ୟ ଶିକ୍ଷା ପ୍ରଣାଳୀର ଏକ ନୂତନ ପାଠ୍ୟକ୍ରମ 'ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମ' ଖୋଲିଛି। ସମଗ୍ର ଏସିଆ ମହାଦେଶରେ ପ୍ରଥମ ଥର ପାଇଁ ଏଭଳି ପାଠ୍ୟକ୍ରମ ଆରମ୍ଭ ହୋଇଛି। ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମ ଜାତୀୟ ଶିକ୍ଷା ନୀତି-୨୦୨୦ ସହ ସମନ୍ୱୟ ରକ୍ଷାକରି ପ୍ରାଚ୍ୟର ଶିକ୍ଷାପଦ୍ଧତି ସହ ଅବଶିଷ୍ଟ ବିଶ୍ୱକୁ ପରିଚିତ କରାଇବାକୁ ଲକ୍ଷ୍ୟ ରଖିଛି। ଏହି ପାଠ୍ୟକ୍ରମ ଅଧୀନରେ ନୀତିଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଖଗୋଳ ବା ଜ୍ୟୋତିଷ ଶାସ୍ତ୍ର, ଭାରତୀୟ-ମାନବ-ବିଜ୍ଞାନ, ବ୍ୟାକରଣ ଶାସ୍ତ୍ର, ଶିଳ୍ପ ଏବଂ ବାସ୍ତୁ ଶାସ୍ତ୍ର, ସାମଗ୍ରିକ ସ୍ୱାସ୍ଥ୍ୟ ତଥା ନାଟ୍ୟଶାସ୍ତ୍ର ଭଳି ଆଠଟି ପ୍ରମୁଖ ପ୍ରାଚୀନ ଭାରତୀୟ ବିଷୟ ରହିଛି। ଏହା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଗତ ଡିଗ୍ରୀ ସହ ଗବେଷଣା ଆଦି ପାଇଁ ଡକ୍ଟରାଲ ଓ ପୋଷ୍ଟ ଡକ୍ଟରାଲ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ କରାଉଛି। ପାଠ୍ୟକ୍ରମର ଲୋକାର୍ପଣ ଉତ୍ସବରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଫାକଲ୍ଟି ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ ଡିନ ପ୍ରଫେସର ଡ. ବିପ୍ଳବ ବିଶ୍ୱାଳ ଏବଂ ନୂତନ ପାଠ୍ୟକ୍ରମ ଫାକଲ୍ଟି ଅଫ୍ ଇଷ୍ଟର୍ନ ନଲେଜ ସିଷ୍ଟମର ଡିନ ଡ. ଭରତ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

**ହଟକେଶ୍ୱର ମକର ମହୋତ୍ସବର ତୃତୀୟ ସନ୍ଧ୍ୟା**

# ଅତ୍ରି ହେବ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର: ପ୍ରଭାତୀ




ବାଘମାରୀ, ୧୬।୧ (ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସରରେ ଚାଲିଥିବା ୧୧ଶ ବାର୍ଷିକ ହଟକେଶ୍ୱର ମକର ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମକର ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ, ଅତ୍ରି ହେବ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟୟ କରାଯିବ। ମୁଖ୍ୟବକ୍ତା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଭାଜାପା ନେତା ପ୍ରକାଶ ବିଜୁଳି, ପିପୁଲ୍‌ସ ଫୋରମ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୟ ପଟ୍ଟନାୟକ, ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବାଘମାରୀ ଥାନା ଅଧିକାରିଣୀ ସୁଚିତ୍ରା ଜେନା, ସାମାଜିକ କର୍ମୀ ରାକେଶ ଦାଶ ଯୋଗଦେଇ ଐତିହାସିକ ସ୍ଥଳ ଅତ୍ରି ଏବଂ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ଅଲୌକିକତା ସମ୍ପର୍କରେ କହିଥିଲେ। ମହୋତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳର ବହୁ ଲୁକ୍କାୟିତ ପ୍ରତିଭା ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶନ କରିପାରୁଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବାସୁଦେବ ଜୟସିଂହ, ସୁଚିତ୍ରା ଜେନା, ପବିତ୍ର କୁମାର ପରିଡ଼ା, ବୈକୁଣ୍ଠ ନାଥ ସାହୁ ପ୍ରମୁଖଙ୍କୁ ମକର ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଳମ୍ବିତ ରାତିପର୍ଯ୍ୟନ୍ତ ଲୋଇସିଂହାର ସଙ୍ଗୀତ ସାଧନା, କଣ୍ଠଶିଳ୍ପୀ ଦୀପ୍ତିମୟୀ, ରଙ୍ଗିଲା ମଡର୍ନ ଡ୍ୟାନ୍ସ ଗ୍ରୁପ୍, ଉତ୍କଳ କନ୍ୟା ପାଇକ ଆଖଡ଼ା ଏବଂ ସ୍ଥାନୀୟ ଅଞ୍ଚଳର କୁନି କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ନବକିଶୋର ଖୁଣ୍ଟିଆ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସ୍ୱାଧୀନ ପଣ୍ଡା, ସାଗର ବରାଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁଧାକର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଇପି ଆଧାରରେ ପାଠ୍ୟପୁସ୍ତକ ବିକାଶ ପ୍ରକ୍ରିୟାକୁ ସମୀକ୍ଷା କଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ

**୨୦୨୬ ରୁ ୨୦୩୬ବର୍ଷର ପ୍ରସ୍ତୁତି ଉପରେ ଗୁରୁତ୍ୱ**

ଭୁବନେଶ୍ୱର, ୧୬।୧ (ସୁଚିସ୍ମିତା ସାହୁ)

ପାଠ୍ୟକ୍ରମ ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ସମ୍ପର୍କରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପାଠ୍ୟକ୍ରମର ବିକାଶ ଏବଂ ମାଷ୍ଟର ରିସୋର୍ସ ପର୍ସନଙ୍କ ଦକ୍ଷତା ବିକାଶ ସମ୍ପର୍କରେ ପଚାରି ବୁଝିଥିଲେ। ନୂଆ ବହି ସମ୍ପର୍କରେ ରାଜ୍ୟର ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ାଇବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ସେ ୪ଟି ପରାମର୍ଶ ଦେଇଛନ୍ତି। ପ୍ରଥମେ ନିପୁଣ ଭାରତକୁ ପ୍ରାଧାନ୍ୟ ଦେଇ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନକୁ ସୁଦୃଢ଼ କରିବା, ଦ୍ୱିତୀୟରେ ଅତିକମରେ ପଞ୍ଚମ ଶ୍ରେଣୀ ଯାଏଁ ମାତୃଭାଷା ଆଧାରିତ ଶିକ୍ଷାକୁ ପ୍ରାଧାନ୍ୟ ଦେବା, ତୃତୀୟରେ ଛାତ୍ରୀଛାତ୍ରଙ୍କ ପୋଷଣକୁ ଗୁରୁତ୍ୱ ଦେଇ ପିଏମ-ପୋଷଣକୁ ସୁଦୃଢ଼ କରିବା, ଚତୁର୍ଥରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏନ୍‌ଇପିରେ ଥିବା ବର୍ଷକୁ ୧୦ଦିନ ବସ୍ତାନୀ ବିହୀନ ବିଦ୍ୟାଳୟ ପ୍ରଚଳନକୁ ଅଧିକ ବ୍ୟାପକ କରିବା ଦିଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଏନ୍‌ଇପି୨୦୨୦ ଅଧୀନରେ ଓଡ଼ିଶା ୫୫ଟି ନୂତନ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକକୁ ଅନୁବାଦ ଏବଂ ସନ୍ଦର୍ଭୀକରଣ କରିଛି। କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା, ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ କରୁଥିବା ସୂଚନା ଦେଇଛନ୍ତି। ସମସ୍ତ ନୂତନ ପାଠ୍ୟପୁସ୍ତକ ୨୦୨୬-୨୭ ଶିକ୍ଷାବର୍ଷରୁ ସମସ୍ତ ବିଦ୍ୟାଳୟରେ ଲାଗୁ କରାଯିବ। କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଶର୍ମା ଅବସ୍ଥି, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଗଣଶିକ୍ଷା ବିଭାଗ ଆୟୁକ୍ତ ଡ. ଏନ.ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଏନ୍‌ସିଇଆରଟିର ବରିଷ୍ଠ ପ୍ରାଧ୍ୟାପକ ରଞ୍ଜନ ଅରୋରା ଉପସ୍ଥିତ ଥିଲେ।

**कार्यपालक अभिंयता का कार्यालय, लघु वितरणी प्रमण्डल सं०–8, जमशेदपुर**
(Email – eemdd8.chandil@gmail.com)

निविदा रद्द करने की सूचना

इस कार्यालय के Expression of Interest (EOI), Very Short e-Tender inviting Notice no.- WRD/MDD8/JSR-04/2024-25, Date:- 11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर

PR 370789 Water Resource(25-26).D

**कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।**

शुद्धि–पत्र

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाहन्। | 13.01.2026 के 11:00 बजे पूर्वाहन्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाहन्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।

PR 370808 West Singhbhum(25-26)D

**कार्यपालक अभियंता, का कार्यालय, ग्रामीण विकास विशेष प्रमंडल, पाकुड़**
झारखण्ड सरकार

अल्पकालीन ई–निविदा आमंत्रण सूचना

अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26

1.कार्य की विस्तृत विवरणीः

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी०एल०एफ० के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाईट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराहन 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराहन 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।

PR 370730 Rural Work Department(25-26)D

**कार्यपालक अभियंता का कार्यालय,**
ग्रामीण कार्य विभाग, कार्य प्रमण्डल, चतरा।

शुद्धि–पत्र

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् ई–अल्पकालीन निविदा संख्या– 05/2025-26/RWD/CHATRA, दिनांक– 31.12.2025 (Construction of PCC Road from Panchwati Pul to Bachra Basti End via Bachra Basti Mandir), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका P.R. No. 369869 Rural Work Department(25–26):D है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– 19.01.2026
2. ई–निविदा प्राप्ति की अंतिम तिथि एवं समय :– 01.02.2026 अपराह्न 5.00 बजे तक।
3. ई–निविदा खोलने की तिथि एवं समय :– 03.02.2026 अपराह्न 03.30 बजे।
4. अन्य शर्ते यथावत् रहेंगी।

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR 370800 (Rural Work Department) 25-26 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

Corrigendum – 6

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.

PR 370845 Urban Development(25-26)#D

## ସଂକ୍ଷେପରେ

### ଅନୁସୂଚିତ ଜାତି, ଜନଜାତି ଗ୍ରାମରୁ ମାଟି ସଂଗ୍ରହ

ଟିଗିରିଆ,୧୬ା୧(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତସ୍ଥିତ ବୁଦ୍ଧଜୟନ୍ତୀପୁର ବୌଦ୍ଧ ବିହାରରୁ ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଇଁ ଶୁକ୍ରବାର ମାଟି ସଂଗ୍ରହ ଆରମ୍ଭ ହୋଇଛି। ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜୁ ପଟ୍ଟନାୟକ ପାର୍କରେ ଜାନୁୟାରୀ ୨୬ରେ ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ପ୍ରତ୍ୟକ ଅନୁସୂଚିତ ଜାତି ଓ ଜନଜାତି ଗ୍ରାମରୁ ମାଟି ସଂଗ୍ରହ କରାଯାଇ ଉକ୍ତ ମାଟିରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବିଧାୟକ ସ୍ୱାଇଁ ଲକ୍ଷ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆଠଗଡ଼ ଓ ଟିଗିରିଆ ବ୍ଲକ ଦଳିତ ଆଦିବାସୀ ବହୁଜନ ମଞ୍ଚର ମିଳିତ ସହଯୋଗରେ ଟିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତରୁ ଏହି ମାଟି ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦଳିତ ଆଦିବାସୀ ବହୁଜନ ମଞ୍ଚ ଟିଗିରିଆ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ଆଠଗଡ଼ ବ୍ଲକ ସଭାପତି ରମେଶ ଘଡେଇଙ୍କ ପୌରୋହିତ୍ୟରେ ଜେମାଦେଇପୁର ପଞ୍ଚାୟତସ୍ଥିତ ବୌଦ୍ଧ ବିହାର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ।

### କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଟିଗିରିଆ,୧୬ା୧(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା କୁଙ୍କୁମିତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଛାୟତ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିକ୍ରମ କେଶରୀ ଦାଶ, ବିଦ୍ୟାଳୟ ପୂର୍ବତନ ଅବସରପ୍ରାପ୍ତ ଅର୍ଥନୀତି ବିଭାଗ ଅଧ୍ୟାପକ ଗଣେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ଜୀବନରେ ସଫଳ ହେବା ପାଇଁ ଉଚ୍ଚ ସ୍ୱପ୍ନ ଦେଖିବା ଓ ତାକୁ ସାକାର କରିବାକୁ ହେଲେ ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଥିବା ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥିମାନଙ୍କ ପକ୍ଷରୁ ବିଦ୍ୟାଳୟସ୍ତରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତବର୍ଷ +୨ ପରୀକ୍ଷାରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସ୍ୱାଗତିକା ମିଶ୍ରଙ୍କୁ ଅତିଥିଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟକ୍ଷା ନାୟକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ମିତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ପୁଷ୍ପଲତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୫୦ ବର୍ଷ ପାଇଁ ହେବ ମାଷ୍ଟରପ୍ଲାନ୍

## ଆଠଗଡ଼ ସହର

- ୨୭ ଲକ୍ଷ ଟଙ୍କାର ଡିପିଆର୍ ଧାର୍ଯ୍ୟ
- ବର୍ଷାଜଳ ନିଷ୍କାସନ ପାଇଁ ୭୩ ଲକ୍ଷ ଟଙ୍କାର ପ୍ରକଳ୍ପ ପାଇଁ ଯୋଜନା


କର୍ମଶାଳାରେ ଯୋଗଦେଇଥିବା ଏନ୍‌ଏସି ଅଧ୍ୟକ୍ଷା, ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି।

ଆଠଗଡ଼,୧୬ା୧(ସତ୍ୟ ପ୍ରସାଦ ରଥ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଏନ୍‌ଏସି ପକ୍ଷରୁ ଏହି ସହରର ଉନ୍ନତୀକରଣ, ବର୍ଷାଜଳ ନିଷ୍କାସନର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ପାଇଁ ଆପୋସ ବାର୍ତ୍ତାଳାପ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଏନ୍‌ଏସି କାର୍ଯ୍ୟାଳୟ ନିକଟ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସହକାରୀ ଜିଲାପାଳ ପ୍ରଭୁଦତ୍ତ ପ୍ରଧାନ, ତହସିଲଦାର ନିକୁଞ୍ଜ ବିହାରୀ ବଡ଼ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ବଳୟ ଦେହୁରୀ, ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ଦାସଙ୍କ ସମେତ ବିଭିନ୍ନ ୱାର୍ଡ କାଉନ୍‌ସିଲର, ପୂର୍ବତନ ଅଧ୍ୟକ୍ଷ, ଓକିଲ ସଂଘ ସଦସ୍ୟ ଓ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ଆଗାମୀ ୫୦ ବର୍ଷ ପାଇଁ ଆଠଗଡ଼ ସହରର ମାଷ୍ଟର ପ୍ଲାନ୍ ଉପରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନର ମାନଚିତ୍ର ମଧ୍ୟରେ ଥିବା ଆଠଗଡ଼ ଏନ୍‌ଏସି ଅଞ୍ଚଳର ସମସ୍ତ କିସମ ଜମିକୁ ସରକାରୀ ଜମିରେ ପରିବର୍ତ୍ତନ କରାଯାଇ ତାହାକୁ ସରକାରୀ ଖାତାକୁ ନେବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ଆବଶ୍ୟକ ଅନୁଯାୟୀ ତାହାର ବିନିଯୋଗ କରିବା ଉପରେ ଚର୍ଚ୍ଚା ହୋଇଥିଲା। ଭୁବନେଶ୍ୱରର ଆର୍‌ଭି ଇଞ୍ଜିନିୟରିଂ କନ୍‌ସୋଲାଣ୍ଟ ଲିଃ ପକ୍ଷରୁ ଏହାର ସର୍ଭେକାର୍ଯ୍ୟ କରାଯାଇ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପ୍ରାଥମିକ ସର୍ଭେକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜଣାଇବା ସହ ମତାମତ ବିନିମୟ ଉପରେ କର୍ମଶାଳାରେ ଆହ୍ୱାନ ଦିଆଯାଇଛି। ମାଷ୍ଟର ପ୍ଲାନ୍ ଅନୁଯାୟୀ ବିଭିନ୍ନ ସ୍ଥାନରେ ଆବଶ୍ୟକ ପ୍ରକଳ୍ପ ନିର୍ମାଣ ପାଇଁ ୨୬ ଲକ୍ଷ ୯୭ ହଜାର ୮୨୪ ଟଙ୍କାର ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର୍) ଧାର୍ଯ୍ୟ ହୋଇଛି। ଏତଦ୍‌ବ୍ୟତୀତ ବର୍ଷାଜଳ ନିଷ୍କାସନ ନିମନ୍ତେ ଆବଶ୍ୟକ ପ୍ରକଳ୍ପ ପାଇଁ ଭୁବନେଶ୍ୱରସ୍ଥିତ ଇକୋ ମାଟ୍ରିକ୍ସ ପ୍ରାଇଭେଟ୍ ଲିଃ ଜରିଆରେ ୭୩ ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହକାରୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି। ଏହା ସଫଳ ହୋଇପାରିଲେ ଆଠଗଡ଼ ସହରର ସାମଗ୍ରିକ ବିକାଶ ସମ୍ଭବ ହେବ ବୋଲି ଆଠଗଡ଼ ଏନ୍‌ଏସି ଉପାଧ୍ୟକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି କହିବା ସହ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସହାୟକ ନିରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଖୋଲିଲା ମଣ୍ଡି: ୨୪୩୦ କୁଇଣ୍ଟାଲ ଧାନ ସଂଗ୍ରହ

ଆଠଗଡ଼,୧୬ା୧(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ ଅନ୍ତର୍ଗତ ୨ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ଖୁଣ୍ଟୁଣୀ ସେବା ସମବାୟ ସମିତିର କଣ୍ଡରେଇ ଓ ବାଲୀ ସେବା ସମବାୟ ସମିତି ପକ୍ଷରୁ ଓରନ୍ଦାରେ ଶୁକ୍ରବାର ଦ୍ୱିତୀୟ ଧାନମଣ୍ଡି ଖୋଲିଛି। ପ୍ରଥମେ ଦିନରେ ମଣ୍ଡିରେ ୧୫ଜଣ ଚାଷୀଙ୍କଠାରୁ ୪୩୦ କୁଇଣ୍ଟାଲ ଓ ୧୭ଜଣ ଚାଷୀଙ୍କ ୫୦୦ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଛି। ସେହିପରି ୩ନଂ. ଜିଲା ପରିଷଦ ଜୋନ ରାଜନଗର ସେବା ସମବାୟ ସମିତି ଓ ବେଣ୍ଟପଦା ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଉକ୍ତ ଧାନମଣ୍ଡି ଶୁଭାରମ୍ଭରେ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବା ସମିତି ସଭାପତି ପବିତ୍ର କୁମାର ସାହୁ, ଗଜେନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ରଶ୍ମିତା ପରିଡ଼ା, ଶ୍ରୀକାନ୍ତ ପଣ୍ଡାଙ୍କ ସହିତ ସଭ୍ୟା ସୁଚିତ୍ରା ସାମଲ, ମହେନ୍ଦ୍ର ପରିଡ଼ା, ଅଜୟ ସାମଲ, ବିଜୟ ମହାନ୍ତି ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ରାଜନଗର ଧାନମଣ୍ଡିରେ ୩୭ଜଣ ଚାଷୀଙ୍କଠାରୁ ୧ ହଜାର କୁଇଣ୍ଟାଲ ଓ ବେଣ୍ଟପଦା ଧାନମଣ୍ଡିରେ ୧୫ଜଣ ଚାଷୀଙ୍କଠାରୁ ୫୦୦ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଛି।

### 'ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା'


ପିଏମ୍‌ଶ୍ରୀ ଉତ୍ସବରେ ଯୋଗଦେଇଥିବା ବିଧାୟକ ଓ ଛାତ୍ରୀଛାତ୍ରମାନେ।

ମାହାଙ୍ଗା,୧୬ା୧(ଅଜୟ କୁମାର ମହାନ୍ତି)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତସ୍ଥିତ ଝାଡ଼େଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃପାସିନ୍ଧୁ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଧାୟକ ପ୍ରଧାନ ପିଏମ୍‌ଶ୍ରୀ ପରୀକ୍ଷାଗାର ଶୁଭ ଶିଳାନ୍ୟାସ କରିଥିଲେ। ମୁଖ୍ୟବକ୍ତା ଭାବେ ଷ୍ଟେଟ ବ୍ୟାଙ୍କ କଟକ ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅଶ୍ୱିନ ଅନୁପମ ପ୍ରହରାଜ ଓ ସମ୍ମାନିତ ଅତିଥିଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ମୋନାଲିସା ସରକାର ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ଭଲ ଅଧ୍ୟୟନ କରି ସଫଳତା ପାଇପାରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ଲିସା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ରମାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସାଧାରଣ ସମ୍ପାଦକ ପବିତ୍ର ମୋହନ ପ୍ରଧାନ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ସଂଗ୍ରାମ କେଶରୀ ପ୍ରହରାଜ, ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ମାନସ ମହାନ୍ତି, ସଞ୍ଜୟ ସାହୁ, ଅକ୍ଷୟ ନନ୍ଦ, ବଳରାମ ସୂତାର, କୁରସିଦ ଖାଁ, ସୁବାସ ଓଝା, କିଶୋର ରାଉତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଓ ପଞ୍ଚସଖା ଶିକ୍ଷା ସେତୁ କମିଟି ସଭ୍ୟ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ଗାଁରେ ଆତଙ୍କ ଖେଳାଇଲେ ଯୁବକ

## ସଂଘବଦ୍ଧ ଆକ୍ରମଣରେ ୭ ଗୁରୁତର

ମାହାଙ୍ଗା,୧୬ା୧(ଅଜୟ କୁମାର ମହାନ୍ତି )


ଗାଁରେ ସଂଘବଦ୍ଧ ଆକ୍ରମଣ ପରେ ପୋଲିସ ଟିମ୍ ପଇଁତରା ମାରୁଛି।

ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅନ୍ତର୍ଗତ ବାଜପୁରା ଗାଁରେ ହିଂସାକାଣ୍ଡ ଘଟିଛି। ବାହାର ଅଞ୍ଚଳରୁ ଆସିଥିବା ୨୦ରୁ ଊର୍ଦ୍ଧ୍ୱ ଯୁବକ ଶୁକ୍ରବାର ଅପରାହ୍ନ ସମୟରେ ଗାଁକୁ ସଂଘବଦ୍ଧ ଭାବେ ଆସି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ବିଭିନ୍ନ ମାରଣାସ୍ତ୍ର ଧରି କାହାକୁ ଆକ୍ରମଣ କରିଥିଲେ ତ କାହା ଘର ଉପରକୁ କାଚ ବୋତଲ ମାଡ଼ କରିଥିଲେ। ଏପରିକି ଛୋଟ ପିଲା ଓ ମହିଳାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିବାକୁ ପଛାଇ ନଥିଲେ। ପ୍ରାୟ ୧ ଘଣ୍ଟା ଧରି ସେମାନେ ଗାଁରେ ଆତଙ୍କରାଜ ଚଳାଇଥିଲେ। ଏହି ଆକ୍ରମଣରେ ୭ ଜଣ ଗୁରୁତର ହୋଇ କୁମୁଡା ଜୟପୁର ଓ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ତେବେ ଯେଉଁମାନେ ଏଭଳି କାଣ୍ଡ କରିଥିଲେ, ସେମାନେ ଏକ ରାଜନୈତିକ ଦଳର ସମର୍ଥକ ବୋଲି କୁହାଯାଇଛି। ପୂର୍ବଶତ୍ରୁତାରୁ ଏହି ଆକ୍ରମଣ କରାଯାଇଥିବା ଚର୍ଚ୍ଚା ହେଉଛି। ଖବରପାଇ ମାହାଙ୍ଗା ପୋଲିସ ଗାଁରେ ପହଂଚିବା ବେଳକୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ମାହାଙ୍ଗା ପୋଲିସର ଏକ ଟିମ ଉକ୍ତ ଗାଁରେ ପଇଁତରା ମାରୁଛନ୍ତି। ଗାଁରେ ଏବେବି ଭୟର ବାତାବରଣ ରହିଛି। ସନ୍ଧ୍ୟାରେ ସାଲେପୁର ଏସ୍‌ଡିପିଓ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ୪ ଜଣଙ୍କୁ ପୋଲିସ ଅଟକ ରଖିଥିବାବେଳେ ଅନ୍ୟ ଯେଉଁମାନଙ୍କ ସମ୍ପୃକ୍ତି ଜଣାପଡ଼ିବ ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି କହିଛନ୍ତି।

### ବିଚାରପତିଙ୍କ ମାତୃ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି,୧୬ା୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରୀତି ତ୍ରିପାଠୀଙ୍କ ମାଆ ସୁଚିତ୍ରା ଷଡ଼ଙ୍ଗୀ(୫୯)ଙ୍କ ତାଙ୍କ ବାସଭବନରେ ଶୁକ୍ରବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଶୋକାକୁଳ ପରିବେଶରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ଜେଏମ୍‌ଏଫ୍‌ସି କୋର୍ଟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ ସାଲେପୁର ବାର ଆସୋସିଏଶନ ସଭାପତି ବିକ୍ରମ କେଶରୀ ବଳ, ସମ୍ପାଦକ ଭାସ୍କର ବେହେରାଙ୍କ ସମେତ କୋର୍ଟରେ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# 'ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଭାରତ ପାଇଁ ଉଦାହରଣ'

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

ବାଙ୍କୀ,୧୬ା୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ତାଲିମ୍ ଶିବିରରେ ଉପଜିଲାପାଳ ଓ ମଞ୍ଚାସୀନ ଅତିଥିମାନେ।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର କଟକ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ରେଡ୍‌କ୍ରସ ସଂସ୍ଥା, ଜିଲା ଯୁବ ରେଡ୍‌କ୍ରସ ସହାୟତାରେ ଏବଂ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ୩ଦିନ ବ୍ୟାପୀ ତାଲିମ ଶିବିରକୁ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ପ୍ରଣବ କୁମାର ବେହେରା ରେଡ୍‌କ୍ରସ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବେହେରା ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧରେ ଓଡ଼ିଶାବାସୀ ସଚେତନ ଓ ବିଶେଷକରି ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସାରା ଭାରତବର୍ଷ ପାଇଁ ଅନନ୍ୟ ଉଦାହରଣ ବୋଲି ଉଲ୍ଲେଖ କରିଥିଲେ। ଏଥିସହ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ଦେଶର ସୁନାଗରିକ ଭାବେ ଭୋଟ ଦେବା ଅଧିକାରକୁ ସୁବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଯୁବ ରେଡ୍‌କ୍ରସର ସଂଯୋଜକ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ପରିଚାଳନା ସମ୍ବନ୍ଧରେ ବହୁ ଉଦାହରଣ ମାଧ୍ୟମରେ ସ୍ୱେଚ୍ଛାସେବୀମାନଙ୍କୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା, ଭୂମିକମ୍ପ ଓ କରୋନା ମହାମାରୀ ସମ୍ପର୍କରେ ଯେଉଁସବୁ ବିପର୍ଯ୍ୟୟ ଘଟୁଛି, ସେଗୁଡ଼ିକୁ ମୁକାବିଲା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଜିଲା ଯୁବ ରେଡ୍‌କ୍ରସ ସମ୍ପାଦକ ତଥା ସଂଯୋଜକ ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇ ଏହି ତାଲିମ ଶିବିର ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପାଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଯୋଗଦେଇ ଏହି ମହାବିଦ୍ୟାଳୟରେ ଜିଲାସ୍ତରୀୟ ପରିଚାଳନା ଶିବିର ହେଉଥିବାରୁ ରାଜ୍ୟ ରେଡ୍‌କ୍ରସ ସଂସ୍ଥାକୁ ବଧାଇ ଜଣାଇଥିଲେ। ଯୁବ ରେଡ୍‌କ୍ରସ କାଉନ୍‌ସିଲର ଅଧ୍ୟାପିକା ସରସ୍ୱତୀ ଦେଉରୀ ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଦେଶୀ ସାମଗ୍ରୀ ବ୍ୟବହାରକୁ ଆହ୍ୱାନ

ଆଠଗଡ଼,୧୬ା୧(ସତ୍ୟ ପ୍ରସାଦ ରଥ)

ରାଜ୍ୟ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆଠଗଡ଼ ଏନ୍‌ଏସିରେ ଶୁକ୍ରବାର ଏକ ସଚେତନତା ରଥ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରୁ ବାହାରି ଆଠଗଡ଼ ସହର ପରିକ୍ରମା କରିଥିଲା। ଏହି ରଥ ବିଦେଶୀ ଦ୍ରବ୍ୟ ବର୍ଜନ କରିବା ସହ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ଲାଗି ବାର୍ତ୍ତା ନେଇ ସାଧାରଣ ଲୋକଙ୍କୁ ସଚେତନ କରିଥିଲା। ଉକ୍ତ ରଥକୁ ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ ପତାକା ଶୁଭାରମ୍ଭ କରିବା ସହ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ପୁରୀରୁ ବାହାରିଥିବା ଏହି ରଥକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ସ୍ୱଦେଶୀ ଜାଗରଣ ମଞ୍ଚର ପୂର୍ବପ୍ରାନ୍ତ ସଂଗଠକ ରାଜେଶ ଦାସ, ପୁରୀ ବିଭାଗ ସଂଯୋଜକ ପ୍ରଶାନ୍ତ ଭୂୟାଁ, ପ୍ରାନ୍ତ ସଂଘର୍ଷବାହିନୀ ପ୍ରମୁଖ ପ୍ରହ୍ଲାଦ ବେହେରା, ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ହୃଷୀକେଶ ପ୍ରଧାନ ଯୋଗଦେଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ।

### ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ବଡ଼ମ୍ବା,୧୬ା୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁରସ୍ଥିତ କୃଷକ ଉତ୍ପାଦକ ସମିତି ପରିସରରେ ଶୁକ୍ରବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡି ଶୁଭାରମ୍ଭ କରିଥିଲେ। ଏପରିକି ମାଣ୍ଡିଆର ବହୁଳ ଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମାଣ୍ଡିଆ ଅପରିହାର୍ଯ୍ୟ ବୋଲି କହିଥିଲେ। ବିଶ୍ୱନାଥପୁର କୃଷକ ଉତ୍ପାଦକ ସମିତି ପରିଚାଳନା କମିଟି ସମ୍ପାଦକ ଦାଶରଥି ସେନାପତିଙ୍କ ସମ୍ପାଦନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲା କୃଷି ଅଧିକାରୀ ଶିବାଶିଷ ମିଶ୍ର, ବ୍ଲକ କୃଷି ଅଧିକାରିଣୀ ଭାସ୍ୱତୀ ଆଚାର୍ଯ୍ୟ, ବ୍ଲକ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଜ୍ୟୋତି ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।


**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**
झारखण्ड सरकार
अल्पकालीन ई–निविदा आमंत्रण सूचना
अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26

1.कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी०एल०एफ० के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाईट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।
PR 370730 Rural Work Department(25-26)D



**कार्यपालक अभिंयता का कार्यालय,**
**लघु वितरणी प्रमण्डल सं०–8, जमशेदपुर**
(Email – eemdd8.chandil@gmail.com)

निविदा रद्द करने की सूचना

इस कार्यालय के Expression of Interest (EOI), Very Short e-Tender inviting Notice no.- WRD/MDD8/JSR-04/2024-25, Date:- 11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर
PR 370789 Water Resource(25-26).D



**कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।**
**शुद्धि–पत्र**

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाह्न्। | 13.01.2026 के 11:00 बजे पूर्वाह्न्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाह्न्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।
PR 370808 West Singhbhum(25-26)D



**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा।**

शुद्धि–पत्र

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् **ई–अल्पकालीन निविदा संख्या– 05/2025-26/RWD/CHATRA**, दिनांक– 31.12.2025 (**Construction of PCC Road from Panchwati Pul to Bachra Basti End via Bachra Basti Mandir**), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका **P.R. No. 369869 Rural Work Department(25–26):D** है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– **19.01.2026**
2. ई–निविदा प्राप्ति की अंतिम तिथि एवं समय :– **01.02.2026 अपराह्न 5.00 बजे तक।**
3. ई–निविदा खोलने की तिथि एवं समय :– **03.02.2026 अपराह्न 03.30 बजे।**
4. अन्य शर्त्तें यथावत् रहेंगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।
PR 370800 (Rural Work Department) 25-26 (D)



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

Corrigendum – 6

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.
PR 370845 Urban Development(25-26)#D

# ‘ଓଡ଼ିଶାରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି’

**ଓଡ଼ିଶା କମ୍ପ୍ରେହେନ୍ସିଭ୍ ଅଙ୍କୋଲୋଜି ସମ୍ମିଳନୀ ଉଦ୍ଘାଟିତ**

ପୁରୀ,୧୬।୧ (ଅଜିତ୍ କୁମାର ମହାନ୍ତି)


ଓଡ଼ିଶା କମ୍ପ୍ରେହେନସିଭ୍ ଅଙ୍କୋଲୋଜି ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

କ୍ୟାନ୍ସର କେୟାର ଟ୍ରଷ୍ଟ ପକ୍ଷରୁ ୩ଦିନିଆ ଓଡ଼ିଶା କମ୍ପ୍ରେହେନ୍ସିଭ୍ ଅଙ୍କୋଲୋଜି ସମ୍ମିଳନୀ ଚକ୍ରତୀର୍ଥ ରୋଡ଼ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କ୍ୟାନ୍ସର ଡାକ୍ତର, ସର୍ଜରି, କେମୋଥେରାପି ଡାକ୍ତରମାନଙ୍କ ମିଳିତ ଉଦ୍ୟମରେ କ୍ୟାନ୍ସର ଚିକିତ୍ସା ଓ ଗବେଷଣା ନିମନ୍ତେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ଏହାର ଆୟୋଜକ ଚେୟାରପର୍ସନ ଡାକ୍ତର ସୁଶାନ୍ତ କୁମାର ପାଇକରାୟ, ଡାକ୍ତର କୃପାସିନ୍ଧୁ ପଣ୍ଡା, ଡାକ୍ତର ଦୀପକ କୁମାର ରାଉତରାୟ, ଡାକ୍ତର ରଞ୍ଜନ କୁମାର ମହାପାତ୍ର, ଡାକ୍ତର ସୁରେନ୍ଦ୍ର ନାଥ ସେନାପତି, ଡାକ୍ତର ସରୋଜ କୁମାର ଦାସ ମଜୁମଦାର, ଡାକ୍ତର ନିହାରିକା ପଣ୍ଡା ଏବଂ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଓଡ଼ିଶାରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଉଛି। ପାନ, ଗୁଟ୍ଖା, ନିଶାଦ୍ରବ୍ୟ ସେବନ ଏବଂ ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ କ୍ୟାନ୍ସର ସୃଷ୍ଟି ହେଉଛି। ମୁଖଗହ୍ୱର କର୍କଟ ଓ ସ୍ତନ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ କ୍ୟାନ୍ସର ଆଉ ଦୁରାରୋଗ୍ୟ ବ୍ୟାଧି ନୁହେଁ। ଠିକ୍ ସମୟରେ ରୋଗ ନିରୂପଣକରି ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହା ନିରାକରଣ କରାଯାଇପାରିବ। ଏନେଇ ବ୍ୟାପକ ସଚେତନତା ଆବଶ୍ୟକ। ଏହି ଅବସରରେ ନୂଆ କର୍କଟ ରୋଗ ଓ ନୂତନ ଚିକିତ୍ସା ପଦ୍ଧତି ବିଷୟରେ ବିଶେଷଜ୍ଞ ଡାକ୍ତରମାନେ ଆଲୋକପାତ କରିଥିଲେ। ସମ୍ମିଳନୀରେ ଓଡ଼ିଶା ସମେତ ଦେଶ ବିଦେଶର ଡାକ୍ତର ଯୋଗଦେଇଛନ୍ତି।

# ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ଚାରିଛକ,୧୬।୧ (ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲ ଫାଟକରେ ଶୁକ୍ରବାର ଗ୍ରାମବାସୀ ତାଲା ପକାଇଛନ୍ତି। ସୂଚନା ମୁତାବକ, ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ଓ ଖାଲିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ଗତମାସ ୧୭ ତାରିଖରେ ଗ୍ରାମବାସୀ ଓ ଅଭିଭାବକମାନେ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ୩ଦିନ ଧାରଣାରେ ବସିବା ପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଇତିମଧ୍ୟରେ ୧ ମାସ ବିତିଯାଇଥିଲେ ହେଁ କୌଣସି ଦାବି ପୂରଣ କରାଯାଇ ନ ଥିବାରୁ ଗ୍ରାମବାସୀ ଶୁକ୍ରବାର ପୁର୍ନବାର ଧାରଣା ଦେଇଥିଲେ। ଯଦି ପ୍ରଶାସନ ତୁରନ୍ତ ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ସୋମବାରଠାରୁ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ବାରିକ, ପୂର୍ବତନ ସଭାପତି ବଟକୃଷ୍ଣ ସ୍ୱାଇଁ, ସମିତିସଭ୍ୟା ଲକିବାଳା ନାୟକ, ସୁଧିର ନାୟକ, ବିମ୍ବାଧର ନାୟକ, କୃଷ୍ଣଚନ୍ଦ୍ର ବେହେରା, ଲିଙ୍ଗରାଜ ନାୟକ, ବିପିନ ପ୍ରଧାନ, ଅଭିଭାବକ ବଳରାମ ନାୟକ, ସାଲୁ ବେହେରା, ପବିତ୍ର ବେହେରା, ବଳରାମ ବେହେରା, ଶିବ ବିଶ୍ୱାଳ, ପୂର୍ବଚନ୍ଦ୍ର ଖଟୋଇ ଏବଂ ତପନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।


ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି ।

# ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦ ଗଠିତ

**ଗିରିଧାରୀ ବିଶ୍ୱାଳ ସଭାପତି, ସୌମ୍ୟଜିତ୍ ପାତ୍ର ସାଧାରଣ ସମ୍ପାଦକ**

ପୁରୀ,୧୬।୧ (ଅଜିତ୍ କୁମାର ମହାନ୍ତି)

ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ର ସଂସଦ ୨୦୨୫–୨୬ର ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆଙ୍କ ନିର୍ଦ୍ଦେଶକ୍ରମେ ପ୍ରଫେସର ଡା. ରଞ୍ଜନ କୁମାର କାଷ୍ଟ, ଡା. ସୁରମା ମିଶ୍ର, ଡା. ତନୁଚନ୍ଦ୍ର ତରାଇ, ଡା. ସୋନାଲିକା ଜେନା ମନୋନୟନ ପ୍ରକ୍ରିୟା ସମ୍ପାଦନା କରିଥିଲେ। ଛାତ୍ର ସଂସଦ ସଭାପତି ଭାବେ ଗିରିଧାରୀ ବିଶ୍ୱାଳ, ଉପସଭାପତି ଚୌଧୁରୀ ରାହୁଲ ମିଶ୍ର, ସାଧାରଣ ସମ୍ପାଦକ ସୌମ୍ୟଜିତ୍ ପାତ୍ର, ସହକାରୀ ସାଧାରଣ ସମ୍ପାଦକ ରିପସନ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ଦିବ୍ୟ ଅନୁଭବ ସାହୁ, ସହକାରୀ ସାଂସ୍କୃତିକ ସମ୍ପାଦିକା ମନସ୍ମିତା ମଲିକ, ଡ୍ରାମାଟିକ୍ ସମ୍ପାଦକ ଜୁଲୁ ମହାନ୍ତି, ସହକାରୀ ଡ୍ରାମାଟିକ୍ ସମ୍ପାଦକ ସଜନି ପରିଡ଼ା , କ୍ରୀଡ଼ା ସମ୍ପାଦକ ଏମ୍ଡି ହାସନ ଅନ୍ସାରୀ, ସହକାରୀ କ୍ରୀଡ଼ା ସମ୍ପାଦକ ଶ୍ରୀଜୟ ଶୀରାଜ ବିଶ୍ୱାସ, ଏସ୍ଏସ୍ଜି ସମ୍ପାଦକ ଶୁଭ୍ରଜିତ୍ ସାହୁ, ଲେଡିସ୍ ରିପ୍ରେଜେଣ୍ଟେଟିଭ୍ ରେଜିୟା ଖାତୁନଙ୍କୁ ମନୋନୀତ କରାଯାଇଛି। ଶ୍ରେଣୀ ପ୍ରତିନିଧି ଭାବେ ପ୍ରଶାନ୍ତ ମହାଲିକ, ବୃନ୍ଦେଶ୍ୱର ମହାପାତ୍ର, ଚନ୍ଦ୍ରକାନ୍ତ ରାଉତରାୟ, ତୁଷାରକାନ୍ତ ସାମନ୍ତରା ଏବଂ ଆରିୟନ ସାହୁଙ୍କୁ ମନନୀତ କରାଯାଇଛି। ଅପରାହ୍ଣରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡା. ଖୁଣ୍ଟିଆ ନବନିର୍ବାଚତ ପ୍ରତିନିଧିମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ଛାତ୍ରସଂସଦ ସମ୍ପାଦକ ପାତ୍ର କଲେଜର ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ସଭାପତି ବିଶ୍ୱାଳ ମହାବିଦ୍ୟାଳୟକୁ ଜାତୀୟ ମାନ୍ୟତା ଓ ୨୦୩୬ ମସିହା ସୁଦ୍ଧା ଏହା କିପରି ମଡେଲ ଶିକ୍ଷାନୁଷ୍ଠାନ ହେବ ସେ ନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ସମଲିଙ୍ଗୀ ମାମଲାରେ ଅଭିଯୁକ୍ତ ଦୋଷୀ

ପୁରୀ,୧୬।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ଏକ ଚର୍ଚ୍ଚିତ ସମଲିଙ୍ଗୀ ମାମଲାରେ ଜିଲା ଅତିରିକ୍ତ ଦୌରଜଜ୍ ଶୁକ୍ରବାର ରାୟ ଶୁଣାଇଛନ୍ତି। ଚନ୍ଦନପୁର ଥାନା ଅଞ୍ଚଳର ଗୌଡ଼କେରାରେ ୨୦୧୮ ମସିହାରେ ଘଟିଥିବା ଏହି ପୋକ୍ସୋ ମାମଲାର ବିଚାର କରି ଅତିରିକ୍ତ ଦୌରାଜଜ୍ ରମାନାଥ ପଣ୍ଡା ଅଭିଯୁକ୍ତ ଦେବରାଜ ମଲ୍ଲିକଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାରେ କୋର୍ଟ ୮ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନେଇ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ମଧୁସୂଦନ ଦାସ ଏହି ମାମଲା ପରିଚାଳନା କରିଥିଲେ।

# ପିପିଲିରେ ଖୋଲିଲା ପ୍ରଥମ ଧାନମଣ୍ଡି

ପିପିଲି,୧୬।୧ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ ମହାପାତ୍ର)

ପିପିଲି ବ୍ଲକର ପ୍ରଥମ ଧାନ ମଣ୍ଡି ସାତଶଂଖଠାରେ ଥିବା ସରସ୍ୱତୀପୁର କୃଷକ ସେବା ସମବାୟ ସମିତିରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏହି ମଣ୍ଡିକୁ ବିଧାୟକ ଆଶ୍ରିତ ପଟ୍ଟନାୟକ ଉଦଘାଟନ କରିଛନ୍ତି। ସେ କହିଛନ୍ତି, ଧାନ କିଣିବାରେ କୌଣସି ଅସୁବିଧା ନ ଥିବା ଏବଂ ସହଜ ପ୍ରକ୍ରିୟା ହିଁ ଆମ ସରକାରର ଲକ୍ଷ୍ୟ। ପୂର୍ବ ବର୍ଷ ଅପେକ୍ଷା ଚଳିତ ଖରିଫ ଋତୁରେ ପୁରୀ ଜିଲାରେ ୧୦ ହଜାର ଅଧିକ ଚାଷୀ ଖରିଫ ଧାନ କ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ, କୋ ଅପରେଟିଭ ସୋସାଇଟିର ଜିଲା ସହକାରୀ ରେଜିଷ୍ଟ୍ରାର ସନାତନ ବେହେରା, ପିପିଲି ବିଡିଓ ସରୋଜ ରାଉତ, ପିପିଲି ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ଦୀପି ରଞ୍ଜନ ଇନ୍ଦ୍ରସିଂ, ସମିତି ସଭାପତି ଦିବାକର ପରିଡ଼ା ଓ ସମ୍ପାଦକ ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମିତି ଉପରେ ବୀରପୁରୁଷୋତ୍ତମପୁର, ସରସ୍ୱତୀପୁର, ଯଶୁଆପୁର, ରଥପୁରୁଷୋତ୍ତମପୁରର ଚାଷୀମାନେ ନିର୍ଭର କରିଥାନ୍ତି। ଚଳିତବର୍ଷ ପିପିଲି ବ୍ଲକରେ ୬୬୬୬ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ମିଲର ପଟ୍ଟନାୟିକିୟାର ଅଭିରାମ ରାଇସ ମିଲ ଧାନ କିଣିବାକୁ ନିଯୁକ୍ତି ପାଇଛି।


ଧାନମଣ୍ଡି ଉଦ୍ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟ ଅତିଥି ।

# ଦୟା, ଲୁଣା ନଦୀ ଖନନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



କାର୍ଯ୍ୟକ୍ରମରେ ପୁରୀ ଏମ୍ପି ଡା. ସମ୍ବିତ ପାତ୍ର ଏବଂ ଅନ୍ୟ ଅତିଥିବୃନ୍ଦ ।

କଣାସ,୧୬।୧ (ବିଭୁତି ଭୂଷଣ ତ୍ରିପାଠୀ)

ଦୋକନ୍ଦା ମେଳଣ ପଡ଼ିଆରେ ଶୁକ୍ରବାର ଆୟୋଜିତ ସଭାରେ ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର, ପୁରୀ ଏମ୍ପି ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେଇ ଦୟା ଓ ଲୁଣା ନଦୀ ଖନନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନଦୀ ଖନନ ଦ୍ୱାରା କଣାସ ଓ ଡେଲାଙ୍ଗ ଅଞ୍ଚଳର ଚାଷୀ ଉପକୃତ ହେବେ ବୋଲି ଅତିଥିମାନେ କହିଛନ୍ତି। ସରକାରଙ୍କ ପକ୍ଷରୁ ଦୟାନଦୀର ୨୨ କି.ମି. ଖନନ ପାଇଁ ୪୪ କୋଟି ଓ ଲୁଣାନଦୀର ୧୭ କି.ମି. ଖନନ ପାଇଁ ୨୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅବସରରେ ଏମ୍ପି ପାତ୍ର କହିଥିଲେ ଯେ, ବେଣାଗାଁ ପାନୀୟଜଳ ମେଗା ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଚିହ୍ନଟ ଶ୍ରମିକମାନେ ଏଣିକି ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନ କାମ ପାଇବେ ବୋଲି ସେ ସୂଚନା ଦେଇଛନ୍ତି। ସଭାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, କଣାସ ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଜିଲାପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାହୁପଡ଼ା ସରପଞ୍ଚ ଭିକାରି ବଳିୟାରସିଂହ, ସାମାଜକ କର୍ମୀ ସଞ୍ଜୟ କୁମାର ଭୋଳ, ଓସିସିର ସିନିୟର ମ୍ୟାନେଜର ସନ୍ତୋଷ କୁମାର ପରିଡ଼ା, କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ଦୟା ଓ ଲୁଣା ନଦୀ ଶଯ୍ୟା ପୋତିହୋଇ ଜଳ ନିଷ୍କାସନ ହୋଇପାରୁ ନ ଥିବାବେଳେ ବନ୍ୟା ସମୟରେ କଣାସ ଅଞ୍ଚଳରେ ବହୁ ଧନ ଜୀବନ ନଷ୍ଟ ହେଉଛି। ଚାଷୀମାନେ ଜଳାଭାବ କାରଣରୁ ଚାଷ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଧାୟକ ଓମ୍ପ୍ରକାଶ ମିଶ୍ର ଉକ୍ତ ନଦୀ ଦ୍ୱୟ ଖନନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ।

## ପ୍ରଦୀପ ଛାଟୋଇ କୋଣାର୍କ ଭାଜପା ମଣ୍ଡଳ ଉପସଭାପତି

କୋଣାର୍କ,୧୬।୧ (ଜ୍ୟୋତିରାଜ ମହାନ୍ତି)



କୋଣାର୍କ ଏନ୍ଏସିର ବରିଷ୍ଠ ଭାଜପା ନେତା ପ୍ରଦୀପ କୁମାର ଛାଟୋଇଙ୍କୁ ଭାଜପା ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରାଇ କୋଣାର୍କ ଭାଜପା ମଣ୍ଡଳର ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି ୨୦୦୮ ମସିହା ଠାରୁ ପ୍ରଦୀପ କୁମାର ଛାଟୋଇ ଭାଜପା ସଂଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଆସୁଛନ୍ତିଓ ପୂର୍ବରୁ କୋଣାର୍କ ମଣ୍ଡଳ ଉପସଭାପତି, ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚାର ଜିଲା ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ଭାଜପା ନେତା ପ୍ରଦୀପ କୁମାର ଛାଟୋଇଙ୍କ ଦଳ ପାଇଁ ନିଷ୍ପାପର ତ୍ୟାଗ ସାଂଗଠନିକ ଦକ୍ଷତା ଯୋଗୁଁ କୋଣାର୍କ ବିଜେପି ମଣ୍ଡଳ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏଥିପାଇ ଛାଟୋଇଙ୍କୁ କାକଟପୁର ନିର୍ବଚନମଣ୍ଡଳୀର ଭାଜପା ସଂଗଠନ ଓ କୋଣାର୍କ ଭାଜପା ମଣ୍ଡଳର କର୍ମକର୍ତ୍ତା ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଅଳିଆଗଦାରେ ନିଆଁ: ଲୋକେ ଧୂଆଁରେ ଅସ୍ତବ୍ୟସ୍ତ

ପୁରୀ,୧୬।୧ (ଅଜିତ୍ କୁମାର ମହାନ୍ତି)

ଗୌଡବାଡ଼ ସାହିରେ ଶୁକ୍ରବାର ଅପରାହ୍ନରେ ଅଳିଆଗଦାରେ ନିଆଁ ଲାଗି ବ୍ୟାପିଯିବାରୁ ଉକ୍ତ ଅଞ୍ଚଳ ଧୂଆଁମୟ ହେବା ସହ ସାହି ବସିନ୍ଦ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଲୋକେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଚେଷ୍ଟା ଜାରି ରହିଛି। ପ୍ରଶାସନ ପକ୍ଷରୁ ଦୀର୍ଘବର୍ଷ ଧରି ଉକ୍ତ ଅଞ୍ଚଳରେ ଅଳିଆ ପକାଯାଉଥିବାରୁ ସେଠାରେ ଅଳିଆ ପାହାଡ ସୃଷ୍ଟି ହୋଇଛି। ଫଳରେ ଅନେକ ସମୟରେ ଏପରି ଅଗ୍ନିକାଣ୍ଡଘଟୁଛି।

# ଦୁର୍ଘଟଣାରେ ଖବରଦାତା, ସହଧର୍ମିଣୀ ଆହତ

**ଘଣ୍ଟାଏ ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲେ ଡାକ୍ତର**

ଗୋପ,୧୬।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ସଡ଼କ ଦୁର୍ଘଟଣାରେ ଶୁକ୍ରବାର ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସଞ୍ଜୟ ପତି ଓ ତାଙ୍କ ସହଧର୍ମିଣୀ ରଶ୍ମିତା ଦାଶ ଆହତ ହୋଇଛନ୍ତି। ସେମାନେ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ମଧ୍ୟ ଘଣ୍ଟାଏ ପରେ ଡାକ୍ତର ଆସିଥିବା ନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସଞ୍ଜୟ ତାଙ୍କ ସହଧର୍ମିଣୀଙ୍କୁ ନେଇ ବାଇକ୍‌ରେ ଯାଉଥିବା ବେଳେ କୋଣାର୍କସନ୍ନିକଟ ବାଲିସାହିନିକଟରେ ଗୋଟିଏ ଷଣ୍ଢ ମାଡ଼ି ଆସିବାରୁ ଦୁର୍ଘଟଣା ଘଟିଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ କୋଣାର୍କ ଡାକ୍ତରଖାନାରେ ଡ୍ୟୁଟିରେ ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀ ଅନୁପସ୍ଥିତ ଥିଲେ। ସଞ୍ଜୟ ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ଶତପଥୀ ଓ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଜସ୍ମିନୀ ଆପ୍ରୋଜଙ୍କୁ ଟେଲିଫୋନ ମାଧ୍ୟମରେ ଅଭିଯୋଗ କରିଥିଲେ। ଏହାପରେ ଘଣ୍ଟାଏ ବିଳମ୍ବରେ ଡାକ୍ତର ପହଞ୍ଚି ଚିକିତ୍ସା କରିବା ସହ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। କୋଣାର୍କ ଡାକ୍ତରଖାନାରେ ରୋଗୀଙ୍କ ଉପଯୁକ୍ତ ସେବା ମିଳୁ ନ ଥିବା ଅଭିଯୋଗ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।


**कार्यपालक अभिंयता का कार्यालय,**
**लघु वितरणी प्रमण्डल सं०–8, जमशेदपुर**
(Email – eemdd8.chandil@gmail.com)

**निविदा रद्द करने की सूचना**

इस कार्यालय के Expression of Interest (EOI), Very Short e-Tender inviting Notice no.- WRD/MDD8/JSR-04/2024-25, Date:- 11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर

PR 370789 Water Resource(25-26).D

**कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।**
**शुद्धि–पत्र**

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाह्न्। | 13.01.2026 के 11:00 बजे पूर्वाह्न्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाह्न्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।

PR 370808 West Singhbhum(25-26)D

**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**
झारखण्ड सरकार
**अल्पकालीन ई–निविदा आमंत्रण सूचना**
**अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26**

1.कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी0एल0एफ0 के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाइट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।

PR 370730 Rural Work Department(25-26)D

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा।**

**शुद्धि–पत्र**

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् **ई–अल्पकालीन निविदा संख्या– 05/2025-26/RWD/CHATRA**, दिनांक– 31.12.2025 (**Construction of PCC Road from Panchwati Pul to Bachra Basti End via Bachra Basti Mandir**), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका **P.R. No. 369869 Rural Work Department(25–26):D** है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– **19.01.2026**
2. ई–निविदा प्राप्ति की अंतिम तिथि एवं समय :– **01.02.2026 अपराह्न 5.00 बजे तक।**
3. ई–निविदा खोलने की तिथि एवं समय :– **03.02.2026 अपराह्न 03.30 बजे।**
4. अन्य शर्ते यथावत् रहेंगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR 370800 (Rural Work Department) 25-26 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878, CIN: U45200JH2013SGC001752, e-mail ld-juidcolimited@gmail.com**

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

**Corrigendum – 6**

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.

PR 370845 Urban Development(25-26)#D

# କନ୍‌ଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୬।୧ (ସତ୍ୟଜିତ ରାଉତ)

ଧଉଳି ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମୋଟିରାମ୍ ମାରାଣ୍ଡି। ମୋଟିରାମଙ୍କ ଘର ମୟୂରଭଞ୍ଜ ଜିଲା ବଡସାହି ଥାନା ସୁଆଗପୁର ଗ୍ରାମରେ। ପୋଲିସ ଧଉଳି ଥାନା ନିକଟ ଭଡା ଘରୁ ତାଙ୍କ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ଲାଗି ରହିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମୋଟିରାମ ବର୍ଷେରୁ ଊର୍ଦ୍ଧ୍ୱ ହେବ



ମୃତ ମୋଟିରାମ ମାରାଣ୍ଡି

ଧଉଳି ଥାନାରେ କାର୍ଯ୍ୟରତ ଥିଲେ। ଦୁଇଦିନ ହେବ ଛୁଟି ନେଇ କୌଣସି ଜରୁରୀ କାମରେ ଗାଁକୁ ଯାଇଥିଲେ। ଡ୍ୟୁଟିରେ ଯୋଗ ଦେବାକୁ ଶୁକ୍ରବାର ଭୁବନେଶ୍ୱର ଫେରିଥିଲେ। ଘରୁ ଆସିବାର କିଛି ସମୟ ପରେ ମୋଟିରାମ୍ ଆଉ ପରିବାର ଲୋକଙ୍କ କଲ୍ ରିସିଭ୍ କରି ନ ଥିଲେ। ସେମାନେ କୌଣସି ଉପାୟ ନ ପାଇ ଥାନାକୁ ଖବର ଦେଇଥିଲେ। ଏହାପରେ ପୋଲିସ ମୋଟିରାମ ରହୁଥିବା ଭଡାଘରେ ପହଞ୍ଚିବାରୁ କବାଟ ଭିତରପଟୁ ବନ୍ଦ ଥିଲା। ସ୍ଥାନୀୟ ଲୋକେ ଓ ସରପଞ୍ଚଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇଥିଲା। ମୋଟିରାମ ବାଥରୁମ୍ ଭିତରେ ଏକ ଜ୍ୟାକେଟ୍ ପିନ୍ଧି ତଳେ ଅଚେତ ଅବସ୍ଥାରେ ପଡିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ରାଜାରାଣୀ ମନ୍ଦିର ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିବା 'ରାଜାରାଣୀ ସଙ୍ଗୀତ ଉତ୍ସବ'ରେ ଗୁରୁ ଅଚ୍ୟୁତ ମହାରଣା ଭଜନ ପରିବେଷଣ କରୁଛନ୍ତି। (ଫଟୋ– ବିକାଶ ନାୟକ)

# ଆରମ୍ଭ ହେଲା ରାଜାରାଣୀ ସଙ୍ଗୀତ ଉତ୍ସବ

- ଉତ୍ସବ ଆମ ସଂସ୍କୃତି, ପରମ୍ପରାର ନିଚ୍ଛକ ନିଦର୍ଶନ: ଧର୍ମେନ୍ଦ୍ର
- ମନମୋହିଲା ଓଡ଼ିଶୀ ସଙ୍ଗୀତ, ତାଳ କୀର୍ତ୍ତନ

ଭୁବନେଶ୍ୱର,୧୬। ୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜାରାଣୀ ମନ୍ଦିର ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଛି 'ରାଜାରାଣୀ ସଙ୍ଗୀତ ଉତ୍ସବ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ରାଜାରାଣୀ ସଙ୍ଗୀତ ଉତ୍ସବ ଆମ ସଂସ୍କୃତି ଓ ପରମ୍ପରାର ଏକ ନିଚ୍ଛକ ନିଦର୍ଶନ। ଶାସ୍ତ୍ରୀୟ ଓ ପାରମ୍ପରିକ ସଙ୍ଗୀତ ଆଜି ଆମ ରାଜ୍ୟ ଓ ଦେଶକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ଏହି ଅବସରରେ ସେ ଉପସ୍ଥିତ



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ସମସ୍ତ ସଙ୍ଗୀତଜ୍ଞ ଓ ଶାସ୍ତ୍ରୀୟ ସଙ୍ଗୀତ ପ୍ରଶଂସକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ ଗୁରୁ ଅଚ୍ୟୁତ ମହାରଣା, ସଙ୍ଗୀତ ବିଶାରଦ ପଣ୍ଡିତ ସୁରେଶ ତଲୱାଲକର୍‌ଙ୍କ ସମେତ ବାଦ୍ୟ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ କଣ୍ଠଶିଳ୍ପୀ ଗୁରୁ ଅଚ୍ୟୁତ ମହାରଣା ଓ ସାଥୀଙ୍କ ଓଡ଼ିଶୀ ସଙ୍ଗୀତ ପରିବେଷଣରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ରାଗ ବଜ୍ରକାନ୍ତି ଓ ତାଳ ଜତିରେ ରାଗାଙ୍ଗ 'ନିଶି ନାଥ ବଦନୀ' ପରିବେଷଣ କରିଥିଲେ ଗୁରୁ। ଏହାପରେ ରାଗ ଶଙ୍କରାଭରଣ ଏବଂ ତାଳ ରୂପକରେ 'ମନୁ ଯାଉ ନାହିଁ ମା', ନାଟ୍ୟାଙ୍ଗ 'ନ ଯା ଯମୁନା' ଏବଂ ଶେଷରେ ସିଂହାରୀ ଦାମୋଦରଙ୍କ ରଚନା ତଥା ସିଂହାରୀ ଶ୍ୟାମ ସୁନ୍ଦରଙ୍କ ସଂରଚନାରେ ପ୍ରସ୍ତୁତ ଭଜନ 'କଞ୍ଜ ଚରଣେ'କୁ ଅତି ସୁନ୍ଦର ଭାବେ ପରିବେଷଣ କରିଥିଲେ ଗୁରୁ ଅଚ୍ୟୁତ ମହାରଣା ଓ ସାଥୀ। ତାଙ୍କୁ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଡ. ଜବାହାର ମିଶ୍ର, ହାରମୋନିୟମରେ ଗୁରୁ ମୁରଲୀଧର ସାଇଁ ଏବଂ ତାନପୁରାରେ ମମତା ଶ୍ରୀଚନ୍ଦନ ଓ ସଙ୍ଗୀତା ନାୟକ ସହଯୋଗ କରିଥିଲେ। ପରେ ସଙ୍ଗୀତ ବିଶାରଦ ପଣ୍ଡିତ ସୁରେଶ ତଲୱାଲ୍‌କର୍ ଓ ସାଥୀଙ୍କ ଦ୍ୱାରା ତାଳ କୀର୍ତ୍ତନ ପରିବେଷଣ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ହାର୍‌ମୋନିୟମରେ ଅମେୟ ବିଚୁ, ତବଲାରେ ଶାବରୀ ତଲୱାଲ୍‌କର୍ ଓ କୌସ୍ତୁଭ ସ୍ୱାଇଁ, କୋହନରେ ଈଶାନ ପ୍ରମୋଦ ପରାନ୍‌ଜାପେ, ଡ୍ରମ୍‌ରେ ଅଭିଷେକ ଭୁରୁକ ଓ କଣ୍ଠରେ ନନ୍ଦୁକ୍କଣ୍ଠି ବିନୟଦାସ ରାମଦାସନ ସହଯୋଗ କରିଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଙ୍ଗୀତ ଉତ୍ସବ ଆସନ୍ତା ୧୮ ପର୍ଯ୍ୟନ୍ତ ଚାଲିବ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଶୀଲ



@ ଅମ୍ରିତା



@ ସୂର୍ଯ୍ୟକାନ୍ତ



@ ଆଶୁତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ସ୍ୱ-ତନ୍ତ' ଫ୍ୟାଶନ ଶୋ'ରେ ଚମକିଲା ଓଡ଼ିଶା ହସ୍ତତନ୍ତ



ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହ ଅନ୍ୟମାନେ ପାରମ୍ପରିକ ହସ୍ତତନ୍ତର ଅତ୍ୟାଧୁନିକ ଡିଜାଇନ୍ ପରିଧାନ କରି ର୍‍ୟାମ୍ପ୍‌ରେ ଚାଲୁଛନ୍ତି।

ଭୁବନେଶ୍ୱର,୧୬।୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଆଧୁନିକ ଫ୍ୟାଶନ୍ ମାଧ୍ୟମରେ ଉପସ୍ଥାପିତ କରିବା ପାଇଁ ଓର୍‌ମାସ୍ ଓ ସୁଭଦ୍ରା ଶକ୍ତି ପକ୍ଷରୁ 'ଶିଶିର ସରସ' ପରିସରରେ ଶୁକ୍ରବାର ହସ୍ତତନ୍ତ ଫ୍ୟାଶନ୍ ଶୋ' 'ସ୍ୱ-ତନ୍ତ' ଆୟୋଜିତ ହୋଇଥିଲା। ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତକୁ ଫ୍ୟାଶନ ସହ ଯୋଡ଼ି ଦର୍ଶକଙ୍କ ମନ ମୋହିଥିଲା। 'ସ୍ୱ' ଅର୍ଥ ଆମର ଓ 'ତନ୍ତ' ଅର୍ଥ ହସ୍ତତନ୍ତ ଶବ୍ଦର ସଂଯୋଗରେ ଓଡ଼ିଶାର ସାଂସ୍କୃତିକ ପରିଚୟ ଦେବା ପାଇଁ ଏହି ଫ୍ୟାଶନ ଶୋ'ରେ ସୋନପୁରୀ ହସ୍ତତନ୍ତ, କୋଟପା ବସ୍ତ୍ର, ଢୋକ୍ରା ହସ୍ତଶିଳ୍ପ ଓ ଡୋଙ୍ଗରିଆ ଏମ୍ବ୍ରୋଡରି ପରି ପୁରାତନ କଳାକୃତିକୁ ଆଧୁନିକ ଡିଜାଇନ ସହ ଉପସ୍ଥାପନ କରାଯାଇଥିଲା। ଓଲିଉଡ୍ ଅଭିନେତ୍ରୀ ପ୍ରକୃତି ମିଶ୍ର, ସ୍ୱପ୍ନା ପ୍ରିୟଦର୍ଶିନୀ, ବିଏମ୍ ବୈଶାଳୀ ଓ ସୂର୍ଯ୍ୟମୟୀ ମହାପାତ୍ର ହସ୍ତତନ୍ତ ପୋଷାକ ପରିଧାନକରି ର୍‍ୟାମ୍ପ୍‌ରେ ଚାଲିଥିଲେ। ସେମାନଙ୍କ ସହ ପ୍ରାୟ ୩୦ଜଣ ମଡେଲ ର୍‍ୟାମ୍ପ୍ ୱାକ୍‌କରି ଓଡ଼ିଶାର ହସ୍ତତନ୍ତକୁ ଏକ ଆଧୁନିକ ଫ୍ୟାଶନ ଭାବରେ ଉପସ୍ଥାପନ କରିଥିଲେ। ଏସବୁ ଡିଜାଇନ୍‌ରେ ପ୍ରାକୃତିକ ରଙ୍ଗ, ପାରମ୍ପରିକ ନକ୍ସା ଓ ସ୍ଥାନୀୟ କାରିଗରି କୌଶଳର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା। 'ଇନ୍‌ହେରିଟେଡ୍ ଫ୍ରମ୍ ଦ ପାଷ୍ଟ, ଡିଜାଇନ୍‌ଡ ଫର୍ ଦ ଫ୍ୟୁଚର' ବାର୍ତ୍ତାକୁ ସାକାର କରିଥିବା ଏହି କାର୍ଯ୍ୟକ୍ରମ ଦର୍ଶକଙ୍କ ମଧ୍ୟରେ ବେଶ୍ ପ୍ରଶଂସା ଲାଭ କରିଥିଲା।

# ସ୍ମାର୍ଟ ମିଟର ପରଖିବାକୁ ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍‌ର ଆହ୍ୱାନ

ଭୁବନେଶ୍ୱର,୧୬।୧ (ଅନୁରାଧା ମହାରଣା)

**୨୦ ଗ୍ରାହକସେବା କେନ୍ଦ୍ରରେ ଯାଞ୍ଚ ବ୍ୟବସ୍ଥା**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ) ପକ୍ଷରୁ ଶୁକ୍ରବାର ସ୍ମାର୍ଟ ମିଟରର କାର୍ଯ୍ୟକାରିତା ଓ ସଠିକତା ସମ୍ପର୍କରେ ପୁନର୍ବାର ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସ୍ମାର୍ଟ ମିଟରଗୁଡ଼ିକ ପାରମ୍ପରିକ ମିଟର ଭଳି ସମାନ କୌଶଳରେ କାର୍ଯ୍ୟ କରେ ଏବଂ ଏହା ଅତ୍ୟନ୍ତ ଠିକ୍ ଭାବେ ବିଦ୍ୟୁତ୍ ବ୍ୟବହାର ରେକର୍ଡ କରିଥାଏ। ଏହି ସଠିକତାକୁ ଉପଭୋକ୍ତାମାନେ ନିଜେ ପରଖିବା ପାଇଁ କମ୍ପାନୀ ପକ୍ଷରୁ ୨୦ଟି ଗ୍ରାହକସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଏବଂ ପାରମ୍ପରିକ ମିଟରର ଏକ 'ଲାଇଭ୍ ଡିସ୍‌ପ୍ଲେ' ବ୍ୟବସ୍ଥା କରାଯାଇଛି। ଏଠାରେ ଉପଭୋକ୍ତା ନିଜେ ଉଭୟ ମିଟରର କାର୍ଯ୍ୟଶୈଳୀକୁ ପାଖାପାଖି ରଖି ତୁଳନା କରିପାରିବେ ଓ ଏହାର ସଠିକତା ପରଖିପାରିବେ। ଟିପିସିଓଡିଏଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସ୍ମାର୍ଟ ମିଟର ବ୍ୟବହାରକୁ ପରିବର୍ତ୍ତନ କରେନାହିଁ କିମ୍ବା ବଢ଼ାଇ ଦେଖାଏନାହିଁ। ପାରମ୍ପରିକ ମିଟର ତୁଳନାରେ ସ୍ମାର୍ଟ ମିଟରରେ ବିଦ୍ୟୁତ୍ ବ୍ୟବହାର ମାପିବା ଶୈଳୀରେ କୌଣସି ପାର୍ଥକ୍ୟ ମଧ୍ୟ ନାହିଁ। ସ୍ୱୟଂଚାଳିତ ଯାଞ୍ଚ ଏବଂ ବୈଧକରଣ ପ୍ରକ୍ରିୟା ପରେ ମିଟରରେ ଲିପିବଦ୍ଧ ହୋଇଥିବା ପ୍ରକୃତ ବ୍ୟବହାର ଆଧାରରେ ହିଁ ବିଲ୍ ପ୍ରସ୍ତୁତ କରାଯାଏ। ସ୍ଥାପନ ପୂର୍ବରୁ ପ୍ରତ୍ୟେକ ସ୍ମାର୍ଟ ମିଟର ପାଞ୍ଚସ୍ତରୀୟ ବାଧ୍ୟତାମୂଳକ ଯାଞ୍ଚ ପ୍ରକ୍ରିୟା ଦେଇ ଗତି କରିଥାଏ। ଏହି ମିଟରଗୁଡ଼ିକର ସଠିକତା, ସୁରକ୍ଷା ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ଭାରତୀୟ ମାନକ ଅନୁଯାୟୀ ପ୍ରତିଷ୍ଠିତ ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ଓ କାଲିବ୍ରେଟ୍ କରାଯାଇଛି। ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଗବେଷଣାଗାରରେ ଥିବା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଟେଷ୍ଟ ବେଞ୍ଚ୍‌ରେ ଏଗୁଡ଼ିକୁ ପରୀକ୍ଷା କରାଯାଏ। ଆକ୍ୟୁରେସି ଟେଷ୍ଟ(ସଠିକତା ପରୀକ୍ଷା), ନୋ-ଲୋଡ୍ ଟେଷ୍ଟ, ମିଟର କନ୍‌ଷ୍ଟାଣ୍ଟ ଟେଷ୍ଟ, ଡିସ୍‌ପ୍ଲେ ଟେଷ୍ଟ ଏବଂ କମ୍ୟୁନିକେଶନ ଟେଷ୍ଟ ଆଦି ବିଦ୍ୟୁତ୍ ବ୍ୟବହାରର ଠିକ୍ ମାପ, ମିଟର ସୁପରିଚାଳନା ଏବଂ ତଥ୍ୟ ପ୍ରେରଣର ବିଶ୍ୱସନୀୟତାକୁ ସୁନିଶ୍ଚିତ କରିଥାଏ। ଏ ସଂକ୍ରାନ୍ତ କୌଣସି ସହାୟତା ଓ ସୂଚନା ପାଇଁ ଉପଭୋକ୍ତାମାନେ ସୋମବାରରୁ ଶୁକ୍ରବାର ସକାଳ ୯ଟା ୩୦ରୁ ଅପରାହ୍ନ ୫ଟା ୩୦ ମଧ୍ୟରେ ନିକଟସ୍ଥ ଡିଭିଜନ କାର୍ଯ୍ୟାଳୟ ଓ ଗ୍ରାହକସେବା କେନ୍ଦ୍ର ପରିଦର୍ଶନ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଡିଜିଟାଲ ଟ୍ରାନ୍ସଫର୍ମେଶନ ସମିଟ୍‌ରେ ଏନ୍‌ଆଇସି ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର,୧୬।୧ (ସୌମ୍ୟରଞ୍ଜନ ରାଉତ)

ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ଅନ୍‌ଲାଇନ୍ ସେବା ପ୍ରକଳ୍ପ ଲାଗି ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଓଡ଼ିଶାକୁ ଡିଜିଟାଲ ଇନିସିଏଟିଭ୍ ଆୱାର୍ଡ ମିଳିଛି। ନୂଆଦିଲ୍ଲୀଠାରେ ଆୟୋଜିତ ଷଷ୍ଠ ଡିଜିଟାଲ ଟ୍ରାନ୍ସଫର୍ମେଶନ ସମିଟ୍‌ରେ ଗ୍ରାମୀଣ ସଂଯୋଗ ଏବଂ ଡିଜିଟାଲ ସେବା ସୁନିଶ୍ଚିତ ପାଇଁ ଶୁକ୍ରବାର ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏନ୍‌ଆଇସି ଓଡ଼ିଶାର ନିର୍ଦ୍ଦେଶକ(ଆଇଟି) ମହମ୍ମଦ ମୁଜିବୁଲ୍ଲା ଖାନ୍, ଉପନିର୍ଦ୍ଦେଶକ (ଆଇଟି) ସୁଧାଂଶୁ କୁମାର ମହାପାତ୍ର ଓ ରପ୍ତାନି ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ଉଦ୍‌ଘାଟିତ

ପୁରୀ,୧୬।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ବଗଲା ଧର୍ମଶାଳା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଏବଂ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଏହି ଟ୍ରେଡ୍ ଏକ୍ସପୋର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟ ସହିତ ବିଦେଶୀ ଦେଶଗୁଡ଼ିକର ଉତ୍ପାଦ ପ୍ରଦର୍ଶକମାନେ ତାଙ୍କର ବିବିଧ ଉତ୍ପାଦ ଓ ନୂତନ ଅଭିନବତା ପ୍ରଦର୍ଶନ କରୁଛନ୍ତି, ଯାହା ବ୍ୟାପାର, ସଂସ୍କୃତି ଓ ଆର୍ଥିକ ସହଯୋଗକୁ ପ୍ରୋତ୍ସାହନ ଦେଉଛି। ଏହି ଏକ୍ସପୋ ବ୍ୟବସାୟିକ ସଂଯୋଗ, ଅନ୍ତର୍ଜାତୀୟ ବ୍ୟବସାୟ ନେଟ୍‌ୱର୍କିଂ, ସାଂସ୍କୃତିକ ବିନିମୟ ଓ ଗ୍ରାହକ ସଂପୃକ୍ତତା ପାଇଁ ଏକ ସକ୍ରିୟ ଓ ଆକର୍ଷଣୀୟ ମଞ୍ଚ ପ୍ରଦାନ କରିବାର ଉଦ୍ଦେଶ୍ୟ ରଖିଛି। ଅନ୍ତର୍ଜାତୀୟ ବ୍ୟାପାର ପ୍ରଦର୍ଶନୀରେ ୮୦ଟି ସୁନିୟୋଜିତ ଷ୍ଟଲ୍ ରହିଛି, ଯେଉଁଥିରେ ଭାରତର ବିଭିନ୍ନ ରାଜ୍ୟ ସହିତ ଇରାନ ଓ ଆଫଗାନିସ୍ତାନ ଭଳି ବିଦେଶୀ ଦେଶର ଅଗ୍ରଣୀ ପ୍ରଦର୍ଶକମାନେ ଅଂଶଗ୍ରହଣ କରିଛନ୍ତି। ଏକ୍ସପୋ ମାଧ୍ୟମରେ ହସ୍ତଶିଳ୍ପ, ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ, ଉପଭୋକ୍ତା ସାମଗ୍ରୀ, ଖାଦ୍ୟ ପଦାର୍ଥ ଓ ନୂତନ ସେବାଗୁଡ଼ିକର ପ୍ରଦର୍ଶନ ସହିତ ବ୍ୟାପାର ପ୍ରୋତ୍ସାହନ ପାଇଁ ଏକ ସଂଯୁକ୍ତ ମଞ୍ଚ ସୃଷ୍ଟି କରାଯାଇଛି।



ପୁରୀରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬କୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ପୋଲିସ ସାମ୍ନାରେ ଯୁବକଙ୍କୁ ମାଡ଼

ପୁରୀ୧୬।୧ (ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରେ ପୋଲିସ ଉପସ୍ଥିତିରେ ଜଣେ ଯୁବକଙ୍କୁ କେତେଜଣ ବ୍ୟକ୍ତି ମାଡ଼ ମାରୁଥିବା ଭିଡିଓ ଶୁକ୍ରବାର ଭାଇରାଲ ହୋଇଛି। ବଳଗଣ୍ଡି ଛକ ନିକଟରେ ନୂଆ ଟ୍ରାଫିକ ପୋଷ୍ଟ ନିକଟରେ କେତେଜଣ ଲୋକ ରୁଣ୍ଡ ହୋଇଛନ୍ତି। ଜଣେ ପୋଲିସ କର୍ମଚାରୀ ଦୁଇଜଣ ଯୁବକଙ୍କୁ ଧରିଛନ୍ତି। ଏହି ସମୟରେ ଅନ୍ୟ ଜଣେ ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ପୋଲିସ ନିକଟରୁ ଭିଡ଼ି ନେଇ ନିସ୍ତୁକ ମାଡ଼ ମାରୁଛନ୍ତି। ସେଠାରେ ଥିବା ପୋଲିସ କର୍ମଚାରୀ ଦେଖଣାହାରୀ ଭାବେ ଠିଆହୋଇ ରହିଛନ୍ତି। ପାଖରେ ଆଉ କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଠିଆ ହେଇଛନ୍ତି। କେହି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିରୋଧ କରୁନାହାନ୍ତି। ଏହି ସମୟରେ କେତେଜଣ ଲୋକ ଭିଡିଓ କରୁଥିବାରୁ ପୋଲିସ କର୍ମଚାରୀ ଜଣଙ୍କ ତାଗିଦ୍ କରୁଛନ୍ତି। ତେବେ ଘଟଣାଟି କେବେ ଘଟିଥିଲା ତାହା ସ୍ପଷ୍ଟ ହୋଇନାହିଁ। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ରାଜ୍ୟସ୍ତରୀୟ ନବସୃଜନ, ନୂଆ ଉଦ୍ୟମ ପ୍ରତିଯୋଗିତା ଉଦ୍‌ଘାଟିତ

**ଶ୍ରେଷ୍ଠ ୧୦ ଷ୍ଟାର୍ଟଅପ୍‌କୁ ୫ଲକ୍ଷ ଟଙ୍କା ଲେଖାଏ ଦିଆଯିବ**

ଭୁବନେଶ୍ୱର,୧୬।୧ (ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ପ୍ରଥମଥର ଦୁଇଦିନିଆ ରାଜ୍ୟସ୍ତରୀୟ ନବସୃଜନ ଏବଂ ନୂଆ ଉଦ୍ୟମ ପ୍ରତିଯୋଗିତା ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଆରମ୍ଭ ହୋଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ଏହି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ କରିବା ସହିତ ଷ୍ଟାର୍ଟଅପ ଇକୋସିଷ୍ଟମକୁ ସୁଦୃଢ଼ କରୁଛି। ଛାତ୍ରୀଛାତ୍ର କେବଳ ପୁସ୍ତକ ଜ୍ଞାନ ମଧ୍ୟରେ ସୀମିତ ରହିବେ ନାହିଁ। ସେମାନେ ଉଚ୍ଚକୋଟୀର ଗବେଷଣାରେ



ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଷ୍ଟାର୍ଟଅପ୍ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ମନୋନିବେଶ କରିବା ସହ ନୂତନ ଉଦ୍ୟୋଗ ସୃଷ୍ଟି କରିପାରିବେ। ଏହା ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସୁଯୋଗ ପ୍ରଦାନ କରିବା ସହ କେନ୍ଦ୍ର ସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆର ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଥମେ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱ ବିଦ୍ୟାଳୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏହି ରାଜ୍ୟସ୍ତରୀୟ ନବ ସୃଜନ ଓ ନୂଆ ଉଦ୍ୟମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯେଉଁ ପ୍ରକଳ୍ପଗୁଡ଼ିକ କୃତିତ୍ୱ ହାସଲ କରିବ, ସେହି ଷ୍ଟାର୍ଟଅପ୍ ପ୍ରକଳ୍ପଗୁଡ଼ିକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋଟ ୧୦ଟି ଷ୍ଟାର୍ଟଅପ ପ୍ରକଳ୍ପକୁ ଚୟନ କରାଯିବ ଏବଂ ପ୍ରତ୍ୟେକ ପ୍ରକଳ୍ପକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। କୃଷି ଓ ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଖାଦ୍ୟ ଓ ପୋଷଣ, ହସ୍ତତନ୍ତ, କୃତ୍ରିମ ବୁଦ୍ଧିମତା ଓ ପ୍ରଯୁକ୍ତିବିଦ୍ୟା, ମାନସିକ ସ୍ୱାସ୍ଥ୍ୟ, ବିତ୍ତୀୟ ପରିଚାଳନା, ଶିକ୍ଷା, ପରିବେଶ ସୁରକ୍ଷା ଓ ସତତ ବିକାଶ ଆଦି ୯ଟି ବର୍ଗରେ ଛାତ୍ରୀଛାତ୍ର ନିଜ ଷ୍ଟାର୍ଟଅପ୍ ପ୍ରକଳ୍ପକୁ ପ୍ରଦର୍ଶିତ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀ ଧର ନନ୍ଦ, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, ଉତ୍କଳ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପ୍ରଫେସର ବେଦାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କଂଗ୍ରେସ ପକ୍ଷରୁ ୬ ଜିଲାର ବ୍ଲକ, ନଗର କମିଟି ଘୋଷଣା**

ଭୁବନେଶ୍ୱର,(ରବିନାରାୟଣ ଜେନା): ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ଶୁକ୍ରବାର ୬ ଜିଲାର ବ୍ଲକ ଓ ନଗର ସଭାପତି ଏବଂ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଛି। ସେଥିମଧ୍ୟରେ ମୟୂରଭଞ୍ଜ, ବଲାଙ୍ଗୀର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କନ୍ଧମାଳ ଓ କଳାହାଣ୍ଡି ଜିଲା ରହିଛି। ଏନେଇ ପିସିସି ପକ୍ଷରୁ ପ୍ରଶାସକ ସମୀର କୁମାର ରାଉତରାୟ ସଂପୃକ୍ତ ଜିଲାର ସଭାପତିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଅବଶିଷ୍ଟ ଜିଲାର ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି।



ମୃତ ମାଈ ହାତୀ

# ଠାକୁରମୁଣ୍ଡା ରେଞ୍ଜ୍‌ରେ ମାଈ ହାତୀ ମୃତ

ବାରିପଦା/ଠାକୁରମୁଣ୍ଡା,୧୬।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଠାକୁରମୁଣ୍ଡା ରେଞ୍ଜ ଅଧୀନ ଅସନକୁଡ଼ା ଅଞ୍ଚଳରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ବୟସ ୬୦ ବର୍ଷ ହୋଇଥିବା ବେଳେ ଗତ ୧୪ ତାରିଖ ସନ୍ଧ୍ୟାରେ ମୃତଦେହ ଠାବ କରାଯାଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ହାତୀ ମୃତଦେହ ଠାବକରିଥିଲେ। ୧୫ ତାରିଖରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଥିବା ନେଇ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଶିମିଳିପାଳରେ ଶୀତର ପ୍ରକୋପ ବୃଦ୍ଧି ପାଇ ମାଇନସ୍ ୧ରୁ ଯୁକ୍ତ ୧ ଡିଗ୍ରୀ ମଧ୍ୟରେ ରହୁଛି। ଫଳରେ ଶୀତ କଷ୍ଟରେ ବନ୍ୟପ୍ରାଣୀମାନେ ପ୍ରଭାବିତ ହେଉଥିବା ଜଣାପଡ଼ିଛି।

# ଆଲମିରା ଭର୍ତ୍ତି ଟଙ୍କା ଜବତ

## ବିଜେଡି ନେତା, ଠିକାଦାର, ବାଲି ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)/ ଭୁବନେଶ୍ୱର,୧୬।୧(ସତ୍ୟଜିତ ରାଉତ)

ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର ଓ ବାଲି ବ୍ୟବସାୟୀଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ବଡ଼ଧରଣର ଏକାକାଳୀନ ଚଢ଼ାଉ କରାଯାଇଛି। ଏହି ସମୟରେ ଜଣେ ବ୍ୟବସାୟୀଙ୍କ ଘରୁ ଆଲମିରା ଭର୍ତ୍ତି ଟଙ୍କା ଜବତ ହୋଇଛି, ଯାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗିରହିଛି। ଟିକସ ଫାଙ୍କି ଓ ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ରହ୍ମପୁର ସହର ସମେତ କନିଶି, ଶେରଗଡ଼ ଓ ଆସିକା ଅଞ୍ଚଳରେ ଇଡି ଅଧିକାରୀମାନେ ଚଢ଼ାଉ କରି ବହୁ କାଗଜପତ୍ର ଜବତ କରିଛନ୍ତି। ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ର ବିଜେଡି ନେତା ତଥା ଠିକାଦର ହୃଷୀକେଶ ପାଢ଼ୀ ଓ ତାଙ୍କ ପୁଅ ସଚିନ ପାଢ଼ୀଙ୍କ ଘର, ଆସିକାର ବାଲି ବ୍ୟବସାୟୀ ଭଗବାନ୍ ସାହୁ, ବ୍ରହ୍ମପୁର କନିଶିର ସୁନୀଲ ପାତ୍ର, ଶୁଭାଶିଷ ସାହୁ ଓରଫ ବଣ୍ଟି, ଲାଞ୍ଜିପଲ୍ଲୀ ଉମନଗର ଅଞ୍ଚଳର ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ଘରେ ଚଢ଼ାଉ କରାଯାଉଛି। ସେହିପରି ଏହି କ୍ରାଇମ୍ ସିଣ୍ଡିକେଟ୍ ଲିଙ୍କ୍‌ରେ ବ୍ରହ୍ମପୁରସ୍ଥିତ ସନ୍ତୋଷ ଦଳେଇଙ୍କ ଘରେ ମଧ୍ୟ ଯାଞ୍ଚ କରାଯାଇଛି। ତେବେ ଶେରଗଡ଼ର ହୃଷୀକେଶ ଓ ତାଙ୍କ ପୁଅ ସଚିନ ଠିକାଦର ହୋଇଥିବା ବେଳେ ଅନ୍ୟମାନେ ବାଲି ବ୍ୟବସାୟରେ ସମ୍ପୃକ୍ତ ଅଛନ୍ତି। ଆଲମିରା ଭର୍ତ୍ତି ଟଙ୍କା ଜବତ ହୋଇଥିବା ଘର କାହାର ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଏମାନଙ୍କ ସହଯୋଗୀଙ୍କ ଘର ବୋଲି ସୂଚନା ମିଳିଛି। ଏହି ଟଙ୍କା ୫୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସହଯୋଗୀ ଜଣକ ବଡ଼ ବାଲି ବ୍ୟବସାୟୀ ହୋଇ ନ ଥିବା ବେଳେ ତାଙ୍କଘରୁ ଏତେ ପରିମାଣର ଟଙ୍କା ଜବତ ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ବିଶ୍ୱାସ କରିପାରୁନାହାନ୍ତି। ଏହି ସିଣ୍ଡିକେଟରେ ଥିବା ବହୁ ବଡ଼ ବ୍ୟବସାୟୀମାନେ ସନ୍ତୋଷଙ୍କ ଘରେ କିଛିଦିନ ହେବ ଏହି ଟଙ୍କା ଗଚ୍ଛିତ କରି ରଖିଥିଲେ ବୋଲି ଚର୍ଚ୍ଚା ହେଉଛି। ଜବତ ଟଙ୍କାକୁ ବ୍ୟାଙ୍କ ଅଧିକାରୀମାନେ ନେଇ ଗଣତି ଆରମ୍ଭ କରିଛନ୍ତି। ତେବେ ଚଢ଼ାଉ କରାଯାଇଥିବା ବାଲି ବ୍ୟବସାୟୀଙ୍କ ଭୁବନେଶ୍ୱର ଓ କଟକର କିଛି ସ୍ଥାନରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ ଓ ଯାଞ୍ଚ କରାଯାଉଥିବା ଜଣାପଡିଛି। ଏମାନେ ବେନାମୀ ଲୋକଙ୍କ ନାଁରେ ବାଲିଘାଟ ଟେଣ୍ଡର ନେଇ ବ୍ୟବସାୟ କରୁଥିବା ଅଭିଯୋଗ ରହିଛି। ଏପରିକି ସେମାନେ ଦୀର୍ଘଦିନ ହେବ ବେଆଇନ ଭାବେ ବାଲି ଖନନ କରି ବିପୁଳ ଟଙ୍କା ରୋଜଗାର କରିଥିବା ବେଳେ ଟିକସ ମଧ୍ୟ ପୈଠ କରୁ ନ ଥିଲେ। କିଛିଦିନ ହେବ ଇଡି ପକ୍ଷରୁ ସେମାନଙ୍କ ଉପରେ କଡା ନଜର ରଖାଯାଇଥିଲା। ପରେ ସର୍ଚ୍ଚ ୱାରେଣ୍ଟ ସହ ଇଡି ପକ୍ଷରୁ ଏହି ବଡ଼ ଧରଣର ରେଡ୍ କରାଯାଉଛି। ଏନେଇ ଇଡି ପକ୍ଷରୁ ପ୍ରେସ ରିଲିଜ୍ ଜରିଆରେ କୁହାଯାଇଛି, ବେଆଇନ ଓ ଅନଧିକୃତ ଭାବେ ବାଲି ଓ କଳା ପଥର ଖନନ ଏବଂ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଏହି ଚଢ଼ାଉ କରାଯାଉଛି। ବ୍ୟବସାୟୀମାନେ ଅପରାଧୀ ଶ୍ରେଣୀୟ ହୋଇଥିବାବେଳେ ବାହୁବଳ ଜରିଆରେ ଜବରଦଖଲ କରି ବେଆଇନ ଭାବେ ଲଘୁ ଖଣିଜ ଖନନ କରିବା ସହ ସ୍ଥାନୀୟ ଲୋକଙ୍କୁ ଶୋଷଣ ଓ ଭୟଭୀତ କରି ରଖୁଛନ୍ତି। ସେମାନେ ଜାଲ କାଗଜପତ୍ର ଜରିଆରେ ଏହି କାରବାର କରିଆସୁଛନ୍ତି। ଏହାଦ୍ୱାରା ରାଜସ୍ୱ ହାନି ଘଟିଛି। ଜବତ ହୋଇଥିବା ଟଙ୍କାର ନିର୍ଦ୍ଦିଷ୍ଟ ପରିମାଣ ଓ ଅନ୍ୟାନ୍ୟ ବିବରଣୀ ବିଷୟରେ ଆଗକୁ ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି।



## ଆଜି ପ୍ରକାଶ ପାଇବ ଓଡ଼ିଆ ଭାଷା ପରୀକ୍ଷାଫଳ

କଟକ,୧୬।୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ଦ୍ୱିତୀୟ ଦଶମ ଷ୍ଟାଣ୍ଡାର୍ଡ ଏକକ ବିଷୟ ଓଡ଼ିଆ ଭାଷା ଏବଂ ଦ୍ୱିତୀୟ ଅର୍ଦ୍ଧ ବାର୍ଷିକ ଅଷ୍ଟମ ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷା ପରୀକ୍ଷା ୨୦୨୫ର ଫଳ ଜାନୁଆରୀ ୧୭ ତାରିଖ (ଶନିବାର) ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷା ଫଳ ସେହି ସମୟରୁ ଉପଲବ୍ଧ ହେବ। ଏଥିସହ ଅପରାହ୍ନ ୪ଟାରୁ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଲ ସାର୍ଟିଫିକେଟ ସେହି ୱେବ୍‌ସାଇଟ୍‌ରୁ ମିଳିବ। ପରୀକ୍ଷାଫଳ ପ୍ରକାଶନ ତାରିଖଠାରୁ ମାସକ ପର୍ଯ୍ୟନ୍ତ ଡିଜିଟାଲ ସାର୍ଟିଫିକେଟ ଅନ୍‌ଲାଇନ୍‌ରେ ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ୨୪ ଘଣ୍ଟା ପରେ ଫେରିଲା ଇଣ୍ଟରନେଟ ସେବା

**ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ ଘଟଣା**

**■ ୧୬୩ ଧାରା ପ୍ରତ୍ୟାହୃତ, ୪ ଅଟକ**

ସୁନ୍ଦରଗଡ଼,୧୬।୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ସହରରେ ଗୋ-ମାଂସ ବିକ୍ରିକୁ କେନ୍ଦ୍ର କରି ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ନାଗରିକ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଲାଗୁ ହୋଇଥିବା ୧୬୩ଧାରା ପ୍ରତ୍ୟାହୃତ ହେବା ସହ ଜିଲାରେ ୨୪ଘଣ୍ଟା ଧରି ବନ୍ଦ ଥିବା ଇଣ୍ଟରନେଟ ସେବା ସନ୍ଧ୍ୟାରୁ କାର୍ଯ୍ୟକ୍ଷମ ହୋଇଛି। ସହରରେ ଶାନ୍ତି, ଭାଇଚାରା ଓ ପୂର୍ବ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବୈଠକରେ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ,ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସପି ଅମ୍ରିତ ପାଲ କୌର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ, ଜଳାପୋଡା ଓ ଦୋକାନ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶାନ୍ତି କମିଟି ବୈଠକରେ ଦଳମତ ନିର୍ବିଶେଷରେ ଦାବି କରାଯାଇଛି। ଏହି ଘଟଣାରେ ୪ଜଣ ପୋଲିସ କର୍ମୀଙ୍କ ସମେତ ୧୨ଜଣ ବ୍ୟକ୍ତି ଆହତ ହୋଇଥିଲେ। ଆହତ ପୋଲିସ କର୍ମଚାରୀ ପ୍ରତାପ କାଲୋଙ୍କ ରିପୋର୍ଟ କ୍ରମେ ପୋଲିସ ସୁନ୍ଦରଗଡ ଟାଉନ ଥାନାରେ ୧୩ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ରିଜେଣ୍ଟ ମାର୍କେଟ ଅଞ୍ଚଳରେ ପୋଲିସ ସ୍ୱତନ୍ତ୍ର କ୍ୟାମ୍ପ କରି ମୁତୟନ ଅଛନ୍ତି। ସୁନ୍ଦରଗଡ, ରାଉରକେଲା, କେନ୍ଦୁଝର ପୋଲିସ ଜିଲାରୁ ୧୬ପ୍ଲାଟୁନ ପୋଲିସ ସୁନ୍ଦରଗଡ ସହରରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ଅଛନ୍ତି। ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

## କୁକୁର ମାଂସ ଛିଡ଼ାଇ ଖାଇବା ଭିଡିଓ ଭାଇରାଲ

ପୁରୀ,୧୬।୧(ଅଜିତ୍ କୁମାର ମହାନ୍ତି)

ପୁରୀରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି କୁକୁର ମାଂସ ଛିଡାଇ ଧରିଥିବା ନେଇ ଭିଡିଓ ଦେଖିବାକୁ ମିଳିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ଜଣେ ବ୍ୟକ୍ତି ସମୁଦ୍ରକୂଳ ନିକଟରେ ବସି କିଛି କରୁଛନ୍ତି। ଏହି ସମୟରେ ସେଠାରେ ଯାଉଥିବା ଜଣେ ବ୍ୟକ୍ତି ତାଙ୍କୁ କୁକୁର ମାଂସ ଖାଉଛି କହି ବିରୋଧ କରୁଛନ୍ତି ଓ ତାଙ୍କୁ ସେଠାରୁ ତୁରନ୍ତ ହଟାଯାଉ ବୋଲି କହୁଛନ୍ତି। ତେବେ ବ୍ୟକ୍ତି ଜଣଙ୍କ କିଏ ଏବଂ ସେ କୁକୁର ମାଂସ କ'ଣ କରୁଥିଲେ, ସେନେଇ କିଛି ସୂଚନା ମିଳିନାହିଁ।

## ବିଚାରପତି କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ

କଟକ,୧୬।୧(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବିଚାରପତି କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ ଭାବେ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଚାରପତି ମହାପାତ୍ର ଆଇନ ସେବା ସଂସ୍ଥାଗୁଡ଼ିକ ସମାଜର ଦଳିତ ଓ ଅବହେଳିତ ଜନସାଧାରଣ ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।



ବିଚାରପତି କୃଷ୍ଣ ରାମ ମହାପାତ୍ର

## ବଙ୍ଗରୁ ଓଡ଼ିଶା ଆସିବ ନିବେଶ

ଭୁବନେଶ୍ୱର,୧୬।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଥିବା ଦୁଇଦିନିଆ ନିବେଶକ ସମ୍ମିଳନୀରୁ ଶନିବାର ବିପୁଳ ପରିମାଣର ନିବେଶ ଓଡ଼ିଶା ଆସିବା ସମ୍ଭାବନା ରହିଛି ବୋଲି ଜଣାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେକ୍ଟୋରାଲ ରାଉଣ୍ଡଟେବୁଲ ମାଧ୍ୟମରେ ବିଭିନ୍ନ ଶିଳ୍ପୋଦ୍ୟୋଗୀ ଏବଂ ଶିଳ୍ପପତିଙ୍କ ସହିତ 'ୱାନ୍ ଟୁ ୱାନ୍' ଆଲୋଚନା କରିଛନ୍ତି। ସେଥିମଧ୍ୟରେ ଆଇଟି କ୍ଷେତ୍ରଠାରୁ ଆରମ୍ଭକରି ଡାଉନ୍‌ଷ୍ଟ୍ରିମ୍ ଲୌହ ଇସ୍ପାତ ପର୍ଯ୍ୟନ୍ତ ରହିଛି। ଓଡ଼ିଶାରେ ଅନୁକୂଳ ଶିଳ୍ପ ପରିବେଶ ସାଙ୍ଗକୁ ଲୋକଙ୍କ ସରକାର ରହିଥିବାରୁ ନିବେଶକମାନେ ଏହାକୁ ଖୁବ୍ ପସନ୍ଦ ମନେକରୁଛନ୍ତି। ଏହି ଦୃଷ୍ଟିରୁ ଓଡ଼ିଶାକୁ ପଶ୍ଚିମବଙ୍ଗରୁ ଅଧିକ ପୁଞ୍ଜି ନିବେଶ ସାଙ୍ଗକୁ ନିଯୁକ୍ତି ସୁଯୋଗ ଆସିବ ବୋଲି ରହିଛି। ସୂଚନାଯୋଗ୍ୟ, ନିକଟରେ ହାଇଦ୍ରାବାଦ୍‌ଠାରେ ହୋଇଥିବା ନିବେଶ ସମ୍ମିଳନୀରେ ଓଡ଼ିଶାକୁ ୬୭ ହଜାର କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୫୬ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ସେଥିମଧ୍ୟରେ ହସ୍ତତନ୍ତ, ବୟନଶିଳ୍ପ, ଆଇଟି ଓ ଉତ୍ପାଦନ କ୍ଷେତ୍ର ରହିଥିଲା।

# ୩ୟ ଥର ଓଡ଼ିଶା ଗସ୍ତ, ନବୀନଙ୍କ ସହ ଭେଟ



ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଶୁକ୍ରବାର ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

**■ ଓଡ଼ିଶାରେ ସପାକୁ ବଢ଼ାଇବେ, ବାରମ୍ବାର ଆସିବେ**

**■ ନବୀନ ଓ ବିଜୁବାବୁ ରାଜ୍ୟର ବିକାଶ କରିଛନ୍ତି**

ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି(ସପା)ର ଅଧ୍ୟକ୍ଷ ଅଖିଳେଶ ଯାଦବ ଶୁକ୍ରବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଇତିମଧ୍ୟରେ ଅଖିଳେଶ ୩ଥର ଓଡ଼ିଶା ଆସିଲେଣି। କିଛିଦିନ ତଳେ ନୂଆପଡ଼ା ଉପନିର୍ବାଚନରେ ସମାଜବାଦୀ ପାର୍ଟି ପକ୍ଷରୁ ହୋଇଥିବା ପ୍ରାର୍ଥୀଙ୍କ ପ୍ରଚାର ଲାଗି ଦିନିକିଆ ଗସ୍ତରେ ଆସିଥିଲେ। ତା'ର କିଛିଦିନ ଆଗରୁ ଓଡ଼ିଶା ଗସ୍ତରେ ଆସି ପରିବାର ସହ ପୁରୀରେ ରହିଥିଲେ ଏବଂ ତା' ପରଦିନ ଭୁବନେଶ୍ୱରଠାରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏଥର ଅଖିଳେଶ ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଗୋଟିଏ ବର୍ଷରେ ୩ ଥର ଓଡ଼ିଶା ଆସିବାର ସୁଯୋଗ ମିଳିଛି। ବିଗତ ଦିନରେ ହୋଇଥିବା ସମାଜବାଦୀ ଆନ୍ଦୋଳନରେ ଓଡ଼ିଶାର ବହୁ ନେତା ସାମିଲ ଥିଲେ। ରାଜ୍ୟର ବହୁ ବଡ଼ ନେତା ଯେପରିକି ବିଜୁ ପଟ୍ଟନାୟକଙ୍କ ଭଳି ସମାଜବାଦୀ ବିଚାରର ଲୋକ ଏଠାରେ ଥିଲେ, ସେହିଭଳି ବିଚାରଧାରାର ଲୋକଙ୍କୁ ଆଗକୁ ଏକାଠିକରି ଏକ ବଡ଼ ଶକ୍ତି ପ୍ରସ୍ତୁତ କରାଯିବ। ସମାଜବାଦୀ ପାର୍ଟି ବିଭାଜନ ରାଜନୀତିକୁ କେବେ ପସନ୍ଦ କରେନାହିଁ। ଭାଜପା ବିରୋଧରେ ଲଢ଼ିବାର ଶକ୍ତିକୁ ଏକାଠି କରାଯିବ। ଭାଜପା ଯେତେବେଳେ ପୂରା ଦେଶରେ ଏକ୍ସପୋଜ ହେବ ତା'ପରେ ସେ ଦିଲ୍ଲୀ ଯିବେ ଏବଂ ଆଗକୁ ବାରମ୍ବାର ଓଡ଼ିଶା ଆସିବେ। ଓଡ଼ିଶାରେ ସମାଜବାଦୀ ପାର୍ଟି ଆଗକୁ ବଢୁ ଏଥିଲାଗି ସେ ରାଜ୍ୟକୁ ଆସୁଛନ୍ତି ବୋଲି ଅଖିଳେଶ କହିଛନ୍ତି।

ଏହାପରେ ସେ ସ୍ଥାନୀୟ ଏକ ଘରୋଇ ହୋଟେଲକୁ ଯାଇ ସେଠାରେ ମଧ୍ୟାହ୍ନଭୋଜନ କରିବା ପରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ଲାଗି ନବୀନ ନିବାସରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ୩୦ ମିନିଟ୍ ନବୀନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମିଳିଥିବା ସୂଚନା ମୁତାବକ, ନବୀନଙ୍କୁ ବୈଠକ ସମୟରେ ଦେଶର ଜଣେ ବଡ଼ ନେତା ବୋଲି ଅଖିଳେଶ କହିବା ସହ ଜାତୀୟ ପ୍ରସଙ୍ଗରେ ମୁହଁ ଖୋଲି ନିଜର ଗୁରୁତ୍ୱ ଜାରି କରିବାକୁ କୁଆଡ଼େ ପ୍ରସ୍ତାବ ଦେଇଥିବା ଜଣାପଡିଛି। ନବୀନଙ୍କୁ ଭେଟିବା ପରେ ଅଖିଳେଶ କହିଛନ୍ତି, ବିଜୁ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବୀନ ପଟ୍ଟନାୟକ ଓଡ଼ିଶାର ବହୁ ବିକାଶ କରିଛନ୍ତି। ରାଜ୍ୟରେ ବୁଲିଲେ ବିଜେଡି ଶାସନ ସମୟରେ କେତେ ବିକାଶ ହୋଇଛି ତାହା ଦେଖାଯାଉଛି। ନବୀନ ଏବଂ ସେ କୌଣସି ନା କୌଣସି ବାଟରେ ଭାଜପା ସହ ଲଢୁଛନ୍ତି। ବିଜୁ ବାବୁଙ୍କ ସହ ଅଖିଳେଶଙ୍କ ବାପାଙ୍କର ରହିଥିବା ସମ୍ପର୍କ ବିଷୟରେ ମଧ୍ୟ ସେ କହିଥିଲେ। ଆଗକୁ ଥିବା ୪ ରାଜ୍ୟ ସଭା ଆସନ ଭୋଟିଂ ପୂର୍ବରୁ ଓଡ଼ିଶାକୁ ଅଖିଳେଶଙ୍କ ଗସ୍ତ ଏବଂ ନବୀନଙ୍କ ସାଙ୍ଗରେ ସାକ୍ଷାତ ଭିନ୍ନ ସଙ୍କେତ ଦେଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହାପରେ ଅଖିଳେଶ ରହୁଥିବା ଘରୋଇ ହୋଟେଲରେ ବହୁ ବରିଷ୍ଠ ନେତାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶନିବାର ବୁଦ୍ଧିଜୀବୀଙ୍କ ସହ ତାଙ୍କର ଏକ ଆଲୋଚନା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

# ଦୁଇଦିନ ପରେ ବଢ଼ିବ ତାପମାତ୍ରା

**■ ଝାରସୁଗୁଡ଼ାରେ ପଞ୍ଚମଥର ପାଇଁ ୭୩ବର୍ଷର ରେକର୍ଡ ଭାଙ୍ଗିଲା ଶୀତ**

**■ କଟକ, ଭୁବନେଶ୍ୱରରେ ପୁଣି ୧୦ ଡିଗ୍ରୀକୁ ଖସିଲା ପାରଦ**

ଭୁବନେଶ୍ୱର,୧୬।୧(ବନ୍ଦନା ସେଠୀ)

ଶୀତରେ ଥରୁଛି ସାରା ଓଡ଼ିଶା। ରାଜ୍ୟରେ ଆହୁରି ୨୪ ଘଣ୍ଟା ପ୍ରବଳ ଶୀତ ଲହରି ଜାରି ରହିବ। ଏଥିପାଇଁ ୧୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ପଶ୍ଚିମା ଝଡ଼ ପ୍ରଭାବରେ ଦୁଇଦିନ ପରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଫଳରେ ଶୀତ କମିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଗତ ୨୪ଘଣ୍ଟାରେ ରାଜ୍ୟର ୧୩ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହାତଳକୁ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ାରେ ପଞ୍ଚମଥର ଲାଗି ୭୩ବର୍ଷର ସର୍ବକାଳୀନ ରେକର୍ଡ ଭାଙ୍ଗିଛି ଶୀତ। ଏଠାରେ ଜାନୁଆରୀ ୬ରେ ସର୍ବନିମ୍ନ ତାପମାତ୍ରା ୫.୧ ଡିଗ୍ରୀ ରହିଥିଲାବେଳେ ୭ରେ ୫.୪ ଡିଗ୍ରୀ, ୯ରେ ୪.୬ ଡିଗ୍ରୀ, ୧୦ରେ ୪.୫ ଡିଗ୍ରୀ ଏବଂ ୧୬ ତାରିଖରେ ୫ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ଫୁଲବାଣୀରେ ୬.୧ ଡିଗ୍ରୀ, କେନ୍ଦୁଝର ୭.୬ ଡିଗ୍ରୀ, ସୁନ୍ଦରଗଡ଼ ୭.୬ ଡିଗ୍ରୀ, ଅନୁଗୋଳ ୮.୪ ଡିଗ୍ରୀ, ବାରିପଦା ୮.୬ ଡିଗ୍ରୀ, ଢେଙ୍କାନାଳ ୮.୭ ଡିଗ୍ରୀ, ଦାରିଙ୍ଗବାଡି ୯ ଡିଗ୍ରୀ, କୋରାପୁଟ ୯.୫ ଡିଗ୍ରୀ ଏବଂ ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରହିଥିଲା। ସେହିପରି ଟୁଇନ୍ ସିଟି କଟକ ଓ ଭୁବନେଶ୍ୱରରେ ପୁଣି ୧୦ ଡିଗ୍ରୀ ତଳକୁ ଖସିଥିଲା ତାପମାତ୍ରା। କଟକରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଥିବାବେଳେ ଭୁବନେଶ୍ୱରରେ ୧୦.୫ ଡିଗ୍ରୀକୁ ଖସି ଆସିଥିଲା ପାରଦ। ତେବେ ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ଅନୁଗୋଳ, ବୌଦ୍ଧ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କନ୍ଧମାଳ ଜିଲାକୁ ପ୍ରବଳ ଥଣ୍ଡା ନେଇ ସତର୍କ କରାଯାଇଛି। ଏଥିସହ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ, ବାଲେଶ୍ୱର, କଳାହାଣ୍ଡି, ସୁନ୍ଦରଗଡ଼, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କେନ୍ଦୁଝର ଏବଂ କନ୍ଧମାଳ ଜିଲାକୁ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର।

## ବ୍ଲକ୍ ନଗର ସଭାପତି ବାଛିଲା ବିଜେଡି

**୧୫ ସାଙ୍ଗଠନିକ ଜିଲାର ନିଯୁକ୍ତି ବିଜ୍ଞପ୍ତି ଜାରି**

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶୁକ୍ରବାର ୧୫ଟି ସାଙ୍ଗଠନିକ ଜିଲାର ନଗର ଏବଂ ଏହା ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳର ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଏଭଳି ୧୫ଟି ବିଜ୍ଞପ୍ତି ଜାରି କରାଯାଇଛି। ଗଜପତି, ଜଗତ୍‌ସିଂହପୁର, ଝାଡ଼ସୁଗୁଡ଼ା, କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ରାଉରକେଲା, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼ ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବ୍ଲକ୍ ଏବଂ ନଗର ଗୁଡ଼ିକ ପାଇଁ ଦଳ ସଭାପତି ଚୟନ କରିଛି।

# ଏଥର ୨୪ ମାସର ପ୍ରସ୍ତୁତି

## ଆଜି ପ୍ରାକ୍ ବଜେଟ ଆଲୋଚନା

ଭୁବନେଶ୍ୱର,୧୬।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଶନିବାରଠାରୁ ପ୍ରାକ୍ ବଜେଟ ଆଲୋଚନା ଆରମ୍ଭ ହେବ। ଦୁଇଦିନ ଧରି ହେବାକୁଥିବା ଏହି ଆଲୋଚନା ସମୟରେ ବିଭାଗଗୁଡ଼ିକ ପକ୍ଷରୁ କିପରି ବଜେଟ ପ୍ରସ୍ତୁତ କରାଯାଇଛି ଏବଂ କେଉଁସବୁ ନୂତନ ଯୋଜନା ସ୍ଥାନ ପାଇଛି ଓ ଅଦରକାରୀ ଯୋଜନା ବାଦ୍ ପଡ଼ିଛି, ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ପାଇଁ ବିଭାଗ ପକ୍ଷରୁ ଦୂରଦୃଷ୍ଟି ରଖାଯାଇ ଆସନ୍ତା ୨୪ ମାସ ଲାଗି ବଜେଟ ଅଟକଳ ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାସହିତ ବିଭାଗୀୟ ସଚିବମାନେ ୫ଟି ଅତିଉତ୍ତମ ପ୍ରସ୍ତାବ ଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଡି.କେ. ଜେନା ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଜେନା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂହ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ପ୍ରାକ୍ ବଜେଟ ଆଲୋଚନା କରାଯିବ। ଏହି ସମୟରେ ଆସନ୍ତା ୨୪ ମାସ ଲାଗି ବିଭାଗ ପକ୍ଷରୁ ବଜେଟ ପ୍ରସ୍ତୁତ କରିବାକୁ ହେବ, ଯାହାଫଳରେ କି ସରକାରଙ୍କ ସଫଳତା ଲୋକଙ୍କ ନିକଟରେ ପହଞ୍ଚିପାରିବ। ଜେନା ଦେଇଥିବା ପତ୍ର ଅନୁଯାୟୀ, ଶନିବାର ଅପରାହ୍ନ ସାଢ଼େ ୩ଟାରେ ପୂର୍ତ୍ତ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରାକ୍ ବଜେଟ ଆଲୋଚନା ପ୍ରଥମେ ରହିଥିବାବେଳେ ଏହାପରେ ଇ ଆଣ୍ଡ ଆଇଟି, ଶକ୍ତି ଓ ସମବାୟ ବିଭାଗର ଆଲୋଚନା ହେବ। ସୋମବାର ପୂର୍ବାହ୍ନ ୧୧ଟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପରେ ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ, ଜଳସମ୍ପଦ, ଶିଳ୍ପ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ପର୍ଯ୍ୟଟନ, ଜଙ୍ଗଲ ଓ ପରିବେଶ, ମତ୍ସ୍ୟ ଓ ପଶୁସମ୍ପଦ, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆଲୋଚନା ପର୍ଯ୍ୟାୟକ୍ରମେ ପ୍ରତି ୧୫ ମିନିଟ୍ ଅନ୍ତରରେ ହେବ। ଏହି ଆଲୋଚନା ପ୍ରକ୍ରିୟାରେ ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ଅନୁସୂଚିତ ଜାତି ଓ ଜନଜାତି, ଗୃହ, ଅର୍ଥ, ପଞ୍ଚାୟତିରାଜ, ସାଧାରଣ ଉଦ୍ୟୋଗ, ଶ୍ରମ, କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସାମିଲ କରାଯାଇ ନ ଥିବା ଜଣାପଡ଼ୁଛି। ସୂଚନାଯୋଗ୍ୟ, ପ୍ରାକ୍ ବଜେଟ ଆଲୋଚନା ଚଳିତମାସ ୧୨ରୁ ଦୁଇଦିନ ଲାଗି ହେବାକୁ ରହିଥିଲା। ମାତ୍ର ସରକାରଙ୍କ ପକ୍ଷରୁ ସମୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ଶନିବାରକୁ ଘୁଞ୍ଚାଯାଇଛି। ଏହାପରେ ଅବଶିଷ୍ଟ ବିଭାଗର ଆଲୋଚନା କରାଯିବାକୁ ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ଖଣ୍ଡା ଧରି ସମିତି ସଭ୍ୟାଙ୍କ ସ୍ୱାମୀ ଖେଳାଇଲେ ଆତଙ୍କ

ବାଙ୍କୀ, ୧୬।୧ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତର ସମିତିସଭ୍ୟାଙ୍କ ସ୍ୱାମୀ ଶୁକ୍ରବାର ତୁମୁଳକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଗାଁ ଦାଣ୍ଡରେ ଖଣ୍ଡା ଧରି ଆତଙ୍କ ଖେଳାଇଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୩୦/୨୬) ରୁଜୁ କରିଛି। ଏହି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ଇନ୍ଦ୍ରମଣି ନାୟକ। ଗୁରୁବାର ଉକ୍ତ ଥାନା ଅନ୍ତର୍ଗତ କରବର ଗାଁର ରାହୁଲ ବେହେରା ଗାଁ ସାହି ଭିତରେ ବାଇକ୍ ନେଇ ଯାଉଥିଲେ। ଏହି ସମୟରେ ବାଇକ୍‌ର ଅତ୍ୟଧିକ ଶବ୍ଦ ବାହାରୁଥିବାରୁ ଇନ୍ଦ୍ରମଣି ଏହାକୁ ବିରୋଧ କରିଥିଲେ। ଏଥିସହିତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଏହା ତୀବ୍ର ରୂପ ଧାରଣ କରିଥିଲା। ଇନ୍ଦ୍ରମଣି ଓ ତାଙ୍କ ୨ ଭାଇ ହାତରେ ଖଣ୍ଡା ଧରି ରାହୁଲଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ରାହୁଲ ସେଠାରୁ କୌଶଳକ୍ରମେ ଖସିଯାଇଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।


ସମିତିସଭ୍ୟାଙ୍କ ସ୍ୱାମୀ ଇନ୍ଦ୍ରମଣି ନାୟକ ଖଣ୍ଡା ବୁଲାଉଛନ୍ତି।

# ଏଟିଏମ୍ ତାଡ଼ିନେବା ଘଟଣା: ବାହାର ରାଜ୍ୟର ୨ ଯୁବକଙ୍କ ସହ ୩ ଗିରଫ

ଯାଜପୁର ଟାଉନ, ୧୬।୧ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଏଟିଏମ୍ ତାଡ଼ିନେବା ଘଟଣାରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ପୋଲିସ ୨ ବାହାର ରାଜ୍ୟ ଯୁବକଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରିଛି। ଏଥିସହିତ ସେମାନଙ୍କ ନିକଟରୁ ୧ ଲକ୍ଷ ୮୦ ହଜାର ଟଙ୍କା, ମାରଣାସ୍ତ୍ର ଓ ୨ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଗାଜିଆବାଦ୍‌ର ସୋହାଗ ଓରଫ୍ ରୁସ୍ତମ୍ ଖାନ୍(୩୮), ପଶ୍ଚିମବଙ୍ଗ ଉତ୍ତର ଚବିଶପ୍ରଗଣା ଅଯୋଧ୍ୟା ଗ୍ରାମର ସଦାମ ମିର୍(୩୩) ଓ ବିଞ୍ଝାରପୁର ଥାନା ଖାଦିମ୍ ମୋହଲ୍ଲା ସାହିର ଏସ୍‌କେ ରାଜା(୪୬)। ଶୁକ୍ରବାର ଅପରାହ୍ନରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ(ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଜାନୁଆରୀ ୧ ତାରିଖ ରାତିରେ ୬ରୁ ୭ ଯୁବକ ବିଞ୍ଝାରପୁର ଥାନା ମଇନ୍ଦା ଛକ ଲେଙ୍କାସାହିଠାରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏଟିଏମ୍‌କୁ ତାଡ଼ି ସେଥିରେ ଥିବା ୫ଲକ୍ଷ ୭୨ ହଜାର ଟଙ୍କା ଲୁଟ୍ କରିଥିଲେ। ପର ଦିନ ବ୍ୟାଙ୍କ କର୍ମଚାରୀ ସନ୍ତୋଷ ପାଢ଼ୀ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଭାରପ୍ରାପ୍ତ ଥାନାଧିକାରୀ ରଞ୍ଜନ ମଲ୍ଲିକ ଘଟଣାର ତଦନ୍ତ ଜାରି ରଖିଥିଲେ। ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜ୍ ଓ ଟେକ୍ନିକାଲ ଡାଟାକୁ ଆଧାରକରି ପୋଲିସ ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯାଇ ତଦନ୍ତ କରିଥିଲା। ଏପରିକି ତଦନ୍ତକାରୀ ଦଳ ବିଭିନ୍ନ ରାଜ୍ୟକୁ ଯାଇ ସମ୍ପୃକ୍ତ ୩ ଯୁବକଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସ୍ଥାନୀୟ ଯୁବକଙ୍କ ସହ ବାହାର ରାଜ୍ୟର ଲୁଟେରା ଏଥିରେ ସାମିଲ ଥିବା ପୋଲିସ ଜାଣିପାରିଥିଲା। ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ କହିଛନ୍ତି।

# ହାଇଦ୍ରାବାଦରେ ଓଡ଼ିଆ ପାଣି ପାଇପ୍ ଠିକାଦାରଙ୍କୁ ହତ୍ୟା

ଆଳି, ୧୬।୧ (ବନମାଳୀ ସେନାପତି)

ହାଇଦ୍ରାବାଦରେ ପାଣି ପାଇପ୍ ଠିକାଦାରିଙ୍କ କାମ କରୁଥିବା ଆଳି ଥାନା ଠାକୁରପାଟଣାର ଅବିନାଶ ପରିଡ଼ା(୩୨)ଙ୍କୁ ମକରସଂକ୍ରାନ୍ତି ରାତିରେ ହତ୍ୟା କରାଯିବା ପରେ ପରିବାର ପୁରା ସ୍ତବ୍ଧ ପାଲଟିଯାଇଛି। ଅବିନାଶଙ୍କ ହତ୍ୟା ଘଟଣାକୁ ୩ଦିନ ବିତିଥିବା ବେଳେ ମୃତଦେହ ସତ୍କାର ହୋଇନାହିଁ। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଅବିନାଶଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସାନ ଭାଇ ଅଭିଷେକ ହାଇଦ୍ରାବାଦର ନରସିଂହ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ତୁରନ୍ତ ଅବିନାଶଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକ ଦାବି କରିଛନ୍ତି। ବୃଦ୍ଧ ମା'ବାପା ପୁଅକୁ ହରାଇ ଘର ଦୁଆରେ ବସିଥିବା ବେଳେ ଅବିନାଶଙ୍କ ସ୍ତ୍ରୀ ଅହଲ୍ୟା ୩ ମାସର କୁନିଶିଶୁକୁ କୋଳରେ ଧରି କାନ୍ଦୁଛନ୍ତି।


ମୃତ ଯୁବକ ଅବିନାଶ ପରିଡ଼ା।

ଆଳି ଥାନା ଅନ୍ତର୍ଗତ ସଂସିଧା ଠାକୁରପାଟଣା ଗ୍ରାମର ସର୍ବେଶ୍ୱର ପରିଡାଙ୍କ ବଡ଼ପୁଅ ଅବିନାଶ ଓ ସାନପୁଅ ଅଭିଷେକ ଦୁହେଁ ହାଇଦ୍ରାବାଦର କୋକପେଟ ଗୋଶାଳା ଲେବର କଲୋନୀରେ ରହି ପାଣି ପାଇପ୍ ଠିକାଦାର ଭାବେ କାମ କରୁଥିଲେ। ଅଭିଷେକ କିଛି କାର୍ଯ୍ୟରେ ବିଶାଖାପାଟଣା ଯାଇଥିଲେ। ୧୪ ତାରିଖ ମକରସଂକ୍ରାନ୍ତିରେ ଅବିନାଶ ଗାନ୍ଧୀପେଟଠାରେ ହେଉଥିବା ଅଲେଖ ମେଳା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ସେ ଘରକୁ ଫେରୁଥିଲେ। ଘରକୁ ଫେରିବା ବେଳେ ରାସ୍ତାରେ ୩ ଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ନିକଟରୁ ମୋବାଇଲ, ଟଙ୍କା ସବୁକିଛି ଛଡାଇ ନେବା ପରେ ମାରିଦେବାକୁ ଧମକ ଦେଇଥିଲେ। ଅବିନାଶ ସେମାନଙ୍କ ନିକଟରୁ ଦୌଡ଼ି ରାସ୍ତାରେ ଯାଉଥିବା ଏକ କାର ଚାଳକଙ୍କୁ ସାହାଯ୍ୟ ମାଗିଥିଲେ ମଧ୍ୟ କାର ଚାଳକ ପଳାଇ ଯାଇଥିଲେ। ଅବିନାଶ ରହୁଥିବା କୋକପେଟ ଗୋଶାଳ ଲେବର କଲୋନୀକୁ ଯାଇଥିଲେ। କିନ୍ତୁ କିଛି ସମୟ ମଧ୍ୟରେ କଲୋନୀ ପରିସରର ଏକ ସ୍ଥାନରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

# ପୂର୍ବତନ ସହକାରୀ ବନ ସଂରକ୍ଷକଙ୍କୁ ୩ବର୍ଷ ଜେଲଦଣ୍ଡ

## ୨୯ବର୍ଷ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ

ଭୁବନେଶ୍ୱର/ ପୁରୀ, ୧୬।୧ (ସତ୍ୟଜିତ ରାଉତ/ ଅଜିତ୍ କୁମାର ମହାନ୍ତି)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟ(ଡିଏଫ୍‌ଓ)ର ପୂର୍ବତନ ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୁରେଶ ଚନ୍ଦ୍ର ରଥ (ଅବସରପ୍ରାପ୍ତ) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୯ବର୍ଷ ପରେ ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ କରି ସୁରେଶଙ୍କୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ହିମାଂଶୁ ଶେଖର ମଲ୍ଲିକ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ପୁରୀରେ ସୁରେଶ ଏସିଏଫ୍ ଥିବା ସମୟରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ଆସିଥିଲା। ୧୯୯୬ ମେ' ୧ରେ ଭିଜିଲାନ୍ସ ପକ୍ଷରୁ ସୁରେଶଙ୍କ ଅଫିସ ଓ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଙ୍କର ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ କଟକ ଭିଜିଲାନ୍ସ ଥାନା ପକ୍ଷରୁ ମାମଲା (ନଂ.୨୩/୧୯୯୬) ରୁଜୁ କରାଯିବା ସହ ସୁରେଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ୪ବର୍ଷ ପରେ କୋର୍ଟରେ ଚାର୍ଜସିଟ୍ ଦାଖଲ ହେବା ପରେ ଶୁଣାଣି ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ। ଶୁଣାଣି ସମୟରେ ମାମଲା ସମ୍ପର୍କିତ ୧୩ଜଣ ଦେଇଥିବା ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ସରକାରୀ ଓକିଲ ଉପସ୍ଥାପନା କରିଥିବା ବେଳେ ଏହାକୁ ଆଧାର କରି କୋର୍ଟ ରାୟ ଶୁଣାଇଛନ୍ତି। ସୁରେଶ ମୋଟ୍ ୧୦ ଲକ୍ଷ ୩୭ ହଜାର ୫୪୦ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ ବୋଲି ପ୍ରମାଣିତ ହୋଇଥିଲା, ଯାହା ତାଙ୍କ ପ୍ରକୃତ ଆୟ ଠାରୁ ୮୦ ପ୍ରତିଶତ ଅଧିକ ଥିଲା। ତେବେ ଏହି ଦଣ୍ଡାଦେଶକୁ ଆଧାର କରି ସୁରେଶଙ୍କ ପେନସନ ରାଶି ବନ୍ଦ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିସ କରାଯାଇଛି।

# ଅଶ୍ଳୀଳ ନୃତ୍ୟ ଦେଖିବା ମହଙ୍ଗା ପଡ଼ିଲା, ବଦଳିଲେ ଫାଣ୍ଡି ଅଧିକାରୀ

## ଚନ୍ଦନଭାଟି ଅପେରା ଭିଡିଓ ଭାଇରାଲ ଘଟଣା

## ନିଶାଙ୍କ ବିରୋଧରେ ମାମଲା, ୨ ଆୟୋଜକଙ୍କୁ ଗିରଫ କରିଥିଲା ପୋଲିସ

ବଲାଙ୍ଗୀର, ୧୬।୧ (ବୀରେନ୍ଦ୍ର କୁମାର ଝାଙ୍କର)

ଅଶ୍ଳୀଳ ନୃତ୍ୟ ଦେଖିବା ବଲାଙ୍ଗୀର ଜିଲ୍ଲା ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପ୍ରଧାନଙ୍କୁ ମହଙ୍ଗା ପଡିଛି। ତାଙ୍କ ଭିଡିଓ ଭାଇରାଲ ହେବା ପରେ ବଲାଙ୍ଗୀର ଏସ୍‌ପି ତାଙ୍କୁ ତୁରନ୍ତ ଫାଣ୍ଡିରୁ ବଦଳି କରି ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମରେ ଆୟୋଜିତ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଅଭିଯୋଗରେ ଆଇଟମ ଗର୍ଲ ନିଶା ମହାରଣା, ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ୍ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ପୋଲିସ ଆୟୋଜକ କମିଟି ସଭାପତି ନାଗ ଏବଂ ସମ୍ପାଦକ ମେହେରଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରୁ ଏଦୁହେଁ ଜାମିନରେ ଆସିଛନ୍ତି। ନିଶାଙ୍କ ଅଶ୍ଳୀଳ ନୃତ୍ୟର ଭିଡିଓ ଭାଇରାଲ ପରେ ପୋଲିସ ନିଜ ପକ୍ଷରୁ ମାମଲା ରୁଜୁ କରିଥିଲା। ଫାଣ୍ଡି ଅଧିକାରୀ ପ୍ରଧାନ ବୁଧବାର ଏନେଇ ନିଜେ ଅଭିଯୋଗ କରିଥିଲେ। ମାତ୍ର ସେହି ଦିନ ଅପେରା ମଞ୍ଚରେ ନିଶା ଅଶ୍ଳୀଳ ନୃତ୍ୟ ପରିବେଷଣ କଲାବେଳେ ସେଠାରେ ସେ ଉପସ୍ଥିତ ଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହା ପରେ ଘଟଣାଟି ବିବାଦୀୟ ହୋଇପଡ଼ିଥିଲା। ଶୁକ୍ରବାର ଫାଣ୍ଡି ଅଧିକାରୀ ପ୍ରଧାନଙ୍କୁ ବଦଳି କରି ଦିଆଯାଇଛି।

# ଛାତ୍ରୀଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର, ୧୬।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଅଭିଯୁକ୍ତ ନିରଞ୍ଜନ ଶବର (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଦାୟ ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ, ପୋଲସରା ଥାନା ଅଞ୍ଚଳର ଜଣେ ନାବାଳିକା ମା' ବାପାଙ୍କୁ ହରାଇବା ପରେ ତାଙ୍କ ବଡ଼ବାପାଙ୍କ ଘରେ ରହି ୭ମ ଶ୍ରେଣୀରେ ପାଠ ପଢୁଥିଲେ। ୨୦୨୪ ଜୁନ ୧୫ରେ ସେ ପୋଖରୀକୁ ଯାଉଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ତାଙ୍କ ପାଟି ଚିପି ଏକ ନିର୍ଜନ ସ୍ଥାନକୁ ନେଇଯାଇ ବଳାତ୍କାର କରିଥିଲେ।

## ଧଉଳି ନାବାଳିକା ଗଣବଳାତ୍କାର ମାମଲା

# ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୧ (ସତ୍ୟଜିତ ରାଉତ)

ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଦୟାନଦୀ ନିକଟରେ ଗଣବଳାତ୍କାର ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତଙ୍କୁ ଧଉଳି ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ସାଗର ଜେନା। ସାଗରଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଜୋକର୍ ହାପି, ଅନ୍ୟତମ ଅଭିଯୁକ୍ତ ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତେବେ ସାଗର ଗିରଫ ହେବା ପରେ ଗିରଫଦାରି ସଂଖ୍ୟା ୪ରେ ପହଞ୍ଚିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଥିବା କହିଛି।

ସୂଚନାଯୋଗ୍ୟ, ଛାତ୍ରୀ ଜଣକ ଡିସେମ୍ବର ୧୦ରେ ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଏଭଳି ଅପରାଧର ଶିକାର ହୋଇଥିଲେ। ଦୟାନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟ ଏକ ଶୂନଶାନ୍ ସ୍ଥାନରେ ଅଭିଯୁକ୍ତମାନେ ନାବାଳିକା ଓ ସମ୍ପର୍କୀୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କଠାରୁ ଲୁଟ୍ କରିବା ସହ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ତାଙ୍କ ସାମ୍ନାରେ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା' ୧୧ ତାରିଖରେ ଧଉଳି ଥାନାରେ ଅଭିଯୋଗ କରିଥିଲେ।

## Business

# ଫର୍ନିଚର, ଇଣ୍ଟେରିୟର, ଲାଇଫଷ୍ଟାଇଲ ଏକ୍ସପୋ ଆରମ୍ଭ

ଭୁବନେଶ୍ୱର, ୧୬।୧ (ଅନୁରାଧା ମହାରଣା)

ବାଣିଜ୍ୟିକ ମହୋତ୍ସବ ୨ୟ ଫର୍ନିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ ଏକ୍ସପୋ-୨୦୨୬ ଶୁକ୍ରବାର ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ ଟାଉନ ଗ୍ରାଉଣ୍ଡଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ୧୧ ଦିନିଆ ମେଳା ରାଜଧାନୀବାସୀଙ୍କ ପାଇଁ ନୂତନ ବର୍ଷର ଏକ ପ୍ରମୁଖ ଆକର୍ଷଣ ସାଜିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୁଶ୍ରୁତ ହସ୍ପିଟାଲ ଅଧ୍ୟକ୍ଷା ଚିଦାତ୍ମିକା ଖଟୁଆ, ରୋଟାରି ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଏହ ଏକ୍ସପୋରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ବିଦେଶୀ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ମେଳାରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଜୀବନଶୈଳୀ ସାମଗ୍ରୀର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳୁଛି । ବିବାହ ଋତୁକୁ ଦୃଷ୍ଟିରେ ରଖି ବିଭିନ୍ନ ଉତ୍ପାଦ ଏଠାରେ ଉପଲବ୍ଧ ହେଉଥିବାବେଳେ ଇରାନୀ ଗାଲିଚା, କଶ୍ମୀରୀ ଫର୍ନିଚର ଏବଂ ଆଣ୍ଟିକ୍ କାରୁକାର୍ଯ୍ୟ ପିତ୍ତଳ ଜିନିଷ ମଧ୍ୟ ମିଳୁଛି। କୋରିଆନ୍ ଆକ୍ସେସରିଜ୍, ଦୁବାଇ ପୋଷାକ ଓ ଥାଇଲାଣ୍ଡ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଆଫଗାନିସ୍ତାନର ଶତାଧିକ ଡ୍ରାଏ ଫ୍ରୁଟସ୍ ଏବଂ ଚମ୍ପାରନ୍ ମଟନ ମଧ୍ୟ ଗ୍ରାହକ ଉପଭୋଗ କରୁଛନ୍ତି। ତେବେ ଏହି ପ୍ରଦର୍ଶନୀରେ 'ଜଳପରୀ' ମୁଖ୍ୟ ଆକର୍ଷଣ ରହିଛି। ପ୍ରଥମଥର ପାଇଁ ଆଗନ୍ତୁକ ଭୁବନେଶ୍ୱରରେ ଜଳପରୀ ଶୋ'ର ମଜା ନେଉଛନ୍ତ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା କହିଛନ୍ତି, ବିଶ୍ୱସ୍ତରୀୟ ବ୍ୟବସାୟୀ ଏବଂ ସ୍ଥାନୀୟ ଗ୍ରାହକଙ୍କ ମଧ୍ୟରେ ଏକ ଦୃଢ ସମ୍ପର୍କ ସ୍ଥାପନ କରିବା ଏହାର ଲକ୍ଷ୍ୟ। ଆଶା କରାଯାଉଛି , ଏହି ୧୧ ଦିନ ମଧ୍ୟରେ ୨ ଲକ୍ଷରୁ ଅଧିକ ଦର୍ଶକ ଏହି ଏକ୍ସପୋ ପରିଦର୍ଶନ କରିବେ ବୋଲି ସେ କହିଛନ୍ତି। ଜାନୁଆରୀ ୨୬ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବ। ସୂଚନା ଥାଉକି, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ବିଷୟରେ ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ପରିଚାଳିତ ଏହି ସଂସ୍ଥା ଦଶନ୍ଧିରୁ ଅଧିକ ସମୟ ଧରି ବୃତ୍ତିଗତ ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଭାବେ ପରିଚିତ।



# ପାତ୍ରପଡ଼ାରେ ଖୋଲିଲା ଗ୍ରେଟ୍ ଇଷ୍ଟର୍ନର ନୂଆ ଷ୍ଟୋର

ଭୁବନେଶ୍ୱର, ୧୬।୧ (ଅନୁରାଧା ମହାରଣା)

ଓଡ଼ିଶାରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ୯ମ ଷ୍ଟୋର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ପାତ୍ରପଡ଼ାରେ ଏହି ଷ୍ଟୋରର ଉଦଘାଟନୀ ଉତ୍ସବରେ ଗ୍ରେଟ୍ ଇଷ୍ଟର୍ନର ନିର୍ଦ୍ଦେଶକ ପୁଲକିତ ବୈଦ୍ୟ, ରାଜ୍ୟ ମୁଖ୍ୟ (ଓଡ଼ିଶା) ସ୍ୱାଧୀନ ଷଡ଼ଙ୍ଗୀ ଓ ଲଏଡ୍‌ର ଶାଖା ମୁଖ୍ୟ ଅନୁପମ ଶ୍ରୀବାସ୍ତବ ଏହି ଅବସରରେ ଉପସ୍ଥିତ ଥିଲେ। ହ୍ୱିର୍ଲପୁଲ, ବୋଶ୍, ଗୋଦ୍‌ରେଜ, ହାଭେଲସ୍ ଲଏଡ୍ ଏଲ୍‌ଜି, ସାମ୍‌ସଙ୍ଗ୍, ଭୋଲାଟାସ୍, ହାୟର ଓ ଡାଇକିନ୍ ଆଦି କମ୍ପାନୀର ଏଲ୍‌ଇଡି, ରେଫ୍ରିଜେରେଟର, ୱାଶିଂମେଶିନ, ଏସି, ମିକ୍ସର ଗ୍ରାଇଣ୍ଡର, ଓଭାନ, ୱାଟେର ପ୍ୟୁରିଫାୟାର ଆଦି ଉପଲବ୍ଧ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ସମସ୍ତ ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ରହିଛି। ଅନ୍ୟପଟେ ଜାନୁଆରୀ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଗ୍ରାହକ 'କଷ୍ଟ୍ ଟୁ କଷ୍ଟ୍' ଅଫର ଲାଭ ନେଇପାରିବେ ବୋଲି ପୁଲକିତ କହିଛନ୍ତି। ଗ୍ରାହକ ସେବାକୁ କମ୍ପାନୀ ସର୍ବଦା ପ୍ରାଥମିକତା ଦେଉଥିବାବେଳେ ବର୍ଦ୍ଧିତ ୱାରେଣ୍ଟି ସମୟସୀମା ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ମତ ଦେଇଛନ୍ତି। ୧୦୦ କିଲୋମିଟର ପରିଧି ମଧ୍ୟରେ ନିଃଶୁଳ୍କ ଡେଲିଭରି ସେବା ପ୍ରଦାନ କରାଯାଉଛି। ଭୁବନେଶ୍ୱରର ଏହା ତୃତୀୟ ଷ୍ଟୋର ହୋଇଥିବାବେଳେ ପୂର୍ବରୁ ବାପୁଜୀନଗର ଓ ଟଙ୍କପାଣି ରୋଡ୍‌ରେ ୨ଟି ଷ୍ଟୋର ରହିଥିବା ପୁଲକିତ ସୂଚନା ଦେଇଛନ୍ତି। ପଟିଆରେ ଥିବା ଅନ୍ୟ ଏକ ଷ୍ଟୋରକୁ ସ୍ଥାନାନ୍ତର କରାଯିବା ଯୋଜନା ରହିଛି, ଯାହାକି ସହରର ୪ର୍ଥ ଷ୍ଟୋର ହେବ।



# ସ୍ୱାସ୍ଥ୍ୟସେବାରେ ସ୍ମାର୍ଟ ଟେକ୍ନୋଲୋଜିକୁ ପତଞ୍ଜଳିର ଗୁରୁତ୍ୱ



ଭୁବନେଶ୍ୱର, ୧୬।୧ (ଅନୁରାଧା ମହାରଣା)

ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ରୁର୍କୀର ତତ୍ତ୍ୱାବଧାନରେ, ଆମେରିକୀୟ ସଂସ୍ଥାନଗୁଡ଼ିକର ସହଯୋଗରେ ହରିଦ୍ୱାରରେ ଗୁରୁବାର ୩ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କୁଳପତି ପ୍ରଫେସର ମୟଙ୍କ ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଡ. ଦେବ ଶର୍ମା କବୀର ଦୋହା ମାଧ୍ୟମରେ ସେବା ଓ ଲୋକକଲ୍ୟାଣ ଉପରେ ଜୋର ଦେଇ ଡିଜିଟାଲ ସ୍ୱାସ୍ଥ୍ୟ, ସାଇବର୍ ସୁରକ୍ଷା ଓ ଏଆଇ ସ୍ମାର୍ଟ ପ୍ରଣାଳୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଲକ୍ଷ୍ମୀଧର ବେହେରା ଏଆଇର ନୈତିକତା, ନବୀକରଣ ଓ ଭାରତୀୟ ଜ୍ଞାନ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଚାର୍ଯ୍ୟ ବାଲକ୍ରିଷ୍ଣା କୃଷି ଜୀବନରେ ସନାତନ ସିଦ୍ଧାନ୍ତ, ପ୍ରାକୃତିକ କୃଷି ଓ ପଞ୍ଚମହାଭୂତ ଉପରେ ଆଲୋଚନା କରିଥିଲେ। ସଚିନ ଚୌଧରୀ ରାଷ୍ଟ୍ରୀୟ ମାନକ ଓ ଗୁଣବତ୍ତା ଉପରେ ସୂଚନା ଦେଇଥିଲେ। ପ୍ରଫେସର କମଳକିଶୋର ପନ୍ତ ଟେଲିମେଡିସିନ, ଡିଜିଟାଲ ସ୍ୱାସ୍ଥ୍ୟ ଓ ଭାରତୀୟ ସଂସ୍କୃତିର ବୈଶ୍ୱିକ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଡ. ବେଦପ୍ରିୟା ଆର୍ଯ୍ୟା ଅନୁସନ୍ଧାନ ରୂପରେଖା ପ୍ରସ୍ତୁତକରି ଏଗ୍ରିଟେକ୍, ମୃତ୍ତିକା ପରୀକ୍ଷଣ ଓ ଏଆଇ ବ୍ୟବହାରକୁ ବ୍ୟାଖ୍ୟା କରିଥିଲେ। ଆତ୍ମନିର୍ଭର ଓ ବିକଶିତ ଭାରତର ସଂକଳ୍ପ ଦୋହରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶେଷଜ୍ଞ ଡ. ପ୍ରଶାନ୍ତ କଟିଆର, କନକ ସୋନି, ପ୍ରଫେସର ମୟଙ୍କ ଅଗ୍ରୱାଲ, ଡ. ସବିତା ପ୍ରମୁଖ ଯୋଗଦେଇଥିଲେ।

# ନୂତନ ଟାଟା ସିଆରାର ବଜାର ପ୍ରବେଶ

ବ୍ରହ୍ମପୁର, ୧୬।୧ (ଅଶୋକ କୁମାର ସାହୁ)

ଟାଟା ମୋଟର୍ସର ବ୍ରହ୍ମପୁର ଶୋ'ରୁମ୍ ଡିଅନ ଅଟୋମୋଟିଭ୍‌ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ନୂତନ ଟାଟା ସିଆରାର ବଜାର ପ୍ରବେଶ ହୋଇଛି। କମ୍ପାନୀର ସିଇଓ ସତ୍ୟମ୍ ପଟ୍ଟନାୟକ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଆଞ୍ଚଳିକ ପ୍ରବନ୍ଧକ ହରେକୃଷ୍ଣ ପଣ୍ଡା ଆନୁଷ୍ଠାନିକ ଭାବେ ଗାଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଆର୍‌ବିସି ମୁଖ୍ୟ ଅଶ୍ୱିନୀ ଗୌଡ, ଟାଟା ମୋଟର୍ସର ଆଞ୍ଚଳିକ ପ୍ରବନ୍ଧକ ଶୈଳେଶ ରାୟ, ହର୍ଷରାଜ ସିଂ ଏବଂ ଜସ୍‌ବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ସିଆରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଆରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ଉକ୍ତ ଗାଡ଼ିର ଲଞ୍ଚିଂ ପରେ ମାସକ ଭିତରେ ୭୦ ହଜାର ବୁକିଂ କମ୍ପାନୀ ପାଇଥିବା ବେଳେ ଏହାର ବିକ୍ରି ଲକ୍ଷ୍ୟ ୧ ଲକ୍ଷ ୨୫ ହଜାର ପାରହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମହମ୍ମଦ ସୋହେବ କହିଛନ୍ତି। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଆରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ଟଙ୍କା ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ଟଙ୍କା ରହିଛି। ହାରିଅରର ମୂଲ୍ୟ ପେଟ୍ରୋଲ ଭର୍ସନରେ ୧୨.୮୯ ହଜାରରୁ ୧୪ ଲକ୍ଷ ୬୯ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସଫାରିର ପେଟ୍ରୋଲ ଭର୍ସନ ମୂଲ୍ୟ ୧୩ ଲକ୍ଷ ୨୯ ହଜାରରୁ ୧୫ ଲକ୍ଷ ୧୫ ହଜାର ଟଙ୍କା ରହିଛି। ଟାଟା ନ୍ୟୁ ପଞ୍ଚର ପେଟ୍ରୋଲ ଭର୍ସନର ୫ ଲକ୍ଷ ୫୯ ହଜାରରୁ ୬ ଲକ୍ଷ ୩୫ ହଜାର ଟଙ୍କା ରହିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚ ଓ ନୂଆ ହାରିଅରକୁ ମଧ୍ୟ ଅତିଥିମାନେ ଅନବାବରଣ କରିଥିଲେ।




# ବରୁଣେଶ୍ୱର ମେଳାରେ ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୧ (ଅନୁରାଧା ମହାରଣା)

ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ଫ୍ରିଡମ ଷ୍ଟଲ୍ ଖୋଲିଛି। ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ରହିଛି। କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳଙ୍କ ନେତୃତ୍ୱରେ ଆୟୋଜିତ ଷ୍ଟଲକୁ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫ୍ରିଡମ ସନ୍‌ଫ୍ଲାୱାର ତେଲ ସାରା ଦେଶରେ ଖ୍ୟାତି ଅର୍ଜନ କରିଛି। ବରୁଣେଶ୍ୱର ମେଳାରେ ଖୋଲାଯାଇଥିବା ଫ୍ରିଡମ ଷ୍ଟଲ୍‌ରୁ ପରଖି ତେଲ ନିଅନ୍ତୁ ଏବଂ ବ୍ୟବହାର କରନ୍ତୁ ବୋଲି ଗ୍ରାହକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଖାଦ୍ୟ ଅଧିକାରୀ ରାକେଶ କୁମାର ସାହୁ, ଡିଏସ୍‌ପି ବାମଦେବ ନନ୍ଦ, ବିଶିଷ୍ଟ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାନକୀକାନ୍ତ ମହାନ୍ତି, ପ୍ରକାଶ କୁମାର ପାତ୍ର. ଭାଗ୍ୟ ରଞ୍ଜନ ସେଠୀ, ରଞ୍ଜିତ କୁମାର ପହି, ବସନ୍ତ କୁମାର ଘଡେଇ, ପ୍ରଦୀପ କୁମାର ଦେଓ, ସାଗର କୁମାର ସାହୁ, ପ୍ରକାଶ ମିଶ୍ର, ବିଜନ କୁମାର ଦାସ, ମହେନ୍ଦ୍ର ନାୟକ, ବଟକୃଷ୍ଣ ସାହୁ, ସ୍ମୃତିରଞ୍ଜନ ସାହୁ, ପ୍ରସନ୍ନ ପରିଡ଼ାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟନ ଅବସରରେ ଅତିଥି ବୃନ୍ଦ।

# ନିପା ଭାଇରସ୍‌କୁ ନେଇ ରାଜ୍ୟ ସରକାର ସତର୍କ ଅଛନ୍ତି: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୧୬।୧(ବନ୍ଦନା ସେଠୀ)

ପଶ୍ଚିମବଙ୍ଗରେ ୨ଜଣ ସ୍ୱାସ୍ଥ୍ୟକର୍ମୀଙ୍କଠାରେ ନିପା ଭାଇରସ୍ ଚିହ୍ନଟ ହେଲା ପରେ ପଡ଼ୋଶୀ ଓଡ଼ିଶାକୁ ଏହି ଭୂତାଣୁ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଛି। ହେଲେ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଶୁକ୍ରବାର ନିପା ଭାଇରସ୍ ସମ୍ପର୍କିତ ସ୍ଥିତି ଓ ପ୍ରତିରୋଧମୂଳକ ପ୍ରସ୍ତୁତିକୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ କୌଣସି ନିପା ଭାଇରସ୍‌ର ସନ୍ଦିଗ୍ଧ କେସ୍ ଚିହ୍ନଟ ହୋଇନାହିଁ। ରାଜ୍ୟ ସରକାର ଏଥିପାଇଁ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରୁଛନ୍ତି ଏବଂ ପରିସ୍ଥିତିକୁ ନିକଟରୁ ନିରୀକ୍ଷଣ କରାଯାଉଛି। ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ତେଣୁ ନିପା ଭାଇରସ୍‌କୁ ନେଇ ଆତଙ୍କିତ ନ ହୋଇ ସତର୍କ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିଭଳି ସମସ୍ତ ସୀମାବର୍ତ୍ତୀ ଜିଲାକୁ ସତର୍କ କରାଇବା, ସନ୍ଦେହଜନକ ମାମଲାର ତୁରନ୍ତ ସନ୍ଧାନ ଓ ରିପୋର୍ଟିଂ, ହସ୍ପିଟାଲରେ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା, ପିପିଇ କିଟ୍ ଏବଂ ଚିକିତ୍ସା ସାଧନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ରାଜ୍ୟରେ ବର୍ତ୍ତମାନ ନିପାର ସ୍ଥିତି, ସତର୍କତା ବ୍ୟବସ୍ଥା, ରୋଗ ନିରୀକ୍ଷଣ, ନମୁନା ପରୀକ୍ଷା, ଆଇସୋଲେଶନ ଓ ଚିକିତ୍ସା ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍., ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ଗୁରୁ, ମେଡିକାଲ ଶିକ୍ଷା ଏବଂ ପ୍ରଶିକ୍ଷଣର ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ଥିଲେ।



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ବିଭାଗୀୟ ଅଧିକାରୀମାନେ।

# ଆଇଆଇଏମ୍‌ସି ଢେଙ୍କାନାଳରେ ୨ ନୂଆ ପିଜି ପାଠ୍ୟକ୍ରମ

ଢେଙ୍କାନାଳ,୧୬।୧(ରତନ ନାୟାର)

ସାମ୍ବାଦିକତା ଓ ଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ସାରା ଦେଶରେ ଖ୍ୟାତି ରହିଥିବା ଆଇଆଇଏମ୍‌ସି ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂଆ ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି। ଏହି କ୍ରମରେ ଆଇଆଇଏମ୍‌ସି ଢେଙ୍କାନାଳ କ୍ୟାମ୍ପସ୍ ପାଇଁ ୨ ନୂଆ ବିଷୟରେ ପିଜି ପାଠ୍ୟକ୍ରମ ଖୋଲିଛି। ଅନୁମୋଦନ ମିଳିଥିବା 'କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ୍ ମ୍ୟାନେଜମେଣ୍ଟ' ଏବଂ 'ମିଡିଆ ଓ କମ୍ୟୁନିକେଶନ ଗଭର୍ନାନ୍ସ' ସ୍ନାତକୋତ୍ତର ବିଷୟରେ ଆସନ୍ତା ଶିକ୍ଷାବର୍ଷରୁ ନାମଲେଖା ହେବା ନେଇ ଆଇଆଇଏମ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଏ ନେଇ ଆଶାୟୀ ବିଦ୍ୟାର୍ଥୀମାନେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆୟୋଜିତ ହେଉଥିବା କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି-ପିଜି) ଜରିଆରେ ଆବେଦନ କରିପାରିବେ। ଆବେଦନ ଆରମ୍ଭ ହୋଇ ସାରିଥିବା ବେଳେ ଶେଷ ତାରିଖ ଜାନୁଆରୀ ୨୦ ରହିଛି।

ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି, ବର୍ତ୍ତମାନର ପରିବର୍ତ୍ତିତ ଆବଶ୍ୟକତା ଏବଂ ରୂପାନ୍ତରିତ ମିଡିଆ ତଥା ଯୋଗାଯୋଗ ପରିବେଶକୁ ଆଖି ଆଗରେ ରଖି ସମ୍ପୃକ୍ତ ୨ ପିଜି କୋର୍ସ ଖୋଲାଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ଉଚ୍ଚ ପ୍ରଭାବଶାଳୀ ବୃତ୍ତିଗତ କ୍ଷମତା ସହିତ ଦୃଢ଼ ଧାରଣାଗତ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ଛାତ୍ରୀଛାତ୍ରଙ୍କୁ ଗଣମାଧ୍ୟମ, ଯୋଗାଯୋଗ, ସାର୍ବଜନୀନ ନୀତି, ବ୍ରାଣ୍ଡିଂ ଏବଂ ଶାସନ ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିବା ନିମନ୍ତେ ପାରଙ୍ଗମ କରିବ। ମିଡିଆ ଓ କମ୍ୟୁନିକେଶନ ଗଭର୍ନାନ୍ସ ପିଜି କୋର୍ସରେ ସିୟୁଇଟି-ପିଜି ପ୍ରବେଶିକା ପାଇଁ ଗଣ ଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ରାଜନୀତି ବିଜ୍ଞାନ, ଲ' ଏବଂ ସାମାଜିକ ବିଜ୍ଞାନ ବିଭାଗର ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ସମାନଭାବେ 'କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ୍ ମ୍ୟାନେଜମେଣ୍ଟ' ପିଜି କୋର୍ସରେ ଗଣ ଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ବାଣିଜ୍ୟ ଏବଂ ଅନ୍ୟ ସାଧାରଣ ଷ୍ଟ୍ରିମ୍‌ର ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ। ଏଥିପାଇଁ ବିଦ୍ୟାର୍ଥୀମାନେ ଯୁକ୍ତ ୩ରେ ଅତିକମ୍‌ରେ ୫୫ ପ୍ରତିଶତ ମାର୍କ ରଖିଥିବା ଜରୁରୀ। ତେବେ ଆଇଆଇଏମ୍‌ସିର ଅନ୍ୟାନ୍ୟ ପିଜି ଓ ପିଜି ଡିପ୍ଲୋମା କୋର୍ସ ପାଇଁ ମଧ୍ୟ ଆଶାୟୀ ବିଦ୍ୟାର୍ଥୀମାନେ ଅନ୍‌ଲାଇନରେ ଏନ୍‌ଟିଏ ୱେବ୍‌ସାଇଟ୍‌କୁ ଯାଇ ସିୟୁଇଟି-୨୦୨୬ରେ ଆବେଦନ କରିପାରିବେ।

# ନେତାଜୀ ଜୟନ୍ତୀରେ ଯୋଗଦେବେ ଉପରାଷ୍ଟ୍ରପତି

## ନେତାଜୀ ଜୟନ୍ତୀ ପାଇଁ ପ୍ରାକ୍ ପ୍ରସ୍ତୁତି

- ଖୋଲିବ ଫିଲାଟେଲିକ୍ ଗ୍ୟାଲେରି
- ଜୟନ୍ତୀ ପୂର୍ବରୁ ସମୀକ୍ଷା କଲେ ଜିଲାପାଳ, ଡିସିପି

କଟକ,୧୬।୧(ଶିଳ୍ପା ପ୍ରିୟଦର୍ଶିନୀ)

ନେତାଜୀ ଜୟନ୍ତୀ ଅବସରରେ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟରେ ପାଳନ ହେବ ପରାକ୍ରମ ଦିବସ। ନେତାଜୀ ଜୟନ୍ତୀ ପାଇଁ ସମସ୍ତ କାର୍ଯ୍ୟ ଜୋରଦାର ଆରମ୍ଭ କରାଯାଇଛି। ନେତାଜୀ ସଂଗ୍ରହାଳୟରେ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ରଷିକେଶ ଦ୍ୟାନ୍‌ଦେଓ ଏବଂ ବିଭାଗୀୟ ଅଧିକାରୀମାନେ ଶୁକ୍ରବାର ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ। ଏଥିରେ ବିଭିନ୍ନ ଦିଗରୁ ଆଲୋଚନା କରାଯାଇଥିବା ନେଇ ସଂଗ୍ରହାଳୟର ତତ୍ତ୍ୱାବଧାରକ ଜଳନ୍ଧର ରାଏ ସୂଚନା ଦେଇଛନ୍ତି। ଚଳିତଥର ଜୟନ୍ତୀରେ ପ୍ରଥମ କରି ଖୋଲିବ ଆଉ ଏକ ଗ୍ୟାଲେରି। ଏହାକୁ ଫିଲାଟେଲିକ୍ ଗ୍ୟାଲେରି ଭାବେ ନାମିତ କରାଯିବ। ଏଥିସହ ନେତାଜୀ ଜୟନ୍ତୀରେ ଡାକଟିକଟ ଉନ୍ମୋଚନ କରାଯିବ। ଜୟନ୍ତୀରେ ଅତିଥି ଭାବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଓ ବିଭାଗୀୟ ମନ୍ତ୍ରୀ ଯୋଗଦେବେ। ଏହାସହ ଦେଶବ୍ୟାପୀ ପାଳନ କରାଯାଉଥିବା ପରାକ୍ରମ ଦିବସରେ କଟକ ସଂଗ୍ରହାଳୟରୁ ନେତାଜୀଙ୍କ ବ୍ୟବହୃତ ସାମଗ୍ରୀ ଆଣ୍ଡାମାନ (ପୋର୍ଟବ୍ଲେୟର)କୁ ପଠାଯାଇଛି।

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ସଂଗ୍ରହାଳୟରେ ୧୨ଟି ଗ୍ୟାଲେରି ରହିଥିବାବେଳେ ଏବେ ଆଉ ଏକ ଗ୍ୟାଲେରି ଖୋଲାଯାଇ ୧୩ ନଂ. ଗ୍ୟାଲେରିକୁ ବଢ଼ାଯିବ। ଡାକବିଭାଗ ପକ୍ଷରୁ ଏହି ଫିଲାଟେଲିକ୍‌ରେ ନେତାଜୀ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସମ୍ପର୍କିତ ଡାକଟିକେଟ ଶୋଭା ପାଇବ। ସେହିପରି ପୋର୍ଟବ୍ଲେୟରଠାରେ ପାଳନ ହେବାକୁ ଥିବା ପରାକ୍ରମ ଦିବସରେ ନେତାଜୀଙ୍କ ସମ୍ପର୍କିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯିବ। ଭାରତ ସରକାରଙ୍କ ସଂସ୍କୃତି ବିଭାଗର ମିଳିତକ୍ରମେ ନେତାଜୀଙ୍କ ସାମଗ୍ରୀ ପାଇଁ ଏକ ଚିଠି କରାଯାଇଥିଲା। ପରେ ଏକ ଟିମ୍ ସଂଗ୍ରହାଳୟ ପରିଦର୍ଶନ କରି ଚିଠି ଆଧାରରେ ନେତାଜୀଙ୍କ ଫାଉଣ୍ଟେନ ପେନ୍, ଜୋମେଟ୍ରିକ୍ ବାକ୍ସ, ହୋମିଓପାଥି ଔଷଧର ସେଟ୍ ଇତ୍ୟାଦି ନେଇଛନ୍ତି। ଏହା ୩ଦିନ ଧରି ଉକ୍ତ ସ୍ଥାନରେ ପ୍ରଦର୍ଶନ କରାଯିବା ପରେ ୨୮ ତାରିଖରେ ଏହି ସାମଗ୍ରୀ କଟକର ସଂଗ୍ରହାଳୟକୁ ଫେରିବ ବୋଲି ସୂଚନା ମିଳିଛି।


ଆମ ଶିମିଳିପାଳ ଆମ ଗର୍ବ | OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO- K. JASHIPUR, DIST-MAYURBHANJ, ODISHA-757091
Tel:-06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com

Office Letter No.212/ 1F (Account), Dated 13.01.2026

**RESULT OF TENDER CALLED VIDE BID IDENTIFICATION NO: 02/2025-26 OF DD-SNWLD JASHIPUR OF THE DEPUTY DIRECTOR, SIMILIPAL NORTH WL DIVISION, JASHIPUR**

**No.MM-505:** The following Bidders are selected as L1 & L2 bidder through tender process held on 12.01.2026 at 12.00 in the office chamber of the Deputy Director, Similipal North WL Division, Jashipur for Construction of Range Officer Quarter at Jashipur, Mayurbhanj under Similipal North WL Division, Jashipur during 2025-26.The detailed list of successful Bidder is given below.

| Sl. No. | Name of the Bidder | Name of Work | Percentage/ amount offered by the bidders | Remarks |
|---|---|---|---|---|
| 01 | DEBASISH KUMAR SAHOO | Construction of Range Officer Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-1 Bidder (Selected through transparency lottery system) |
| 02 | INDRAJEET MOHANTA | Construction of Range Officer Quarter at Jashipur, Mayurbhanj under Similipal North WL Division, Jashipur during 2025-26 | 14.99% | L-2 Bidder (Selected through transparency lottery system) |

OIPR- **Sd./-Deputy Director, Similipal (North) WL Division, Jashipur**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, RAIRANGPUR (MAYURBHANJ)**
E-mail ID : eerwrairangpur@yahoo.com
Letter No. // Date :

**"e" Procurement Notice for Road Works**
**No.O-2045** **Bid Identification No.- RWDRRP-23/2025-26**

1. Name of the work : Periodical maintenance of road for the year 2025-26, 2. Estimated Cost : From Rs.69.78 to 73.37 lakhs (Approximately), 3. Class of Contractor : As per annexure, 4. Period of Completion : As per annexture, 5. Tender Paper Cost : As per Annexure, The details are as follows :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E, R.W Division, Rairangpur | RWDRRP-23/2025-26 | 19.01.2026 at 11.00 A.M. | 27.01.2026 upto 5.00 P.M. | 24.01.2026 upto 5.00 P.M. | 28.01.2026 at 11.30 A.M. | Intimated later |

Further details can be seen from the Website www.tendersodisha.gov.in
**Sd./- Er.S.Naik**
OIPR- **Executive Engineer, R.W.Division, Rairangpur**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 357 / P.S.C., Dt. 16.01.2026**
**1E-11-2025/26 (DR-III)**
**Recruitment to the post of Post Graduate Teacher in Discipline - Commerce (Advertisement No.25 of 2023-24)**

**No.D-302** : In continuation to this Office Notice No. 8683/PSC, dtd. 17.12.2025, it is for information of all "shortlisted candidates" that the **Document Verification and Interview/ Personality Test** for recruitment to the post of **Post Graduate Teacher** in **Commerce Discipline**, pursuant to Advertisement No. 25 of 2023-24 will be held from **05.02.2026 to 07.02.2026** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 05.02.2026 | 08.30 A.M. | 10.30 A.M. | 101169, 101207, 101220, 101317, 101355, 101361, 101370, 101399, 190017, 200428, 200449, 200461, 200468, 200487, 200539, 200543, 200546, 200553, 200593, 200600, 200667, 200696, 301319, 301329, 301338, 301403, 301422, 301449, 301462, 301488, 301502, 301542 & 301545 = **33 Candidates** |
| | 12.30 P.M. | 02.30 P.M. | 301578, 301617, 301620, 301638, 301639, 301646, 301652, 301672, 301675, 301682, 301699, 301718, 301746, 301749, 301787, 301795, 301846, 301859, 301870, 301917 & 301924 = **21 Candidates** |
| 06.02.2026 | 08.30 A.M. | 10.30 A.M. | 301925, 301939, 301952, 301970, 301992, 301996, 302043, 302054, 302099, 302149, 302160, 302161; 302172, 302179, 302192, 302196, 302210, 302271, 302284, 302286, 302316, 302323, 302333, 302339, 302357, 302400, 302444, 302519, 302529, 302538, 400423, 400424 & 400436 = **33 Candidates** |
| | 12.30 P.M. | 02.30 P.M. | 400445, 400446, 400464, 400481, 400489, 400499, 400505, 400509, 400510, 400535, 400547, 400580, 400591, 400622, 400656, 400677, 400690, 400694, 400768, 400797 & 400799 = **21 Candidates** |
| 07.02.2026 | 08.30 A.M. | 10.30 A.M. | 400806, 400846, 400866, 400869, 400874, 500655, 500662, 500668, 500691, 500709, 500726, 500738, 500768, 500783, 500822, 500827, 500856, 500867, 500882, 500931, 500938, 500975, 501003, 501016, 501052, 501075, 501115 & 501135 = **28 Candidates** |

**N.B. -** The candidates are advised to report at the office of the Commission **30 minutes** before the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**. *(Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)*
2. Four **(04)** "passport size photographs" (Unsigned & Unattested) which have been uploaded with 'application form'.
3. **Matriculation Certificate** in support of declaration of Age.
4. **Bachelors Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. Mark Sheets in support of all the Examinations (H.S.C, Graduation/+3 & Post Graduation) including fail marks, if any, issued by the concerned Board/Council/University.
7. Degree or Diploma Certificate in **Computer Application** in respect of Educational Qualification prescribed.
8. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form).
9. **Odia Test Pass** Certificate from the 'competent authority' wherever applicable.
10. Permanent Disability Certificate (indicating percentage of 'permanent disability' i.e. **40% and more**), wherever applicable.
11. Identity Card for **Sports persons** issued by the Director of Sports Odisha, wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any "civil post" after retirement from military service, wherever applicable
13. Any proof of identity.
14. Any other documents as per Para-9 of the Advertisement.
15. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
16. Candidate Information Form (CIF)/ Bio-data form duly filled in & affixed with "passport size photograph" (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-** **Sd./- Secretary**

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE NOTIFIED AREA COUNCIL, DASPALLA**
**Tender Call Notice**
E-mail : nacdaspalla@gmail.com
Letter No.66/Dt.08.01.2026
**Bid Identification No. NAC-Daspalla-(SAN)-2025-26**

**No.C-2110** : The Executive Officer, NAC, Daspalla, Dist - Nayagarh inviting percentage rate bid in **online mode** for the works as detailed in the table from eligible bidders for Sanitation Works.

| | | | |
|---|---|---|---|
| 1. | Nature of Work | : | Sanitation Work of Daspalla NAC |
| 2. | No. of Work | : | 1 No. |
| 3. | Tender Cost | : | To be remitted online through a process as mentioned in DTCN. |
| 4. | Available of Bid document in the website | : | From **Dt.12.01.2026 10.00 A.M.** to **Dt.21.01.2026 up to 5.00 P.M.** |
| 5. | Date and time of opening of Technical Bid | : | **Dt.22.01.2026 at 11.00 A.M.** till completion |
| 6. | Date & time of opening of Financial Bid | : | **Dt.30.01.2026 at 11.00 A.M.** |
| 7. | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

**Sd./- Executive Officer,**
OIPR- **Notified Area Council, Daspalla**

Government of Odisha **No. B-940**
"E" Procurement Notice
**OFFICE OF THE SUPERINTENDING ENGINEER RAYAGADA (R&B) DIVISION NO.II,**
E-mail ID: eepwd765017@gmail.com, Phone: (06856) 233066
Short Bid Identification No. RC (RANDB) RGD No. II 18/2025-2026 (Online Tender)
**No. 56** **Date: 05.01.2026**

1. Total No. of the Works : 1 No. Building Work (Double Cover System)
2. Approximate Estimated Cost: Rs.52.25 Lakhs
3. Period of Completion : 05 (Five) Calendar Months
4. Date & Time of availability of bid document in the portal : 11.00 Hrs. of Dated: 19.01.2026 to 17.00 Hrs. of dated 31.01.2026 for online bidding
5. Last date/time for receipt of: bids in the portal : Upto 17.00 Hrs. of dated 31.01.2026
6. Name and address of the Officer Inviting BID : Superintending Engineer, Rayagada (R&B) Division No. II
7. Date of opening of Technical Bid : At 11.00 hours on dated 02.02.2026
8. Further details can be seen from the e-Procurement portal: **www.tendersodisha.gov.in".**
9. Further Addendum/Corrigendum if any will be hoisted in the above website only.

**Sd./- Superintending Engineer**
OIPR- **Rayagada (R&B) Division No. II**

**Government of Odisha**
**Sports & Youth Services Department**
**Kalinga Stadium, Bhubaneswar-751012**
**Reference No: - PT1-SYS-SH-SH-0015-2015-1667/SYS Dated: 15.01.2026**
**Request for Proposal**

**No.TT-17** : Sports & Youth Services Department, Government of Odisha invites bids from leading agencies to the RfP for **"Procurement of Nike make Game specific shoes for Department of Sports and Youth Services, Government of Odisha (India) (PAC)."**
The details of the document are available at the below mentioned website.
Website : https://sports.odisha.gov.in/
https://tendersodisha.gov.in/
interested firms/ parties/ agencies are advised to study the RfP document carefully before submitting their bid.
**Important Dates and Information:**
**Date of Publication - 15.01.2026**
**Last date and time for sending Pre-bid queries - Date : 19.01.2026; Time: 04:00 PM**
**Pre-bid Meeting Date : 20.01.2026; Time: 12.00 PM**
**Bid Submission Starting Date - 23.01.2026; Time: 03.00 PM**
**Last date and time of submission of proposal - 06.02.2026; Time: 03:00 PM**
**Opening of the Technical Bid - 06.02.2026; Time: 04:00 PM**
**OIPR-** **Sd./- Director, Sports**

**Government of Odisha**
**Sports & Youth Services Department**
**Kalinga Stadium, Bhubaneswar-751012**
**Reference No: - PT1-SYS-SH-SH-0015-2015-1669/SYS Dated: 15.01.2026**
**Request for Proposal**

**No.TT-16** : Sports & Youth Services Department, Government of Odisha invites bids from leading agencies to the RfP for **"Procurement of ASICS make Game specific shoes for Department of Sports and Youth Services, Government of Odisha (India) (PAC)."**
The details of the documents are available at the below mentioned website.
Website : https://sports.odisha.gov.in/
https://tendersodisha.gov.in/
interested firms/ parties/ agencies are advised to study the RfP document carefully before submitting their bid.
**Important Dates and Information:**
**Date of Publication - 15.01.2026**
**Last date and time for sending Pre-bid queries - Date : 19.01.2026; Time: 04:00 PM**
**Pre-bid Meeting Date : 20.01.2026; Time: 03.00 PM**
**Bid Submission Starting Date - 23.01.2026; Time: 03.00 PM**
**Last date and time of submission of proposal - 06.02.2026; Time: 03:00 PM**
**Opening of the Technical Bid - 06.02.2026; Time: 04:30 PM**
**OIPR-** **Sd./- Director, Sports**

**GOVT. OF ODISHA, e-PROCUREMENT NOTICE**
**DEPARTMENT OF WATER RESOURCES**
**E-PROCUREMENT NOTICE**
**No.A-1280** E-mail : wrsec.or@od.gov.in
**E-PROCUREMENT NOTICE NO-02/2025-26**

1. The Additional Secretary to Government, Water Resources Department on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below.
2. Name of Work : Providing Manpower Services for Water Resources Department for the year 2025-26 & 2026-27
3. Estimated Cost (excluding EPF, ESI, Service Charges & GST) : Rs.30.92 Lakh (Approx.)
4. Paper Cost : Rs.6000.00
5. E.M.D. : Rs.30920.00
6. Class of Contractor : Human Resources Supply
7. Date & Time of availability of Bid Documents in the Portal : 17.01.2026 to 27.01.2026 upto 09.00 A.M.
8. Last Date & Time of Online Bidding : 27.01.2026 upto 09.00 A.M.
9. Date & Time of Opening of Online Bid : 27.01.2026 at 12.30 P.M.
10. The Bidders have to participate in ONLINE bidding only and required to send uploaded hard copy to this office after opening of bid. Further details can be seen from the website : https://tendersodisha.gov.in. Any addendum/corrigendum/cancellation of tender can also be seen in the said site.

**Sd./- Additional Secretary to Government,**
**Department of Water Resources.**
OIPR- **Rajiv Bhawan, Bhubaneswar**

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
**OFFICE OF THE SUPERINTENDING ENGINEER (AGRIL.), SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM**
No. 66 Date. 16.01.2026
**INVITATION FOR BIDS (IFB)**
**e-procurement notice**
**Bid identification number / Tender call notice no – SE (A) S/Z-06 of 2025-26**

**No.b-41** : The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works (including IE and PH works) under Southern Zone. The costs of the project are approximately 56 to 82 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **19.01.2026 at 11:00 hours to 03.02.2026 at 17:00 hours**. The bid will be opened on **05.02.2026 at 15:00 hours** and onwards in the O/o Superintending Engineer (Agril.), Southern Zone, Brahmapur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

**Sd./- Superintending Engineer (Agril.)**
OIPR- **Southern Zone, Brahampur**

ସମଗ୍ର ଶିକ୍ଷା Samagra Shiksha
**DISTRICT PROJECT OFFICE, SAMAGRA SHIKSHA, KALAHANDI, BHAWANIPATNA**
Near Jail Chowk, Bhawanipatna, Kalahandi, PIN-766001
Email - dpckalassa.opepa@od.gov.in, Phone No.-06670-295260
**Letter No.140** **Date : 15.01.2026**

**No.n-232** : Sealed tenders are invited from the reputed & credible printers/firms/agencies for Printing & supply of Question-cum-Blank answer sheet for Annual Examination class V & VIII and Summative Assessment II for class I to IV & VI, VII - 2025-26 for general students of all 13 Blocks and MLE question from Class I to III (for three Blocks) of Kalahandi District in two bid systems (Technical & Financial bid)

The detailed bid document is available in the website of Kalahandi i.e www.kalahandi.odisha.gov.in and www.osepa.odisha.gov.in Interested and eligible agency/firm may download BID Document from the above website and apply accordingly.

**By the order of Collector-cum-Chairperson**
**Sd./- DEO cum DPC**
OIPR- **Samagra Shiksha, Kalahandi**

**Bhubaneswar Municipal Corporation**
**Phone : 0674-2431253, Fax : 0674-2432895, E_mail : info@bmc.gov.in**
**No.2556/Date : 15.01.2026/**

**REQUEST FOR PROPOSAL FOR SELECTION OF AGENCY FOR OPERATION & MAINTENANCE OF MODERN ABATTOIR AT GADAKANA, BHUBANESWAR**

**No.C-2109** : Bhubaneswar Municipal Corporation (BMC) invites proposals from reputed Agencies Operation & Maintenance of Modern Abattoir at Gadakana, Bhubaneswar on as is where is basis. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in** from **11.00 AM of 17.01.2026 to 04.00 PM of 02.02.2026**. The last date of receipt of technical and financial bids is **02.02.2026** till **4.00 PM** and the same would be opened on **02.02.2026** at **5.00 P.M. The Pre-bid meeting** is scheduled on **22.01.2026** at **04.00 P.M.** in the Conference Hall at BMC Office. Further details can be seen from the BMC Website. Any addendum/corrigendum/cancellation of tender can also be seen in the said website.

BMC reserves the right to cancel this invitation and / or invite fresh Bid / RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- Deputy Commissioner (Market)**
OIPR- **Bhubaneswar Municipal Corporation**

GOVERNMENT OF ODISHA **No. A-1276**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**RENGALI HEAD WORKS CIRCLE, SAMAL**
At/P.O.: Samal Barrage, Dist.: Angul, Odisha, PIN - 759037, Email ID: seicsamal19@gmail.com
**e-PROCUREMENT NOTICE No. ACE-RHWC-03/2025-26 (Online)**
**NOTICE INVITING TENDER**

| | | |
|---|---|---|
| 1 | Name of Work | "Road Works (Canal Service Road)" |
| 2 | Total No. of Package | 03 (Three) Nos. of Work |
| 3 | Tender Cost of Packages | Approximately Rs.121.97 Lakhs to Rs.248.82 Lakhs |
| 4 | Cost of Bid Document | Rs.10,000.00 (Online Payments) |
| 5 | Bid Security | Rs.1,22,000/- to Rs.2,48,900/- |
| 6 | Class of Contractor | A & B Class (Work list attached in the Bid documents) |
| 7 | Period of Completion | 04 (Four) Calendar Months |
| 8 | Other details are as follows: | |

| Procurement Officer | Availability of tender online for bidding | | Date of Opening of Technical Bid |
|---|---|---|---|
| | From | To | |
| Additional Chief Engineer, Rengali Head Works Circle, Samal | 18.01.2026 at 10.00 A.M. | 03.02.2026 upto 5.30 P.M. | 04.02.2026 at 11.30 A.M. |

9. email Id: **seicsamal19@gmail.com**
10. Further detail conditions can be seen from the Government website **www.tendersodisha.gov.in**.
11. Any Corrigendum/Addendum/Cancellation of tender to the above notice if any can be seen from the above website.

**Sd./- Additional Chief Engineer**
OIPR- **Rengali Head Works Circle, Samal**

**OFFICE OF THE COLLECTOR AND DISTRICT MAGISTRATE, KEONJHAR**
**(GENERAL & MISCELLANEOUS SECTION)**
**e-mail: censuskeonjhar2027@gmail.com**
**No.163/Census** **Dated 16.01.2026**
**SHORT NOTICE INVITING TENDER**

**No.v**-Sealed Quotations in enclosed format are being invited from the intending Registered Proprietors/ Agencies **for supply of Technical Assistants & Multi-Tasking Staff for 18 months** for the ensuing Census Operation-2027. The details of information and documents to be furnished are given in the following manner.

**Schedule of Events**

| Sl.No. | Activity | Date & Time |
|---|---|---|
| 1 | Publication of tender | 16.01.2026 |
| 2 | Last Date for receipt of bids | 27.01.2026 by 5 PM |
| 3 | Opening of Technical Bids | 28.01.2026 at 11.00 AM |
| 4 | Notification of qualified bidders based on General bid evaluation | 28.01.2026 at 11.00 AM |
| 5 | Opening of Financial bid | 28.01.2026 at 4.00 PM |

Interested bidders may download the tender documents from the Kendujhar district portal i.e. "www.kendujhar.nic.in" and submit the duly filled bid alongwith an EMD of Rs.10,000/- (Demand Draft in favour of Collector & Principal Census Officer, Keonjhar). Bids must be sent only by Speed Post or Registered Post to the above address.
The last date for submission is 27.01.2026 upto 5.00 PM. Late or improperly submitted tenders will not be accepted.

**Sd./- Collector & Principal**
OIPR- **Census Officer, Keonjhar**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ୧୬ଶ ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ-୨୦୨୬ ଶୁକ୍ରବାର ଆରମ୍ଭ ହୋଇଛି। ସର୍ବଭାରତୀୟ ଚେସ୍ ଫେଡେରେଶନ୍‌ର ତତ୍ତ୍ୱାବଧାନରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ୨୦ଟି ଦେଶର ମୋଟ ୧,୦୫୩ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଖେଳାଳିମାନେ ଏ, ବି, ସି ଏବଂ 'ଡି' ଭଳି ୪ଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୫ଥର ରାଜ୍ୟଗୋଷ୍ଠୀ ଚାମ୍ପିୟନ୍ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଏହି ପ୍ରତିଯୋଗିତାରେ ଶୀର୍ଷ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୦ ଗ୍ରାଣ୍ଡମାଷ୍ଟର୍ ଓ ୧୯ ଅନ୍ତର୍ଜାତୀୟ ମାଷ୍ଟର୍ ଯୋଗଦେଇଛନ୍ତି। ପ୍ରତିଯୋଗିତା ଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଚେସ୍ ପ୍ରଶାସକ ତଥା ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଏବଂ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶା ସମ୍ପାଦକ ଏବଂ ଟୁର୍ନାମେଣ୍ଟ କମିଟି ସଦସ୍ୟ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଭୁବନେଶ୍ୱର ନୀଳାଦ୍ରିର ସଭାପତି ତଥା ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର କୋଷାଧ୍ୟକ୍ଷ ସୁଜିତ କୁମାର ରାଉତ, ସର୍ବଭାରତୀୟ ଚେସ୍ ଆସୋସିଏଶନ୍‌ର କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଏବଂ ଟୁର୍ନାମେଣ୍ଟ ଲୋକସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ


ପ୍ରସ୍ତୁତି ବୈଠକ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ସ୍ଥାନୀୟ ସିଟି କ୍ଲବ ଏବଂ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏବଂ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେଶନ ଟ୍ରଷ୍ଟ ସହଯୋଗରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଦେବେନ୍ଦ୍ର ସ୍ମାରକୀ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ବ୍ୟତୀତ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ନିରଞ୍ଜନ ମିଶ୍ର, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ, ଭାଗ୍ୟଧର ଜଗଦ୍ଦେବ, ଅରୁଣ ବିଶ୍ୱାଳ, ମହିନ୍ଦ୍ରନାଥ ନାୟକ, ବନୋଜ କୁମାର ପ୍ରଧାନ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ସହିଦ ଜବାର, କ୍ରିଷ୍ଣା ଗ୍ରୁପ୍ ଅଧ୍ୟକ୍ଷ ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ନାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା।

# ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍ ଆରମ୍ଭ

**ବଲାଙ୍ଗୀର, ୧୬।୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

## ନବନିର୍ମିତ ଲନ୍‌ବଲ କୋର୍ଟ ଉଦ୍‌ଘାଟିତ

ବଲାଙ୍ଗୀର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ନବନିର୍ମିତ ଲନ୍‌ବଲ୍ କୋର୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହାକୁ ଉଦ୍‌ଘାଟନକରି କହିଛନ୍ତି, ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରକୁ ବିଶେଷ ଭାବେ ଗୁରୁତ୍ୱ ଦେଉଛନ୍ତି। ପ୍ରତି ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଗୁରୁବାର ବଲାଙ୍ଗୀର ଜିଲାର ପାଟଣାଗଡ଼ ଏବଂ ଖପ୍ରାଖୋଲ ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ ପାଇଁ ଟଙ୍କା ଆସିଯାଇଛି ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ ସଭାରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, କୋଚ୍ ପରାଶର ବାଗ୍ ମଞ୍ଚାସୀନ ଥିଲେ। ଅଧ୍ୟାପକ ସନ୍ଦୀପ କୁମାର କୁଅଁର କାର୍ଯ୍ୟକ୍ରମ ପରିଚାଳନା ଓ ରାଜ୍ୟ ବୋଲିଂ ଆସୋସିଏଶନ୍ ସାଧାରଣ ସମ୍ପାଦକ ସୁମିତ୍ ରଞ୍ଜନ ପୁରୋହିତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା ଉପସ୍ଥିତ ଥିଲେ।

ଏହି ସଭା ପରେ ନବନିର୍ମିତ ଲନ୍‌ବଲ କୋର୍ଟରେ ତୃତୀୟ ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ। ଏହି ଚାମ୍ପିୟନଶିପ୍‌ରେ ୧୭ଟି ଜିଲାର ସିନିୟର ବର୍ଗ ଏବଂ ୨୫ ବର୍ଷରୁ କମ୍ ବୟସ ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ଲନ୍‌ବଲ ପ୍ରତିଯୋଗୀ ଯୋଗଦେଇଛନ୍ତି। କିଛିଦିନ ପୂର୍ବରୁ ଏହି ଲନ୍‌ବଲ କୋର୍ଟକୁ ଆନ୍ତର୍ଜାତିକ ସ୍ତରର ବୋଲି ଜାତୀୟ ଲନ୍‌ବଲ ସଂଘ ଗ୍ରୀନ୍ କମିଟି ଅଧ୍ୟକ୍ଷ ବିଶ୍ୱନାଥ ପାଇଙ୍କ ନେତୃତ୍ୱାଧୀନ ଟିମ୍ ମତଦେଇଥିଲେ।


ଲନ୍‌ବଲ୍ ଖେଳି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# କିଟ୍‌କୁ ନ୍ୟାଶନାଲ ର୍‌ୟାଙ୍କିଙ୍ଗ୍ ଆୱାର୍ଡ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍), ଭୁବନେଶ୍ୱରକୁ ନ୍ୟାଶନାଲ ର୍‌ୟାଙ୍କିଙ୍ଗ ଆୱାର୍ଡ (୨୦୨୬) ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଗୁରୁବାର ଅନୁଷ୍ଠିତ ଗ୍ଲୋବାଲ ସ୍ପୋର୍ଟ୍ସ ଏଜୁକେଶନ କନଭେଶନ (ଜି-ଏସଇସି) ୨୦୨୬ଠାରେ ସାମଗ୍ରିକ କ୍ରୀଡ଼ା ଭିତ୍ତିଭୂମି ପାଇଁ ଶ୍ରେଷ୍ଠ ଅନୁଷ୍ଠାନ ପାଇଁ କିଟ୍‌କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ସ୍ପୋର୍ଟ୍ସ ଆସୋସିଏଶନ ଆଣ୍ଡ ଅଡିଟ୍ ବୋର୍ଡ (ସାବ୍) ସହଯୋଗରେ କନ୍‌ଫେଡେରେଶନ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ରିକ୍ରିଏଶନ ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ନ୍ୟାଶନାଲ ର୍‌ୟାଙ୍କିଙ୍ଗ ଇନ୍ ସ୍ପୋର୍ଟ୍ସ ଆଣ୍ଡ୍ ଫିଜିକାଲ ଏଡୁକେଶନ ୨୦୨୬ର ଏକ ଅଂଶବିଶେଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜାତୀୟସ୍ତର ସମ୍ମିଳନୀ ପ୍ରତି ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟର ସମର୍ଥନ ରହିଛି। ଏହି କାର୍ଯ୍ୟକ୍ରମରେ ସାରା ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟ, ନୀତି ନିର୍ଦ୍ଧାରକ ଏବଂ କ୍ରୀଡ଼ା ପ୍ରଶାସକମାନେ ଅଂଶଗ୍ରହଣ କରିଥିଲେ। ର୍‌ୟାଙ୍କିଙ୍ଗ ଆୱାର୍ଡ ପାଇଁ କିଟ୍ ସମୁଦାୟ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛି।

# ଜାତୀୟ ପାରା ପାୱାର ଲିଫ୍ଟିଂ ଆରମ୍ଭ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ଉତ୍ତରାଖଣ୍ଡରେ ୨୩ତମ ସିନିୟର, ୧୮ତମ ଜୁନିୟର ଏବଂ ଦ୍ୱିତୀୟ ସବ୍‌ଜୁନିୟର ଜାତୀୟ ପାରା ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ୨୦୨୫-୨୬ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା(ପିଏସ୍‌ଏଓ) ତରଫରୁ ଘୋଷଣା କରାଯାଇଥିବା ୧୦ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିଛି।




D-3125


# ଭାରତ ଆଜି ବାଂଲାଦେଶକୁ ଭେଟିବ

**ବୁଲାୱେଓ, ୧୬।୧ (ପି.ଟି.)**

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ଶନିବାର ଏହାର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ୫ଥର ଚାମ୍ପିୟନ ଭାରତ ଗୁରୁବାର ବର୍ଷାବାଧାପ୍ରାପ୍ତ ମ୍ୟାଚ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୧୦୭ ରନ୍‌ରେ ପରାସ୍ତକରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଡାହାଣହାତୀ ପେସ୍ ବୋଲର ହେନିଲ ପଟେଲଙ୍କ ବଡ଼ ଅବଦାନ ରହିଥିଲା। ସେ ତାଙ୍କ ୭ ଓଭର ବୋଲିଂରେ ୧୬ ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଦଳ ୟୁଏସ୍‌ଏ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ ହେଁ ବାଂଲାଦେଶଠାରୁ ବଡ଼ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ। ଓପନିଂ ଯୋଡ଼ିରେ ମାହାତ୍ରେ ଓ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁନର୍ବାର ଦଳର ବ୍ୟାଟିଂ ନେତୃତ୍ୱ ନେବେ। ସେମାନଙ୍କ ସହ ଉପ-ଅଧିନାୟକ ବିହାନ ମାଲହୋତ୍ରା, ଅଲ୍‌ରାଉଣ୍ଡର ଆରୋନ ଜର୍ଜ ଓ ବେଦାନ୍ତ ତ୍ରିବେଦୀ ରହିଛନ୍ତି। ପେସ୍ ବାହିନୀ ସମ୍ଭାଳିବାକୁ ଡି. ଦୀପେଶ, ଆରଏସ୍ ଅମ୍ବ୍ରିଶ, ହେନିଲ ପଟେଲ, କିଶନ କୁମାର ସିଂ ଓ ଉଦ୍ଧବ ମୋହନଙ୍କ ଭଳି ଦକ୍ଷ ବୋଲର ମହଜୁଦ ଅଛନ୍ତି। ସେହିପରି ସ୍ପିନ୍ ବୋଲିଂ ଦାୟିତ୍ୱ ତୁଲାଇବା ଲାଗି କନିଷ୍କ ଚୌହାନ, ଖିଲାନ ପଟେଲ ଓ ମହମ୍ମଦ ଏନାନ ରହିଛନ୍ତି। ଟୁର୍ନାମେଣ୍ଟର ୧୬ଟି ସଂସ୍କରଣରେ ଭାରତ ୫ଥର ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ଇତିହାସରେ ଭାରତକୁ ସବୁଠାରୁ ପ୍ରଭାବଶାଳୀ ଦଳ ଭାବେ ବିବେଚନା କରାଯାଉଛି। ଗତ ଏକ ବର୍ଷ ମଧ୍ୟରେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରେ ଭାରତ ସିରିଜ ବିଜୟୀ ହୋଇଛି। ଗତ ୧୪ଟି ମ୍ୟାଚ୍ ମଧ୍ୟରେ ୟୁଏସ୍‌ଏ ବିପକ୍ଷରେ ଦଳର ଏହା ଥିଲା ୧୪ତମ ବିଜୟ। ଅନ୍ୟପକ୍ଷେ ବାଂଲାଦେଶ ଦଳ ପାଖରେ ଅଭିଜ୍ଞ ଅଧିନାୟକ ଅଜିଜୁଲ ହାକିମ ରହିଛନ୍ତି। ଜିମ୍ବାୱେ ଓ ନାମ୍ବିଆରେ ଖେଳାଯାଉଥିବା ଟୁର୍ନାମେଣ୍ଟରେ ସେ ତାଙ୍କ ଦଳକୁ କିପରି ପରିଚାଳନା କରୁଛନ୍ତି ତା' ଉପରେ ବାଂଲାଦେଶର ଫଳାଫଳ ନିର୍ଭର କରେ। ଅଜିଜୁଲ ଓ ତାଙ୍କ ଡେପୁଟି ଜାୱାଦ ଆବ୍ରାର ୨୦୨୪ ଟୁର୍ନାମେଣ୍ଟର ଗତ ସଂସ୍କରଣଠାରୁ ଏପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ସ୍ତରରେ ୧୦୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିପାରିଛନ୍ତି।

# ଆର୍‌ସିବିର କ୍ରମାଗତ ତୃତୀୟ ବିଜୟ

**ନଭି ମୁମ୍ବାଇ, ୧୬।୧ (ପି.ଟି.)**

ରାଧା ଯାଦବ ଓ ରିଚା ଶର୍ମାଙ୍କ ମଧ୍ୟରେ ଶତକୀୟ ଭାଗୀଦାରି ଏବଂ ଶ୍ରେୟଙ୍କା ପାଟିଲଙ୍କ ୫ ଉଇକେଟ ସଫଳତା ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏଠାରେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସକୁ ୩୨ ରନରେ ହରାଇ ଦେଇଛି। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି କ୍ରମାଗତ ୩ୟ ବିଜୟ। ଶୁକ୍ରବାର ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆରସିବିର ରାଧା (୪୭ ବଲ୍‌ରୁ ୬୬ରନ) ଓ ରିଚା (୨୮ ବଲ୍‌ରୁ ୪୪) ୫ମ ଉଇକେଟରେ ୧୦୫ ରନ ଯୋଗ କରିଥିଲେ। ଫଳରେ ଏକଦା ୬ଷ୍ଠ ଓଭରରେ ୪ ଉଇକେଟ ବିନିମୟରେ ୪୩ ରନ କରିଥିବା ଆରସିବି ୭ଉଇକେଟରେ ଚ୍ୟାଲେଞ୍ଜି ଦାୟକ ୧୮୨ ରନ କରିଥିଲା। ପରେ ଆରସିବି ବୋଲରମାନେ ଗୁଜରାଟ ଜାଏଣ୍ଟ୍ସକୁ ୧୮.୫ ଓଭରରେ ୧୫୦ ରନ ସ୍କୋରରେ ଅଲଆଉଟ କରିଦେଇଥିଲେ। ଅଫ୍-ସ୍ପିନର ପାଟିଲ (୫/୨୩) ଓ ଇଂଲଣ୍ଡ ପେସର ଲରେନ ବେଲ୍ (୩/୨୯) ବିପକ୍ଷ ଦଳର ବ୍ୟାଟିଂ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ।

# ଓଡ଼ିଶା ଦଳ ଚୟନ ୧୮ରେ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

## ସର୍ବଭାରତୀୟ ବେସାମରିକ ବ୍ୟାଡ୍‌ମିଣ୍ଟନ

ସର୍ବଭାରତୀୟ ବେସାମରିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ୨୦୨୫-୨୬ ଆସନ୍ତା ଫେବୃଆରୀ ୧୫ରୁ ୨୧ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟା ୧୮ ତାରିଖ ସକାଳ ୮ଟାରେ ୟୁନିଟ୍-୮ସ୍ଥିତ ପୁରାତନ କ୍ରୀଡ଼ା ବିଭାଗ ଇନ୍‌ଡୋର ହଲ୍, ନୟାପଲ୍ଲୀ, ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ ଥିବା ସରକାରୀ କର୍ମଚାରୀମାନେ ଭାଗନେଇପାରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସରକାରୀ କର୍ମଚାରୀମାନେ ନିଜ ସେବା ପୁସ୍ତିକାର ନକଲ, ବିଭାଗ/ଅଫିସ୍ ପରିଚୟପତ୍ର, ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଏକ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ', ନିଜର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ପରିଷଦର ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ ଜଣାଇଛନ୍ତି।


# Classified Everyday
0674-2580101, 9692975378


REAL ESTATE




**SALE**

Semi- Commercial Land for Sale at ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Wellness relax body massage & jointpain treatment by traind therapist. 7008773793.
D-3034

All types of physiotherapy and massage. Contact: 9556924059/ 7656969134.
D-3075

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1003, Dtd.- 07.07.25, I, Malia Bhukta, R/o. Village- Rengali, P.O.- Juramunda, P.S.- Baunsuni, Dist.- Boudh, Odisha, PIN- 762015 declare that I have changed the name of my son from NIMAIN CHARAN BHUKTA to NIMAI BHUKTA. Henceforth, he shall be known as NIMAI BHUKTA for all purposes.
Malia Bhukta
D-3123

By virtue of an affidavit sworn before the Executive Magistrate, Boudh, No. 56, Dtd.- 16.01.2026, I, Barsha Rani Bagha, D/o. Dhabaleswar Bagha, R/o. Village- Boudh Town (Podapada), P.O./P.S./ Dist.- Boudh, Odisha, PIN- 762014 declare that I have changed my name from BARSHARANI BAGHA to BARSHA RANI BAGHA. Henceforth, I shall be known as BARSHA RANI BAGHA for all purposes.
BARSHA RANI BAGHA
D-3124

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

**LEGAL NOTICE**

**ମାନ୍ୟବର ଅବିଭକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**
**ଓ.ଏସ୍.ଏସ୍. କେସ୍ ନମ୍ବର ୬୬୦/୨୦୨୩**

ସୌରୀ ଜେନା .......ବାଦୀ
ବନାମ
ତହସିଲଦାର ଜଟଣୀ ଓ ଓଗେର .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩- ଧର୍ମାନନ୍ଦ ମହାପାତ୍ର, ପ୍ରତିବାଦୀ ନଂ.୪- ପାଣ୍ଡବ ମହାପାତ୍ର, ଉଭୟଙ୍କ ପିତା- ୰ଆଦିକନ୍ଦ ମହାପାତ୍ର, ଉଭୟଙ୍କ ଠିକଣା- ସା: ଖୋଲାଦ୍ୱାର, ପୋ: ବଡ଼ତୋଟା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

**ନୋଟିସ୍ ସି.ପି.ସି. ଅର୍ଡ଼ର- ୫, ରୁଲ୍ ୨୦ ମତେ ମୁତାବକ**

ଉପରୋକ୍ତ ଓ.ଏସ୍.ଏସ୍. କେଶ୍ ବାଦୀ ସୌରୀ ଜେନା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିସନର ରିଭିଜନ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ ମୃତ ବୋଲି, ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ. ୪ଙ୍କ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା ୧୯।୦୧।୨୦୨୬ ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଥାନା ନଂ.- ୪, ମୌଜା: ବେଲପଡା, ସାବକ ଖାତା ନଂ. ୨୯, ପ୍ଲଟ୍ ନଂ. ୨୦, ଏରିଆ ଏ୧.୭୬୪ଡି. ସ୍ୱଧରୁ ଏରିଆ ଏ୦.୭୭୪ଡି., ୧୯୨୯- ୩୦ ପଟ୍ଟା ଅନୁସାରେ

୧୯୬୨ ଖତିଆନ ଅନୁସାରେ ସାବିକ ଖାତା ନଂ. ୬୩, ପ୍ଲଟ୍ ନଂ. ୨୦, ଏ୦.୯୯୧ ଡି. ସ୍ୱଧରୁ ଏରିଆ ଏ୦.୭୭୪ ଡି., ହା. ଖାତା ନଂ. ୬୪, ପ୍ଲଟ୍ ନଂ. ୪୨, ଏରିଆ ଏ୦.୨୨୫ ଡି. ସ୍ୱଧରୁ ଏ୦.୨୦୪ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ. ୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର, କୋର୍ଟ ନଂ. ୪, ଭୁବନେଶ୍ୱର
D-3124

# ସଦାନନ୍ଦର ଡାଇରି

ଏ ପିଲା କାହାର, ୟା'ର ମା'ବାପା କିଏ ସେ ନିଜେ ବି ଜାଣନ୍ତିନି! ଅନେକ ପ୍ରଶ୍ନର ପାହାଡ଼ ଉପରେ ଛିଡ଼ାହେଇ ରାଜେନ୍ଦ୍ର ଠାକୁର୍ ସେପଟ ରାସ୍ତାକଡ଼ରେ ପଡ଼ିଥିବା ଛୁଆକୁ ଦେଖୁଥିଲେ ଆଉ ଭାବୁଥିଲେ ଏ ଫୁଲସମ କଅଁଳ ଛୁଆକୁ ରାସ୍ତାରେ ଫୋପାଡ଼ିଥିବା ମା'ବାପା ମଣିଷ ନୁହନ୍ତି, ନରରୂପୀ ରାକ୍ଷସ। ମିଷ୍ଟର ଠାକୁର୍ ତାଙ୍କ ଆଙ୍ଗୁଠି ସନ୍ଧିରୁ ସିଗାରେଟ୍‌କୁ ଫୋପାଡ଼ି ଏକମୁହାଁ ହେଇ ଚାଲିଲେ ସେଇ ଛୁଆଟି ପାଖକୁ। ମିଷ୍ଟର ଠାକୁର୍ ହେଉଛନ୍ତି କୋଲ୍‌କାତାର ଜଣେ ବଡ଼ ଲୁଗା ବ୍ୟବସାୟୀ। କିନ୍ତୁ ଦେଖିବାକୁ କୌଣସି ପୋଲିସ ଅଫିସରଠାରୁ ମଧ୍ୟ କମ୍ ନୁହନ୍ତି। ବୟସ ପ୍ରାୟ ପଇଁତିରିଶ ଛୁଇଁବ। ମିଷ୍ଟର ଠାକୁର୍ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଯାଇ



## ଗଳ୍ପ
**ତେଜସ୍ୱିନୀ ପଣ୍ଡା**

ରାସ୍ତାକଡ଼ରୁ ପିଲାଟିକୁ କୋଳକୁ ଉଠାଇ ଆଣିଲେ। ପାଖାପାଖି ଦୁଇ ତିନି ମାସର ଶିଶୁପୁତ୍ର। ହସ ହସ ମୁହଁ। ଟଣାଟଣା ଆଖି। କାନ୍ଦିବା ବଦଳରେ ରାଜେନ୍ଦ୍ର ବାବୁଙ୍କ କୋଳକୁ ଆସି ଛୁଆଟି ହସିବାକୁ ଲାଗିଲା। ଏହା ଦେଖି ରାଜେନ୍ଦ୍ର ବାବୁ ତା' ନାଁ ରଖିଦେଲେ ସଦାନନ୍ଦ। ଆଣି ତ ଦେଲେ, ପିଲାଟିକୁ ରଖିବେ କୋଉଠି! ସେ ତ ନିଜେ ବାହାସାହା ହୋଇନାହାନ୍ତି। ଘର କହିଲେ ବୁଝାଏ ଲୁଗା ଗୋଦାମକୁ। ତଥାପି ଯତ୍ନର ସହିତ ଗୋଦାମଘରକୁ ଆଣି ପିଲାଟିକୁ ରଖିଲେ। ସଦାନନ୍ଦ ଧୀରେ ଧୀରେ ବଡ଼ ହେଲା। ପଢ଼ିଲା ବୟସ ହେଲା ବେଳକୁ ରାଜେନ୍ଦ୍ର ବାବୁ ସଦାନନ୍ଦକୁ କୋଲ୍‌କାତାର ଗୋଟେ ବଡ଼ ସ୍କୁଲରେ ନାଁ ଲେଖାଇଦେଲେ। ସଦାନନ୍ଦ ନାଁ ପୂର୍ବରୁ ତାଙ୍କର ଠାକୁର୍ ସାଙ୍ଗିଆ ଯୋଡ଼ିଦେଲେ। ପୁଅକୁ ଯୋଉଠୁ ବି ଆଣିଥାଏ, ଏବେ ତ ପୁଅ ମୋର ବୋଲି ଭାବୁଥିଲେ ରାଜେନ୍ଦ୍ର ଠାକୁର୍। ନିଜେ ମିଷ୍ଟର ଠାକୁର୍ ପୁଅକୁ ସ୍କୁଲରେ ନେଇ ଛାଡ଼ନ୍ତି ଓ ଆଣନ୍ତି। ବହୁତ ସ୍ନେହ ଆଦର ଯତ୍ନରେ ସଦାନନ୍ଦକୁ ଲାଳନପାଳନ କରି ସେ ବଡ଼ କଲେ।

ଦିନେ ସ୍କୁଲ ଆସିବା ବାଟରେ ସଦାନନ୍ଦ ଠାକୁର୍ ବାବୁଙ୍କୁ ପଚାରିଲା- ଡାଡି, ମୋର ସାଙ୍ଗମାନଙ୍କୁ ନେବାକୁ ସେମାନଙ୍କ ମଦର୍‌ମାନେ ଆସୁଛନ୍ତି। ମତେ ତ କେବେ ମୋର ମଦର୍ ସ୍କୁଲରୁ ନେବା ପାଇଁ ଆସନ୍ତିନି। ମୋର ମଦର୍ କିଏ ଡାଡି? ସେ ଦେଖିବାକୁ କେମିତି? ମୁଁ ତାଙ୍କ ଭଳି ଦେଖାଯାଏ ନା ତୁମ ଭଳି ଦିଶେ? ମୋର ଟିଚରମାନେ କହନ୍ତି ମୁଁ କାଳେ ତୁମ ଭଳି ଦେଖାଯାଏ। ପୂରା ତୁମ ଭଳି ରଙ୍ଗ, ତୁମ ଭଳି ଆଖି, ନାକ ଆଉ ହସ। ଡାଡି କୁହନା, ମୋର ମଦରଙ୍କ ନାଁ କ'ଣ?

ରାଜେନ୍ଦ୍ର ବାବୁ ପୁଅ କଥା ଶୁଣି ସାମାନ୍ୟ ଟିକେ ହସିଲେ। କହିଲେ- ମୋ' ପୁଅ ୟା' ଭିତରେ କେତେ ବଡ଼ ହେଇଗଲାଣି। ବାବା! ତୁ ବାଟରେ ଗଲାବେଳେ ଗୋଟେ ବଡ଼ ମନ୍ଦିର ପଡ଼େ ଦେଖିଥିବୁ, ତା' ଭିତରେ ତୋ' ମଦର ମାନେ ତୋ' ମାଆ ଅଛନ୍ତି। ତାଙ୍କ ନାଁ କାଳୀ। ସେ ସବୁବେଳେ ପରା ତୋ' ସାଙ୍ଗରେ ଅଛନ୍ତି। ତୁ ଦେଖିନୁ, ଯେତେବେଳେ ତତେ ଜ୍ୱର ହୁଏ, ମୁଁ କେମିତି ତାଙ୍କୁ ଡାକେ ମାଆ କାଳୀ ମୋ' ସଦାନନ୍ଦର ଦେହକୁ ଭଲ କରିଦିଅ। ଆଉ ତା'ପରେ ତୋ' ଜ୍ୱର ଆପେଆପେ ଭଲ ହେଇଯାଏ।

ବାପାଙ୍କ କଥା ଶୁଣି ସଦାନନ୍ଦ ପୁଣି ପ୍ରଶ୍ନ କଲା- ଡାଡୀ! ତାଙ୍କ ନାଁ କାଳୀ କାହିଁକି ଦିଆହୋଇଛି, ସେ କ'ଣ ଦେଖିବାକୁ କଳା?

ମିଷ୍ଟର ଠାକୁର୍ ଉତ୍ତରଦେଲେ- ନା ବାବା, କିଏ କହିଲା ସେ କଳା ବୋଲି; ସେ ତ ଖୁବ୍ ସୁନ୍ଦର ଦେଖିବାକୁ। ତାଙ୍କ ହୃଦୟ ଧଳା। ଯେମିତି ତାଙ୍କ ମନରେ ଆମମାନଙ୍କ ପ୍ରତି କୌଣସି ଘୃଣାଭାବ ନାହିଁ। ବାବା, ଯିଏ କଳା ସିଏ ଯେ ଭଲ ହେଇ ନ ଥିବ ସେମିତି କିଛି ନାହିଁ, ହୁଏତ ଦେଖିବାକୁ ଗୋରା ଲୋକମାନେ ଭଲ ହେଇ ନ ଥିବେ। ସେମାନେ ମଣିଷମାନଙ୍କୁ ଆଉ କୁନିକୁନି ପିଲାମାନଙ୍କୁ ଭଲପାଉ ନ ଥିବେ। ଅନ୍ୟକୁ ସାହାଯ୍ୟ କରୁ ନ ଥିବେ। ଯେମିତି ତୋ' ନାଁ ମୁଁ ସଦାନନ୍ଦ ଦେଇଛି ସେମିତି ତାଙ୍କ ବାପା ତାଙ୍କ ନାଁ କାଳୀ ଦେଇଥିବେ।

ସଦାନନ୍ଦ ବାପାଙ୍କ କଥା ଶୁଣି ମୁଣ୍ଡ ଟୁଙ୍ଗାରିଲା ଆଉ କହିଲା- ଡାଡି! ଦେଖ ଆମେ ବାଟସାରା କଥା ହେଇ ହେଇ ଆମ ଗୋଦାମ ପାଖରେ ପହଞ୍ଚିଗଲେଣି। ଏଇତ ଆମ ଗୋଦାମଘର।

ସମୟର ଚକ ବଡ଼ ସାବଧାନରେ ଘୂରି ଘୂରି ସଦାନନ୍ଦର କୈଶୋର ପାଖରେ ପହଞ୍ଚିଗଲା। ସ୍କୁଲ ଶିକ୍ଷା ସମାପ୍ତି ପରେ ପରେ ରାଜେନ୍ଦ୍ର ବାବୁ ପୁଅକୁ ନେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ନାଁ ଲେଖାଇଲେ। କହିଲେ ବାବା! ନିଜେ ବଙ୍ଗଳା କବି ରବୀନ୍ଦ୍ରନାଥ ଠାକୁର ଏଇ ବିଶ୍ୱବିଦ୍ୟାଳୟକୁ ଗଢ଼ିଛନ୍ତି। ଏହା ତ କୌଣସି କଲେଜ ଭଳି ଲାଗେନି, ଲାଗେ ଆଶ୍ରମ ଭଳି। ସବୁଆଡ଼େ ଶାନ୍ତ, ସରଳ ଓ ସତେଜ ପରିବେଶ। ସଦା ରବୀନ୍ଦ୍ର ସଙ୍ଗୀତର ମୂର୍ଚ୍ଛନା ଭାସି ଆସି ଛବିଳ ପ୍ରକୃତିର ଶୋଭାକୁ ଆହୁରି ମହିମାନ୍ୱିତ କରେ। ଏ ସ୍ଥାନକୁ ଅଧିକାଂଶ ଲୋକ ଶାନ୍ତିନିକେତନ କହନ୍ତି। ଏଇଠି ପ୍ରାୟ କଳାପ୍ରେମୀଙ୍କ ହୃଦୟରେ କବିର ବୀଜ ବିରାଟ ଦ୍ରୁମରେ ପରିଣତ ହୁଏ। କେତେ କେତେ ଜ୍ଞାନୀ ମନୀଷୀ ଏଇ ବିଶ୍ୱବିଦ୍ୟାଳୟର ଗାଥା ସମ୍ପର୍କରେ ସୁବକ୍ତବ୍ୟ ପ୍ରଦାନ କରନ୍ତି। ତୁ ଏଇଠି ରହି ମନଦେଇ ପାଠପଢ଼ିବୁ ବାବା। ମୁଁ ବେଳେବେଳେ ତତେ ଦେଖିବାକୁ ଆସିବି। ବ୍ୟସ୍ତ ହବୁନି କହି ଦୁଇ ଟୋପା ଲୁହ ଝରାଇ ଦେଲେ ମିଷ୍ଟର ଠାକୁର୍। ପୁଅକୁ କେବେ ଛାଡ଼ି ରହିନାହାନ୍ତି ସେ। ବାପା ପୁଅଙ୍କ ଯୋଡ଼ିକୁ ଦେଖିଲେ କେହି କହିବେନି ଯେ ସଦାନନ୍ଦ ତାଙ୍କ ନିଜ ରକ୍ତର ସନ୍ତାନ ନୁହେଁ ବୋଲି।

ସମୟର ଗତି ଏଣିକି କ୍ଷିପ୍ର ହେଲା। ଚାହୁଁ ଚାହୁଁ ବିଶ୍ୱଭାରତୀରୁ ସଦାନନ୍ଦ ବଙ୍ଗଳା ସାହିତ୍ୟରେ ଏମ୍.ଏ. ପାସ୍ କରି କୋଲ୍‌କାତାର ଗୋଟେ କଲେଜରେ ଅଧ୍ୟାପକ ରହିଲା। ସେଇ ବିଶ୍ୱଭାରତୀରେ ପଢ଼ିଲା ସମୟରୁ ହିଁ ତା'ର କବିପଣ ପ୍ରସ୍ଫୁଟିତ ହେଲା। ପରେ ସଦାନନ୍ଦ ଠାକୁର୍ ଆଜି ଜଣେ ଶ୍ରେଷ୍ଠ ମାନବବାଦୀ କବି। ଦେଶ-ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନିଜ ଲେଖନୀ ମୁନରେ କବିତାର ରୂପ ଦେଇ ସେ ଲେଖନ୍ତି ସମରଭୂମିର କାହାଣୀ। ଏସବୁ ଶୁଣି ରାଜେନ୍ଦ୍ର ବାବୁଙ୍କ ମନ ଆନନ୍ଦିତ। ପୁଅ ତାଙ୍କର ନାଁ ରଖିଛି। ବାପା ନ ହେଇକି ବି ବାପା ଭୂମିକାର ପାରିବାପଣ ଓ ଅବଦାନକୁ ତାଙ୍କ ଗୋଦାମର କର୍ମଚାରୀମାନେ ଆଜି ବାଃ ବାଃ କରୁଛନ୍ତି। ସଦାନନ୍ଦ ଆଜିଯାଏ ଜାଣିନି ଯେ ରାଜେନ୍ଦ୍ର ବାବୁ ତା'ର ପ୍ରକୃତ ବାପା ନୁହନ୍ତି। ତା'ର ମା'ବାପା କିଏ ମୁଁ ନିଜେ ବି ଜାଣିନି। କେତେଥର ସଦାନନ୍ଦକୁ ସବୁ ସତ କଥା କହିବେ କହିବେ ବୋଲି ଚିନ୍ତା କରିଛନ୍ତି, କିନ୍ତୁ ସେ କହିପାରି ନାହାନ୍ତି। ଆଜି ରବିବାର। ସଦାନନ୍ଦ ଆଜି କଲେଜ ଯିବନି। ମିଷ୍ଟର ଠାକୁର୍ ଭାବିଛନ୍ତି ପୁଅକୁ ଆଜି ରାତିରେ ବସି ସବୁ କଥା କହିବେ। ରାତି ଆଠଟା। ରାଜେନ୍ଦ୍ର ବାବୁ ସଦାନନ୍ଦ ପାଖକୁ ମନରେ ଭୟ ଓ ଆଶଙ୍କା ଭରି ଗଲେ। ପାଖକୁ ଯାଇ ଦେଖିଲେ ସଦାନନ୍ଦ କିଛି ଗୋଟେ ଲେଖୁଛି, କଲମର ବେଗ ବି ତୀବ୍ର ଅଛି। ଏବେ ଡାକିଦେଲେ ସେ କାଳେ ଅନ୍ୟମନସ୍କ ହେବ ଜାଣି ତା' ପାଖରେ ବସିଲେ, କିନ୍ତୁ କିଛି କହିଲେନି। ସଦାନନ୍ଦ କାଗଜ ଉପରୁ ମୁଣ୍ଡ ଉଠାଇ ଦେଖେ ତ ଡାଡି ତା' ପାଖରେ ବସିଛନ୍ତି। ସଦାନନ୍ଦ ସାଙ୍ଗେ ସାଙ୍ଗେ କହିଲା- ଡାଡି ତୁମେ ଏଠି, ଆସିଛ ଭଲ କରିଛ। ଦେଖିଲ ମୁଁ ଗୋଟେ କବିତା ଲେଖୁଥିଲି, ଭଲ ହେଇଛି କି ନାହିଁ, ତୁମକୁ ଭଲ ଲାଗୁଛି କି ନାହିଁ ଦେଖିଲ ଟିକେ। ମିଷ୍ଟର ଠାକୁର୍ ଡାଇରିଟିକୁ ହାତକୁ ନେଇ ଦେଖିଲେ କବିତାର ଶୀର୍ଷକ ରହିଛି 'ମାଆର ସଂଜ୍ଞା'। କବି ସଦାନନ୍ଦ ସେଦିନ ମାତୃମନସ୍କ ହେଇଯାଇଥିଲେ। କବିତାର ଶେଷଧାଡ଼ିରେ ଲେଖାଥିଲା- ମୋ' ମାଆ କିଏ? ଯିଏ ମନ୍ଦିରରେ ପ୍ରତିମା ରୂପରେ ପୂଜା ପାଏ ନା ଯିଏ ମତେ ତା' ଗର୍ଭରୁ ଜନ୍ମ ଦେଇଛି!

ମିଷ୍ଟର ରାଜେନ୍ଦ୍ର ଠାକୁରଙ୍କ ପିତୃତୁଲ୍ୟ ନୟନ ଏଇ ମୁହୂର୍ତ୍ତରେ ଦୁଃଖର କୋହ ଓ ପୁତ୍ରର ମୋହରେ ଓଦା ହେଇଆସୁଥିଲା।

ମୋ: ୯୬୯୨୩୬୧୪୦୪

## ପୁସ୍ତକ ପରିଚୟ

### ଶେଷ ସାକ୍ଷାତ




**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୧୧ଟି ଗଳ୍ପ ଆଲୋଚ୍ୟ ଗଳ୍ପସଂକଳନରେ ସ୍ଥାନିତ। ଗଳ୍ପଗୁଡ଼ିକ ହେଲା- ଗୋଟିଏ ଭଲଦିନ, ଅତିଥି, ଶେଷ ସାକ୍ଷାତ, ଚିନ୍ତକ, ଛଦ୍ମ ଜୀବନ, ମାୟାନ୍ଧକାର, ଦେହ ଓ କୋହ, ଧୋକା, ଛୋଟ ମଣିଷ, ମୁହୂର୍ତ୍ତେ ଜୀବନ ଓ ପୁଣ୍ୟ ପାପ। ବହିର ଚାରି ନମ୍ବର ଗପ 'ଚିନ୍ତକ'। ସରକାରୀ ଚାକିରି କରିଥିବା ଜଣେ ଲେଖକ, ଯିଏ ନିଜର ଲେଖକ ପରିଚୟରେ ଖୁସି ନ ହୋଇ ଖୁସି ହୁଅନ୍ତି 'ଚିନ୍ତକ' ପରିଚୟରେ। ସହିଦ ନଗର ଶୋରୁମ୍‌ରୁ 'ଚିନ୍ତକ' ଜଣକ କିଣିଥିବା ଦାମୀ ଉଡ୍‌ଲ୍ୟାଣ୍ଡ ବ୍ରାଣ୍ଡ୍‌ର ଜୋତାକୁ ମୂଷା କାଟି ଖିନ୍‌ଭିନ୍ କରିଦେବା ପରେ ସେ ଶୋ'ରୁମ୍‌କୁ ଯାଇ ତାହା ବଦଳ ବା ମରାମତି କରାଯାଇ ପାରିବ କି ନା ପଚାରିଛନ୍ତି ଓ ଉତ୍ତରରେ 'ନା' ପଦ ଶୁଣି ନିରୁପାୟ ହୋଇ ୯ ନମ୍ବର ଛକର ଏକ ଝଙ୍କା ଗଛତଳେ ବସି ଜୋତା ସିଲେଇ କରୁଥିବା ଅଶୀତିପର ବୃଦ୍ଧଙ୍କ ନିକଟକୁ ଯାଇଛନ୍ତି। ଚିନ୍ତକ ଭାବିଥିଲେ ତାଙ୍କ ଚାଟୁକାରଙ୍କ ଭଳି ବୁଢ଼ା ତାଙ୍କୁ ସମ୍ଭ୍ରମତାର ସହିତ ସମ୍ମାନ ଜଣାଇବ ଓ ସାଙ୍ଗେ ସାଙ୍ଗେ ଅନ୍ୟ କାମ ଛାଡ଼ି ତାଙ୍କ ଜୋତାକୁ ଆଗ ମରାମତି କରିଦେବ। କିନ୍ତୁ ସେପରି କିଛି ହେଲା ନାହିଁ। ବୁଢ଼ା ତା' କାମ ଓ କାମର ଗୁଣାଗୁଣ ପ୍ରତି ଥିଲା ସମର୍ପିତ। ଆତ୍ମପ୍ରଚାର ପାଇଁ ନ ଥିଲା ବ୍ୟଗ୍ରତା। ଦୁଇଦିନ ସମୟ ନେଇ ଜୋତାଟିକୁ ମରାମତି ପୂର୍ବକ ସେ ନୂଆ ପରି କରିଦେଲା। ଚିନ୍ତକଙ୍କ ଗର୍ବ କ୍ଷୀରୋଦ ଭାଙ୍ଗିଛନ୍ତି, ଜଣେ ସାମାନ୍ୟ ମୋଚିକୁ ଗଳ୍ପରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା କରାଇ। ବିଡ଼ମ୍ବନାର ବିଷୟ ଯେ, ଚିନ୍ତକଙ୍କ ଜୋତାକୁ ମରାମତି ପରେ ମୋଚି ଯେଉଁ ଖବରକାଗଜରେ ଗୁଡ଼ାଇଛି, ସେଇ କାଗଜଟିରେ ପ୍ରକାଶ ପାଇଥାଏ ଚିନ୍ତକଙ୍କ ଭାଷଣ ଓ ତାଙ୍କର ଫଟୋ। ଏଥିରେ ନିହିତ ବ୍ୟଙ୍ଗଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। କିଏ ପ୍ରକୃତରେ ଚିନ୍ତକ? ସ୍ୱାଭିମାନୀ ମୋଚି ବୁଢ଼ା ନା ଅହଂମନ୍ୟ ଚିନ୍ତକ ହରିହର? ବହିର ପ୍ରାୟ ଗଳ୍ପ ଜୀବନ ଓ ସମାଜ ପାଇଁ ଏକ ଏକ ସଫଳ ବାର୍ତ୍ତା ବହନ କରନ୍ତି, ଅଥଚ କଳା ସହ କେଉଁଠି ସାଲିସ୍ ନାହିଁ।

### ବିନ୍ଦୁ ସୀମା




**କବୟିତ୍ରୀ:** ଅସୀମା ସାହୁ ଓ ବିନ୍ଦୁ ନିବେଦିତା
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ଏ ଏକ ଭିନ୍ନ ଧରଣର କବିତାଗ୍ରନ୍ଥ। ଦୁଇ କବୟିତ୍ରୀଙ୍କ ଭାବ-ଭାବନାର ଏହା ଯୁଗଳବନ୍ଦୀ। ଗ୍ରନ୍ଥରେ ୫୦ଟି ଲେଖାଏଁ କବିତା ଅଛି ପ୍ରତ୍ୟେକଙ୍କର। ଅର୍ଥାତ୍ ମୋଟ ଶହେଟି କାବ୍ୟିକ ନିବେଦନ। 'ଫେସ୍‌ବୁକ୍'ରେ ଜଣଙ୍କର ଅନୁଭବରେ ପ୍ରତି-ଅନୁଭବ ବାଢ଼ି ବସୁବସୁ କବିତାଗୁଡ଼ିକ ପରିଣତିରେ ଗ୍ରନ୍ଥରୂପ ନେଇଛି। 'ଆମକଥା'ରେ ବିନ୍ଦୁ-ନିବେଦିତା ଲେଖିଛନ୍ତି: ''ଯେବେ ମୁଁ ଅସୀମାର କବିତା ପଢ଼େ, ଆପେଆପେ ତା' ମଧ୍ୟରେ ଏକ ଚରିତ୍ର ପାଲଟିଯାଏ ଏବଂ ପ୍ରତିକ୍ରିୟାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମୋ ହୃଦୟରୁ କିଛି ପଙ୍‌କ୍ତି ଝରିଆସେ, ହୁଏତ ସେପରି କିଛି ଅନୁଭବ ତାଙ୍କର ବି ଥିବ। ଏହି କବିତା ହିଁ ଆମ ବନ୍ଧୁତାର ବୁନିଆଦି ଅଟେ, ଯାହା ଆମ ଭିତରେ ଏକ ଭାବଗତ ସମ୍ପର୍କର ଡୋରି ବାନ୍ଧିଥିଲା। ଆମ ପ୍ରେମ ଓ ପ୍ରତ୍ୟୟକୁ ଏକ ନୂଆ ଉଡ଼ାଣ ଦେଇଥିଲା।'' 'ଚର୍ଚ୍ଚା ଭଲପାଏ' ଶୀର୍ଷକ କବିତାରେ ଅସୀମା ଲେଖନ୍ତି- ''ଚର୍ଚ୍ଚା ନାହିଁ ତ ଜୀବନ କ'ଣ? / ଜନ୍ମରୁ ମୃତ୍ୟୁଯାଏଁ / ଲୋଡ଼ା ମୋର ଚର୍ଚ୍ଚା ଆଉ ଚର୍ଚ୍ଚା।'' ଏହାର ଉତ୍ତରରେ ସହଅନୁଭବୀ ବିନ୍ଦୁ ଲେଖନ୍ତି- ''ଏମିତି ଚର୍ଚ୍ଚାରେ ଥାଅ ଗୋ ରାଣୀ/ ଚର୍ଚ୍ଚିତ ସାମ୍ରାଜ୍ଞୀଟେ ହୁଅ।'' ପ୍ରେମ ଓ ପ୍ରକୃତି ପ୍ରାୟ କବିତାରେ ଲହଡ଼ି ଭାଙ୍ଗନ୍ତି ଏବଂ ଉଭୟଙ୍କର ଅନୁଭବକୁ ପାଠିକାପାଠକଙ୍କ ଅନୁଭବ ସହ ଯୋଡ଼ିବସନ୍ତି। ଓଡ଼ିଆ କବିତାରେ ଏପରି ଦ୍ୱୈତସ୍ୱର କ୍ୱଚିତ୍ ଦେଖିବାକୁ ମିଳେ। ତେବେ ଦୁଇ କବୟିତ୍ରୀଙ୍କ ଭାଷା ପ୍ରୟୋଗ ଆହୁରି ପରିପକ୍ୱତାର ଅପେକ୍ଷା ରଖେ। ଶବ୍ଦର ନିର୍ଭୁଲ୍ ଉଲ୍ଲେଖ ପ୍ରତି ଉଭୟ ଲେଖିକା ଓ ସର୍ବୋପରି ପ୍ରକାଶକଙ୍କଠାରୁ ଅଧିକ ସତର୍କତା ଆଶା କରାଯାଏ।

## କବିତା

### ହେ ଈଶ୍ୱରୀ!
**ମନୋରଞ୍ଜନ ଦାଶ**

ତୁମ-ମୋ ସମ୍ପର୍କକୁ
ମୁଁ ମାପିନି କେବେ।
କେବଳ ହୃଦୟକୁ ଯୋଡ଼ିଚି ଯାହା...
ଫେଡ଼ାଣ ଓ ହରଣକୁ ଆଡ଼େଇ ଦେଇଚି।
ସମ୍ପର୍କ ତ ଅଦୃଆ ସୂତା...

ଜଞ୍ଜାଳର ଭୂଗୋଳକୁ ମାପିବାକୁ
ସମୟ ମୋ ନିଅଣ୍ଟ
ତଥାପି ସମ୍ପର୍କର ସ୍ୱଚ୍ଛତାକୁ ଆଦରି ନେଇ
ବୃଥା କଳଙ୍କକୁ ତୋଳିଚି ମଥାରେ...
ଦିନେ ମୁଁ ଆକାଶକୁ ଅନେଇ ଗୁଣୁଗୁଣଉ ଥାଏ
ଦୀର୍ଘଶ୍ୱାସ ନେଉଥାଏ, ଅଚାନକ ସେଇ
ମୁହୂର୍ତ୍ତରେ ତୁମ ସହ ଦେଖା...

ବାସ୍ ତା' ପରଠୁଁ ଜୀବନ ଦର୍ଶନ ବିଶ୍ଳେଷଣରେ
ତୁମର ଶ୍ରଦ୍ଧା ଓ ଆତ୍ମିକପଣ...
ଆଉ ମୋର ଚପଳପଣ।
ବାସ୍ ଏଇ ତ ସମ୍ପର୍କ...

ସେଦିନ ଯେମିତି ମୁଁ
ପୋଖରୀରେ ପହଁରୁଥିବାବେଳେ
ତୁମେ ତୁଠରେ ବସି ଅନେଇଥାଅ ମୋତେ
ମୁଁ ଗାଧୋଇସାରିଲା ପରେ ଲୁଣ ଟିକିଏ ଦେଇ
କହିଲ ମୋତେ- ଖାଇଦିଅ, ଥଣ୍ଡା ଧରିବ!
ହଁ, ସଂଘର୍ଷକୁ ସାମ୍ନା କରିବାକୁ
ସାହସ ଜୁଟେଇଥିଲ ତୁମେ
ପୁଣି କହିଥିଲ- ଜୀବନଟା ସଂଘର୍ଷରେ
ପୋଷଣ ପାଇଥାଏ!
ହେ ଦେବୀ! ଏ ସବୁକୁ
ମୁଁ ସାଇତିଛି ମୋ' ଛାତିରେ।

ମୋ: ୯୪୩୭୩୧୭୭୨୨

### ଚାଖଣ୍ଡେ ମାଟି
**ଶିବ ମିଶ୍ର**

ତମେ ସାରା ଆକାଶ ବାଣ୍ଟିକୁଣ୍ଟି ନେଇଯାଅ
ନେଇଯାଅ ସୂର୍ଯ୍ୟ ଚନ୍ଦ୍ର ତାରାର ଆଲୁଅ
ସେ ସବୁ ମୋର ଲୋଡ଼ା ନାହିଁ,
ଆଜି ଆସିଛି ମୁଁ, କାଲି ଫେରିଯିବା ପାଇଁ।
ମୁଁ ଗଲାପରେ ମୋ' ଛାଇ ରହିବ ଯେଉଁଠି
କେବଳ ସେଥିପାଇଁ ଦେଇଦିଅ ମୋତେ,
ଚାଖଣ୍ଡେକ ମାଟି।

ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮

### ବ୍ୟଙ୍ଗ କବିତା
### କୁକୁର ଦୌଡ଼
**ପ୍ରଶାନ୍ତ କୁମାର ସାହୁ**

କରିବାକୁ ଥରେ ମନ ବଳାଇଲା
କୁକୁର ପ୍ରତିଯୋଗିତା,
ଆସିଲେ ଭାଲୁଆ, ଶେରୁ, ଟାଇଗର,
ବିନ୍ଦାସ, ମିଞ୍ଜାସ, ମେଟା।

ରୟାଲ, ଗୁଗୁଲୁ କେତେ ଯେ ବିଦେଶୀ
ଦିଶୁଥିଲେ ଲମ୍ବା ମୋଟା,
ବଳିଷ୍ଠ ଦେହକୁ ତାଙ୍କ ଗରଜନେ
କମ୍ପୁଥିଲା ପଡ଼ିଆଟା।

ତାଙ୍କରି ଭିତରେ ଗାଉଁଲି କୁକୁର
ଟମି ନାମେ ଥିଲା ଏକ,
ପଞ୍ଜରା ତାହାର ଗଣି ହେଉଥିଲା
ସରୁ ଗୋଡ଼ ସରୁ ବେକ।

ହୁଇସିଲ୍ ମୁହେଁ ନିର୍ଣ୍ଣେତା ଧରିଲେ
କୁକୁର ଛୁଇଁଲେ ଗାର,
ଯେମିତି ବାଜିଲା ହୁଇସିଲ୍ ଗୋଟେ
ଦଉଡ଼ିଲେ ତରତର।

ଅଧା ବାଟ ଯାଇ ବିନ୍ଦାସ, ମିଞ୍ଜାସ,
ଶେରୁ, ମେଟା, ଟାଇଗର,
କଜିଆ କରିଲେ ପରସ୍ପର ମଧ୍ୟେ
ନ ଛାଡ଼ିଲେ ବାଟ କା'ର।

କାମୁଡ଼ାକାମୁଡ଼ି, ଗୋଡ଼ ଟଣାଟଣି
ଦଳା ଚକଟାରେ ମାତି,
କାହାର ଛିଡ଼ିଲା ମୁହଁ ଗୋଡ଼ ପିଠି
କାହାର ଛିଡ଼ିଲା ଛାତି।

ବିଚରା ଟମିଟା ଲାଞ୍ଜ ଜାକି ଧୀରେ
ଖସି ପଳାଇଲା ବେଗେ,
ଭୟରେ ହେଉକି ହେଉ ଚାଲାଖିରେ
ଛୁଇଁ ଦେଲା ସୀମା ଆଗେ।

ଦୌଡ଼ ଜିତି ଟମି ବିଜୟ ମୁକୁଟ
ପିନ୍ଧିଲା ଯେବେ ମୁଣ୍ଡରେ,
ଯେତେ ଥିଲେ ସବୁ ବିଦେଶୀ କୁକୁର
ଜଳିଲେ ଅନୁତାପରେ।

ମୋ: ୯୭୭୭୦୯୦୦୫୬

## କାଳକାଳକୁ



''ପ୍ରକୃତ ଲେଖକ ସେଇମାନେ,
ଯେଉଁମାନେ ଭାଷାକୁ
ଏକ ପ୍ରକ୍ରିୟା ଭାବେ ନ ଦେଖି
ଦେଖନ୍ତି ଜୀବନ୍ତ ସତ୍ତା ଭାବେ।''
-ଡେରେକ୍ ୱାଲ୍‌କଟ୍

**ଡେରେକ୍ ୱାଲ୍‌କଟ୍‌ଙ୍କ** ଜନ୍ମ ୨୩ ଜାନୁଆରୀ ୧୯୩୦ରେ ଓ ପରଲୋକ ୧୭ ମାର୍ଚ୍ଚ ୨୦୧୭ରେ ବ୍ରିଟିଶ୍ ସାମ୍ରାଜ୍ୟର ସେଣ୍ଟ ଲୁସିଆରେ। ସେ ଏକାଧାରରେ କବି, ନାଟ୍ୟକାର, ଶିକ୍ଷକ, ସମାଲୋଚକ ଓ ଖବରଜୀବୀ। ସାହିତ୍ୟରେ ଉତ୍ତର-ଉପନିବେଶବାଦର ଏହି ପ୍ରମୁଖ ପ୍ରବକ୍ତାଙ୍କର ପ୍ରଖ୍ୟାତ ଗ୍ରନ୍ଥମାନଙ୍କ ମଧ୍ୟରେ ରହିଛି- 'ଡ୍ରିମ୍‌ଅନ୍‌ମଙ୍କିମାଉଣ୍ଟେନ୍' (୧୯୬୭), 'ଓମେରସ୍' (୧୯୯୦) ଓ 'ହ୍ୱାଇଟ୍‌ଇଗ୍ରେଟ୍‌ସ' (୨୦୦୭)। ସାହିତ୍ୟକୁ କାଳଜୟୀ ଅବଦାନ ପାଇଁ ୧୯୯୨ରେ ସେ ନୋବେଲ ପୁରସ୍କାରରେ ସମ୍ମାନିତ। 'ହ୍ୱାଇଟ୍ ଇଗ୍ରେଟସ୍' ପୁସ୍ତକ ପାଇଁ ୨୦୧୦ରେ ତାଙ୍କୁ ମିଳେ ଟି.ଏସ୍. ଏଲିୟଟ୍ ପୁରସ୍କାର'। ୧୯୫୯ରେ ଗଠିତ 'ତ୍ରିନିନାଦ୍ ନାଟ୍ୟକର୍ମଶାଳା'ର ସେ ପ୍ରତିଷ୍ଠାତା। ସେ କହନ୍ତି: ''ପୃଥିବୀର ପ୍ରେମରେ ପଡ଼ିବା ହେଉଛି କବିତାର ଭାଗ୍ୟ।''

## ସୃଜନ-ଆଳାପ

# ଲୋକ ବୁଝିବା ଭାଷାରେ ମୁଁ ଗୀତ ଲେଖେ


ସରୋଜ ବିଶ୍ୱାଳ

**ପ୍ର:** ସାହିତ୍ୟର ବିଭିନ୍ନ ଅଙ୍ଗ ଯଥା- କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି କ୍ଷେତ୍ରରେ ଆପଣ ପାରଦର୍ଶିତା ଅର୍ଜନ କରିଥିଲେ ବି ଗୀତିକାର ହେବାକୁ ମନ ବଳାଇଲେ କାହିଁକି?

**ଉ:** ଏସବୁ ସାରସ୍ୱତ ଉପାଦାନ ଜନ୍ମରୁ ମୋ' ସହ ଥିଲା ଓ ସମୟାନୁସାରେ ତା'ର ପରିପ୍ରକାଶ ଘଟିଲା। କିନ୍ତୁ ମୋ' ଭିତରେ ଥିବା ଗୀତ ବା ଗୀତିକବିତା ମୋର ଅନ୍ୟ ସୃଷ୍ଟିଙ୍କ ଠାରୁ ଆଗେଇଗଲା ଓ ଜଣେ ଗୀତିକାର ଭାବେ ମତେ ପରିଚିତ କରାଇଲା।

**ପ୍ର:** ପ୍ରଥମ ଗୀତରୁ ଆପଣ ଜଣେ ସଫଳ ଗୀତିକାରର ଯଶ ଅର୍ଜନ କରିଛନ୍ତି। ଏ ବିଷୟରେ କିଛି କହିବେ କି?

**ଉ:** ଗୀତିକାର ଭାବେ ମୁଁ ସଫଳ କି ନୁହେଁ, ତାହା କହିପାରିବି ନାହିଁ। ଶ୍ରୋତା ହିଁ ଏହାର ନିର୍ଣ୍ଣାୟକ। ୨୦୦୮ରେ ମୋ ପ୍ରଥମ ଭଜନ ଆଲବମ 'ଆହେ ନୀଳ ଶଇଳ' ମୁକ୍ତିଲାଭ କରିଥିଲା। ଶୀର୍ଷକ ଗୀତ ସହ ଏ ସିଡୀ ପାଇଁ ବଛାଯାଇଥିବା ସମୁଦାୟ ଆଠଟିଯାକ ଗୀତ ମୁଁ ଲେଖିଥିଲି। ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲା ଗୀତଗୁଡ଼ିକୁ ସ୍ୱର ଦେଇଥିବାବେଳେ କୁମାର ବାପି, ଶୈଳଭାମା ମହାପାତ୍ର, ଶ୍ରୀଚରଣ ମହାନ୍ତି, ସସ୍ମିତା ମିଶ୍ର, ସୁଧାକର ମିଶ୍ର, ଧୀରଜ, ତପସ୍ୱିନୀ ପ୍ରମୁଖ କଣ୍ଠଦାନ କରିଥିଲେ।

**ପ୍ର:** ଲୋକପ୍ରିୟତା ଅର୍ଜନ କରିଥିବା ଆପଣଙ୍କ ଗୀତଗୁଡ଼ିକ କ'ଣ? ତହିଁରୁ କେଉଁଟି ଆପଣଙ୍କୁ ଅଧିକ ଆତ୍ମସନ୍ତୋଷ ଦେଇଛି?







**ଉ:** ମୁଁ ୧୨ ଶହରୁ ଉର୍ଦ୍ଧ୍ୱ ଗୀତ ଲେଖିଛି। ଏଥିରୁ ୩୯୨ଟି ଗୀତ ରେକର୍ଡ ହୋଇ ବାଜିଛି। ଆହେ ନୀଳ ଶଇଳ, ତୁ ରେଶମୀ ସୂତା ମୁଁ କାଗଜ ଗୁଡ଼ି, କହ ମୋ ରାଇଜରେ କ'ଣ ନାହିଁ, ତୁ ସରକାରୀ ଦଳ ଝିଅ ମୁଁ ବିରୋଧୀ ଦଳ ପୁଅ, କ୍ଷେତ୍ରବାସୀ କ୍ଷେତ ମୋର ଉଜାଡ଼ି ଦେଲୁ, ମାଟିର ଛାତିରେ ଫିଟିବ ବାଟ, ତୋ ଆଖି ବଡ଼ ବେଇମାନ, ଇନ୍ଦ୍ରଧନୁର ଛାଇ, ହେ ମଣିଷ, ତୋ ମୁହଁ ଦିଶେ ଖୋଲିଲେ ବହି, ବୋଧେ ଶୋଇନ ଆଖିତଳ କଳାପଡ଼ିଛି, ଛକ ଟୋକା, ଆ ଜହ୍ନମାମୁଁ, ରୁଟି ପରି ଦିଶେ ଜହ୍ନ, ଝିପିରି ଝାଏଁ ଇତ୍ୟାଦି ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ତେବେ ମୁଁ ଏଯାଏଁ କୌଣସି ଗୀତରେ ସମ୍ପୂର୍ଣ୍ଣ ଆତ୍ମସନ୍ତୋଷ ଲଭି ନାହିଁ।

**ପ୍ର:** ଆପଣଙ୍କ ଗୀତର ଶବ୍ଦ, ଶୈଳୀ ଓ କାହାଣୀ ଅନ୍ୟ ଗୀତିକାରଙ୍କଠୁଁ ଭିନ୍ନ। ଗୀତରେ ଆପଣ ଅଶ୍ଳୀଳତାର ବିରୋଧୀ। କ'ଣ କହିବେ?

**ଉ:** ମୋ' ଗୀତର ଶବ୍ଦ ପ୍ରାୟତଃ ଗାଉଁଲି। ସମସ୍ତେ ବୁଝିପାରୁଥିବା ଅଥଚ ନୂଆ ଲାଗୁଥିବା ଗ୍ରାମୀଣ ଶବ୍ଦ ଓ ବିଲୁପ୍ତ ପ୍ରାୟ ଢଗଢମାଳିର ପ୍ରୟୋଗ ମୁଁ କରିଥାଏ। ମୋର ପ୍ରତ୍ୟେକ ଗୀତରେ ଗୋଟିଏ ଗୋଟିଏ କାହାଣୀ ଥାଏ। ଶ୍ରୋତାଙ୍କୁ ଗୀତଟି ଶେଷଯାଏ ଶୁଣିବା ପାଇଁ ତାହା ପ୍ରବର୍ତ୍ତାଇଥାଏ। ରାତାରାତି ଚର୍ଚ୍ଚାକୁ ଆସିବା ପାଇଁ କିଛି ଅଶ୍ଳୀଳ ବା ଦ୍ୱିଅର୍ଥବୋଧକ ଗୀତ ବଜାରକୁ ଆସିଥାଏ। ମୁଁ ଏହାର ଘୋର ବିରୋଧୀ। ମୋ' ମତରେ- ଜଣେ ସାରସ୍ୱତ ସ୍ରଷ୍ଟା ଭାବେ ପ୍ରତ୍ୟେକ ଗୀତିକାରଙ୍କର ସାମାଜିକ ଦାୟିତ୍ୱ ଅଛି।

**ପ୍ର:** ଆପଣ ଏକାଧାରରେ ସମାଜସେବୀ, ପରିବେଶବିତ୍, ସାହିତ୍ୟିକ ଓ ସାମ୍ବାଦିକ। ଏତେ ଭୂମିକା କିପରି ତୁଲାନ୍ତି?

**ଉ:** ବଞ୍ଚିତ ଲୋକଙ୍କ ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ଭାଷା ଚଷା ନିଶା ଆନ୍ଦୋଳନ ସହ ସମାଜର ସବୁ ବର୍ଗକୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ମୁଁ ରାସ୍ତାକୁ ଓହ୍ଲାଏ। ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଅନ୍ୟ ସତୀର୍ଥଙ୍କ ସହ ମୁଁ ଓଡ଼ିଶାର ୧୯୨ ବ୍ଲକ ବୁଲିଛି। ପରିବେଶ ବିଗୁଡ଼ୁଥିବା ଲକ୍ଷ୍ୟ କରି ପରିବେଶ ସୁରକ୍ଷା ପାଇଁ ଧ୍ୟାନ ଦେଇଛି। ବୃକ୍ଷରୋପଣ ସହ ବାୟୁ, ଜଳ, ମୃତ୍ତିକା, ଶବ୍ଦ ପ୍ରଦୂଷଣ ଉପରେ ସଚେତନତା ସୃଷ୍ଟି କରୁଛି। ପରିବେଶ କାମ ପାଇଁ ମୁଁ ଜାତୀୟସ୍ତରରେ ସମ୍ମାନିତ ହୋଇଛି। ତେବେ ସମାଜସେବା କିମ୍ବା ପରିବେଶ କାମ ପାଇଁ ମୋର କୌଣସି ପଞ୍ଜୀକୃତ ସଂସ୍ଥା ନାହିଁ। ସାଧାରଣ ଲୋକଙ୍କ ସହ ମିଶି ସେମାନଙ୍କ ସହଯୋଗରେ ଏସବୁ କରେ।

**ପ୍ର:** ସାମ୍ବାଦିକତା ପାଇଁ ସାହିତ୍ୟ ଜରୁରୀ କି?

**ଉ:** ମୋର ସାମ୍ବାଦିକ ଜୀବନ 'ଧରିତ୍ରୀ' ଖବରକାଗଜରୁ ଆରମ୍ଭ। ଧରିତ୍ରୀରୁ ମୁଁ ବହୁତ କିଛି ଶିଖିଛି। ଜଣେ ସାହିତ୍ୟିକ ଭାବେ ମୁଁ କବିତା ଲେଖେ। ମୋର କବିତା ସଂକଳନ 'ମାଟିଆଟୋକା' ପାଠକୀୟ ଆଦୃତି ପାଇଛି। 'କହେ ଓଡ଼ିଆ' ନାମକ ଏକ ପତ୍ରିକା ମୁଁ ସମ୍ପାଦନା କରେ, ଯେଉଁ ପତ୍ରିକା ଦାବି କରିଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ। ସାମ୍ବାଦିକତା ପାଇଁ ସାହିତ୍ୟର ଆବଶ୍ୟକତା ରହିଛି।

**ପ୍ର:** ସମାଜକୁ ଆପଣଙ୍କ ବାର୍ତ୍ତା କ'ଣ?

**ଉ:** ଏ ସୃଷ୍ଟି ଓ ସମାଜ ଆମକୁ ମାଗଣାରେ ବହୁତ କିଛି ଦେଇଛି; ସୂର୍ଯ୍ୟ କିରଣ, ବର୍ଷା, ପବନ, ଅନ୍ୟର ଶ୍ରଦ୍ଧା, ସମ୍ମାନ ଏମିତି କି ଏ ଜୀବନ ବି ଆମେ ମାଗଣାରେ ପାଇଛନ୍ତି। ତେଣୁ ସମାଜ ପାଇଁ କିଛି ନ କଲେ ଆମେ ଧାରୁଆ ହୋଇ ରହିଯିବା।

ପ୍ରସ୍ତୁତି: ସୁରଞ୍ଜନ ପାତ୍ର


ଯୋଗାଯୋଗ: E-mail:dharitrisahityayana@gmail.com




କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଜାତୀୟ ସବ୍‌ଜୁନିୟର ବାଳିକା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

# ବାଂଲାଦେଶ ଯିବେ ଆଇସିସି ଅଫିସିଆଲ

## ଟି୨୦ ବିଶ୍ୱକପ୍ ବିବାଦ

**ଦୁବାଇ, ୧୬।୧(ପି.ଟି.)**

ଆସନ୍ତା ମାସରେ ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ଏକ ଦୁଇଜଣିଆ ଦଳ ଶନିବାର ବାଂଲାଦେଶ ଗସ୍ତରେ ଯିବ। ସୁରକ୍ଷାଜନିତ କାରଣ ଦର୍ଶାଇ ଟୁର୍ନାମେଣ୍ଟର ମ୍ୟାଚ୍ ଖେଳିବା ଲାଗି ଭାରତ ଆସିବାକୁ ମଙ୍ଗୁନାହିଁ ବାଂଲାଦେଶ। ବିଶେଷକରି କୋଲ୍‌କାତା ଏବଂ ମୁମ୍ବାଇରେ ଏହାର ଖେଳାଳିମାନଙ୍କ ପ୍ରତି ବିପଦ ରହିଛି। ଟୁର୍ନାମେଣ୍ଟ ନିକଟରେ ହେବାକୁଥିବାରୁ ବାଂଲାଦେଶର ପ୍ରସ୍ତାବ ଅନୁସାରେ ଏହାର ମ୍ୟାଚ୍‌ଗୁଡ଼ିକ ପାଇଁ ନିରପେକ୍ଷ ଭେନ୍ୟୁ ସ୍ଥିର କରିବା ସହଜ ନୁହେଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଏକ ନିର୍ଦ୍ଦେଶନାମାରେ କୋଲ୍‌କାତା ନାଇଟ ରାଇଡର୍ସ(କେକେଆର୍) ବାଂଲାଦେଶ ଜାତୀୟ ଦଳର ପେସ୍ ବୋଲର ମୁସ୍ତାଫିଜୁର ରହମନଙ୍କ ସହ ଆଇପିଏଲ୍ ଚୁକ୍ତି ବାତିଲ କରିବା ପରେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ତରଫରୁ ଏପରି ଦାବି ଉପସ୍ଥାପନ କରାଯାଇଛି।

# ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ରଗ୍‌ବୀ ଇଣ୍ଡିଆ ଏବଂ ଓଡ଼ିଶା ରାଜ୍ୟ ରଗ୍‌ବୀ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ବାଳିକା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଯେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଦଳର

## ଭାଗନେଲେ ୨୪ ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ଖେଳାଳି

ଉପଅଧିନାୟିକା ଓଡ଼ିଶାର ଡୁମୁନି ମାର୍ଣ୍ଡି ଏହି ଉତ୍ସବର ଟ୍ରଫି ବାହକ ହୋଇଥିଲେ। ଏହାପରେ ଅନ୍ୟ ଦଳ ଗୁଡ଼ିକର ଅଧିନାୟିକାମାନେ ଜଣକ ପରେ ଜଣେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ଏହା ଖେଳାଳିଙ୍କ ମଧ୍ୟରେ ଥିବା ଏକତା, ଶୃଙ୍ଖଳା ଓ ପ୍ରତିଯୋଗିତାମୂଳକ ମନୋଭାବକୁ ଦର୍ଶାଇଥିଲା। ଏହିଅବସରରେ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିୟନ (ଆଇଆର୍‌ଏଫୟୁ)ର ସମ୍ପାଦକ ଜେରାଲ୍ଡ ପ୍ରଭୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ ବାଳିକା ଓ ବାଳକ ବର୍ଗରେ ହେଉଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଦେଶର ୨୪ଟି ରାଜ୍ୟର ୫୫୦ରୁ ଅଧିକ ୧୫ ବର୍ଷରୁ କମ୍ ବୟସର ରଗ୍‌ବୀ ଖେଳାଳି




ଟ୍ରଫି ସହ ଓଡ଼ିଶାର ଡୁମୁନି ମାର୍ଣ୍ଡି।

ଅଂଶଗ୍ରହଣ କରିଛନ୍ତି। ବାଳିକା ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଥିବାବେଳେ ବାଳକ ସବ୍-ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆସନ୍ତା ୨୦ ଓ ୨୧ ତାରିଖରେ ଅନୁଷ୍ଠିତ ହେବ।

## ଓଡ଼ିଶାର ପ୍ରଭାବୀ ପ୍ରଦର୍ଶନ

ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରି ଡବଲ ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଜସ୍ଥାନକୁ ୨୮-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଉତ୍ତର ପ୍ରଦେଶକୁ ୩୫-୦ ଗୋଲରେ ପରାସ୍ତ କରିଛି। ଦୁଇଟିଯାକ ମ୍ୟାଚ୍‌ରେ ଓଡ଼ିଶା ଆରମ୍ଭରୁ ଶେଷପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏପରିକି ପ୍ରତିପକ୍ଷ ଦଳକୁ ଗୋଲ ଦେବାର ସୁଯୋଗ ମଧ୍ୟ ଦେଇ ନ ଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ମୁକାବିଲା ହେବ। ଅନ୍ୟ ଲିଗ୍ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଗତଥରର ଚାମ୍ପିୟନ ମହାରାଷ୍ଟ୍ର ୩୩-୦ରେ ଆସାମ, ବିହାର ୬୭-୦ରେ ଝାଡ଼ଖଣ୍ଡ, ଦିଲ୍ଲୀ ୨୯-୦ରେ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ୧୭-୧୦ରେ କେରଳ, ଗୁଜରାଟ ୪୫-୦ରେ ତେଲଙ୍ଗାନା, ଦାଦ୍ରା ଆଣ୍ଡ ନଗର ହାଭେଳି ଆଣ୍ଡ ଡାମନ ଡିଉ ୭-୦ରେ ହରିୟାଣା, ଛତିଶଗଡ଼ ୧୨-୦ରେ ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର୧୦-୭ରେ ଆସାମ, ଝାଡ଼ଖଣ୍ଡ ୧୪-୦ରେ ମଣିପୁର, ଉତ୍ତରାଖଣ୍ଡ ୫-୦ରେ ଆନ୍ଧ୍ର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ୩୬-୦ରେ ପଞ୍ଜାବକୁ ପରାସ୍ତ କରିଛି। ସେହିପରି ଚଣ୍ଡିଗଡ଼ ୨୨-୦ରେ ତେଲଙ୍ଗାନା, ଦାଦ୍ରା ଆଣ୍ଡ ନଗର ହାଭେଳି ଆଣ୍ଡ ଡାମନ ଡିଉ ୨୧-୭ରେ ମଧ୍ୟ ପ୍ରଦେଶ, କର୍ନାଟକ ୨୪-୦ରେ ହିମାଚଳ ପ୍ରଦେଶ, ରାଜସ୍ଥାନ ୧୪-୧୦ରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ୪୦-୦ରେ ଜମ୍ମୁ-କଶ୍ମୀର, ବିହାର ୬୪-୦ରେ ମଣିପୁର, ଦିଲ୍ଲୀ ୪୦-୭ରେ ଉତ୍ତରାଖଣ୍ଡ, କେରଳ ୨୭-୭ରେ ପଞ୍ଜାବ, ଚଣ୍ଡିଗଡ଼ ୨୬-୦ରେ ଗୁଜରାଟ, ହରିୟାଣା ୭-୦ରେ ମଧ୍ୟ ପ୍ରଦେଶ ଏବଂ କର୍ନାଟକ ୨୨-୦ରେ ଛତିଶଗଡ଼କୁ ହରାଇଦେଇଛି।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଦିଲ୍ଲୀ ଏସଜି ପାଇପର୍ସ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)

# ଆଜିଠୁ କଳିଙ୍ଗରେ ହକି ରୋମାଞ୍ଚ





ଖବରଦାତା ସମ୍ମିଳନୀରେ ଶୁକ୍ରବାର ଯୁଗରାଜ ସିଂ, ଆର୍ଥର ଡୋରେନ ଓ ଅମିତ ରୋହିଦାସ।

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମକୁ ଫେରୁଛି ହକି ରୋମାଞ୍ଚ। ଦୀର୍ଘ ୯ ବର୍ଷ ପରେ ଏଠାରେ ହେବାକୁଯାଉଛି ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)। ୨୦୧୭ ପରେ ବନ୍ଦ ରହିଥିବା ଏହି ଲିଗ୍ ଯଦିଓ ୨୦୨୪-୨୦୨୫ରେ ପୁନଃ ଆରମ୍ଭ ହୋଇଥିଲା ତେବେ ମ୍ୟାଚ୍‌ଗୁଡ଼ିକ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ଏବଂ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦୨୬ ଅର୍ଥାତ୍ ଚଳିତ ସଂସ୍କରଣର ୨ଟି ପର୍ଯ୍ୟାୟ ଚେନ୍ନାଇ ଓ ରାଞ୍ଚିରେ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମରେ ହେବ। ଏହା ମଧ୍ୟରେ ଫାଇନାଲ ସମେତ କେତେକ ଲିଗ୍ ଏବଂ ସମସ୍ତ ନକ୍‌ଆଉଟ ମ୍ୟାଚ୍ ସାମିଲ। ଶନିବାର ଅପରାହ୍ନ ୫ଟାରେ ରର୍ ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ମୁକାବିଲା ହେବ। ପ୍ରତିଯୋଗିତାର ଭୁବନେଶ୍ୱର ଚରଣକୁ ନେଇ ଏହି ୪ ଦଳର ଅଧିନାୟକ ବେଶ୍ ଉତ୍ସାହିତ ଥିବା ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତାମିଲନାଡୁ ଡ୍ରାଗନ୍ସର ଅଧିନାୟକ ଥିବା ଓଡ଼ିଶାର ତାରକା ଖେଳାଳି ଅମିତ୍ ରୋହିଦାସ ମଧ୍ୟ ଘରୋଇ ପରିବେଶରେ ଖେଳିବାକୁ ବେଶ୍ ବ୍ୟଗ୍ର ଥିବା କହିଛନ୍ତି।

କଳିଙ୍ଗ ଲାନ୍ସର୍ସ ୪ ମ୍ୟାଚ୍‌ରୁ ୩ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟ ସହ ୧୧ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏହି ମୋମେଣ୍ଟମ୍‌କୁ ବଜାୟ ରଖି କଳିଙ୍ଗରେ ମଧ ଲାନ୍ସର୍ସ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ ଥିବା କଥା ପ୍ରକାଶ କରିଛନ୍ତି ଅଧିନାୟକ ଆର୍ଥର ଡୋରେନ। ଦଳର କମ୍ବିନେଶନ ବହୁତ ଭଲ ଅଛି ଏବଂ ଖେଳାଳିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ମଧ୍ୟ ରହିଛି। ଦଳଗତଭାବେ ଲାନ୍ସର୍ସ ଭଲ ପ୍ରଦର୍ଶନ କରୁଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଭଲ ଆରମ୍ଭ କରି ନ ଥିବାରୁ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଟେବୁଲରେ ଉପରକୁ ଉଠିବାକୁ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ଅଧିନାୟକ ଯୁଗରାଜ ସିଂ କହିଛନ୍ତି। ସବୁ ମ୍ୟାଚ୍‌ରେ ଦଳ ଭଲ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଫଳାଫଳ ଆଶାନୁରୂପ ହୋଇପାରି ନ ଥିବା ସେ କହିଛନ୍ତି। ବେଙ୍ଗଲ ଟାଇଗର୍ସ ସମ୍ପ୍ରତି ୨ ବିଜୟ ଓ ୩ ପରାଜୟ ସହ ମାତ୍ର ୬ ପଏଣ୍ଟରେ ରହିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ୫ମ ସ୍ଥାନରେ ରହିଛି। ଓଡ଼ିଆ ତାରକା ତଥା ତାମିଲନାଡୁ ଅଧିନାୟକ ଅମିତ୍ ଘରୋଇ ପରିବେଶକୁ ନେଇ ବେଶ୍ ଉତ୍ସାହିତ। କଳିଙ୍ଗ ଷ୍ଟାଡିୟମର ଦର୍ଶକ କେବଳ କଳିଙ୍ଗ ଲାନ୍ସର୍ସକୁ ଭରପୂର ସମର୍ଥନ ନ ଦେଇ ସବୁ ଦଳକୁ ଉତ୍ସାହିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଲାନ୍ସର୍ସ ପକ୍ଷରୁ ଖେଳୁଥିବାବେଳେ ସେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିଥିଲେ। ଏବେ ତାମିଲନାଡୁ ଦଳର ଅଧିନାୟକଭାବେ ଗୁରୁଦାୟିତ୍ୱ ବହନ କରୁଥିବାରୁ ଯଥାସମ୍ଭବ ଦଳକୁ ଉପରେ ରଖିବାକୁ ତାଙ୍କ ଉଦ୍ୟମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ତାମିଲନାଡୁ ଡ୍ରାଗନ୍ସ ସମ୍ପ୍ରତି ୧ ବିଜୟ, ୨ ଶୁଟ୍‌ଆଉଟ ବିଜୟ ଓ ୨ ଶୁଟ୍‌ଆଉଟ ପରାଜୟ ସହ ୭ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ତେବେ ଦଳର ପ୍ରଦର୍ଶନକୁ ନେଇ ବେଶ୍ ସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି ଅମିତ୍।

## ହକି ଇଣ୍ଡିଆ ଲିଗ୍

**(ଆଜିର ମ୍ୟାଚ୍)**

**ରର୍ ବେଙ୍ଗଲ ଟାଇଗର୍ସ ବନାମ ହାଇଦ୍ରାବାଦ ତୋଫାନ୍ସ**

ସମୟ: ଅପରାହ୍ନ ୫ଟା

**କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ**

ସମୟ: ସନ୍ଧ୍ୟା ୭ଟା ୩୦

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

# ଓଡ଼ିଶା ରଣଜୀ ଦଳ ଘୋଷିତ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ):** ଚଳିତ ରଣଜୀ ଟ୍ରଫି ସିଜନର ଅବଶିଷ୍ଟ ୨ଟି ମ୍ୟାଚ ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା ହୋଇଛି। ଚଳିତ ମାସ ୨୨ରୁ ୨୫ ପର୍ଯ୍ୟନ୍ତ ଓଡ଼ିଶା କିଟ୍ କ୍ରିକେଟ ଷ୍ଟାଡିୟମରେ ତାମିଲନାଡୁ ସହିତ ମୁକାବିଲା କରିବ। ଏହାପରେ ସିଜନର ଶେଷ ମ୍ୟାଚ ଲାଗି ଝାଡ଼ଖଣ୍ଡ ଯାତ୍ରା କରିବ। ସେଠାରେ ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ ଜାନୁଆରୀ ୨୯ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ହେବ। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ଶେଷ ମ୍ୟାଚ କିଟ୍ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷରେ ଖେଳିଥିଲା। ନଭେମ୍ବର ୧୬ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨୯୯ ରନରେ ବିଜୟୀ ହୋଇଥିଲା। ଓଡ଼ିଶା ଦଳ ଏପର୍ଯ୍ୟନ୍ତ ୫ ମ୍ୟାଚ ଖେଳି ୧ ବିଜୟ, ୩ ପରାଜୟ ଓ ୧ ଡ୍ର ସହିତ ୭ ପଏଣ୍ଟ ପାଇ ଗ୍ରୁପ୍ 'ଏ' ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧାରୀ, ସନ୍ଦିପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସାୱନ ପହାରିଆ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ତରନୀ ସା, ଦେବବ୍ରତ ପ୍ରଧାନ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ